ପିଲାମାନେ ନିଜ କାମ ପ୍ରଦର୍ଶନ କରି ଅନ୍ୟମାନଙ୍କୁ ଶିକ୍ଷଣରେ ସାହାଯ୍ୟ କରନ୍ତି । ପ୍ରକଳ୍ପ ଭିତ୍ତିକ ଶିକ୍ଷା ମାଧ୍ୟମରେ ପିଲାମାନେ କଳା, ଗାଣିତିକ ଧାରଣା, ବୈଜ୍ଞାନିକ ଚିନ୍ତାଧାରା ସହିତ ଜଡ଼ିତ ହୁଅନ୍ତି ଏବଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅନୁସନ୍ଧାନ କରିବା ଶିଖନ୍ତି, ଦଳରେ କାମ କରିବା ଶିଖନ୍ତି, ସେମାନଙ୍କର ଧାରଣାକୁ ପରସ୍ପର ସହିତ ବାଣ୍ଟିଥାନ୍ତି ଯାହାଫଳରେ ସେମାନଙ୍କର ଭାଷା ଦକ୍ଷତାର ବିକାଶ ହୋଇଥାଏ ।

ଉଦାହରଣ : ଭୌତିକ ପରିବେଶ ସମ୍ବନ୍ଧୀୟ ଧାରଣା ବିକଶିତ କରିବା- 'ଜଳ' ପ୍ରକଳ୍ପ

ପିଲାମାନଙ୍କୁ ପ୍ରକୃତି ଭ୍ରମଣ ପାଇଁ ନେଇ ଯାଆନ୍ତୁ । ସେମାନେ ଉଦ୍ଭିଦ, ବୃକ୍ଷ, ପକ୍ଷୀ, ଜୀବଜନ୍ତୁ, ହ୍ରଦ, ପାହାଡ଼ ଇତ୍ୟାଦିକୁ ନିରୀକ୍ଷଣ କରନ୍ତୁ । ପିଲାମାନେ କ'ଣ ଅନୁସନ୍ଧାନ କରିବାକୁ ଚାହୁଁଛନ୍ତି କିମ୍ବା ଅଧିକ ଜାଣିବାକୁ ଚାହୁଁଛନ୍ତି ତାହା ନିର୍ଣ୍ଣୟ କରନ୍ତୁ । ଉଦାହରଣ ସ୍ୱରୂପ, ଯଦି ସେମାନେ ଜଳ ଉପରେ କୌଣସି ପ୍ରକଳ୍ପ କରିବାକୁ ପସନ୍ଦ କରନ୍ତି, ତେବେ ଜଳର ସାଧାରଣ ବ୍ୟବହାର, ଜଳର ଗୁରୁତ୍ୱ, ଦୈନନ୍ଦିନ ଜୀବନରେ ଜଳ ସଞ୍ଚୟ ଅଭ୍ୟାସ ଇତ୍ୟାଦି ସହିତ ଜଳ ବିଷୟରେ ସେମାନେ ପୂର୍ବରୁ କ'ଣ ଜାଣନ୍ତି ସେ ବିଷୟରେ ଆଲୋଚନା କରନ୍ତୁ । ପିଲାମାନଙ୍କୁ ଜଳ ସମ୍ବନ୍ଧୀୟ ଚିତ୍ର ସଂଗ୍ରହ ଇତ୍ୟାଦି ମାଧ୍ୟମରେ ସେମାନଙ୍କର ଧାରଣା ରେକର୍ଡ଼ କରିବାରେ ସାହାଯ୍ୟ କରନ୍ତୁ ଏବଂ ସେମାନେ ଉକ୍ତ ବିଷୟରେ କ'ଣ ଜାଣିବାକୁ ଚାହାନ୍ତି ତାହା ପଚାରନ୍ତୁ । ସେମାନେ ନିଜର ପର୍ଯ୍ୟବେକ୍ଷଣ, ବୁଝାମଣା ଏବଂ ଉତ୍ସୁକତା ଆଧାରରେ ପ୍ରଶ୍ନ ପଚାରିପାରନ୍ତି : ଯେପରିକି ଜଳ କେଉଁଠାରୁ ଆସୁଛି ? ଏହା କିପରି ଆମ ପାଖରେ ପହଞ୍ଚିବ ? ଭବିଷ୍ୟତରେ ବ୍ୟବହାର ପାଇଁ ଘରେ କିମ୍ବା ଆମ ଅଞ୍ଚଳର ଲୋକଙ୍କ ପାଇଁ ଆମେ କିପରି ଜଳ ସଂରକ୍ଷଣ କରିବା ? ଜଳକୁ କେମିତି ସଫା କରି ପିଇବା ଯୋଗ୍ୟ କରାଯାଏ ? ରାସ୍ତାରେ ଜମୁଥିବା ପାଣି କେମିତି ଶୁଖିବ ? ଏବେ ପରିଦର୍ଶନ କରିବାକୁ ଯୋଜନା କରନ୍ତୁ ଏବଂ ପିଲାମାନଙ୍କୁ ଜଳ ଭଣ୍ଡାର/ଡ୍ୟାମ୍ କିମ୍ବା ହ୍ରଦକୁ ନେଇ ଯାଆନ୍ତୁ ଯେଉଁଠାରେ ଜଳ ସଂରକ୍ଷଣ କରାଯାଏ, ବିଜୁଳି ଉତ୍ପାଦନ କରାଯାଏ, ବର୍ଷା ଜଳ ସଂରକ୍ଷଣ କରାଯାଏ ଇତ୍ୟାଦି । ସେମାନଙ୍କୁ ଫଟୋ, ଟିଭି ପ୍ରୋଗ୍ରାମ କିମ୍ବା ଭିଡ଼ିଓ କ୍ଲିପ୍ ଇତ୍ୟାଦି ମଧ୍ୟ ଦେଖାନ୍ତୁ । ସେମାନଙ୍କୁ ବିଦ୍ୟାଳୟରେ ଅନ୍ୟମାନଙ୍କ ସମ୍ମୁଖରେ ସେମାନଙ୍କର ମଡ଼େଲ କିମ୍ବା ନୂତନ ଶିକ୍ଷା ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରନ୍ତୁ । ପିତାମାତାଙ୍କୁ ମଧ୍ୟ ନିମନ୍ତ୍ରଣ କରନ୍ତୁ । ପିଲାମାନଙ୍କୁ ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ସେମାନେ

ଯାହା ଜାଣିଛନ୍ତି ତାହା ସହିତ ତୁଳନା କରିବାରେ ସାହାଯ୍ୟ କରନ୍ତୁ । ସେମାନଙ୍କୁ ସେମାନଙ୍କ ପ୍ରକଳ୍ପର କାହାଣୀ ଅନ୍ୟମାନଙ୍କୁ ଜଣାଇବା ପାଇଁ କିଛି ପ୍ରଦର୍ଶନ କରିବାକୁ ଦିଅନ୍ତୁ ।

ଏହି ପ୍ରକଳ୍ପରେ ଏକାଧିକ କ୍ଷେତ୍ର ପରିଦର୍ଶନ, ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ଏବଂ କ୍ଷେତ୍ର ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ସାକ୍ଷାତ୍‌କାର, ପର୍ଯ୍ୟବେକ୍ଷଣ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇପାରେ । ଚୟନ କରାଯାଇଥିବା ବିଷୟ ଏବଂ ବିବରଣୀ ଅନୁଯାୟୀ ପ୍ରକଳ୍ପର ଅବଧି ଭିନ୍ନ ଭିନ୍ନ ହୋଇପାରେ ।



(ଙ) କାହାଣୀ ଭିତ୍ତିକ ପନ୍ଥା

କାହାଣୀ ହେଉଛି ଶିକ୍ଷାଦାନର ଏକ ଗୁରୁତ୍ୱପୂର୍ଣ୍ଣ ରୂପ ଯାହା ପିଲାଙ୍କ କଳ୍ପନା ଶକ୍ତିର ବିକାଶ କରେ । କାହାଣୀ ଭାଷା ଶିକ୍ଷାକୁ ପ୍ରୋତ୍ସାହିତ କରିଥାଏ, ପିଲାମାନଙ୍କୁ ମନୋରଞ୍ଜକ ଉପାୟରେ ଭାଷା ଶୁଣିବାକୁ ଓ ଉପଭୋଗ କରିବାକୁ ଏକ ଭାଗିଦାରୀ ମୂଳକ ଆକର୍ଷଣୀୟ ଅନୁଭୂତି ପ୍ରଦାନ କରେ । କାହାଣୀ ଶୁଣିବା ସମୟରେ ପିଲାମାନେ କଳ୍ପନା କରି ନିଜ ମନରେ କାହାଣୀର ଦୃଶ୍ୟ ତିଆରି କରିଥାନ୍ତି । ଏହା ଦ୍ୱାରା ସେମାନଙ୍କର କଳ୍ପନା ଶକ୍ତି ଓ ସୃଜନଶୀଳତା ବିକଶିତ ହୋଇଥାଏ ।

କାହାଣୀ ଭିତ୍ତିକ ଶିକ୍ଷାର ଲାଭ

- ସୃଜନଶୀଳତା ଏବଂ କଳ୍ପନାକୁ ଉତ୍ସାହିତ କରେ
- ମୂଲ୍ୟବୋଧର ବୀଜବପନ କରେ
- ସାଂସ୍କୃତିକ ସଚେତନତା ସୃଷ୍ଟି କରେ
- ଶୁଣିବା ଦକ୍ଷତା ବୃଦ୍ଧି କରେ
- ଶବ୍ଦ ଭଣ୍ଡାର ଏବଂ ଭାଷା ଦକ୍ଷତା ବିକାଶ କରେ
- ସ୍ମୃତି ଅର୍ଥାତ୍ ମନେ ରଖିବା ଶକ୍ତିକୁ ତୀକ୍ଷ୍ଣ କରିଥାଏ
- କହିବାକୁ ଆଗ୍ରହୀ ହୁଏ ।

କାହାଣୀ କହିବାର ଉପଯୁକ୍ତ ଶୈଳୀ :

- ଭଲ ଭାବରେ କାହାଣୀର ଯୋଜନା କରନ୍ତୁ ।
- ପିଲାମାନେ ବୁଝୁଥିବା ସରଳ ଭାଷା ବ୍ୟବହାର କରନ୍ତୁ ।
- ପିଲାଙ୍କ ସହିତ ଚକ୍ଷୁ-ସମ୍ପର୍କ ବଜାୟ ରଖନ୍ତୁ (ଙ୍କଭସମର ଜ୍ଞକ୍ଷୟଙ୍କଷବଗ୍ଧସକ୍ଟଭ)
- ସ୍ୱରର ଉତ୍‌ଥାନ-ପତନ ବଜାୟ ରଖନ୍ତୁ ।
- ପିଲାମାନଙ୍କୁ ନିଜ ଶବ୍ଦରେ କାହାଣୀ ପୁନଃ କହିବାକୁ ଉତ୍ସାହିତ କରନ୍ତୁ ।
- ପିଲାମାନଙ୍କୁ ନିଜେ କାହାଣୀ ତିଆରି କରିବାକୁ ଦିଅନ୍ତୁ କିମ୍ବା ଆଗକୁ କ'ଣ ହେବ ତାହା ଅନୁମାନ କରିବାକୁ କୁହନ୍ତୁ ।
- ପିଲାଙ୍କ ଆଗ୍ରହ ବଢ଼ାଇବା ପାଇଁ କଣ୍ଠେଇ, କାହାଣୀ ପୁସ୍ତକ, ଷ୍ଟୋରୀ କାର୍ଡ଼ ଇତ୍ୟାଦି ବ୍ୟବହାର କରନ୍ତୁ ।
- ପିଲାମାନଙ୍କୁ ବାସ୍ତବ କିମ୍ବା ନାଟକ ବିଷୟବସ୍ତୁ ବ୍ୟବହାର କରି କାହାଣୀ ରଚନା କରିବାକୁ ଦିଅନ୍ତୁ ।

(ଚ) ଖେଳନା ଭିତ୍ତିକ ଶିକ୍ଷଣ-ଶିକ୍ଷାଦାନ :

ଖେଳନାଭିତ୍ତିକ ଶିକ୍ଷଣ-ଶିକ୍ଷାଦାନ ହେଉଛି ଏକ ଶିକ୍ଷଣ ପଦ୍ଧତି ଯାହା 'ଖେଳନା ଏବଂ ଖେଳ ମାଧ୍ୟମରେ' ଶିଖିବା ଉପରେ ଆଧାରିତ । ଖେଳନା- ଆଧାରିତ ଶିକ୍ଷଣ-ଶିକ୍ଷାଦାନ ହେଉଛି ସ୍ଥାନୀୟ, ଲୋକପ୍ରିୟ ଖେଳନା ଏବଂ କଣ୍ଠେଇର ବ୍ୟବହାର ଯାହା ସହିତ ପିଲାମାନେ ଖେଳିବାକୁ ପସନ୍ଦ କରନ୍ତି, ଯେପରିକି ନଟୁ, ଶବ୍ଦ କରୁଥିବା ଖେଳଣା, କଣ୍ଠେଇ, ଗୁଡ଼ି, ନୃତ୍ୟ ଓ ଗୀତ ଇତ୍ୟାଦି ।

ଖେଳଣା ପିଲାମାନଙ୍କ ମଧ୍ୟରେ ମୂଲ୍ୟବୋଧ ଏବଂ ଦକ୍ଷତା ସୃଷ୍ଟିକରେ । ସହଭାଗିତା,

ସହାନୁଭୂତି, ପ୍ରେମ ଓ ଯତ୍ନ ଇତ୍ୟାଦିର ମୂଲ୍ୟବୋଧ ଏବଂ ନିଷ୍ପତ୍ତି ନେବାର ଦକ୍ଷତା, ଦଳ ଗଠନ, ସମସ୍ୟା ସମାଧାନ ଇତ୍ୟାଦି ଭଳି କୌଶଳ ବିକଶିତ ହୁଏ । ସମସ୍ତ ପର୍ଯ୍ୟାୟରେ ଉପଯୁକ୍ତ ଏବଂ ଉଚିତ ଖେଳଣା ସହିତ ଶିକ୍ଷାଦାନ ପଦ୍ଧତି ପିଲାଙ୍କ ଅଭିବୃଦ୍ଧି ଏବଂ ବିକାଶରେ ସହାୟକ ହେଉଥିବା ଦେଖାଯାଏ । ଏକାଗ୍ରତା ଶକ୍ତି ବୃଦ୍ଧି କରିଥାଏ । ଶିକ୍ଷଣ କାର୍ଯ୍ୟରେ ଅଂଶଗ୍ରହଣ କରିବାପାଇଁ ଉତ୍ସାହିତ କରେ ।

ଖେଳଣା ଭିତ୍ତିକ ଶିକ୍ଷାର ଲାଭ :

ଏହାଦ୍ୱାରା ପିଲାଙ୍କର ନିମ୍ନଲିଖିତ ଦକ୍ଷତାର ବିକାଶ ହୋଇଥାଏ-

- ମାଂସପେଶୀୟ ଦକ୍ଷତା
- ଆଖି-ହାତ ସମନ୍ୱୟ
- ସମସ୍ୟା ସମାଧାନ କୌଶଳ
- କଳ୍ପନା ଶକ୍ତି
- କାରଣ ଏବଂ ପ୍ରଭାବର ପରସ୍ପର ସମ୍ପର୍କ
- ପରୀକ୍ଷଣ
- ସୃଜନଶୀଳ ଅଭିବ୍ୟକ୍ତି
- ସୌନ୍ଦର୍ଯ୍ୟବୋଧ
- ଆନନ୍ଦାନୁଭୂତି

(ଛ) ସାମଗ୍ରିକ ପନ୍ଥା

ସାମଗ୍ରିକ ପନ୍ଥା ହେଉଛି ବିଭିନ୍ନ ପଦ୍ଧତିର ଏକ ମିଶ୍ରଣ । ଶିକ୍ଷକମାନେ ସ୍ୱାଧୀନଭାବରେ ସେମାନଙ୍କ ପରିପ୍ରେକ୍ଷୀରେ ପ୍ରସ୍ତାବିତ ପଦ୍ଧତିର ମିଶ୍ରଣ ବା ଚୟନ କରି ସନ୍ତୁଳିତ ଭାବରେ କାର୍ଯ୍ୟକ୍ରମକୁ ଆଗେଇ ନିଅନ୍ତି। ଏଭଳି ପଦ୍ଧତିରେ ପିଲାଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ ଆଭିମୁଖ୍ୟର ଆଦର୍ଶଗତ ପଦ୍ଧତିକୁ ସମନ୍ୱିତ କରାଯାଏ । ଦିନ କାର୍ଯ୍ୟସୂଚୀକୁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଯୋଜାନବଦ୍ଧ କାର୍ଯ୍ୟ ଏବଂ ପିଲାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମୁକ୍ତ ଖେଳ ମଧ୍ୟରେ ବିଭକ୍ତ କରାଯାଏ ଯାହା ସ୍ୱତଃସ୍ଫୁର୍ତ୍ତ ଶିକ୍ଷଣକୁ ତ୍ୱରାନ୍ୱିତ କରେ ।

ଶିକ୍ଷଣ-ଶିକ୍ଷାଦାନ ଅନୁଭୂତିକୁ ପରିଚାଳନା କରିବାବେଳେ ନିମ୍ନଲିଖିତ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ :

- ପିଲାମାନଙ୍କର ଶିକ୍ଷଣ ଶୈଳୀ ପ୍ରତ୍ୟେକଙ୍କର ଭିନ୍ନ ହୋଇଥିବାରୁ ସେମାନଙ୍କୁ ବହୁ-ସମ୍ବେଦନଶୀଳ ଅନୁଭୂତି ପ୍ରଦାନ କରନ୍ତୁ
- ବିଭିନ୍ନ ଦଳରେ, ପିଲାମାନେ ପରସ୍ପରଠାରୁ ଶିଖନ୍ତି । ତେଣୁ ଏକବିଂଶ ଶତାବ୍ଦୀର ସହଯୋଗିତା, ବିଶ୍ଳେଷଣାତ୍ମକ ଚିନ୍ତାଧାରା ଇତ୍ୟାଦି ଦକ୍ଷତାକୁ ସୁଗମ କରିବା ପାଇଁ ବିଭିନ୍ନ ବୟସର ପିଲାଙ୍କୁ ନେଇ ଦଳଗତ ପରିଚାଳନା କରନ୍ତୁ ।
- ପିଲାଙ୍କ ମଧ୍ୟରେ ସକାରାତ୍ମକ ଶିକ୍ଷଣ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଉପଯୁକ୍ତ ଶିକ୍ଷଣ ପରିବେଶ ସୃଷ୍ଟି କରନ୍ତୁ
- ସମାନ ସୁଯୋଗ ପ୍ରଦାନ କରି ଏବଂ ଲିଙ୍ଗ ନିରପେକ୍ଷ ସୂଚକ ପତ୍ର ଲିଙ୍ଗ ନିରପେକ୍ଷ କାହାଣୀ, ଗୀତ ଓ ସମତାନ ଗୀତ ବ୍ୟବହାର କରି ଲିଙ୍ଗଗତ ଭେଦଭାବକୁ ଭାଙ୍ଗିଦିଅନ୍ତୁ
- ଘରେ ଲିଙ୍ଗଗତ ଭେଦଭାବ ଏଡ଼ାଇ ଦେବାପାଇଁ ପିତାମାତାଙ୍କୁ ସଚେତନ କରନ୍ତୁ
- ଶିଶୁବାଟିକାରେ ପିଲାଙ୍କ ନାମଲେଖା ପାଇଁ କୌଣସି ନାମଲେଖା ପରୀକ୍ଷା ବା ଅଭିଭାବକଙ୍କ ସହ ବାର୍ତ୍ତାଳାପ ଇତ୍ୟାଦି ନ କରିବା ପାଇଁ ଅଭିଭାବକଙ୍କୁ ସଚେତନ କରନ୍ତୁ
- ଶିଶୁବାଟିକା ସ୍ତରରେ ଆନୁଷ୍ଠାନିକ ବା ଔପଚାରିକ ଶିକ୍ଷାଦାନ, ମୂଲ୍ୟାୟନ, ଗୃହକାର୍ଯ୍ୟ, ଟ୍ୟୁସନ ଇତ୍ୟାଦିକୁ ନିରୁତ୍ସାହିତ କରନ୍ତୁ ।
- ଘେଷାବିଦ୍ୟା ଠାରୁ ଦୂରେଇ ରହନ୍ତୁ ଏବଂ ପିଲାଙ୍କ ଉପରେ ଚାପ ପକାନ୍ତୁ ନାହିଁ ।

ଶିକ୍ଷାଦାନର ଅନୁଚିନ୍ତା

ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟା ସମୟରେ ବିଭିନ୍ନ ସମସ୍ୟା ଉପୁଜିଥାଏ ଏବଂ ପାଠ୍ୟକ୍ରମର ଉନ୍ନତ ରପ୍ତାୟନ ପାଇଁ ସେଗୁଡ଼ିକର ସମାଧାନ କରାଯିବା ଆବଶ୍ୟକ । ପ୍ରାରମ୍ଭିକ ଶିକ୍ଷା ଏବଂ ବିକାଶ ସହିତ ଜଡ଼ିତ କେତେକ ଦିଗ ହେଲା:

(i) ଆଚରଣଗତ ସମସ୍ୟାର ମୁକାବିଲା

ପ୍ରତ୍ୟେକ ଗୋଷ୍ଠୀର ପିଲାଙ୍କ ମଧ୍ୟରେ ଆଚରଣଗତ ସମସ୍ୟା ଥିବା କିଛି ପିଲା ଥା'ନ୍ତି ଯେଉଁମାନେ ଶ୍ରେଣୀଗୃହରେ ବ୍ୟଥିତ ଅସହଜ ଏବଂ ବିଶୃଙ୍ଖଳିତ ହୋଇପାରନ୍ତି । ଯଥା– କେତେକ ଆଚରଣଗତ ସମସ୍ୟା ହେଉଛି ଯେପରିକି ନଖ କାମୁଡ଼ିବା, ରାମ୍ପୁଡ଼ିବା, ନାକରେ ଆଙ୍ଗୁଠି ପୂରାଇବା, ଅନ୍ୟମନସ୍କ, ଅସଂପୃକ୍ତି, ଅତ୍ୟଧିକ ସକ୍ରିୟତା କିମ୍ବା ବିନାଶକାରୀ ଆଚରଣ, ଅତ୍ୟଧିକ କାନ୍ଦିବା, ଅସ୍ଥିରତା ଭଳି ଅସ୍ୱାଭାବିକ ଅଭିବ୍ୟକ୍ତି ଏବଂ ଆକ୍ରମଣାତ୍ମକ ଓ ଅସାମାଜିକ ଆଚରଣ ପରି ଅନେକ ପ୍ରକାରର ଗମ୍ଭୀର ଆଚରଣ ଗତ ବିଭ୍ରାଟ ।

ଶିକ୍ଷକମାନେ କ'ଣ କରିବା ଦରକାର ?

- ଏହି ଆଚରଣଗୁଡ଼ିକୁ ଯଥାଶୀଘ୍ର ଚିହ୍ନିବାକୁ ଚେଷ୍ଟା କରନ୍ତୁ
- ଶିକ୍ଷକମାନେ କଥାବାର୍ତ୍ତାଭିତ୍ତିକ ପନ୍ଥା ବ୍ୟବହାର କରି ଆଚରଣକୁ ସୁଧାରିବା ପାଇଁ ସକରାତ୍ମକ ମାର୍ଗଦର୍ଶନ ପ୍ରଦାନ କରନ୍ତୁ ଯଥା, ଭୁଲ୍ ଆଚରଣକୁ ସମାଲୋଚନା କରିବା ପରିବର୍ତ୍ତେ ଠିକ୍ / ଆଶାନୁରୂପ ଆଚରଣ ଉପରେ ଗୁରୁତ୍ୱ ଦେବା ଏବଂ ପ୍ରଶଂସା କରିବା ଆବଶ୍ୟକ
- ଶିକ୍ଷକ ପିଲାମାନଙ୍କୁ ବୟସୋପଯୁକ୍ତ ସ୍ପଷ୍ଟୀକରଣ ଦେବା ଆବଶ୍ୟକ
- ଶିକ୍ଷକ ସହାୟକ ହେବା ଉଚିତ୍, ପ୍ରତ୍ୟେକ ପିଲାଙ୍କୁ ଗୁରୁତ୍ୱ ଦେବା ଉଚିତ ଏବଂ ସେମାନଙ୍କୁ ଅବମାନନା କରିବା ଉଚିତ ନୁହେଁ
- ସମ୍ପୃକ୍ତ ପିଲାଙ୍କୁ ସାହାଯ୍ୟ କରିବା ପାଇଁ ଶିକ୍ଷକ ଅନ୍ୟ ପିଲାଙ୍କ ସହଯୋଗ ଲୋଡ଼ିବା ଆବଶ୍ୟକ
- ପିଲାଙ୍କୁ ସାହାଯ୍ୟ କରିବା ପାଇଁ ଶିକ୍ଷକଙ୍କୁ ପିତାମାତାଙ୍କ ସହ ସମନ୍ୱୟ ରଖିବା ଆବଶ୍ୟକ
- ଅନ୍ୟମନସ୍କ-ଅସଂପୃକ୍ତ ଶିଶୁକୁ ତା'ର ସ୍ତର ଅନୁଯାୟୀ କାର୍ଯ୍ୟକଳାପରେ ସାମିଲ ହେବାକୁ ଅନୁମତି ଦିଅନ୍ତୁ, ଶିଶୁକୁ କୌଣସି ନା କୌଣସି କାର୍ଯ୍ୟରେ ନିୟୋଜିତ ରଖନ୍ତୁ
- ସମ୍ଭବ ହେଲେ ଶିକ୍ଷକ ଏହି ପିଲାମାନଙ୍କୁ ଭଲ ଭାବେ ସାହାଯ୍ୟ କରିବା ପାଇଁ ବିଶେଷଜ୍ଞ ଓ ଶିକ୍ଷୟିତ୍ରୀଙ୍କ ସହାୟତା ନେଇପାରିବେ

(ii) ଶିକ୍ଷଣରେ ଭିନ୍ନତାକୁ କିପରି ପରିଚାଳନା କରିବା

ପିଲାମାନଙ୍କର ଶିକ୍ଷଣ ଦକ୍ଷତା ଏବଂ ଶିକ୍ଷଣ ଶୈଳୀରେ ଭିନ୍ନତା ଥାଏ ।

ବହୁ-ବୟସ ଦଳ ପରିଚାଳନା କରନ୍ତୁ

ବହୁବୟସ ଦଳ ବିଶିଷ୍ଟ ଶ୍ରେଣୀଗୃହରେ ଉଭୟ ଛୋଟ ଓ ବଡ଼ ପିଲା ଉପକୃତ ହୁଅନ୍ତି । ଏଭଳି ବିବିଧ ଦଳରେ ପିଲାମାନେ ପରସ୍ପରଠାରୁ ଶିଖିଥାନ୍ତି ଏବଂ ସମୂହ ଶିକ୍ଷଣ କୌଶଳକୁ ସୁଗମ କରିଥାନ୍ତି । ତେଣୁ ଏକାଧିକ ବର୍ଗର ବୟସ ପିଲାମାନଙ୍କୁ ନେଇ କାର୍ଯ୍ୟ କରାଇଲେ ସେମାନେ ପରସ୍ପର ଠାରୁ ଅଧିକ ଭଲରେ ଶିଖିପାରିବେ ।

ଶିକ୍ଷକମାନେ କ'ଣ କରିବା ଦରକାର ?

- ପିଲାମାନେ କ'ଣ ଶିଖିବେ ଏବଂ କିପରି ସୂଚନା ପାଇବେ ତାହା ଉପରେ ଧ୍ୟାନ ଦିଅନ୍ତୁ ।
- ଏପରି କାର୍ଯ୍ୟକଳାପ କାର୍ଯ୍ୟକଳାପ କରନ୍ତୁ ଯେଉଁଥିରେ ପିଲା ବିଷୟବସ୍ତୁକୁ ବୁଝିବା କିମ୍ବା ହାସଲ କରିବାରେ ନିୟୋଜିତ ହୋଇପାରିବେ ।

- ଯେଉଁ କାର୍ଯ୍ୟ ବା ଯୋଜନାରେ ପିଲାମାନେ କୌଣସି ବିଷୟରେ ଶିଖିଥିବା କଥାକୁ ଅଭ୍ୟାସ, ପ୍ରୟୋଗ ଏବଂ ବିସ୍ତାର କରିବାକୁ ସକ୍ଷମ ହେଉଛନ୍ତି, ତା'ର ପରିଣାମକୁ ମୂଲ୍ୟାୟନ କରନ୍ତୁ ।
- ପିଲାମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ ହୋଇ କାମ କରିବାକୁ ଅନୁମତି ଦିଅନ୍ତୁ; ବେଳେବେଳେ ସମାନ ସ୍ତରର ଦଳ କିମ୍ବା ମିଶ୍ରିତ–ଦଳ ସହିତ ସମାନ ଆଗ୍ରହ ଥିବା ପିଲାମାନଙ୍କ ସହିତ କିମ୍ବା ଭିନ୍ନ ଆଗ୍ରହ ଥିବା ପିଲାମାନଙ୍କ ସହିତ କାମ କରିବାକୁ ସୁଯୋଗ ଦିଅନ୍ତୁ । ଏହା ଫଳରେ ଅନେକ ପରିବେଶରେ ସେମାନେ କାମ କରିବା ଶିଖନ୍ତି। ଅଧିକାଂଶ ସମୟରେ ସେମାନଙ୍କୁ ସମଗ୍ର ଶ୍ରେଣୀ ସହିତ କାମ କରିବାକୁ ଅନୁମତି ଦିଅନ୍ତୁ।
- ସମଗ୍ର ଦଳକୁ ଭିନ୍ନ ଭିନ୍ନ ଦକ୍ଷତା ଏବଂ ବୟସ ଥିବା ପିଲାମାନଙ୍କର ଦୁଇଟି ଦଳରେ ବିଭକ୍ତ କରନ୍ତୁ। କମ୍ ଦକ୍ଷତା ଥିବା ପିଲାମାନଙ୍କର ଛୋଟ ବୟସ ଦଳ ମୁକ୍ତ ଖେଳରେ ନିୟୋଜିତ ହୋଇଥିବା ବେଳେ ଶିକ୍ଷକ ଉଚ୍ଚ ଦକ୍ଷତା ଥିବା ପିଲାଙ୍କୁ ବୟସ୍କ ଦଳ ସହିତ ମାର୍ଗଦର୍ଶକ ଭାବେ କାର୍ଯ୍ୟ ପରିଚାଳନା କରନ୍ତୁ। ୩୦ ମିନିଟ୍ ପରେ ଶିକ୍ଷକ ଛୋଟ ବୟସର ପିଲାଙ୍କ ପାଇଁ ସହାୟକ ଭିତ୍ତିକ କାର୍ଯ୍ୟ ଆୟୋଜନ କରିପାରିବେ ଏବଂ ବୟସ୍କ ପିଲାମାନେ ମୁକ୍ତ ଖେଳରେ ନିୟୋଜିତ ହେବେ।

(iii) ଲିଙ୍ଗଗତ ସମାନତାକୁ ସୁନିଶ୍ଚିତ ଏବଂ ପ୍ରୋତ୍ସାହିତ କରିବା

ପ୍ରାଥମିକ ବିଦ୍ୟାଳୟ ଲିଙ୍ଗଗତ ଧାରଣାକୁ ଦୂରକରିବା ପାଇଁ ମୁଖ୍ୟ ସ୍ଥାନ ହୋଇପାରିବ।

ଶିକ୍ଷକମାନେ କ'ଣ କରିବା ଦରକାର ?

- ସମାନ ଦୃଷ୍ଟି, ସମ୍ମାନ ଏବଂ ସମାନ ସୁଯୋଗ ପ୍ରଦାନ କରି ପୁଅ ଓ ଝିଅଙ୍କଠାରୁ ସମାନ ଏବଂ ଉପଯୁକ୍ତ ଶିକ୍ଷଣ ଅନୁଭୂତି ହାସଲ କରନ୍ତୁ।
- ଲିଙ୍ଗଗତ ଭେଦଭାବମୁକ୍ତ ପୁସ୍ତକ, ନାଟକ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଚୟନ କରନ୍ତୁ।
- ଗୋଟିଏ କିମ୍ବା ଅନ୍ୟ ଲିଙ୍ଗକୁ ସୀମିତ କରୁଥିବା କଥୋପକଥନ ଠାରୁ ଦୂରେଇ ରହନ୍ତୁ ଏବଂ ଲିଙ୍ଗ ନିରପେକ୍ଷ ସୂଚନାପଟ୍ଟ ବ୍ୟବହାର କରନ୍ତୁ।
- କାହାଣୀ, ଗୀତ, କାର୍ଯ୍ୟ ଏବଂ ସୁବିଧାଜନକ ଉପକରଣ ବ୍ୟବହାର କରନ୍ତୁ ଯେଉଁଥିରେ ସମସ୍ତ ବୃତ୍ତିରେ ପୁରୁଷ ଏବଂ ମହିଳାଙ୍କ ଭଳି କିଛି ବିଶେଷ ଆବଶ୍ୟକତା ଥିବା ଝିଅ ଏବଂ ପୁଅମାନଙ୍କୁ ଚିତ୍ରଣ କରାଯାଇଥାଏ । ଉଭୟ ମହିଳା ଓ ପୁରୁଷ ନେତା, ନାୟକ ଓ ସମସ୍ୟା ସମାଧାନକାରୀ ଇତ୍ୟାଦି ଭାବରେ ଦେଖାଯିବା ଉଚିତ୍ ।
- ଘରେ ଏହି ଅଭ୍ୟାସକୁ ନିୟମିତ ଭାବରେ ପିତାମାତାଙ୍କୁ ସମର୍ଥନ କରିବାକୁ ସଚେତନ କରନ୍ତୁ। ଭେଦଭାବକୁ ବୁଝିବା ଏବଂ ଦୂର କରିବାରେ ସେମାନଙ୍କ ସାହାଯ୍ୟ ଗୁରୁତ୍ୱପୂର୍ଣ୍ଣ ।

(iv) ପ୍ରାରମ୍ଭିକ ଔପଚାରିକ ନିର୍ଦ୍ଦେଶାବଳୀରୁ ଦୂରେଇ ରହନ୍ତୁ

ପିଲାମାନଙ୍କର ଜ୍ଞାନକୌଶଳ ଏବଂ ଜ୍ଞାନ ଆହରଣ ଦକ୍ଷତାର ବିକାଶ ଉପରେ ଅତ୍ୟଧିକ ଧ୍ୟାନ ଦେଲେ ତାହା ସେମାନଙ୍କର ସକାରାତ୍ମକ ମନୋଭାବ, ଶିଖିବାର ଆଗ୍ରହ, ନିଜକୁ ପ୍ରକାଶ କରିବା, ଜିଜ୍ଞାସୁ ହେବା, ଅନୁସନ୍ଧିତ୍ସୁ ହେବା, ସମ୍ବଳସମ୍ପନ୍ନ ହେବା ଏବଂ ସମସ୍ୟା ସମାଧାନକାରୀ ହେବାର କ୍ଷମତାକୁ କ୍ଷତି ପହଞ୍ଚାଇଥାଏ ।

ଶିକ୍ଷକମାନେ କ'ଣ କରିବା ଦରକାର ?

- ପ୍ରତ୍ୟୟ ଗଠନ ଏବଂ ଦକ୍ଷତାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଅନ୍ତୁ ।
- ପିଲାମାନେ ଶିକ୍ଷଣକାର୍ଯ୍ୟ ଏବଂ ନୂତନ ସାମଗ୍ରୀ କିମ୍ବା ଧାରଣା ପ୍ରତି ଉତ୍ସୁକତା ଏବଂ ସୃଜନଶୀଳତା ପ୍ରଦର୍ଶନ କଲାଭଳି କାର୍ଯ୍ୟ ପାଇଁ ସୁଯୋଗ ଦିଅନ୍ତୁ ।
- ଉଦ୍ଦେଶ୍ୟହୀନ ଘୋଷା ପଦ୍ଧତି, ଶିକ୍ଷକ–ନିର୍ଦ୍ଦେଶିତ ଶିକ୍ଷାଠାରୁ ଦୂରେଇ ରହନ୍ତୁ ।
- ପ୍ରଦର୍ଶନ କରିବା ପାଇଁ ପିଲାଙ୍କ ଉପରେ ଅଯଥା ଚାପ ଦିଅନ୍ତୁ ନାହିଁ ।

(v) ବିକାଶରେ ବିଳମ୍ବ ଓ ଅକ୍ଷମତାର ସମାଧାନ

ବିକାଶମୂଳକ ବିଳମ୍ବ ହେଉଛି ବିକାଶମୂଳକ ମାଇଲଖୁଣ୍ଟ ହାସଲ କରିବାରେ ଉଲ୍ଲେଖନୀୟ ବ୍ୟବଧାନ । ବିଳମ୍ବ ଯେକୌଣସି କ୍ଷେତ୍ର କିମ୍ବା ଏକାଧିକ କ୍ଷେତ୍ରରେ ହୋଇପାରେ । ବିକାଶଗତ ଅକ୍ଷମତା ଯଥା ଅଟିଜିମ୍ ସ୍ପେକ୍ଟ୍ରମ୍ ଡିସଅର୍ଡର, ସେରିବ୍ରାଲ୍ ପାଲ୍ସି, ବୌଦ୍ଧିକ ଅକ୍ଷମତା, ଦୃଶ୍ୟ ଏବଂ ଶ୍ରବଣ ଦୁର୍ବଳତା ଯୋଗୁଁ ବିକାଶ ଓ ଶିକ୍ଷଣରେ ବିଳମ୍ବ ଘଟିଥାଏ । ସମସ୍ତ ଉନ୍ନୟନମୂଳକ କ୍ଷେତ୍ରରେ ପିଲାର କାର୍ଯ୍ୟକଳାପ ବୁଝିବା ପାଇଁ ଶିକ୍ଷକ ପିଲାଙ୍କୁ ଯତ୍ନଶୀଳ ଭାବରେ ଅନୁଧ୍ୟାନ କରିବା ଉଚିତ୍ । ଶିଶୁର ଦୈନିକ କିମ୍ବା ସାପ୍ତାହିକ ପର୍ଯ୍ୟବେକ୍ଷଣର ରେକର୍ଡ଼ ରଖନ୍ତୁ; ପିତାମାତା ଏବଂ ପରିବାର ସହିତ ଚିନ୍ତାରେ ସହଭାଗୀ ହୁଅନ୍ତୁ; ଚିନ୍ତା ବୈଧ କି ନାହିଁ ଏବଂ ପିଲା ପ୍ରକୃତରେ ବିଳମ୍ବ କିମ୍ବା ଅକ୍ଷମତା ପାଇଁ ବିପଦରେ ଅଛି କି ନାହିଁ, ତାହା ଯାଞ୍ଚ କରିବାକୁ ଶିଶୁକୁ ଉପଯୁକ୍ତ ଡାକ୍ତରଙ୍କ ପାଖକୁ ପଠାନ୍ତୁ ।

ଭିନ୍ନକ୍ଷମ ପିଲାଙ୍କୁ ସତର୍କତାର ସହ କାର୍ଯ୍ୟରେ ସାମିଲ କରିବା ସୁନିଶ୍ଚିତ କରନ୍ତୁ । ଶ୍ରେଣୀ ଗୃହରେ ଜାତି, ଶ୍ରେଣୀ, ଧର୍ମ, ଲିଙ୍ଗ ଏବଂ ସାମର୍ଥ୍ୟ ସମେତ ସମସ୍ତ ପ୍ରକାର ବିବିଧତାକୁ ସମାନ, ସମାବେଶୀ ଏବଂ ପ୍ରଶଂସାଯୋଗ୍ୟ ଶିକ୍ଷଣ ପରିବେଶ ଥିଲେ, ପ୍ରତ୍ୟେକ ପିଲାଙ୍କୁ ସ୍ୱୀକୃତି ଦିଆଗଲେ ଏବଂ ଉଚିତ ସମ୍ମାନ ଦିଆଗଲେ ପିଲାଙ୍କ ଶିକ୍ଷଣ ସର୍ବୋତ୍ତମ ହୋଇଥାଏ । ପ୍ରାରମ୍ଭିକ ହସ୍ତକ୍ଷେପ ବିଭିନ୍ନ ରୂପରେ ପ୍ରଦାନ କରାଯାଇପାରେ; ଉଦାହରଣ ସ୍ୱରୂପ, ଭାଷଣ ଏବଂ ଭାଷା ଥେରାପି ପିଲାଙ୍କର କ୍ଷମତାକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ । ସ୍ୱିଚ୍ ଓ ଲାଙ୍ଗୁଏଜ୍ ଥେରାପି ଦେଇ ଶ୍ରବଣ ଯନ୍ତ୍ର ବ୍ୟବହାର କରି ଶ୍ରବଣ ଶକ୍ତିରେ ଉନ୍ନତି ଆସିପାରେ । ସେହିଭଳି ଫିଜିଓଥେରାପି ବସିବା, ଗୁରୁଣ୍ଡିବା, ଚାଲିବା, ଦୌଡ଼ିବା, ଡେଇଁବା ଓ ସନ୍ତୁଳନ ସ୍ଥାପନ ଭଳି ମାଂସପେଶୀୟ କ୍ଷମତାର ବିକାଶରେ ସହାୟକ ହୋଇଥାଏ ।

ଶିକ୍ଷକ/ଶିକ୍ଷୟିତ୍ରୀ କ'ଣ କରିବା ଦରକାର ?

- ସମସ୍ତ ପିଲାଙ୍କ ପ୍ରାରମ୍ଭିକ ବିକାଶମୂଳକ ସ୍କ୍ରିନିଂ କରନ୍ତୁ ଏବଂ ସେମାନଙ୍କର ସାମର୍ଥ୍ୟ ଚିହ୍ନଟ କରନ୍ତୁ।
- ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ଏବଂ ହସ୍ତକ୍ଷେପର ମହତ୍ତ୍ୱ ବୁଝନ୍ତୁ।
- ଭୌତିକ ପରିବେଶରେ ପରିବର୍ତ୍ତନ କରି ତାକୁ ପ୍ରତିବନ୍ଧକମୁକ୍ତ କରନ୍ତୁ।
- ବିଭିନ୍ନ ଭିନ୍ନକ୍ଷମ ପିଲାଙ୍କ ପାଇଁ ପାଠ୍ୟକ୍ରମକୁ ପରିବର୍ତ୍ତନଶୀଳ ଏବଂ ସୁଗମ କରନ୍ତୁ।
- ଉପଯୁକ୍ତ ମୂଲ୍ୟାୟନ ପଦ୍ଧତି ପ୍ରସ୍ତୁତ କରନ୍ତୁ।
- ସମସ୍ତ ଉପଭୋକ୍ତାଙ୍କର ଦକ୍ଷତା ବୃଦ୍ଧି କରନ୍ତୁ ଏବଂ ସେମାନଙ୍କ ନିଜ ମନୋଭାବର ପୁନର୍ବିଚାର କରିବାକୁ ସକ୍ଷମ କରନ୍ତୁ; ଆବଶ୍ୟକ ସ୍ଥଳେ ସେମାନଙ୍କୁ ପରିବର୍ତ୍ତନ କରିବା ଦିଗରେ କାର୍ଯ୍ୟ କରନ୍ତୁ। ଧୀରେ ଧୀରେ ଭିନ୍ନକ୍ଷମ ପିଲାଙ୍କ ସହ କାମ କରିବା ସମୟରେ ଅନ୍ୟ ପିଲାମାନଙ୍କୁ ସକାରାତ୍ମକ ଭାଷା ବ୍ୟବହାର କରିବାକୁ ଉତ୍ସାହିତ କରନ୍ତୁ।

ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ପାଇଁ

- ଭିନ୍ନକ୍ଷମ (ଦିବ୍ୟାଙ୍ଗ) ପିଲାଙ୍କ ଆବଶ୍ୟକତାର ସମାଧାନ କରନ୍ତୁ
- ସେମାନଙ୍କୁ ସମସ୍ତ କାର୍ଯ୍ୟକଳାପରେ ନିୟୋଜିତ କରନ୍ତୁ
- ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟମାନଙ୍କୁ ସଚେତନ କରନ୍ତୁ
- ଅଭିଭାବକଙ୍କୁ ପରାମର୍ଶ ଓ ମାର୍ଗଦର୍ଶନ କରନ୍ତୁ
- ସ୍ୱତନ୍ତ୍ର ଶିକ୍ଷୟିତ୍ରୀଙ୍କ ସାହାଯ୍ୟ ନିଅନ୍ତୁ ଏବଂ ପରାମର୍ଶ ଅନୁସରଣ କରନ୍ତୁ
- ବୟସ ଉପଯୁକ୍ତ ଖେଳ ଏବଂ ଶିକ୍ଷଣ ସାମଗ୍ରୀ ବ୍ୟବହାର କରନ୍ତୁ ।
- ଅଭିଭାବକ ଏବଂ ଗୋଷ୍ଠୀର ସଚେତନତା, ଆଗ୍ରହାନ୍ୱିତ କରିବା, ପ୍ରଶିକ୍ଷଣ ଏବଂ କାଉନସେଲିଂ କରାଯିବା ଉଚିତ୍। ସୁରୁଖୁରୁରେ ପରିବର୍ତ୍ତନ ପାଇଁ ପିଲାମାନଙ୍କୁ ଏକ ଦ୍ୱିଭାଷୀ କିମ୍ବା ବହୁଭାଷୀ ପରିବେଶ ଆବଶ୍ୟକ।

(iii) ସଂଯୋଗ ସ୍ଥାପନ କରିବା

ଗୋଟିଏ ଶିକ୍ଷା କାର୍ଯ୍ୟକ୍ରମରୁ ଅନ୍ୟ ପ୍ରକାର ଶିକ୍ଷା କାର୍ଯ୍ୟକ୍ରମକୁ ଗଲା ବେଳେ ପିଲାମାନେ ନିରନ୍ତରତାର ଅଭାବ ଅନୁଭବ କରନ୍ତି ଏବଂ ଏହା ସେମାନଙ୍କ ଶିକ୍ଷଣରେ ବାଧା ସୃଷ୍ଟି କରେ। ବେଳେବେଳେ ସେମାନେ ପାଠ୍ୟତ୍ୟାଗୀ ହୋଇଯାଆନ୍ତି । ଉଭୟ ଶାରୀରିକ ସୁବିଧା ଏବଂ ଶିକ୍ଷକଙ୍କ ନିୟୋଜନ ଦୃଷ୍ଟିରୁ ପିଲାଙ୍କ ଅଂଶଗ୍ରହଣ, ନାମଲେଖା, ଧାରଣା, ସଫଳତା ଏବଂ ପ୍ରଭାବଶାଳୀ ସମ୍ବଳର ଉପଯୋଗ ବୃଦ୍ଧି ପାଇଁ ସଂଯୋଗ ସ୍ଥାପନ ଗୁରୁତ୍ୱପୂର୍ଣ୍ଣ।

ସଂଯୋଗ ସ୍ଥାପନ କରିବାର କେତେକ ଉପାୟ

- ପ୍ରାଥମିକ ବିଦ୍ୟାଳୟ ପରିସରରେ କିମ୍ବା ତାହାର ନିକଟବର୍ତ୍ତୀ ସ୍ଥାନରେ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।
- ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ବ୍ୟବସ୍ଥା ପ୍ରି-ସ୍କୁଲ ଭଳି କାର୍ଯ୍ୟକଳାପ କ୍ଷେତ୍ର ଓ ଛପାଲେଖା (ପ୍ରିଣ୍ଟରିଚ୍) ସମୃଦ୍ଧ ପରିବେଶ ଏବଂ ପିଲାଙ୍କ କାର୍ଯ୍ୟକୁ ପ୍ରଦର୍ଶିତ କରୁଥିବା ପ୍ରାଥମିକ ବିଦ୍ୟାଳୟମାନଙ୍କରେ ସମାନ ଢଙ୍ଗରେ କରାଯିବା ଉଚିତ୍ ।
- ବସିବାର ବ୍ୟବସ୍ଥା ଏପରି ହେବା ଉଚିତ ଯେପରିକି ଏହା ପିଲାମାନଙ୍କୁ ବାର୍ତ୍ତାଳାପ ଏବଂ ଅନୁଭୂତି ବାଣ୍ଟିବା, ସମସ୍ୟା ସମାଧାନ କୌଶଳ, ପରିସ୍ଥିତିର ମୁକାବିଲା କୌଶଳ, ନିୟମ ମାନି ଚଳିବା ଏବଂ ସାମାଜିକ ଓ ଆବେଗିକ ବିକାଶ ହାସଲ କରିବାକୁ ସୁଯୋଗ ଦେଇପାରିବ ।
- ଶିକ୍ଷାଦାନ ଏବଂ ଶିକ୍ଷଣରେ ସମାନ ଶିକ୍ଷାଗତ ପ୍ରକ୍ରିୟା ବ୍ୟବହାର କରିବା ସହିତ ପରିଚିତି ବଜାୟ ରଖିବା ।
- ଭିତ୍ତିଭୂମି, ସମ୍ବଳ, ଶିକ୍ଷକ–ଶିଶୁ ସମ୍ପର୍କ ଇତ୍ୟାଦି ଦୃଷ୍ଟିରୁ ବିଦ୍ୟାଳୟର ଭୌତିକ, ସାମାଜିକ ଆବେଗିକ ପରିବେଶର ଆଦାନ ପ୍ରଦାନ
- ପରବର୍ତ୍ତୀ ଶ୍ରେଣୀ ଶିକ୍ଷକଙ୍କୁ ପିଲାଙ୍କ ପୋର୍ଟଫୋଲିଓ ସହିତ ପରିଚିତ କରିବା, ଯାହାଦ୍ୱାରା ସେମାନଙ୍କ ଶିକ୍ଷଣ ସ୍ତର ଅନୁଯାୟୀ ଉନ୍ନତ ଶିକ୍ଷଣ ସୁଯୋଗ ପ୍ରଦାନ କରାଯାଇପାରିବ ।
- ବାର୍ଷିକ ଦିବସ, କ୍ରୀଡ଼ା ଦିବସ, ବିଭିନ୍ନ ଦିବସ ପାଳନ, ପର୍ବପର୍ବାଣୀ, ଶିଶୁମେଳା, ପ୍ରାଥମିକ ଶ୍ରେଣୀ ସହିତ ବୃକ୍ଷରୋପଣ ଦିବସ ଇତ୍ୟାଦି ସମ୍ବଳ ବାଣ୍ଟିବା ଓ ମିଳିତ କାର୍ଯ୍ୟକ୍ରମ ଆୟୋଜନ କରିବାର ଆବଶ୍ୟକତା ରହିଛି ।
- ଜଣେ ପ୍ରଶାସକ ସହଜରେ ତଦାରଖ ଓ ସହାୟତା ବ୍ୟବସ୍ଥା କରିପାରିବେ ।

ଶିଶୁବାଟିକା ଶିକ୍ଷଣ ସାମଗ୍ରୀ :

ପ୍ରାରମ୍ଭିକ ପର୍ଯ୍ୟାୟରେ ପିଲାମାନେ ବହୁତ ସକ୍ରିୟ ଥାଆନ୍ତି । ସେମାନେ ସବୁବେଳେ ଦୌଡ଼ନ୍ତି ଓ ଡେଇଁଥାଆନ୍ତି ଏବଂ ଏହିପରି ସବୁବେଳେ ଗତିଶୀଳ ହୁଅନ୍ତି । ତେଣୁ ଛୋଟ ପିଲାମାନଙ୍କୁ ଯାତାୟାତର ସ୍ୱାଧୀନତା ଦେବା ପାଇଁ ଶିଶୁବାଟିକାରେ ଶ୍ରେଣୀରେ ଏବଂ ଶ୍ରେଣୀ ବାହାରେ ପର୍ଯ୍ୟାପ୍ତ ସ୍ଥାନ ରହିବା ସହିତ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ଆହ୍ୱାନପୂର୍ଣ୍ଣ ଏବଂ ଆକର୍ଷଣୀୟ ଶିକ୍ଷଣ ଅନୁଭୂତି ପ୍ରଦାନ କରିବା ପାଇଁ ବିଭିନ୍ନ ଉପକରଣ ଏବଂ ସାମଗ୍ରୀ ମଧ୍ୟ ରହିବା ଉଚିତ୍ । ମାଂସପେଶୀ ସମନ୍ୱୟ, ସାମାଜିକ ଦକ୍ଷତା, ଭାଷା, ସୃଜନଶୀଳତା, କଳ୍ପନା ଶକ୍ତି ଏବଂ ଅନ୍ୟାନ୍ୟ ଜ୍ଞାନ କୌଶଳର ବିକାଶ ପାଇଁ ଶିଶୁବାଟିକାରେ ବିଭିନ୍ନ ପ୍ରକାରର କ୍ରୟଜନିତ, ଶିକ୍ଷକଙ୍କ ଦ୍ୱାରା ନିର୍ମିତ ସାମଗ୍ରୀର ଆବଶ୍ୟକତା ରହିଛି । ତେଣୁ ଶିକ୍ଷକ ଶିଶୁବାଟିକା ପାଇଁ ଉପକରଣ ଚୟନ ଓ ସାମଗ୍ରୀ ପ୍ରସ୍ତୁତିରେ ଯଥେଷ୍ଟ ଯତ୍ନବାନ ହେବା ଜରୁରୀ ।

ବିଭିନ୍ନ ପ୍ରକାର ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ

ଶିଶୁବାଟିକା ପାଇଁ ସ୍ଥାନୀୟ ସ୍ତରରେ ନିର୍ମିତ ସାମଗ୍ରୀ, ଶିକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଏପରିକି ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ମିଶ୍ରଣ ଅନ୍ତର୍ଭୁକ୍ତ । ପିଲାମାନେ ଯେତେବେଳେ ଏକାଧିକ ଇନ୍ଦ୍ରିୟ ବ୍ୟବହାର କରନ୍ତି ଏବଂ ସକ୍ରିୟ ଭାବରେ ନିଜ ହାତକୁ ବ୍ୟବହାର କରନ୍ତି ସେତେବେଳେ ସେମାନେ ଭଲ ଶିଖନ୍ତି । ସାଧାରଣ ଖେଳନାଠାରୁ ଆରମ୍ଭ କରି ଗଣନା କରିବା ଓ ପିଲାମାନେ ଶିଖିବା ଏବଂ ଅନୁସନ୍ଧାନ କରିବା ପାଇଁ ବିଭିନ୍ନ ପ୍ରକାରର ସାମଗ୍ରୀ ଜରୁରୀ । ଆଦ୍ୟ ଶୈଶବ ଶିକ୍ଷଣ ପରିବେଶକୁ ସମୃଦ୍ଧ କରିବା ଏବଂ ପଢ଼ିବାର ଉତ୍ସାହକୁ ପ୍ରୋତ୍ସାହିତ କରିବା ପାଇଁ ସାଧାରଣତଃ ପୁସ୍ତକ ଏବଂ ଶିଶୁ ସାହିତ୍ୟ ବାଧ୍ୟତାମୂଳକ । ପିଲାମାନେ ବଢୁଥିବା ବେଳେ କାର୍ଯ୍ୟପୁସ୍ତିକା ଏବଂ କାର୍ଯ୍ୟପତ୍ରର ବ୍ୟବହାର ମଧ୍ୟ ଉପଯୁକ୍ତ (NCF-FS-2022) ।

(i) ଶିକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ

ଶିଶୁବାଟିକା ପାଇଁ ଆବଶ୍ୟକ ଅଧିକାଂଶ ସାମଗ୍ରୀ ସ୍ଥାନୀୟ ସ୍ତରରେ ଉପଲବ୍ଧ ଏବଂ କମ୍ ମୂଲ୍ୟର ସାମଗ୍ରୀ ବ୍ୟବହାର କରି ତିଆରି କରାଯାଇପାରିବ । ଏହା କାର୍ଡବୋର୍ଡ, ଷ୍ଟ୍ରୁ, ପ୍ୟାକେଜିଂ ସାମଗ୍ରୀ, ପୁରୁଣା ପୋଷାକ, ବୋତଲ ଠିପି / ମଞ୍ଜି / ଗୋଡ଼ି (ଗଣନା ପାଇଁ), ଦିଆସିଲି କାଠି (ରାସାୟନିକ ଲେପ ସହିତ), ପୁରୁଣା ଟାୟାର, ପ୍ଲାଷ୍ଟିକ ବୋତଲ ଏବଂ କଣ୍ଟେନର (ମାପିବା ପାଇଁ), ନଡ଼ିଆ ଷଡ଼େଇ, ରଦି କାଗଜ, ବ୍ୟବହୃତ ଅଣ୍ଡା କାର୍ଟୁନ୍ (ସର୍ଟିଂ ପାଇଁ) ଭଳି ସ୍ଥାନୀୟ ସ୍ତରରେ ଉପଲବ୍ଧ ସାମଗ୍ରୀ ଦ୍ୱାରା ପ୍ରସ୍ତୁତ କରାଯାଇପାରିବ ।

(ii) ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇପାରିବା ସାମଗ୍ରୀ



ପିଲାମାନେ କଳା ଓ କାରିଗରୀ କାର୍ଯ୍ୟ କିମ୍ବା ମାଟି କାମ କରି ସରଳ ଖେଳ ସାମଗ୍ରୀ ତିଆରି କରିପାରିବେ । ଶିକ୍ଷକମାନେ କଣ୍ଟେଇ, ମାସ୍କ, ବୋର୍ଡ଼ ଗେମ୍, ମାଟି ଖେଳନା (ଯେପରି କି ଚକ, ପେଣ୍ଡୁ, ଖବରକାଗଜ ପେଣ୍ଡୁ / କଣ୍ଟେଇ ଇତ୍ୟାଦି ତିଆରି କରିପାରିବେ । ପିଲାମାନଙ୍କ ସହିତ ଛୋଟ ପିଲାମାନଙ୍କ ପାଇଁ ଏଗୁଡ଼ିକ ଅତ୍ୟନ୍ତ ଆକର୍ଷଣୀୟ କାର୍ଯ୍ୟକଳାପ ଏବଂ ଏହି ସାମଗ୍ରୀଗୁଡ଼ିକର ଡିଜାଇନ୍ ଏବଂ ତିଆରି କରିବାରେ, ପିଲାମାନେ ସମସ୍ତ ଦିଗର ବିକାଶ ହେବାପାଇଁ ସୁଯୋଗ ପାଆନ୍ତି ।

(iii) ବଜାରରୁ କ୍ରୟ କରାଯାଇପାରୁଥିବା ସାମଗ୍ରୀ

ବିଭିନ୍ନ ଆକୃତି, ଆକାର ଏବଂ ରଙ୍ଗର ବିଲ୍ଡିଂ ବ୍ଲକ୍ ସେଟ୍, ରଙ୍ଗୀନ ଗୋଟି (ମାଳି) ଏବଂ ତାର, ଲେସିଂ ବୋର୍ଡ଼, ସରଳ ଅଙ୍କାବଙ୍କା ପଜଲ, ଯବକାଚ, ରୋଷେଇ ଘର ସେଟ୍, ଫଳ ମଡ଼େଲ୍ ଏବଂ ପନିପରିବା, ବିଭିନ୍ନ ଆକାରର କପ୍, ମୁଣ୍ଡାକଡୁରୀ, ଟେପ୍, ଗିନା, ବାଲଟି, ଜଗ୍, ଚାମଚ, ରଙ୍ଗତୂଳୀ, ଚୁମ୍‌କି, କାଗଜ, ରଙ୍ଗ ଖଡ଼ି(କ୍ରେୟନ୍), ମାର୍କର, ରଙ୍ଗୀନ ପେନ୍‌ସିଲ୍, ରଙ୍ଗୀନ ଚକ୍, ଦଉଡ଼ି, ପଟି, ପ୍ଲାଷ୍ଟିକ୍ ନିକିତି ଦଣ୍ଡ, ଓଜନ ମେସିନ୍, ଡାକ୍ତରୀ ସେଟ୍, ବାଦ୍ୟଯନ୍ତ୍ର, ବଜାରରୁ ମଗାଯାଇଥିବା ଚିତ୍ର ପୁସ୍ତକ, ଅକ୍ଷର / ନମ୍ବର କାର୍ଡ଼, ଚୁମ୍ବକ, ବିଭିନ୍ନ ଆକାରର ବଲ୍, ଚିକିଟା ମାଟି ଇତ୍ୟାଦି କିଣା ଯାଇପାରିବ ।

(iv) ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସାମଗ୍ରୀ :

ଶିଶୁବାଟିକାଠାରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ବ୍ୟବହାର ପାଇଁ ସରକାର ପ୍ରତ୍ୟେକ ବିଦ୍ୟାଳୟକୁ **'ଜାଦୁପେଡ଼ି'** ଯୋଗାଇ ଦେଇଛନ୍ତି । ଏଥିରେ ଥିବା ସାମଗ୍ରୀଗୁଡ଼ିକ ସୁନ୍ଦର, ଆକର୍ଷଣୀୟ ତଥା ଦୀର୍ଘସ୍ଥାୟୀ । ଏଥିରେ ଥିବା ପ୍ରତ୍ୟେକ ସାମଗ୍ରୀରୁ ଏକାଧିକ ଶିକ୍ଷଣ ଫଳାଫଳ ହାସଲ କରାଯାଇପାରିବ । ଶିକ୍ଷକ ଏହାକୁ ବ୍ୟବହାର କରି ବହୁଶ୍ରେଣୀ ପରିସ୍ଥିତିରେ ଶ୍ରେଣୀ ପରିଚାଳନା ସହଜରେ କରିପାରିବେ ।

ଏତଦ୍‌ବ୍ୟତୀତ **'e-ଜାଦୁଇ ପିଟାରା'** ନାମକ ଏକ ମୋବାଇଲ୍ ଆପ୍ ମଧ୍ୟ ସୃଷ୍ଟି କରାଯାଇଛି । ଏଥିରେ ପିଲାମାନଙ୍କ ପାଇଁ ମଜାଗପ, ଗୀତ, ଖେଳ, ଧନ୍ଦା ଓ ବିଭିନ୍ନ କାର୍ଯ୍ୟ ରଖାଯାଇଛି । ଏହାକୁ ବ୍ୟବହାର କରି ଶିକ୍ଷକ, ପିତାମାତା, ଅଭିଭାବକ ଓ ଗୋଷ୍ଠୀ ସଦସ୍ୟମାନେ ମଧ୍ୟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଶିକ୍ଷଣ କାର୍ଯ୍ୟ କରାଇପାରିବେ ।

ସମ୍ବଳ ଚିହ୍ନଟିକରଣ

ଶିଶୁବାଟିକା ପାଠ୍ୟକ୍ରମ ପରିଚାଳନା ପାଇଁ ଆବଶ୍ୟକ ସମ୍ବଳ (ଯେପରିକି ସାମଗ୍ରୀ, ମାନବ, ଅନୁଷ୍ଠାନ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ) ଚିହ୍ନଟ ଏବଂ ବ୍ୟବହାର କରିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଶିକ୍ଷକମାନଙ୍କୁ ସ୍ଥାନୀୟ ସମ୍ବଳଗୁଡ଼ିକୁ ଚିହ୍ନଟ କରିବା ଏବଂ ଫଳପ୍ରଦଭାବେ ବ୍ୟବହାର କରିବାକୁ ଉତ୍ସାହିତ କରାଯାଏ ଯାହାଦ୍ୱାରା

- ପିଲାମାନେ ଧାରଣାଗୁଡ଼ିକୁ ଭଲ ଭାବରେ ବୁଝନ୍ତି
- ସମ୍ବଳର ଉପଲବ୍ଧତାରେ ନିରନ୍ତରତା ବଜାୟ ରଖାଯାଏ (ଯେହେତୁ ସମ୍ବଳଗୁଡ଼ିକ ସ୍ଥାନୀୟ ଭାବରେ ଉପଲବ୍ଧ)
- ଶିକ୍ଷଣ – ଶିକ୍ଷାଦାନ ପ୍ରକ୍ରିୟା ମାଧ୍ୟମରେ ସାଂସ୍କୃତିକ ପରିପ୍ରେକ୍ଷୀ ଉପରେ ଧ୍ୟାନ ଦିଆଯାଏ
- ମୂଲ୍ୟ ଏବଂ ଉପଲବ୍ଧତା ପ୍ରତିବନ୍ଧକ ନୁହେଁ

ଚିହ୍ନଟିକରଣ ସମ୍ବଳ ମ୍ୟାପିଂରେ ପଦକ୍ଷେପ

- ଉପଲବ୍ଧ ସମ୍ବଳଗୁଡ଼ିକ ଚିହ୍ନଟ କରନ୍ତୁ
- ସ୍ଥାନୀୟ ସମ୍ବଳ ବ୍ୟବହାର କରି କାର୍ଯ୍ୟ ଯୋଜନା କରନ୍ତୁ
- ସମ୍ବଳଗୁଡ଼ିକୁ ସଂଗ୍ରହ କରିବାର ଉପାୟ ସନ୍ଧାନ କରନ୍ତୁ
- ସମ୍ବଳଗୁଡ଼ିକର ଏକ ରେକର୍ଡ଼ ରଖନ୍ତୁ

ଖେଳନା ତିଆରି କରିବା: ତିଆରି କରିବାକୁ ସହଜ ଓ ଅନୁସନ୍ଧାନ କରିବାକୁ ଆନନ୍ଦଦାୟକ !

ପରିବେଶ ଅନୁକୂଳ, ଅର୍ଥନୈତିକ ଦୃଷ୍ଟିରୁ ଉପଯୋଗୀ ଓ ମଜାଦାର ଖେଳଣା ତିଆରି କରିବା ପାଇଁ ଶିକ୍ଷକ/ତତ୍ତ୍ୱାବଧାରକ/ଅଭିଭାବକଙ୍କ ପାଇଁ ଏଠାରେ କିଛି ଉଦାହରଣ ଦିଆଯାଇଛି । ଏଭଳି ଖେଳନା ଯଦିଓ ସରଳ ପ୍ରକୃତିର ମନେହୁଏ, ତଥାପି ଏହା ପିଲାଙ୍କୁ ବିଭିନ୍ନ ଶିକ୍ଷଣ ପ୍ରକ୍ରିୟାରେ ନିୟୋଜିତ କରିବାର ଯଥେଷ୍ଟ ସୁଯୋଗ ଦେଇଥାଏ ।

ଖେଳନାର ନାମ : ଶସ୍ୟ ଥିବା କନା ବଲ୍ ଏବଂ ଆକୃତି ବ୍ୟାଗ୍

ଏହି ଖେଳନା/ଖେଳ ସାମଗ୍ରୀର ବିଶେଷତ୍ୱ ହେଉଛି ସମାନ ଖେଳ ସାମଗ୍ରୀକୁ ବିଭିନ୍ନ ଉପାୟରେ ଏବଂ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ବହୁମୁଖୀ ବ୍ୟବହାର ସହିତ ଏକ ସରଳ ଖେଳନା ତିଆରି କରିବାକୁ ଚେଷ୍ଟା କରି ଏହା ଶିକ୍ଷକ / ପିତାମାତାମାନ ଯତ୍ନବାନ ହେବା ଉଚିତ୍। ଉଦାହରଣ: ଏକ ଗୋଲାକାର କପଡ଼ା ବ୍ୟାଗ୍‌ର ଆକୃତି, କାଗଜରେ ଆଙ୍କିଥିବା ଗୋଟିଏ ବୃତ୍ତ ବା ଗୋଲେଇର ଆକୃତି ସହିତ ମେଳାଇ – ସଂଖ୍ୟା ଜ୍ଞାନ କ୍ଷେତ୍ରରେ ଆକୃତି, ଚିହ୍ନଟ କରିବାର ଦକ୍ଷତା ହାସଲ କରିବା ସୁବିଧାଜନକ। ଏକ ଗୋଲ କପଡ଼ା ବ୍ୟାଗ୍‌ର ଆକୃତି '୦' ଅକ୍ଷର ସହ ମେଳ । ଶିକ୍ଷକ ଅନ୍ୟ କ୍ଷେତ୍ରରେ ସମାନ ଖେଳ ସାମଗ୍ରୀ ବ୍ୟବହାର କରି ଏଭଳି ଅନେକ କାର୍ଯ୍ୟକଳାପ ବିଷୟରେ ଚିନ୍ତା କରିପାରିବେ। ସକାରାତ୍ମକ ଶିକ୍ଷଣ ଅଭ୍ୟାସ ଯେପରିକି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା, ଦଳଗତ ଖେଳର ସହଯୋଗ ସୃଷ୍ଟି କରିବା ପାଇଁ ଏହି ସାମଗ୍ରୀ ବ୍ୟବହାର କରାଯାଇପାରିବ।

ନିଜେ କରନ୍ତୁ (Do It Yourself) : କିପରି ତିଆରି କରିବେ

- ବଡ଼ ରୁମାଲ ଆକାରର ଏକ ସୂତା କନା ନିଅନ୍ତୁ, ଏହାକୁ ବଲ୍ ଭଳି ଦୁଇ ଗୋଲାକାର ଆକୃତିରେ କାଟି ଦିଅନ୍ତୁ – ସେଥିରେ କିଛି ଭର୍ତ୍ତି କରିବା ପାଇଁ କିଛି ଅଂଶ ଖୋଲା ରଖି ଧାର ସିଲେଇ କରନ୍ତୁ ।
- ଏହାକୁ ଛୋଟ ଛୋଟ କନା ଖଣ୍ଡରେ ଭର୍ତ୍ତି କରନ୍ତୁ (ପୋଷାକ ସିଲେଇ ହେବା ପରେ ବଳକା ହୋଇଥିବା କଟା କନା ସବୁ ବ୍ୟବହାର କରନ୍ତୁ) ବଳକା ଅଂଶ ବ୍ୟବହାର କରି ଏକ ବଲ୍ ତିଆରି କରନ୍ତୁ ଏବଂ ସିଲେଇ ହୋଇଥିବା ପାର୍ଶ୍ୱଗୁଡ଼ିକୁ ଭିତରେ ଭର୍ତ୍ତି କରନ୍ତୁ ।

ଅନ୍ୟ ସାମଗ୍ରୀ

- ଶସ୍ୟ ପୂରାଇ ବ୍ୟାଗ୍ ଆକାର ଦିଅନ୍ତୁ – ବର୍ଗାକାର, ତ୍ରିକୋଣ, ଆୟତାକାର ଇତ୍ୟାଦି ବିଭିନ୍ନ ଆକୃତି ତିଆରି କରନ୍ତୁ ।
- ଏଥିରେ ବିଭିନ୍ନ ସ୍ଥାନୀୟ ସ୍ତରରେ ଉପଲବ୍ଧ ଶସ୍ୟ ଭର୍ତ୍ତି କରନ୍ତୁ ଯେପରିକି, ଚଣା, ଶିମ୍ବମଞ୍ଜି, ରାଜମା, ରାଶି, ଯଅ, ବାଜରା ଇତ୍ୟାଦି ।

ଏହାକୁ ନିମ୍ନଲିଖିତ କାର୍ଯ୍ୟରେ ବ୍ୟବହାର କରନ୍ତୁ

- ବଲ୍ ଭଳି ଧରିବା ଓ ଫିଙ୍ଗିବା
- ଆକୃତି ଚିହ୍ନଟ ପାଇଁ, ଆକୃତି ମେଳକ (ଚିତ୍ରରେ ଦର୍ଶାଯାଇଛି)
- ଆକୃତି ଚିହ୍ନିବା ଓ ଗଣିବା
- ସମସ୍ତ ପିଲାଙ୍କ ପାଇଁ ଏହା ଇନ୍ଦ୍ରିୟାନୁଭୂତି ଦେଇଥାଏ ଓ ଏହା ଦୃଷ୍ଟି ବାଧିତ ପିଲାଙ୍କ ପାଇଁ ମଧ୍ୟ ଉପଯୁକ୍ତ
- ଏହାକୁ ଗୀତରେ ସାମଗ୍ରୀ ଭାବରେ, ଟର୍ନ ଟେକିଂ ଓ ଦଳଗତ ଖେଳରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।
- ଅକ୍ଷର ଚିହ୍ନିବା ପାଇଁ ଓ ଆକୃତି ଚିହ୍ନଟ ପାଇଁ ଏହାକୁ ବ୍ୟବହାର କରାଯାଇ ପାରିବ ।

କନା ବଲ୍ କୋଡ଼ିନେସନ୍ ପାଇଁ ପ୍ରେରଣା ପ୍ରଦାନ କରିଥାଏ

- ଆଖି-ହାତ ସମନ୍ୱୟ
- ଧ୍ୟାନ ଏବଂ ଏକାଗ୍ରତା
- ଆକୃତି ଚିହ୍ନିବା, ବାଛିବା ଏବଂ ଗଣିବା ଦକ୍ଷତା ସମ୍ବନ୍ଧୀୟ ସଂଖ୍ୟା ଜ୍ଞାନ
- ଅକ୍ଷର ଚିହ୍ନିବା – ସାକ୍ଷରତା ଦକ୍ଷତା
- ସ୍ପର୍ଶ ଅନୁଭବ
- ଦୁଇ ହାତ ମୁଠା କରିବା
- ଆବେଗିକ ବିକାଶ ପାଇଁ
- ସାମାଜିକ ବିକାଶ, ସହଯୋଗୀ ଶିକ୍ଷଣ ଓ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା

କଣ୍ଢେଇ ତିଆରି

ପାରମ୍ପରିକ ଏବଂ ସାଂସ୍କୃତିକ କଳା ମଧ୍ୟରୁ କଣ୍ଢେଇ ଅନ୍ୟତମ ଯାହା ମୁଖ୍ୟତଃ ମନୋରଞ୍ଜନ ଏବଂ କାହାଣୀ କହିବା ପାଇଁ ବ୍ୟବହୃତ ହୁଏ। ପାଠ୍ୟକ୍ରମ ପରିଚାଳନା ପାଇଁ ଶ୍ରେଣୀ ଗୃହରେ ଶିକ୍ଷକମାନେ ଏହାକୁ ବ୍ୟବହାର କରନ୍ତି।

- ଶିକ୍ଷଣ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସାମଗ୍ରୀ ଚୟନ / ପ୍ରସ୍ତୁତ କରିବା ସମୟରେ, ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ ସାମଗ୍ରୀଗୁଡ଼ିକ ନିରାପଦ, କାରଣ ଶିଖିବା ସହିତ ପିଲାମାନଙ୍କ ଦ୍ୱାରା ସେଗୁଡ଼ିକରେ ସିଧାସଳଖ ଦୁଷ୍ଟାମୀ କରିବାର ସମ୍ଭାବନା ଅଛି। ଏହା କେବଳ ଏକ ଶିକ୍ଷଣ ସହାୟକ ଉପକରଣ ନୁହେଁ।
- ପିଲାମାନଙ୍କର ଅର୍ଥପୂର୍ଣ୍ଣ ଶିକ୍ଷଣପାଇଁ ସାମଗ୍ରୀରେ ବ୍ୟବହୃତ ବସ୍ତୁ ସେହି ଅଞ୍ଚଳର ସଂସ୍କୃତି ଅନୁଯାୟୀ ଉପଯୁକ୍ତ ହେବା ଉଚିତ।
- ଖେଳ ସାମଗ୍ରୀର ନିୟମିତ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ଆବଶ୍ୟକ ଯାହା ପାଇଁ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ଆକସ୍ମିକ ଖର୍ଚ୍ଚ ପାଇଁ ନିୟମିତ ଆର୍ଥିକ ଆବଣ୍ଟନ କରିବା ଆବଶ୍ୟକ।

ଶିକ୍ଷଣ ଯୋଜନା ଓ ଶ୍ରେଣୀ ପରିଚାଳନା

ଖେଳ ଏବଂ ଶିକ୍ଷଣକାର୍ଯ୍ୟ ଭିତ୍ତିକ ଶିକ୍ଷଣ ପାଇଁ ବୟସ ଅନୁକୂଳ ଖେଳ ଏବଂ ଶିକ୍ଷଣ ସାମଗ୍ରୀ ସହିତ ଅନୁକୂଳ ଶ୍ରେଣୀଗୃହ ଭିତର ଏବଂ ବାହାର ପରିବେଶ ଆବଶ୍ୟକ । ଶ୍ରେଣୀଗୃହ ପରିବେଶରେ ଉଭୟ ଶାରୀରିକ, ଆବେଗିକ, ସାମାଜିକ ସହାୟକ ଶିକ୍ଷଣ ପରିବେଶ ଅନ୍ତର୍ଭୁକ୍ତ । ଏକ ସୁରକ୍ଷିତ, ଆରାମଦାୟକ ଏବଂ ଆନନ୍ଦଦାୟକ ଶ୍ରେଣୀଗୃହ ପରିବେଶ ପିଲାମାନଙ୍କୁ ଦକ୍ଷତାର ସହ ଶିଖିବାରେ ସାହାଯ୍ୟ କରେ ।

ଶ୍ରେଣୀ ଗୃହ ଶିକ୍ଷଣ ପରିବେଶର ଉପାଦାନ

- ଭୌତିକ ପରିବେଶ: ଏଥିରେ ଶ୍ରେଣୀଗୃହର ସାମଗ୍ରୀ ବ୍ୟବସ୍ଥା, କାର୍ଯ୍ୟକଳାପ କ୍ଷେତ୍ର, ଶିଶୁ ଉପଯୋଗୀ ଓ ସହଜରେ ନିଆ-ଅଣା କରାଯାଇ ପାରୁଥିବା ଆସବାବପତ୍ର ଏବଂ ସାଇଡି ରଖିବା ସ୍ଥାନ (ଉଭୟ ଶିକ୍ଷକ ଏବଂ ପିଲାଙ୍କ ପାଇଁ), ଆଲୋକ ଓ ବାୟୁ ଚଳାଚଳ ବ୍ୟବସ୍ଥା ଏବଂ ବିଦ୍ୟାଳୟର ସାଧାରଣ ସ୍ୱଚ୍ଛତା ଅନ୍ତର୍ଭୁକ୍ତ ।
- ସାମାଜିକ ପରିବେଶ: ଏଥିରେ ପିଲାମାନଙ୍କ ପାଇଁ ଏକାଠି କାମ କରିବା (ଛୋଟ ଏବଂ ବଡ଼ ଦଳ), ପରସ୍ପର ସହିତ ବାର୍ତ୍ତାଳାପ କରିବା ଏବଂ ଏକାଠି ଖେଳିବା ପାଇଁ ସ୍ଥାନ ଅନ୍ତର୍ଭୁକ୍ତ ।
- ସାମୟିକ ପରିବେଶ: ଏଥିରେ କାର୍ଯ୍ୟକଳାପର ଅବଧି, ସମୟ ଏବଂ କ୍ରମ ଓ ଶିଶୁବାଟିକା ପର୍ଯ୍ୟାୟରେ ହେଉଥିବା କାର୍ଯ୍ୟକଳାପରେ ପରିବର୍ତ୍ତନଶୀଳତା ଅନ୍ତର୍ଭୁକ୍ତ ।

ଶ୍ରେଣୀ ଗୃହ ସଙ୍ଗଠନ

ଶିଶୁବାଟିକା ଶ୍ରେଣୀ ଗୃହ ଏପରି ହେବା ଉଚିତ ଯେପରିକି ଏହା ଖେଳ ଏବଂ କାର୍ଯ୍ୟକଳାପ ଭିତ୍ତିକ ଶିକ୍ଷାର କାର୍ଯ୍ୟକାରିତାକୁ ସହଜ କରିପାରିବ । ବିଭିନ୍ନ କାର୍ଯ୍ୟକଳାପ କରିବା ସମୟରେ ପିଲାଙ୍କ ମୁକ୍ତ ଗତିବିଧିକୁ ସକ୍ଷମ କରିବା ଉପଯୋଗୀ ଶ୍ରେଣୀ ବ୍ୟବସ୍ଥା କରାଯିବା ଉଚିତ । ଘର ଭିତର ପରିବେଶକୁ ଭଲ ଭାବରେ ଆଲୋକିତ ଏବଂ ମୁକ୍ତବାୟୁ ଉପଯୋଗୀ କରିବା ଆବଶ୍ୟକ । ଏହା ପିଲାମାନଙ୍କ ପାଇଁ ସୁରକ୍ଷିତ ଏବଂ ସ୍ୱାଗତଯୋଗ୍ୟ ହେବା ଉଚିତ । ଶ୍ରେଣୀଗୃହ ବସିବା ବ୍ୟବସ୍ଥା ପରିବର୍ତ୍ତନୀୟ ହେବା ଦରକାର । କେତେବେଳେ ପିଲାମାନେ ବ୍ୟକ୍ତିଗତ ଭାବରେ, କେତେବେଳେ ସେମାନେ ଯୋଡ଼ି କିମ୍ବା ଛୋଟ ଦଳରେ କାମ କରନ୍ତି ତ କେତେବେଳେ ସମସ୍ତ ପିଲା ଏକାଠି ମିଶି କାମ କରନ୍ତି । ଶ୍ରେଣୀ ଗୃହରେ ପିଲାଙ୍କ ସକ୍ରିୟ ଯୋଗଦାନକୁ ସକ୍ଷମ କରିବା ପାଇଁ, ଆକର୍ଷଣୀୟ ଶିକ୍ଷଣ ପରିବେଶ ସୃଷ୍ଟି କରିବା ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଶ୍ରେଣୀ ଗୃହ ପରିଚାଳନା ପାଇଁ **ନିମ୍ନଲିଖିତ ବିଷୟଗୁଡ଼ିକୁ ବିଚାର କରିବା ଆବଶ୍ୟକ:-**

- ଛପାଲେଖା ସମୃଦ୍ଧ ପରିବେଶ
- ଆଲୋକ ଓ ମୁକ୍ତ ବାୟୁ ଚଳାଚଳ ବ୍ୟବସ୍ଥା

- ପିଲାଙ୍କ ଚକ୍ଷୁ ସ୍ତରରେ ପ୍ରଦର୍ଶିତ ଆକର୍ଷଣୀୟ ଚିତ୍ର ଫଳକ
- କମ୍ ଉଚ୍ଚତାରେ ବୋର୍ଡ଼ ପ୍ରଦର୍ଶନ କରନ୍ତୁ ଯାହାଦ୍ୱାରା ପିଲାମାନେ ସେମାନଙ୍କର କଳାକୃତିକୁ ପ୍ରଦର୍ଶନ କରିପାରିବେ
- ପିଲାମାନେ ନିଜକୁ ଦେଖିବାପାଇଁ ଏକ ପୂର୍ଣ୍ଣ ଦୈର୍ଘ୍ୟ ଦର୍ପଣ
- ଚିହ୍ନିତ ହୋଇଥିବା ଖୋଲା ଟ୍ରେରେ ରଖାଯାଇଥିବା ଖେଳ ଏବଂ ଶିକ୍ଷଣ ସାମଗ୍ରୀ, ଯାହାକୁ ପିଲାମାନେ ସହଜରେ ନେଇ ରଖିପାରିବେ ।

- ବୟସ ଉପଯୋଗୀ ଏବଂ ବିଭିନ୍ନ ଦିଗର ବିକାଶ ପାଇଁ ଉପଯୁକ୍ତ ଶିକ୍ଷଣ-ଶିକ୍ଷାଦାନ ସାମଗ୍ରୀ
- ପିଲାଙ୍କ ଚିନ୍ତାଧାରା, ଆଗ୍ରହ ଓ ଉତ୍ସୁକତାକୁ ଉତ୍ସାହିତ କରିବା ପାଇଁ କଣ୍ଟେଇ କ୍ଷେତ୍ର, ବ୍ଲକ୍ ଅଞ୍ଚଳ, ପଠନ କ୍ଷେତ୍ର, ବିଜ୍ଞାନକ୍ଷେତ୍ର, ସୃଜନଶୀଳ କଳା କ୍ଷେତ୍ର ଇତ୍ୟାଦି ରହିବା ଦରକାର ।
- ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ୟାକ୍ ଇତ୍ୟାଦି ରଖିବା ପାଇଁ ସ୍ଥାନ
- ପିଲାମାନେ କମ୍ ଉଚ୍ଚତାରେ ଥିବା କାନ୍ଥ କଳାପଟାକୁ ସ୍ୱାଧୀନ ଭାବରେ ଚିତ୍ରାଙ୍କନ, ଗାରେଇବା ଇତ୍ୟାଦି ପାଇଁ ବ୍ୟବହାର କରିପାରିବେ
- ଉଭୟ ବ୍ୟକ୍ତିଗତ କାର୍ଯ୍ୟ ଏବଂ ଦଳଗତ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଇନ୍‌ଡ଼ୋର୍ ସ୍ଥାନ ଥିବ
- ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଆରାମରେ ଚଳପ୍ରଚଳ କରିବା ଏବଂ ଅନ୍ୟ ପିଲାମାନଙ୍କ ସହିତ ମିଶିବା ପାଇଁ ସ୍ଥାନ ତଥା ସେମାନେ ଏକ ଅନ୍ତର୍ନିବେଶୀ ଓ ସାମଗ୍ରିକ ଶ୍ରେଣୀଗୃହରେ ସହଜରେ ଶିଖିବା ପାଇଁ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ।

ସାମଗ୍ରିକ ଶିକ୍ଷଣ ପରିବେଶ ପରିବର୍ତ୍ତନୀୟ, ମୁକ୍ତ, ସମ୍ବଳ ଉପଯୋଗୀ ଏବଂ ସାମାଜିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ଶ୍ରେଣୀଗୃହ ଭିତର ଏବଂ ବାହାର ପରିବେଶ ସୃଷ୍ଟି କରିବା ସମ୍ପର୍କରେ ନିମ୍ନରେ ଦିଆଯାଇଛି ।

I. ଭିତର ପରିବେଶ

(କ) କାର୍ଯ୍ୟକଳାପ ଅଞ୍ଚଳ

କାର୍ଯ୍ୟକଳାପ କ୍ଷେତ୍ର ହେଉଛି ଏକ ସଙ୍ଗଠିତ ଏବଂ ବିଭିନ୍ନ ଖେଳ ସାମଗ୍ରୀ ଏବଂ ଖେଳନା ସହିତ ସଜ୍ଜିତ ଶ୍ରେଣୀଗୃହ, ଉଦାହରଣ ସ୍ୱରୂପ ଏହା କଣ୍ଢେଇ ଅଞ୍ଚଳ, ବ୍ଲକ୍-ବିଲ୍ଡିଂ ଇତ୍ୟାଦି ହୋଇପାରେ । ଶିକ୍ଷଣ ଏବଂ ଖେଳ ସାମଗ୍ରୀ ବ୍ୟବହାର କରି ପିଲାମାନେ ଦଳରେ କିମ୍ବା ବ୍ୟକ୍ତିଗତ ଭାବେ ସେଠାରେ ଖେଳିପାରିବେ। ପିଲାମାନଙ୍କୁ ସାମଗ୍ରୀଗୁଡ଼ିକୁ ସହଜରେ ଉପଲବ୍ଧ କରାଇବା ପାଇଁ ଥାକ ଓ ବାକ୍ସ ରଖାଯାଏ ।

'କାର୍ଯ୍ୟକଳାପ ଅଞ୍ଚଳ' ପାଇଁ ସାମଗ୍ରୀ

(i) କଣ୍ଢେଇ ଏବଂ ନାଟକୀୟ ଖେଳ କ୍ଷେତ୍ର: କଣ୍ଢେଇ ଅଞ୍ଚଳରେ କନା, ମାଟି, କାଠ, କାଗଜ ଇତ୍ୟାଦିରେ ପ୍ରସ୍ତୁତ କଣ୍ଢେଇର ସଂଗ୍ରହ ରହିବା ଉଚିତ । ଛୋଟ ଶେଯ, ସୋଫା, ଚେୟାର, ଟେବୁଲ ଓ ଘରକରଣା ଜିନିଷ ଯଥା ରୋଷେଇ ଘର ସେଟ୍, ଚା' ସେଟ, ଡାକ୍ତରଙ୍କ ସେଟ୍, ପୁରୁଣା ପୋଷାକ, ହ୍ୟାଣ୍ଡବ୍ୟାଗ, ଜୋତା, ଟୋପି ପୋଷାକ ମଧ୍ୟ ରଖିବା ଉଚିତ । କଣ୍ଢେଇ ଅଞ୍ଚଳର ଆସବାବପତ୍ର ଏପରି ହେବା ଦରକାର ଯେପରିକି ପିଲାମାନେ ମଧ୍ୟ ଏହାକୁ ନିଜ ଖେଳ ପାଇଁ ବ୍ୟବହାର କରିପାରିବେ । ସେଠାରେ ଖେଳୁଥିବା ପିଲାମାନଙ୍କୁ ଗୋପନୀୟତା ଦେବାପାଇଁ କଣ୍ଢେଇ ଅଞ୍ଚଳକୁ ଏକ ଛୋଟ ପରଦାରେ ବିଭକ୍ତ କରାଯିବା ଉଚିତ । କଣ୍ଢେଇ ସହିତ ଖେଳିବା ପିଲାମାନଙ୍କୁ ଅନ୍ୟର ଚିନ୍ତାଧାରା ଏବଂ ଭାବନା ବିଷୟରେ କହିବା ଏବଂ ବୁଝିବାକୁ ଉତ୍ସାହିତ କରେ । କଣ୍ଢେଇ ସହିତ କାଳ୍ପନିକ ଖେଳ ଖେଳିବା, ଅନ୍ୟକୁ ସାହାଯ୍ୟ କରିବା, ନିଜ ଜିନିଷ ଅନ୍ୟ ସହିତ ବାଣ୍ଟିବା ଏବଂ ଯତ୍ନ ନେବା ଭଳି ସାମାଜିକ ଦକ୍ଷତା ବିକଶିତ କରିବାରେ ସାହାଯ୍ୟ କରେ ।



(ii) ବିଜ୍ଞାନ କ୍ଷେତ୍ର: ବିଜ୍ଞାନ କ୍ଷେତ୍ରରେ ଚଷମା, ଚୁମ୍ବକ, ବିଭିନ୍ନ ଓଜନ ସହିତ ନିକିତି, ତରଳ ପଦାର୍ଥ ମାପିବା ପାଇଁ ଏକ ସେଟ୍ ମାପ ପାତ୍ର ଏବଂ କମ୍ପାସ ଇତ୍ୟାଦି ଅନ୍ତର୍ଭୁକ୍ତ । ବିଜ୍ଞାନ କ୍ଷେତ୍ର ପିଲାମାନଙ୍କୁ ସେମାନଙ୍କ ଆଖପାଖରେ ଥିବା ଦୁନିଆକୁ ଅନୁସନ୍ଧାନ କରି ଶିଖିବାରେ ସାହାଯ୍ୟ କରେ ।

(iii) ବ୍ଲକ୍ ଅଞ୍ଚଳ ଗଠନ: ଏହି କାର୍ଯ୍ୟକଳାପ ଅଞ୍ଚଳରେ ବିଭିନ୍ନ ଆକାର ଏବଂ ଆକୃତିର ନିର୍ମାଣ ବ୍ଲକ୍ ରହିବା ଉଚିତ, ଯାହାକୁ ବ୍ୟବହାର କରି, ଘର, ଡାକ୍ତରଖାନା, ସ୍କୁଲ, ମନ୍ଦିର ଇତ୍ୟାଦି ବିଭିନ୍ନ ଆକୃତି ନିର୍ମାଣ କରାଯାଇପାରିବ । ଥାକରେ ଆୟତାକାର ଫଳକ, ବଡ଼ ଇଟା, ଛୋଟ ଇଟା, ସିଲିଣ୍ଡର, ତ୍ରିକୋଣ, ବର୍ଗାକାର ବ୍ଲକ୍, ସ୍ତମ୍ଭ ଇତ୍ୟାଦି ରଙ୍ଗୀନ ସାମଗ୍ରୀ ରହିବା ଉଚିତ୍ । ଏହି କୋଣରେ କାଠରେ ତିଆରି ଟ୍ରେନ୍, କାର୍, ଟ୍ରକ୍, ଟାଣିବା ଖେଳନା, କାଠ/ପ୍ଲାଷ୍ଟିକ୍ ପୋଲ ଓ ରେଳ ଧାରଣା ଇତ୍ୟାଦି ସାମଗ୍ରୀ ରହିବା ଆବଶ୍ୟକ । ପିଲାମାନେ ରାସ୍ତା ନିର୍ମାଣ କରି ବିଭିନ୍ନ ଛୋଟ ଛୋଟ ଗାଡ଼ି ସହ ଖେଳିବାକୁ ପସନ୍ଦ କରନ୍ତି, ତେଣୁ ଏହି କୋଣରେ ରାସ୍ତା ନିର୍ମାଣ ସାମଗ୍ରୀ ଯଥା ବ୍ଲକ୍, ର୍ୟାମ୍ପ, ଜେବ୍ରା କ୍ରସିଂ, ଟ୍ରାଫିକ୍ ଲାଇଟ୍, ଛୋଟ କାଠ/ପ୍ଲାଷ୍ଟିକ୍/ଧାତବ ଯାନ (ସଡ଼କ ପରିବହନ, ବିମାନ ପରିବହନ, ଜଳ ପରିବହନ),

କରିବା ଏବଂ ସାମଗ୍ରୀ ବଣ୍ଟନ କରିବାକୁ ଶିଖିବାରେ ସାହାଯ୍ୟ କରିବ, ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ବିକଶିତ କରିବ ଏବଂ ସେମାନଙ୍କର ସୃଜନଶୀଳତା ଦକ୍ଷତାର ବିକାଶ ହୋଇପାରିବ ।

(iv) ପଠନ କ୍ଷେତ୍ର: ଶବ୍ଦବିହୀନ ଚିତ୍ର ପୁସ୍ତକ, ସଚିତ୍ର ପୁସ୍ତକ, କାହାଣୀ ପୁସ୍ତକ, କବିତା ସଂଗ୍ରହ, ସୂଚନାପୂର୍ଣ୍ଣ ପୁସ୍ତକ, ଆକର୍ଷଣୀୟ ଅକ୍ଷର ଓ ସଂଖ୍ୟା ପୁସ୍ତକ, ଏକ, ଦୁଇ କିମ୍ବା ତିନି ଧାଡ଼ିର ବିଷୟବସ୍ତୁ ସହିତ ବଡ଼ ବଡ଼ ଚିତ୍ର ଥିବା କାହାଣୀ ପୁସ୍ତକ (ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କିମ୍ବା ସହଜରେ ଉପଲବ୍ଧ), ପିଲାମାନଙ୍କ ପାଇଁ ସ୍ୱାଧୀନ ଭାବରେ

ଚୟନ କରାଯାଇଥିବା ବିଷୟବସ୍ତୁ ହେବା ଉଚିତ୍

- ଆକର୍ଷଣୀୟ ଏବଂ ସୁରକ୍ଷିତ ହେବା ଉଚିତ ।
- ଉତ୍ସୁକତା ସହିତ ଅନୁସନ୍ଧାନ ଏବଂ ପରୀକ୍ଷଣ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରନ୍ତୁ
- ସ୍ଥାୟୀ ହୋଇପାରିବ
- ସ୍ଥାନୀୟ ଭାବରେ ନିର୍ମିତ କିମ୍ବା ସ୍ଥାନୀୟ ଭାବରେ ଉପଲବ୍ଧ ହୋଇପାରିବା ।

ମାନବ ଚରିତ୍ର, ଗଛ ଇତ୍ୟାଦି ରହିବା ଉଚିତ । ଏହି ଅଞ୍ଚଳରେ ବିଭିନ୍ନ ପ୍ରକାରର ସାମଗ୍ରୀ ଯଥା ଖେଳନା ଘୋଡା, କାଠ ଖଣ୍ଡ, କଣ୍ଟେଇ ଇତ୍ୟାଦି ରହିବା ଉଚିତ । ଶିଶୁବାଟିକା-ୀ ପିଲାଙ୍କ ପାଇଁ ଚାରି କିମ୍ବା ପାଞ୍ଚଟି ଖଣ୍ଡ ବିଶିଷ୍ଟ କିଛି ପଜଲ ରଖାଯିବ । ଯଦି ଏହି ସାମଗ୍ରୀ ବଜାରରେ ସହଜରେ ଉପଲବ୍ଧ ନହୁଏ, ତେବେ ଶିକ୍ଷକ ଏହାକୁ ପ୍ରସ୍ତୁତ କରିପାରିବେ । ବ୍ଲକ୍ ଖେଳ ଦ୍ୱାରା ସୂକ୍ଷ୍ମ ଓ ସ୍ଥୂଳ ମାଂସପେଶୀ ଦକ୍ଷତା ବଢ଼େ । ବ୍ଲକ୍‌ଗୁଡ଼ିକ ପିଲାମାନଙ୍କୁ ନିଜ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା

ଚୟନ କରିବାକୁ ଏବଂ ପଢ଼ିବା ପାଇଁ ସୁଯୋଗ ଦେବାକୁ ସେମାନଙ୍କ ହାତ ପାଇଲା ଭଳି ସ୍ଥାନରେ ସାମଗ୍ରୀଗୁଡ଼ିକୁ ରଖନ୍ତୁ । ଅଡ଼ିଓ-ଭିଡ଼ିଓ କାର୍ଯ୍ୟକ୍ରମ, ଏଲସିଡ଼ି ପ୍ରୋଜେକ୍ଟର ଏବଂ ଆନିମେଟେଡ୍ କ୍ଷୁଦ୍ରଗଳ୍ପ/କବିତା ଦେଖାଇବା ପାଇଁ ସ୍କ୍ରିନ୍ ଟିଭି ବ୍ୟବସ୍ଥା, ଶ୍ରେଣୀଗୃହର ଏକ ଅଂଶ । ଆକର୍ଷଣୀୟ ଭାବରେ ପ୍ରଦର୍ଶିତ ବିଭିନ୍ନ ପୁସ୍ତକ ମଧ୍ୟରୁ ସ୍ୱାଧୀନ ଭାବରେ ପିଲାମାନେ ଚୟନ କରିପାରିବେ । ସେଠାରେ ଚିତ୍ରାଙ୍କନ, ରଙ୍ଗ ଏବଂ ଲେଖିବା ଉଦ୍ଦେଶ୍ୟରେ ରଙ୍ଗ, ଧଳା କାଗଜ ଏବଂ ଚାର୍ଟ ପେପର ରଖାଯାଇପାରିବ ।

(v) ଗଣିତ କ୍ଷେତ୍ର: ସେଲ୍ଫ-କରେକ୍ଟିଭ୍ କାର୍ଡ଼, ପିକ୍‌ଚର ଜିଗ୍‌ସ ପଜଲ୍ (ଅଙ୍କା/ବଙ୍କା ଚିତ୍ରମୟ ଧନ୍ଦା) ଏବଂ ପିକ୍‌ଚର କାର୍ଡ଼ ଭଳି ସାମଗ୍ରୀ ମେଳ କରିବା, ବାଛିବା, ସଜାଡ଼ିବା, ବର୍ଗୀକରଣ, ସମସ୍ୟା ସମାଧାନ, ମନେରଖିବା ଏବଂ କ୍ରମାନୁକ୍ରମିକ ଚିନ୍ତାଧାରା ପାଇଁ ରଖାଯିବା ଉଚିତ୍ । ଗଣିତ ଏବଂ ମେନିପୁଲେଟିଭ୍ (ପିଲା ନିଜେ କରିବା) କ୍ଷେତ୍ରରେ ରଙ୍ଗ, ଆକୃତି, ସ୍ଥାନ, ପ୍ରାକ୍-ସଂଖ୍ୟା ଧାରଣା ଏବଂ ସାମାଜିକ, ଭୌତିକ ଓ ଜୈବିକ ପରିବେଶ ସମ୍ବନ୍ଧୀୟ ଧାରଣା ଆଧାରିତ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ଅନ୍ତର୍ଭୁକ୍ତ ହେବା ଉଚିତ । ବଜାରରେ ନ ମିଳିଲେ ମ୍ୟାଚିଙ୍ଗ୍ (ମେଳକ) କାର୍ଡ଼, ନମ୍ବର କାର୍ଡ଼ ଇତ୍ୟାଦିକୁ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇପାରିବ । ଗଣିତ ବା ମ୍ୟାନିପୁଲେଟିଭ୍ କାର୍ଯ୍ୟକଳାପ ସମୟରେ ପିଲାମାନେ ବିଭିନ୍ନ ପ୍ରକାରର ଦୈନନ୍ଦିନ ସମସ୍ୟାର ସମ୍ମୁଖୀନ ହୁଅନ୍ତି ଏବଂ ସେମାନେ ନିଜେ ନିଜ ପାଇଁ ଅନେକ ସମାଧାନ ବାହାର କରନ୍ତି । ଖେଳ ସ୍ମରଣଶକ୍ତି ବ୍ୟତୀତ ଗାଣିତିକ ଶିକ୍ଷାକୁ ଘୋଷାପାଠରୁ ମୁକ୍ତି କରିଥାଏ, ପିଲାମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବା ସମୟରେ କଥାବାର୍ତ୍ତା, ଚିନ୍ତା, ଯୁକ୍ତି ଏବଂ ଚିନ୍ତା କରିବାକୁ ଉତ୍ସାହିତ କରେ ।

(vi) କଳା କ୍ଷେତ୍ର: ଏଥିରେ ଚିରିବା, ଅଠାରେ ମଡ଼ାଇବା ପାଇଁ ଚୁମୁକି, କାଗଜ, ଟିସୁ ପେପର, ପୁରୁଣା ପତ୍ରିକା, ପୁରୁଣା ଖବରକାଗଜ, କପଡ଼ା, ଅଠା, ଫେଭିକଲ୍, ସୂତା ଇତ୍ୟାଦି ସାମଗ୍ରୀ ରଖାଯାଏ । ଚିତ୍ରାଙ୍କନ ଓ ରଙ୍ଗଦେବା ପାଇଁ ରଙ୍ଗ ଖଡ଼ି ବା ରଙ୍ଗ ତୂଳୀ, କାଗଜ, ରଙ୍ଗୀନ ଚକ୍, ସ୍ଲେଟ୍ ଇତ୍ୟାଦି ଥିବା ଉଚିତ୍ । ମାଟି କାମ ପାଇଁ ମାଟି, ଅସ୍ଥାୟୀ ବେସିନ୍, ପ୍ଲାଷ୍ଟିକ୍ କନା, ଚାଲୁଣି, ଜାଲିଚଟ୍ଟ, ଗିଲାସ୍, ଗାଙ୍ଗୁଲା ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରିବା ଉଚିତ୍ । ସିଲେଇ ପାଇଁ ମୁଣ୍ଡା ଛୁଞ୍ଚି, ରଙ୍ଗୀନ ସୂତା, ଝୋଟ ବ୍ୟାଗ, ସୂତା, କନା, ପ୍ଲାଷ୍ଟିକ୍ ଜାଲ ଇତ୍ୟାଦି ଉପଲବ୍ଧ ହେବା ଦରକାର । ମଧ୍ୟମ ଓ ବଡ଼ ଆକାରର ମାକ୍ସ ତିନୋଟି ମୌଳିକ ରଙ୍ଗରେ ଉପଲବ୍ଧ ହେବା ଉଚିତ୍ – ଲାଲ, ନୀଳ, ହଳଦିଆ ମାକ୍ସ , ଥ୍ରେଡ଼ିଂ ପାଇଁ ପ୍ଲାଷ୍ଟିକ୍ ସୂତା ଏବଂ ମାକ୍ସ ରଖିବା ପାଇଁ ପାତ୍ର ଇତ୍ୟାଦି । କୋଲାଜ୍ କାମ କରିବା ପାଇଁ ଖଣ୍ଡ, କପଡ଼ା ଉଲ ଖଣ୍ଡ, ରଙ୍ଗୀନ ଓ ହାତ ତିଆରି କାଗଜ, ପର, ପତ୍ର, ବିହନ, କରତଗୁଣ୍ଡ, ଚିନାବାଦାମ ଚୋପା ଇତ୍ୟାଦି ବି ରଖାଯାଏ । ପିଲାଙ୍କ ପାଇଁ ଚିତ୍ର ପୁସ୍ତକ ତିଆରି କରିବା ପାଇଁ ପୁରୁଣା ପୁସ୍ତକ, ପତ୍ରିକା ଇତ୍ୟାଦିରୁ ମନୋନୀତ ଚିତ୍ରଗୁଡ଼ିକର ସବୁ ରଖାଯାଏ । କଳା,

ପିଲାମାନଙ୍କୁ ଢାଞ୍ଚା ନିର୍ମାଣ ସାଙ୍ଗକୁ କାରଣ ଓ ପ୍ରଭାବର ପରସ୍ପର ସମ୍ପର୍କ ପରି କୌଶଳ ଶିଖିବା ଏବଂ ଅଭ୍ୟାସ କରିବାରେ ସାହାଯ୍ୟ କରେ। ପିଲାମାନେ କ'ଣ ତିଆରି କରିବାକୁ ଚାହୁଁଛନ୍ତି ତାହାର ଏକ ମାନସିକ ଯୋଜନା କିମ୍ବା ଚିତ୍ର ପ୍ରସ୍ତୁତ କରି ବିଶ୍ଳେଷଣାତ୍ମକ ଚିନ୍ତାର କୌଶଳ ଅଭ୍ୟାସ କରିପାରିବେ।

(vii) ସଙ୍ଗୀତ ଏବଂ ଚଳପ୍ରଚଳ ହେବା କ୍ଷେତ୍ର: ଏହି କ୍ଷେତ୍ରରେ ହାରମୋନିୟମ, ଡଫଲି, ଢୋଲ, ବଂଶୀ, ମାଉଥ ଅର୍ଗାନ, ମଞ୍ଜିରା, ଘୁଙ୍ଗୁର ଏବଂ ଅନ୍ୟ କୌଣସି ସ୍ଥାନୀୟ କିମ୍ବା ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ବାଦ୍ୟଯନ୍ତ୍ର ଓ ସାମଗ୍ରୀ ରଖାଯିବ। ସଙ୍ଗୀତ ଏବଂ ଚଳପ୍ରଚଳ କ୍ଷେତ୍ର ସୂକ୍ଷ୍ମ ଏବଂ ସ୍ଥୂଳ ମାଂସପେଶୀୟ ଦକ୍ଷତା ବିକାଶ ସାଙ୍ଗକୁ ନିଜ ଭାବନାକୁ ପ୍ରକାଶ କରିବା ଏବଂ ପରସ୍ପର ସନ୍ତୁଳନ ଓ ସମନ୍ୱୟ ଶିଖିବା ଇତ୍ୟାଦିରେ ସାହାଯ୍ୟ କରେ। ଏହା ସ୍ମରଣଶକ୍ତି ଏବଂ ଜ୍ଞାନର ବିକାଶକୁ ତ୍ୱରାନ୍ୱିତ କରି ପିଲାର ଶିଖିବାର କ୍ଷମତାରେ ଉନ୍ନତି ଆଣିଥାଏ ।

(viii) ପାଠାଗାର ଏବଂ ପଠନ କ୍ଷେତ୍ର: ପଠନ ପ୍ରତି ଆଗ୍ରହ, ଭାଷା ଓ ଶବ୍ଦଭଣ୍ଡାର ବିକାଶ ପାଇଁ ପାଠାଗାର ଓ ସାକ୍ଷରତା କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ। ଏହା ଏପରି ଏକ ସ୍ଥାନ ଯାହାକୁ ପିଲାମାନେ ସ୍ୱାଧୀନ ଭାବରେ ବହି ଖୋଜିବା / ବାଛିବା ପାଇଁ ବ୍ୟବହାର କରିପାରିବେ। ଶିକ୍ଷକମାନେ ପିଲାମାନଙ୍କ ଆଗରେ ଉଚ୍ଚ ସ୍ୱରରେ ପଢ଼ିବା ଉଚିତ୍, ପିଲାମାନଙ୍କୁ ପୁସ୍ତକ ବିଷୟରେ ନିଜର ପ୍ରତିକ୍ରିୟା ଜଣାଇବାକୁ ଉତ୍ସାହିତ କରିବା ଉଚିତ୍। ଶିକ୍ଷକମାନେ ସେମାନଙ୍କ କଥା ଶୁଣନ୍ତୁ ଏବଂ ଅନ୍ୟମାନଙ୍କ କଥା ଶୁଣିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ। ସ୍ୱାଧୀନ ଭାବରେ ପଢ଼ିବା ପାଇଁ କିଛି ସମୟ ରଖନ୍ତୁ ଏବଂ ଏହା ପ୍ରଦର୍ଶନ କରନ୍ତୁ ଯେ ପଢ଼ିବା ଏକ ମଜାଦାର କାର୍ଯ୍ୟକଳାପ। ପାଠାଗାର ଏବଂ ସାକ୍ଷରତା କ୍ଷେତ୍ରରେ କାହାଣୀ କହିବା ଅଧିବେଶନ ପିଲାମାନଙ୍କୁ ପାଠକ ଏବଂ ଲେଖକ ହେବାରେ ସାହାଯ୍ୟ କରେ। କାହାଣୀ କହିବା ମାଧ୍ୟମରେ ଶ୍ରବଣ କୌଶଳର ବିକାଶ ପାଇଁ ଚିତ୍ର ପୁସ୍ତକ, କଣ୍ଠେଇ, ଗଛ କାର୍ଡ଼, ସାଉଣ୍ଡ ବକ୍ସ ଇତ୍ୟାଦି ଉପଯୋଗୀ ଜିନିଷ ଏହି କ୍ଷେତ୍ରରେ ରଖିବା ଉଚିତ୍ । ଶବ୍ଦଭଣ୍ଡାର ନିର୍ମାଣ ଏବଂ ମୌଖିକ ଅଭିବ୍ୟକ୍ତି ପାଇଁ ବାର୍ତ୍ତାଳାପ ଚାର୍ଟ, ଚିତ୍ର, ଫ୍ଲାସ୍ କାର୍ଡ଼, ଚିତ୍ର ପୁସ୍ତକ, କବିତା ଏବଂ କାହାଣୀ ସଂଗ୍ରହ ଭଳି ସାମଗ୍ରୀ ଅତ୍ୟନ୍ତ ଉପଯୋଗୀ। ଶିକ୍ଷକ ଏହି ଉପକରଣ ବା ସାମଗ୍ରୀ ପ୍ରସ୍ତୁତ କରି ବ୍ୟବହାର ପାଇଁ ରଖିପାରିବେ। ପ୍ରାରମ୍ଭିକ ପଠନର ବିକାଶ ପାଇଁ, ଶ୍ରବଣ ଏବଂ ଦୃଶ୍ୟ କାର୍ଡ଼ ପାଇଁ ଶ୍ରାବ୍ୟ-ଦୃଶ୍ୟ ସର୍ମ୍ପକୀତ କାର୍ଡ଼, ଚିତ୍ର କାର୍ଡ଼ / ଷ୍ଟ୍ରିପ୍ /ଚାର୍ଟ ତିଆରି କରି ରଖାଯାଇପାରିବ। ପ୍ରାରମ୍ଭିକ ଲିଖନ ପାଇଁ ସ୍ଲେଟ୍, ରଂଗୀନ ଚକ୍‌ଖଡ଼ି, କଳା ବା ସବୁଜ ବୋର୍ଡ଼, ଡ୍ରଇଂ କାଗଜ, ଷ୍ଟେନସିଲ ଇତ୍ୟାଦି ଉପଯୋଗୀ। ଲୋକକାହାଣୀ, ମଜାଦାର ପୁସ୍ତକ, ତଥ୍ୟମୂଳକ ପୁସ୍ତକ, ସୂଚନାମୂଳକ ପୁସ୍ତକ ଭଳି ବିଭିନ୍ନ କାହାଣୀ ପୁସ୍ତକ ମଧ୍ୟ ଅତ୍ୟନ୍ତ ଉପଯୋଗୀ।

ଟିପ୍ପଣୀ: କାର୍ଯ୍ୟକଳାପ କ୍ଷେତ୍ରରେ ସାମଗ୍ରୀ ବ୍ୟତୀତ ପ୍ରତ୍ୟେକ ଶ୍ରେଣୀଗୃହରେ ଏକ ଦର୍ପଣ, ଘଣ୍ଟା, ଜୋତା ଓ ଡଷ୍ଟବିନ୍ ରଖିବା ପାଇଁ ଅଲଗା ସ୍ଥାନ ରହିବା ଉଚିତ।

(ix) ପ୍ରଯୁକ୍ତିବିଦ୍ୟା (Technology):

କୌଣସି ବିଷୟରେ ଧାରଣା ଦେବା ସମୟରେ ପିଲାଙ୍କ ଶିକ୍ଷଣକୁ ବିସ୍ତୃତି କରିବା, ଶବ୍ଦଭଣ୍ଡାର ନିର୍ମାଣ, ମାଂସପେଶୀୟ ଗତିବିଧିର ନିୟନ୍ତ୍ରଣ ଇତ୍ୟାଦି ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇପାରେ। ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ଉପଯୋଗୀ ହୋଇପାରେ ।

ସତର୍କତା: ବୈଷୟିକ ଜ୍ଞାନକୌଶଳ ପିଲାଙ୍କ ଖେଳ ଓ ଅନୁସନ୍ଧାନ, ଶାରୀରିକ କାର୍ଯ୍ୟକଳାପ ଏବଂ ସାମାଜିକ ସଂପର୍କର ସ୍ଥାନ ନେବା ଉଚିତ ନୁହେଁ।

ଟିପ୍ପଣୀ: ଭାରତରେ ବିକଶିତ 'ପ୍ରଜ୍ଞାତା ଗାଇଡ୍‌ଲାଇନ୍' (NCERT ଓ MoE) ଅନୁଯାୟୀ ପ୍ରାକ୍ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍‌ଲାଇନ୍ କ୍ଲାସ୍ ୩୦ ମିନିଟ୍‌ରୁ ଅଧିକ ସମୟ ପାଇଁ ହେବା ଅନୁଚିତ। ତେବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ୩୦-୪୫ ମିନିଟ୍ ପର୍ଯ୍ୟନ୍ତ ଦୁଇଟି ଅନ୍‌ଲାଇନ୍ ଅଧିବେଶନ ଅନୁଷ୍ଠିତ ହୋଇପାରିବ।

ଦକ୍ଷତା ବୃଦ୍ଧି ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇପାରିବ। ନିଷ୍ଠା (ନ୍ୟାସନାଲ ଇନିସିଏଟିଭ୍ ଫର୍ ସ୍କୁଲ ହେଡ୍‌ସ ଆଣ୍ଡ ଟିଚର୍ସ ହୋଲିଷ୍ଟିକ୍ ଆଡ୍‌ଭାନ୍‌ସମେଣ୍ଟ୍)ର ଲକ୍ଷ୍ୟ ହେଉଛି ପିଲାଙ୍କ ଶିକ୍ଷଣ ଫଳାଫଳକୁ ଅଭିବୃଦ୍ଧି କରିବା। ଏହା ଅନ୍‌ଲାଇନ୍ ମାଧ୍ୟମରେ ପ୍ରଦାନ କରାଯାଉଥିବା ଏକ ଡିଜିଟାଲ ସକ୍ଷମ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ। ଶିକ୍ଷକମାନେ ମଧ୍ୟ 'ଦିକ୍ଷା' (ଜ୍ଞାନ ବାଣ୍ଟିବା ପାଇଁ ଡିଜିଟାଲ ଭିତ୍ତିଭୂମି) ପ୍ଲାଟଫର୍ମରେ ସ୍ୱପ୍ରସ୍ତୁତ ବିଷୟବସ୍ତୁ ଅପଲୋଡ୍ କରିପାରିବେ।

କ'ଣ କରିବା

- ଶ୍ରେଣୀଗୃହ ମଧ୍ୟରେ ଅନ୍ୟାନ୍ୟ ଶିକ୍ଷଣ କିମ୍ବା କାର୍ଯ୍ୟକଳାପ କ୍ଷେତ୍ର ସାଙ୍ଗକୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ପ୍ରଦାନ କରନ୍ତୁ ।
- ଉପକରଣ ଗୁଡ଼ିକର ବ୍ୟବହାର ଏବଂ ରକ୍ଷଣାବେକ୍ଷଣ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରନ୍ତୁ ।
- ପିଲାମାନଙ୍କ ପାଇଁ ଆପ୍ଲିକେସନ୍ ଏବଂ ଖେଳଗୁଡ଼ିକ ସନ୍ଧାନ କରନ୍ତୁ ଯାହା ଇଣ୍ଟରଆକ୍ଟିଭ୍, ବୟସ-ଉପଯୁକ୍ତ ଏବଂ ପିତାମାତା ଅଂଶଗ୍ରହଣକୁ ଉତ୍ସାହିତ କରେ ।
- ପାଠ୍ୟକ୍ରମ ବିଷୟବସ୍ତୁ ଏବଂ ଅନ୍ୟାନ୍ୟ ଖେଳ କାର୍ଯ୍ୟକଳାପକୁ ସମୃଦ୍ଧ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରନ୍ତୁ ।
- ଉପଯୁକ୍ତ ଆଚରଣ ସମ୍ବନ୍ଧରେ ମୌଳିକ ନିୟମ ତିଆରି କରନ୍ତୁ ।
- ଅନୁପଯୁକ୍ତ ସଫ୍ଟୱେୟାର୍ ବ୍ୟବହାରରୁ ପିଲାମାନଙ୍କୁ ସୁରକ୍ଷିତ ରଖନ୍ତୁ ।

କ'ଣ କରିବା

- ପ୍ରଯୁକ୍ତିବିଦ୍ୟା ବ୍ୟବହାର ଯୋଗୁଁ ବ୍ୟକ୍ତିଗତ ବାର୍ତ୍ତାଳାପ ବାଧିତ ହେବା ଉଚିତ୍ ନୁହେଁ ।
- ସକାରାତ୍ମକ ଆଚରଣର ପୁରସ୍କାର ସ୍ୱରୂପ କମ୍ପ୍ୟୁଟର କିମ୍ବା ଫୋନ ଖେଳ ପାଇଁ ସମୟ ଦିଅନ୍ତୁ ନାହିଁ ।
- ପ୍ରଯୁକ୍ତିବିଦ୍ୟା ପାଇଁ ମୌଳିକ କଳା ସାମଗ୍ରୀ, ଚକଟା ଅଟା, ବହି, ବାସ୍ତବ ବସ୍ତୁ ଏବଂ ବ୍ୟକ୍ତିଗତ ଅନୁଭୂତିକୁ ତ୍ୟାଗ କରନ୍ତୁ ନାହିଁ ।

ଏହି ଜ୍ଞାନକୌଶଳ ରେଡ଼ିଓ, ଟିଭି, ପ୍ଲାଟଫର୍ମ ଭଳି ପ୍ରସାରଣ ଗଣମାଧ୍ୟମରେ ବ୍ୟବହାର କରିବା ସହିତ ଅନ୍ୟାନ୍ୟ ମାଧ୍ୟମରେ ବାର୍ତ୍ତା ଦେଇ ସମ୍ବେଦନଶୀଳ ଅଭିଭାବକଙ୍କୁ ଉତ୍ସାହିତ କରିବାରେ ବିଦ୍ୟାଳୟଗୁଡ଼ିକୁ ସାହାଯ୍ୟ କରିପାରିବ ।

(ଖ) ଶ୍ରେଣୀଗୃହରେ ଛାପାଲେଖା ସମୃଦ୍ଧ ପରିବେଶ

ଛାପାଲେଖା ସମୃଦ୍ଧ ପରିବେଶ ହେଉଛି ଏପରି ଏକ ପରିବେଶ ଯେଉଁଥିରେ ପିଲାମାନେ ଅନେକ ପ୍ରକାରର ମୁଦ୍ରଣ ସହିତ ବାର୍ତ୍ତାଳାପ କରନ୍ତି । ଏହା ପଢ଼ିବା ପାଇଁ ଆବଶ୍ୟକ ଦକ୍ଷତା ହାସଲ କରିବାରେ ସାହାଯ୍ୟ କରେ । ଜଣେ ଶିକ୍ଷକ କୋଠରୀର ବସ୍ତୁ ଅଞ୍ଚଳକୁ ଲିଖିତ ଆକାରରେ ଚିହ୍ନିତ କରିବା, ଆସବାବପତ୍ର ଏବଂ କବାଟ ଚିହ୍ନିତ କରିବା, ପୋଷ୍ଟର, କ୍ୟାଲେଣ୍ଡର, ଶବ୍ଦ ଏବଂ ସଂଖ୍ୟା ପ୍ରଦର୍ଶନ କରୁଥିବା ବୋର୍ଡ଼ ଇତ୍ୟାଦି ଚିହ୍ନିତ କରିବା ଉଚିତ୍ ।

ଶ୍ରେଣୀରେ ପ୍ରଦର୍ଶନ କରନ୍ତୁ

ଡିସ୍‌ପ୍ଲେ ବୋର୍ଡ଼ଗୁଡ଼ିକ ପିଲାଙ୍କ ଶିକ୍ଷଣରେ ସାହାଯ୍ୟ କରିଥାଏ। ଶିଶୁବାଟିକାରେ ପିଲାମାନେ ଦେଖିବା ଏବଂ ଶିଖିବା ପାଇଁ ପ୍ରାସଙ୍ଗିକ ଚିତ୍ର ପ୍ରଦର୍ଶନ କରିବାକୁ ଶିକ୍ଷକମାନେ ଡିସ୍‌ପ୍ଲେ ବୋର୍ଡ଼ ବ୍ୟବହାର କରନ୍ତି। ଡିସ୍‌ପ୍ଲେ ବୋର୍ଡ଼ରେ ପିଲାଙ୍କ କାମର ନମୁନା ପ୍ରଦର୍ଶିତ ହୁଏ। ପିଲାଙ୍କ ଆଖି ସ୍ତରରେ କାନ୍ଥରେ ଚାର୍ଟ ଟାଙ୍ଗିବା ଆବଶ୍ୟକ। ଶ୍ରେଣୀଗୃହ ଉପକରଣ, କାର୍ଯ୍ୟକଳାପ କ୍ଷେତ୍ରରେ ସାମଗ୍ରୀର ପରିବେଶକୁ ସମୃଦ୍ଧ, ରଙ୍ଗୀନ ଏବଂ ଏକ ଆନନ୍ଦଦାୟକ ସ୍ଥାନରେ ପରିଣତ କରିବା ଉଚିତ୍।

ପିଲାଙ୍କ କାର୍ଯ୍ୟ ପ୍ରଦର୍ଶନ କରିବା ସମୟରେ ନିମ୍ନଲିଖିତ ବିଷୟଗୁଡ଼ିକୁ ମନେରଖିବା ଆବଶ୍ୟକ:

- ପିଲାଙ୍କ ଆଖି ସ୍ତରରେ ଡିସପ୍ଲେ ରହିବା ଉଚିତ ଯାହାଦ୍ୱାରା ସେମାନେ ସେଗୁଡ଼ିକୁ ସହଜରେ ଦେଖିପାରିବେ।
- ପିଲାମାନଙ୍କର ଉଭୟ ଆରମ୍ଭ ଏବଂ ଶେଷ କାର୍ଯ୍ୟର ନମୁନା ପ୍ରଦର୍ଶନ କରାଯିବା ଉଚିତ ଯାହାଦ୍ୱାରା ପିଲାଙ୍କର ଶିଖିବାର ପ୍ରକ୍ରିୟାକୁ ଗୁରୁତ୍ୱ ଦିଆଯାଇଥାଏ।
- ଡିସପ୍ଲେଗୁଡ଼ିକ ନିୟମିତ ଭାବରେ ପରିବର୍ତ୍ତନ କରିବା ଉଚିତ୍। ଏହା ପିଲାମାନଙ୍କୁ ବିଷୟ/ବିଷୟବସ୍ତୁ/ପ୍ରକଳ୍ପ ପ୍ରତି ଉତ୍ସୁକ ଓ ଆଗ୍ରହୀ କରିଥାଏ।



ଚାର୍ଟ

(i) ପାଣିପାଗ ଚାର୍ଟ: ଦୈନିକ କିମ୍ବା ସାପ୍ତାହିକ ପାଣିପାଗ ଚାର୍ଟ ସହିତ ପାଣିପାଗ ବିଷୟରେ ଦୈନିକ ସୂଚନା ଶ୍ରେଣୀରେ ପ୍ରଦର୍ଶିତ ହୋଇପାରିବ। ମୌଳିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ପାଇଁ ଦିନର ପାଣିପାଗକୁ ଚିତ୍ର ଏବଂ ମୁଦ୍ରଣ ମାଧ୍ୟମରେ ସୂଚିତ କରାଯାଇପାରେ।

(ii) ନିୟମ ଚାର୍ଟ: ସକାରାତ୍ମକ ଶିକ୍ଷଣ ଅଭ୍ୟାସ ଆଧାରିତ ଚାର୍ଟ ପ୍ରଦର୍ଶନ କରିବା ଗୁରୁତ୍ୱପୂର୍ଣ୍ଣ;

ଉଦାହରଣ ସ୍ୱରୂପ ଶ୍ରେଣୀଗୃହକୁ ସଫା ରଖ, ନିଜ ପାଳିକୁ ଅପେକ୍ଷା କରିବା ପରସ୍ପରକୁ ଭଲ ପାଅ, ଧନ୍ୟବାଦ କୁହ, ଅନ୍ୟମାନଙ୍କ କଥା ଶୁଣ ଇତ୍ୟାଦି। ଏହି ଚାର୍ଟଗୁଡ଼ିକ ସ୍ଥାୟୀ ଭାବରେ ରଖିବା ଆବଶ୍ୟକ। ଏଗୁଡ଼ିକ କେବଳ ଶିକ୍ଷାର କ୍ରମ ନୁହେଁ, ବରଂ ଚିତ୍ର ଏବଂ କାହାଣୀ ମାଧ୍ୟମରେ ସୃଜନଶୀଳ ଭାବରେ ପ୍ରକାଶ କରାଯିବା ଉଚିତ୍।

ଶ୍ରେଣୀ ପାଇଁ ନିୟମ

- ଶ୍ରେଣୀଗୃହକୁ ପରିଷ୍କାର ରଖନ୍ତୁ
- ସୁରକ୍ଷିତ ଭାବରେ ଖେଳନ୍ତୁ
- ଅନ୍ୟମାନଙ୍କ ସହ ଭଲ ବ୍ୟବହାର କରନ୍ତୁ
- ଶିକ୍ଷକଙ୍କ କଥା ଶୁଣନ୍ତୁ

(iii) ଦୈନିକ ରୁଟିନ୍ ଚାର୍ଟ: ଏହି ବୟସର ପିଲାମାନେ ସଂଗଠନ ଏବଂ କ୍ରମକୁ ଭଲପାଉଥିବାରୁ

ଦୈନିକ ରୁଟିନ୍ ଚାର୍ଟ ସ୍ପଷ୍ଟ ଭାବରେ ଏବଂ ପିଲାଙ୍କ ଆଖି ସ୍ତରରେ ପ୍ରଦର୍ଶିତ ହେବା ଜରୁରୀ। ଏଥିରେ ଶିକ୍ଷକ ଓ ପିଲାଙ୍କୁ ମାର୍ଗଦର୍ଶନ ମିଳିଥାଏ।

(iv) ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ଚାର୍ଟ: ବିଶେଷ କରି 'ଥିମ୍ ବୋର୍ଡ଼' ପାଇଁ ଶିକ୍ଷକ ଓ ଶିଶୁ ଏକାଠି ମିଶି ଚାର୍ଟ ପ୍ରସ୍ତୁତ କରିପାରିବେ। ଏକାଠି ଥିମ୍ ଚାର୍ଟ ତିଆରି କଲେ ତାହା ପିଲାମାନଙ୍କୁ ଦିଆଯାଇଥିବା ବିଷୟବସ୍ତୁ ଉପରେ ଆଲୋଚନା କରିବାରେ ସାହାଯ୍ୟ କରେ ଏବଂ ଏହି ଚାର୍ଟଗୁଡ଼ିକ ଉତ୍ତମ ଅଭ୍ୟାସ ଶିଖିବା କିମ୍ବା ପରିବହନ, ଜଳ, ପକ୍ଷୀ ଇତ୍ୟାଦି କୌଣସି ଦ୍ୱିତୀୟ ବସ୍ତୁ ସହିତ ସମ୍ବନ୍ଧିତ ହୋଇପାରେ। ସେମାନଙ୍କ ଶ୍ରେଣୀ ପାଇଁ ପ୍ରଦର୍ଶନ ଚାର୍ଟ ପ୍ରସ୍ତୁତ କରିବା ଦ୍ୱାରା ପିଲାମାନଙ୍କ ମଧ୍ୟରେ ନିଜସ୍ୱବୋଧ ଏବଂ ଦାୟିତ୍ୱ ସମ୍ପନ୍ନତା ବିକଶିତ ହୁଏ।

ଦୈନିକ ରୁଟିନ୍ ଚାର୍ଟ

କାର୍ଯ୍ୟକଳାପ

ସ୍ୱାଗତ

ପ୍ରାର୍ଥନା

ମୁକ୍ତ ଆଲୋଚନା

ବାହାର ଖେଳ

ଭୋଜନ ସମୟ

ଶ୍ରେଣୀ ଗୃହ ଭିତରେ ମୁକ୍ତଖେଳ

କାହାଣୀ ସମୟ

ବିଦାୟ

ପରିବେଶ

ଶିଶୁବାଟିକାର ବାହ୍ୟ ପରିବେଶ ସୁରକ୍ଷିତ ରହିବା ଆବଶ୍ୟକ ଏବଂ ଉଭୟ ମୁକ୍ତ ଖେଳ ସଙ୍ଗଠିତ ଖେଳର ବ୍ୟବସ୍ଥା କରିବା ଆବଶ୍ୟକ। ସନ୍ତୁଳନ ରକ୍ଷା କରିବା, ସ୍ଲାଇଡ଼ିଂ, ଘୂରିବା, ଝୁଲିବା, ଉଠାପକା ଖେଳ ଇତ୍ୟାଦି ଉପକରଣ ଭଳି ସ୍ୱଦେଶୀ ସାମଗ୍ରୀରୁ କିଣା ଯାଇଥିବା କିମ୍ବା ପ୍ରସ୍ତୁତ ଖେଳ ଉପକରଣ ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରାଯିବା ଦରକାର।

ଅଳ୍ପ ପିଲା ଆରାମରେ ଖେଳିବା ପାଇଁ ଏକ ବାଲି କୁଣ୍ଡ, ସାମଗ୍ରୀ ସହିତ ଏକ ପାଣି ଖେଳ ପାଇଁ କୁଣ୍ଡ ଏବଂ ଅନ୍ୟ ଯୋଜନାବଦ୍ଧ ଏବଂ ମୁକ୍ତ ଖେଳ କାର୍ଯ୍ୟକଳାପ ପାଇଁ କିଛି ମୁକ୍ତ ସ୍ଥାନ ବାହାର ପରିବେଶରେ ସ୍ଥାନ ପାଇବା ଆବଶ୍ୟକ। ଯଦି ଜାଗା ଥାଏ, ତେବେ ଏକ ବଗିଚାର ବ୍ୟବସ୍ଥା ହୋଇପାରିବ, ଯାହାକୁ ପିଲାମାନେ ବ୍ୟବହାର କରିପାରିବେ। ମାଟି କାମ ପାଇଁ ମଧ୍ୟ ଛୋଟ ସ୍ଥାନ ନିରୂପଣ କରାଯାଇପାରିବ । ଶିକ୍ଷକମାନେ ପିଲାମାନଙ୍କୁ ଉଭୟ ଶ୍ରେଣୀ ଭିତର ଏବଂ ବାହାର ବ୍ୟବହାର ପାଇଁ ବହୁତ ପ୍ରକାର ସାମଗ୍ରୀ ଏବଂ ଉପକରଣ ଯୋଗାଇ ଦେବା ଆବଶ୍ୟକ

ବାହାର ଖେଳ ସାମଗ୍ରୀ:

- ବିଭିନ୍ନ ଅନୁଭୂତି ପ୍ରଦାନ କରିବା ପାଇଁ ବଜାରରେ ଉପଲବ୍ଧ ଉପକରଣ କିମ୍ବା ଆମ ପରିବେଶରୁ ତିଆରି ହୋଇଥିବା, ଚଢ଼ିବା, ଡେଇଁବା, ସନ୍ତୁଳନ ରକ୍ଷାକରିବା, ଦୋଳି ଝୁଲିବା, ସାଇକେଲ ଚଲାଇବା, ଜଙ୍ଗଲ ଜିମ୍, ତିନିଚକିଆ ସାଇକେଲ, ରକିଂ ବୋଟ୍, ସପୋର୍ଟ ସହିତ ଦୁଇ ଚକିଆ ଶିଶୁ ସାଇକେଲ, ସ୍କୁଟର, ଖେଳନା କାର୍, ଫ୍ରେମ ସହିତ ପଟା ତ୍ରିକୋଣୀୟ ସେଟ୍ ଇତ୍ୟାଦିର ବ୍ୟବହାର କରିବ।

- ରବର ବଲ୍ (ବଡ଼, ମଧ୍ୟମ, ଛୋଟ) ଏବଂ ପୁରୁଣା ଟାୟାର ଫିଙ୍ଗିବା, ବୁଲାଇବା, ଧରିବା ଏବଂ ଗୋଡ଼ରେ ମାରିବା ପାଇଁ ବିବିଧ ଉପକରଣ
- ଟ୍ରେ, ବାଟି, ପ୍ଲାଷ୍ଟିକ ଚା ଛଣା, ପ୍ଲାଷ୍ଟିକ ମଗ ଭଳି ବିଭିନ୍ନ ପ୍ରକାର କଣ୍ଟେନର ସହିତ ବାଲିପିଟ୍, ଗିନା, ବାଲୁକା ଖେଳ ପାଇଁ ବିଭିନ୍ନ ଢାଞ୍ଚା ଇତ୍ୟାଦି
- ପାଣି ଖେଳିବା ପାଇଁ ପାଣିକୁଣ୍ଡ କିମ୍ବା ଏକ ବଡ଼ ଟବ୍, ଏକ ଛୋଟ ବାଲଟି, ମଗ ଏବଂ ବିଭିନ୍ନ ଆକାରର ଗିନା, ରବର, ବତକ, ଡଙ୍ଗା ଇତ୍ୟାଦି ଭଳି ଭାସୁଥିବା ଖେଳନା
- ବଗିଚା କାର୍ଯ୍ୟ ପାଇଁ ପାଣି ଦିଆଝରା ବା କ୍ୟାନ୍
- ଟାଣି ବା ଧକ୍କା ମାରି ଚଳାଇବା ଗାଡ଼ି
- ଗୁରୁଣ୍ଡି ଗୁରୁଣ୍ଡି ପାରି ହେବା ପାଇଁ ମାଟିରେ କଂକ୍ରିଟ୍ ସାହାଯ୍ୟରେ ଯୋଡ଼ା ହୋଇଥିବା ପାଖାପାଖି ୧ ଫୁଟ ଲମ୍ବର ବଡ଼ ପାଇପ୍

ଖେଳ ଉପକରଣ / ସାମଗ୍ରୀ

- ସୁରକ୍ଷିତ
- ଦୀର୍ଘସ୍ଥାୟୀ
- ସ୍ଥାନୀୟ ଭାବେ ମିଳୁଥିବ
- ଆକର୍ଷଣୀୟ ହୋଇଥିବ

ଖେଳ କାର୍ଯ୍ୟକଳାପ (କ୍ରୀଡ଼ା) ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ସହିତ ବୌଦ୍ଧିକ ବିକାଶ କରିବା ଏବଂ ସହଯୋଗ, ସ୍ୱ-ନିର୍ଦ୍ଦେଶ, ଆତ୍ମ-ଶୃଙ୍ଖଳା, ଦଳଗତ କାର୍ଯ୍ୟ, ଦାୟିତ୍ୱ, ନାଗରିକତାବୋଧ ଇତ୍ୟାଦି ଦକ୍ଷତା ବିକାଶ କରେ (ଏନଇପି ୨୦୨୦)। ବିଦ୍ୟାଳୟଗୁଡ଼ିକରେ ସଂପୃକ୍ତ ଅଞ୍ଚଳର ପାରମ୍ପରିକ/ଆଞ୍ଚଳିକ କ୍ରୀଡ଼ା ଏବଂ ସ୍ୱଳ୍প ମୂଲ୍ୟର କ୍ରୀଡ଼ା ଉପକରଣ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ। ଖେଳ କାର୍ଯ୍ୟକଳାପ/କ୍ରୀଡ଼ା ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମ, ବିବିଧ କାର୍ଯ୍ୟକ୍ରମ ଆୟୋଜନ, ବିଦ୍ୟାଳୟ ବାହାରେ ଥିବା କୌଣସି ସ୍ଥାନକୁ ଭ୍ରମଣ ବା ବଣଭୋଜି ଇତ୍ୟାଦିର ସୁଯୋଗ ଦେବାର ଆବଶ୍ୟକତା ରହିଛି।

ଶ୍ରେଣୀଗୃହ କାର୍ଯ୍ୟର ଯୋଜନା ପ୍ରସ୍ତୁତ ଓ ତାହାର କାର୍ଯ୍ୟକାରୀତା

ଖେଳ ଏବଂ ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପଦ୍ଧତି କାର୍ଯ୍ୟକାରୀ କରିବା ପାଇଁ ଯୋଜନା କରିବା ଆବଶ୍ୟକ। ଶିକ୍ଷକମାନେ ପ୍ରଥମେ ପୂରା ଶିକ୍ଷାବର୍ଷ ପାଇଁ ବିଭିନ୍ନ କାର୍ଯ୍ୟର ଯୋଜନା କରିବେ। ତା'ପରେ ବାର୍ଷିକ ଯୋଜନା ଆଧାରରେ ମାସିକ, ସାପ୍ତାହିକ ଓ ଦୈନନ୍ଦିନ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଦରକାର।

ଉତ୍ତମ ଯୋଜନା ପାଇଁ ନିମ୍ନଲିଖିତ ଦିଗ ପ୍ରତି ଦୃଷ୍ଟି ଦେବେ ।

- ପାଠ୍ୟକ୍ରମ ମାଧ୍ୟମରେ ହାସଲ କରିବାକୁ ଥିବା ଲକ୍ଷ୍ୟ, ଦକ୍ଷତା ଏବଂ ଶିକ୍ଷଣ ଫଳାଫଳ
- ଯେଉଁ ପିଲାଙ୍କ ପାଇଁ ଯୋଜନା ପ୍ରସ୍ତୁତ ହେଉଛି ସେମାନଙ୍କର ପୂର୍ବ ଅଭିଜ୍ଞତା କ'ଣ ବା କେତେ ଅଛି
- ଉପଲବ୍ଧ ଶିକ୍ଷଣ – ଶିକ୍ଷାଦାନ ସାମଗ୍ରୀ ଏବଂ ବ୍ୟବହାର ହେବାକୁ ଥିବା ବିଷୟବସ୍ତୁ

- ଶିକ୍ଷଣ କାର୍ଯ୍ୟର – ଉଦ୍ଦେଶ୍ୟ ହାସଲ ପାଇଁ ଶିକ୍ଷକ-ନିର୍ଦ୍ଦେଶିତ, ଶିକ୍ଷକଙ୍କ ମାର୍ଗଦର୍ଶନ ସମ୍ବଳିତ ଏବଂ/କିମ୍ବା ପିଲାଙ୍କ ନେତୃତ୍ୱାଧୀନ କାର୍ଯ୍ୟ
- କାର୍ଯ୍ୟର ଅବଧି ଏବଂ କ୍ରମ
- କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ସାମଗ୍ରୀ
- ଶ୍ରେଣୀଗୃହ ବ୍ୟବସ୍ଥା ଯଥା, ବସିବା, ପ୍ରଦର୍ଶନ ଓ ସାମଗ୍ରୀର ବ୍ୟବସ୍ଥା ଇତ୍ୟାଦି
- ଅତିରିକ୍ତ ସାହାଯ୍ୟ ଆବଶ୍ୟକ କରୁଥିବା ପିଲାମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କୌଶଳ
- ମୂଲ୍ୟାୟନ ପଦ୍ଧତି

ନିମ୍ନଲିଖିତ ଦିଗକୁ ଦୃଷ୍ଟିରେ ରଖି ଶିଶୁବାଟିକା କାର୍ଯ୍ୟକ୍ରମର ଯୋଜନା କରାଯିବାର ଆବଶ୍ୟକତା ରହିଛି:

- ସ୍ଥାନୀୟ ପରିପ୍ରେକ୍ଷୀ
- ସାମାଜିକ-ସାଂସ୍କୃତିକ ପରିବେଶ ଏବଂ ଅଭ୍ୟାସ
- ଭିତ୍ତିଭୂମି ଏବଂ ଉପଲବ୍ଧ ସାମଗ୍ରୀ
- ପିଲାଙ୍କର ଆବଶ୍ୟକତା

ଯୋଜନାରେ ବୟସ ଚୟନ ଏବଂ ବିକାଶମୂଳକ ଉପଯୁକ୍ତ ଶିକ୍ଷା, ବ୍ୟବହୃତ ହେବାକୁ ଥିବା ସମ୍ବଳ, ସଂପାଦିତ ହେବାକୁ ଥିବା ଅନ୍ତର୍ନିହିତ ଆକଳନ ଇତ୍ୟାଦି ଅନ୍ତର୍ଭୁକ୍ତ। ଏଥିରେ ପିଲାମାନଙ୍କ ପାଇଁ ସହାୟତା କାର୍ଯ୍ୟ, ଘର ପାଇଁ ସଂପ୍ରସାରିତ କାର୍ଯ୍ୟ, କ'ଣ ପଢ଼ାଯାଉଛି କିମ୍ବା କ'ଣ ଶିଖାଯିବାର ଆବଶ୍ୟକତା ରହିଛି ତାହା ସହିତ ପ୍ରାସଙ୍ଗିକ ପ୍ରଦର୍ଶନ ମଧ୍ୟ ଅନ୍ତର୍ଭୁକ୍ତ। ପ୍ରଦାନ କରାଯାଉଥିବା କାର୍ଯ୍ୟ ଏବଂ ଶିକ୍ଷଣ ଅଭିଜ୍ଞତାର କ୍ରମ ଏନସିଏଫ୍-ଏଫଏସ ୨୦୨୨ରେ ଦର୍ଶାଯାଇଥିବା ପ୍ରତ୍ୟେକ ଦକ୍ଷତା ପାଇଁ ଆଶାନୁରୂପ ଶିକ୍ଷଣ ଫଳାଫଳ ଅନୁଯାୟୀ ହେବା ଉଚିତ୍।

ପିଲାଟି ଶିଶୁବାଟିକା ପାଇଁ ପ୍ରସ୍ତୁତ ଥିବା ବେଳେ:

(i) ପରିବାରଠାରୁ ଅଲଗା ରହିବାର ଉଦ୍‌ବିଗ୍ନତାର ମୁକାବିଲା କରିବାର ସକ୍ଷମ ହୁଅନ୍ତି

(ii) କିଛି ମୌଖିକ ଦକ୍ଷତା ବିକଶିତ କରନ୍ତି

(iii) ଶୌଚାଳୟ ବ୍ୟବହାର ଶିଖନ୍ତି

(iv) ନିଜର ମୌଳିକ ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇ ପାରନ୍ତି।

ଶିଶୁବାଟିକାର ଅବଧି: ଶିଶୁବାଟିକା-୩ୀ ଶ୍ରେଣୀର କାର୍ଯ୍ୟ ସକାଳ ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚାଲିବ ।

ଏହି କାର୍ଯ୍ୟକ୍ରମରେ ଦିନରେ କିଛି ବିଶ୍ରାମ ସମୟ ମଧ୍ୟ ପ୍ରଦାନ କରାଯିବା ଉଚିତ୍।

ଶିକ୍ଷୟିତ୍ରୀ ପିଲାଙ୍କ ଅପେକ୍ଷା ଶୀଘ୍ର ଆସି ସେମାନଙ୍କ ପରେ ଫେରିବା ଉଚିତ, ଯାହାଦ୍ୱାରା ସେ ପରଦିନ ପାଇଁ ପ୍ରସ୍ତୁତି କରିପାରିବେ।

ପିଲାମାନେ ସପ୍ତାହରେ ଛଅ ଦିନ ଅର୍ଥାତ୍ ସୋମବାରରୁ ଶନିବାର ପର୍ଯ୍ୟନ୍ତ ଶିଶୁବାଟିକାରେ ଯୋଗ ଦେଇପାରିବେ। ବାଲ୍‌ବାଟିକା କାର୍ଯ୍ୟକ୍ରମ ମୂଲ୍ୟାୟନ, ଆସନ୍ତା ସପ୍ତାହର କାର୍ଯ୍ୟକ୍ରମର ଯୋଜନା, ଶିକ୍ଷଣ-ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତି, ଅଭିଭାବକଙ୍କ ଯୋଗାଯୋଗ, ରେକର୍ଡ଼ ରକ୍ଷଣାବେକ୍ଷଣ, ରେଜିଷ୍ଟର ଏବଂ ପୋର୍ଟଫୋଲିଓ ଇତ୍ୟାଦି ପାଇଁ ଶିକ୍ଷକମାନେ ଯୋଜନା ପ୍ରସ୍ତୁତ କରିବେ।

ଦୈନିକ କାର୍ଯ୍ୟସୂଚୀ

ପିଲାମାନେ ପ୍ରତିଦିନ ସକାଳ ୧୦ ରୁ ଅପରାହ୍ନ ୪ ପର୍ଯ୍ୟନ୍ତ ଶିଶୁ ବାଟିକା ଶ୍ରେଣୀରେ ରହିବେ । ଏହି ସମୟ ଅବଧିରେ ଗୋଲ ବୈଠକ, ମୁକ୍ତଖେଳ, ସଂଖ୍ୟା ଓ ପରିବେଶ ଜ୍ଞାନ,ଭାଷା ସାକ୍ଷରତା, କଳା ଓ ସୌନ୍ଦର୍ଯ୍ୟ ସମ୍ପର୍କିତ କାର୍ଯ୍ୟ କରାଯିବ । ଏହି ଶିକ୍ଷଣ କାର୍ଯ୍ୟ ଦ୍ୱାରା ପିଲାଙ୍କର ସାମଗ୍ରିକ ବିକାଶ ହେବ । ନିମ୍ନରେ ପ୍ରତିଦିନ ସମୟ ସାରଣୀର ନମୁନା ଦିଆଯାଇଛି । ଶିକ୍ଷକ ନିଜ ଆବଶ୍ୟକତା ଓ ପରିସ୍ଥିତି ଅନୁସାରେ ନିର୍ଦ୍ଦେଶିତ ସମୟ ସାରଣୀରେ ପରିବର୍ତ୍ତନ କରିପାରନ୍ତି ।

ଶିଶୁବାଟିକା ଶ୍ରେଣୀର ଦୈନିକ କାର୍ଯ୍ୟସୂଚୀ – (ସମୟ ସାରଣୀ)

ସମୟ	କାର୍ଯ୍ୟ	ବିକାଶର ଦିଗ
୧୦ – ୧୦.୩୦	**ପ୍ରାର୍ଥନା ସଭା**	
୧୦.୩୦ - ୧୧.୦୦ (ଶିକ୍ଷକଙ୍କ ଦ୍ୱାରା ପିଲାଙ୍କ ସହିତ ସାମୁହିକ ଆଲୋଚନା)	**ଗୋଲ ବୈଠକ** • ପିଲାମାନଙ୍କର ସ୍ୱାଗତ • ସକ୍ରିୟାତ୍ମକ କାର୍ଯ୍ୟ • ମୁକ୍ତ ବାର୍ତ୍ତାଳାପ- ପିଲାଙ୍କୁ କିଛି କିଛି କହିବାର ସୁଯୋଗ • ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାର ଯାଞ୍ଚ • କ୍ୟାଲେଣ୍ଡର କାର୍ଯ୍ୟ	ସାମାଜିକ, ଆବେଗିକ ଏବଂ ନୈତିକ ବିକାଶ
୧୧.୦୦- ୧୧.୧୫	**ସକାଳ ଜଳଖିଆ**	
୧୧.୧୫- ୧୧.୪୫ (ପିଲାଙ୍କ ଦ୍ୱାରା ଛୋଟ-ଛୋଟ ଦଳରେ କାର୍ଯ୍ୟ)	**ମୁକ୍ତ ଖେଳ** • ଶିଶୁମାନେ ସେମାନଙ୍କ ପସନ୍ଦର କୋଣକୁ ନିଜେ ଯାଇ ମୁକ୍ତ ଭାବରେ ଖେଳିବେ • ଖେଳି ସାରିବା ପରେ ଖେଳ ସାମଗ୍ରୀଗୁଡ଼ିକୁ ନିର୍ଦ୍ଧାରିତ ସ୍ଥାନରେ ରଖିବେ • ଖେଳରେ ପିଲାମାନଙ୍କର ଅଂଶଗ୍ରହଣ ଓ ଖେଳ ସାମଗ୍ରୀର ବ୍ୟବହାର ଶିକ୍ଷକ ପର୍ଯ୍ୟବେକ୍ଷଣ କରିବେ	ଶାରୀରିକ ବିକାଶ
୧୧.୪୫- ୧୨.୪୫ (ଶିକ୍ଷକ ନିର୍ଦ୍ଦେଶିତ କାର୍ଯ୍ୟ)	**ସଂଖ୍ୟା ଓ ପରିବେଶ ଜ୍ଞାନ** (କିଛି ଶିକ୍ଷଣ କାର୍ଯ୍ୟର ଉଦାହରଣ: ବଡ଼ ଓ ସାନ, ଲମ୍ବା ଓ ଛୋଟ, ଅଧିକ ଓ କମ୍ , ହାଲୁକା ଓ ଭାରି, ବର୍ଗୀକରଣ, ମେଳ କରିବା ଇତ୍ୟାଦି)	ବୌଦ୍ଧିକ ବିକାଶ

୧୨.୪୫-୧.୧୫ (ଶିକ୍ଷକ ନିର୍ଦ୍ଦେଶିତ କାର୍ଯ୍ୟ)	**କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ** (କିଛି ଶିକ୍ଷଣ କାର୍ଯ୍ୟର ଉଦାହରଣ: ମୁକ୍ତ ଭାବେ ଚିତ୍ର ଆଙ୍କିବା (କ୍ରେୟନ), ଆଙ୍ଗୁଠି ଛାପରେ ଚିତ୍ର କରିବା ଇତ୍ୟାଦି)	ଶାରୀରିକ
୧.୧୫ – ୨.୦୦	**ମଧ୍ୟାହ୍ନ ଭୋଜନ ବିରତି**	
୨.୦୦ – ୩.୦୦ (ଶିକ୍ଷକ ନିର୍ଦ୍ଦେଶିତ କାର୍ଯ୍ୟ)	**ଭାଷା ଓ ସାକ୍ଷରତା** (କିଛି ଶିକ୍ଷଣ କାର୍ଯ୍ୟର ଉଦାହରଣ: ଅଭିନୟ ଗୀତ, ଗଳ୍ପକଥନ, ପାରସ୍ପରିକ ଉଚ୍ଚପଠନ, ଧ୍ୱନି ସଚେତନତା, ପ୍ରାକ ଲିଖନ ଇତ୍ୟାଦି)	ଭାଷା ଓ ସାକ୍ଷରତା
୩.୦୦-୩.୩୦	**ଘର ବାହାର ଖେଳ** (କିଛି ଶିକ୍ଷଣ କାର୍ଯ୍ୟର ଉଦାହରଣ: ପିଲାମାନଙ୍କୁ ବାହାରକୁ ନେଇ ଖେଳିବା – ଯେପରି-ଦଉଡ଼, ଡିଆଁ, ଚଢ଼ିବା, ଇତ୍ୟାଦି) ଯଦି ବାହାରେ ଜାଗା ନାହିଁ, ତେବେ ଶ୍ରେଣୀ ପ୍ରକୋଷ୍ଠରେ ପିଲାଙ୍କୁ ଏପରି ଖେଳ ଖେଳାଇବା ଯେଉଁଥିରେ ପିଲାଙ୍କର ସ୍ଥୂଳ ମାଂସପେଶୀର ବିକାଶ ହେବ	ଶାରୀରିକ ବିକାଶ
୩.୩୦-୪.୦୦	**ବିଦାୟ** • ଶିକ୍ଷକ ସେ` ଦିନ କରାଯାଇଥିବା କାର୍ଯ୍ୟର ପୁନରାଲୋଚନା କରିବେ • ଶିକ୍ଷକ ଆଗାମୀ ଦିନର କାର୍ଯ୍ୟ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବେ • ଶିକ୍ଷକ ଶ୍ରେଣୀରେ କରାଯାଉଥିବା କାର୍ଯ୍ୟକୁ ଘରେ ଅଭିଭାବକଙ୍କୁ ଜଣାଇବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହିତ କରିବେ • ସର୍ବଶେଷରେ ସମସ୍ତେ ସେଥିପାଇଁ ଭଗବାନଙ୍କ ଠାରେ କୃତଜ୍ଞତା ନିବେଦନ	

ଦୈନିକ ସମୟ ସାରଣୀ

୩୦ ମିନିଟ୍

ଗୋଲ ବୈଠକ

ଶ୍ରେଣୀ ଆରମ୍ଭରେ ଶିକ୍ଷକ ଓ ପିଲାମାନେ ଗୋଲାକାରରେ ବସିବେ। ଶିକ୍ଷକ ପିଲାଙ୍କ ସହ କବିତା ଆବୃତ୍ତି, ମୁକ୍ତ ବାର୍ତ୍ତାଳାପ ,ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାର ଯାଞ୍ଚ ଓ କ୍ୟାଲେଣ୍ଡର ଇତ୍ୟାଦି କାର୍ଯ୍ୟ କରିବେ । ଏହାର ଉଦ୍ଦେଶ୍ୟ ହେଉଛି ପିଲାକୁ ସୁରକ୍ଷିତ ଅନୁଭବ କରେଇବା । ଏହାଦ୍ୱାରା ପିଲାମାନେ ପରସ୍ପରକୁ ଶୁଣିବା ଓ ସମ୍ମାନ ଦେବା ଶିଖନ୍ତି । ଏହି ସମୟରେ ଗୀତ,ଗପ ଓ ଆଲୋଚନା ମାଧ୍ୟମରେ ପିଲାଙ୍କର ଶବ୍ଦ ଭଣ୍ଡାରର ବିକାଶ ହୁଏ । ଏହାଦ୍ୱାରା ଏକ ସୁରକ୍ଷିତ ବାତାବରଣ ସୃଷ୍ଟି ଓ ପିଲାମାନେ ନିଜର ଭାବର ନିୟନ୍ତ୍ରଣ କରିପାରନ୍ତି । ଏହି ସମୟରେ ପିଲାମାନେ ବିଦ୍ୟାଳୟ ସମୟ ସାରଣୀ ସହିତ ଅଭ୍ୟସ୍ତ ହୋଇପାରନ୍ତି ।

ସର୍କଲ ସମୟ(ଗୋଲ ବୈଠକ)	ଶିକ୍ଷଣ କାର୍ଯ୍ୟ	ଶିକ୍ଷଣ ସାମଗ୍ରୀ
	• ସମୟ ନିର୍ଘଣ୍ଟ ସମ୍ବନ୍ଧିତ କାର୍ଯ୍ୟ (ଉପସ୍ଥାନ ଚାର୍ଟ ,କ୍ୟାଲେଣ୍ଡର କାର୍ଯ୍ୟ, କବିତା ଆବୃତ୍ତି) • ମୁକ୍ତ ଆଲୋଚନା • କବିତା ଆବୃତ୍ତି • ସାମାଜିକ , ଆବେଗିକ ଓ ନୈତିକ ବିକାଶ କାର୍ଯ୍ୟ • ପରିଷ୍କାର ଓ ପରିଚ୍ଛନ୍ନତା ଯାଞ୍ଚ • କ୍ୟାଲେଣ୍ଡର କାର୍ଯ୍ୟ	• ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ • କବିତା ପୋଷ୍ଟର

ଗୋଲ ବୈଠକ ଥିବା ୩୦ ମିନିଟ୍ କାର୍ଯ୍ୟର ବିବରଣୀ (ଗୋଟିଏ ନମୁନା)

ସର୍କଲ ସମୟରେ(ଗୋଲ ବୈଠକ)
ଥିବା ୩୦ ମିନିଟ୍

୧୫ ମିନିଟ୍	୧୫ ମିନିଟ୍
• ଉପସ୍ଥାନ ଚାର୍ଟକୁ ପୂରଣ କରିବା • ଆଜି କ'ଣ କରାଯିବ ? (ଶିକ୍ଷଣ କାର୍ଯ୍ୟ) • ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାର ଯାଞ୍ଚ	• ମୁକ୍ତ ବାର୍ତ୍ତାଳାପ • କବିତା ଆବୃତ୍ତି • ସାମାଜିକ ଓ ଅବେଗିକ ବିକାଶ ସମ୍ବନ୍ଧିତ କାର୍ଯ୍ୟ

ଶିକ୍ଷଣ କାର୍ଯ୍ୟ ୧-ଉପସ୍ଥାନ ଚାର୍ଟ ପୂରଣ କରିବା (୫ ମିନିଟ୍)

ଲକ୍ଷ୍ୟ :

ପରିବେଶ ସମ୍ପର୍କିତ କିଛି ଶବ୍ଦକୁ ଚିହ୍ନି ପଢିବା ପାଇଁ ଚେଷ୍ଟା କରିବା ।

ପ୍ରସ୍ତୁତି ଓ ଶିକ୍ଷଣ ସାମଗ୍ରୀ :

ପ୍ରଦତ୍ତ ଚିତ୍ର ଅନୁଯାୟୀ ଉପସ୍ଥାନ ଚାର୍ଟ ପ୍ରସ୍ତୁତ କରନ୍ତୁ ।

ପ୍ରକ୍ରିୟା :-

୧ . ପ୍ରତ୍ୟେକ ଦିନ ପିଲାମାନଙ୍କୁ ଉପସ୍ଥାନ ଚାର୍ଟ ସମ୍ମୁଖରେ ଗୋଲାକାରରେ ବସିବାକୁ କହିବେ ।

୨ . ଜଣଜଣ କରି ଉପସ୍ଥାନ ଚାର୍ଟରୁ ପଢିବେ । ପିଲାମାନଙ୍କର ନାମ ପଢିବା ସମୟରେ ନିଜର ଆଙ୍ଗୁଳି ନାମ ତଳେ ରଖିବେ ।

୩. ଯେଉଁ ପିଲାର ନାମକୁ ଶିକ୍ଷକ ଡାକିବେ, ସେ ଆସି ନିଜ ନାମ ପାଖରେ ନିଜ ପସନ୍ଦର କୌଣସି ଚିତ୍ର ଆଙ୍କିବେ ।

ବାର ସୋମ ମଙ୍ଗଳ

ବାର	ସୋମ	ମଙ୍ଗଳ	ବୁଧ	ଗୁରୁ	ଶୁକ୍ର	ଶନି
କବିତା						
ରବି						
ସନ୍ତୋଷ						
ତପନ						
ବନିତା						
ହରି						
ସଲାମତ୍						
ରଜିଆ						

ଗୁରୁତ୍ୱପୂର୍ଣ୍ଣ ସୂଚନା :

୧ .କିଛି ସପ୍ତାହ ପରେ ପିଲାଙ୍କୁ ସେମାନଙ୍କର ନାମ ଉପସ୍ଥାନ ଚାର୍ଟରୁ ଖୋଜିବାକୁ ପ୍ରୋତ୍ସାହିତ କରିବେ ।

୨ . ପିଲାମାନେ କୌଣସି ଚିହ୍ନ /ପ୍ରତୀକ ଆଙ୍କି ପାରନ୍ତି । ପିଲାମାନଙ୍କ ଉପରେ ନିଜ ନାମ ଲେଖିବା ପାଇଁ ଚାପ ପକାନ୍ତୁ ନାହିଁ

ଶିକ୍ଷଣ କାର୍ଯ୍ୟ ୨-ଆଜି କ'ଣ କରାଯିବ (ଆଜିର କାର୍ଯ୍ୟ) ⏲ ୫ ମିନିଟ୍

ଲକ୍ଷ୍ୟ :

ଶ୍ରେଣୀ ପ୍ରକୋଷ୍ଠର ସମୟ ନିର୍ଘଣ୍ଟକୁ ବୁଝିବା ଓ ଏହାର ଅନୁପାଳନ କରିବା ।

ପ୍ରସ୍ତୁତି ଓ ଶିକ୍ଷଣ ସାମଗ୍ରୀ :

ଗୋଟିଏ ଚାର୍ଟ କାଗଜ ନେଇ ଦୈନିକ ସମୟ ନିର୍ଘଣ୍ଟର ଚାର୍ଟ ପ୍ରସ୍ତୁତ କରନ୍ତୁ ଓ ଏହା ଶ୍ରେଣୀରେ ପ୍ରଦର୍ଶନ କରନ୍ତୁ/ଟଙ୍ଗାନ୍ତୁ ।

ପ୍ରକ୍ରିୟା:

୧. ପିଲାମାନଙ୍କ ସହିତ ଦୈନିକ ନିର୍ଘଣ୍ଟ ଉପରେ ଆଲୋଚନା କରିବେ । ଯେପରି – ଆଜି ଆମେ କଣ କରିବା ?

୨. ଦିନସାରା ବ୍ୟବହାର କରାଯିବାକୁ ଥିବା ଶିକ୍ଷଣ ସାମଗ୍ରୀ ପିଲାଙ୍କୁ ଦେଖାଇବେ ଓ ଏଥିରୁ କେଉଁ କାର୍ଯ୍ୟ ସବୁ କରାଯିବ ଅନୁମାନ କରିବାକୁ କହିବେ ।

୩. ଚାର୍ଟ କାଗଜରେ ଲେଖା ସମୟ ସାରଣୀକୁ ପିଲାଙ୍କୁ ଦେଖାଇବେ ଓ କୌଣସି ପିରିୟଡକୁ ଆରମ୍ଭ କରିବା ସମୟରେ ସେହି ପିରିୟଡକୁ ତୀର ଚିହ୍ନରେ ସୂଚିତ କରିବେ ।

- ଆଜିର କାର୍ଯ୍ୟସୂଚୀ
- ଗୋଲ ବୈଠକ
- ସକାଳ ଜଳଖିଆ
- ସଂଖ୍ୟା ଓ ପରିବେଶ ଜ୍ଞାନ
- କଳା ,ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ
- ମଧ୍ୟାହ୍ନ ଭୋଜନ ବିରତି
- ଭାଷା ଓ ସାକ୍ଷରତା
- ଘର ଓ ବାହାର ଖେଳ
- ବିଦାୟ

ଶିକ୍ଷଣ କାର୍ଯ୍ୟ ୩-(କ୍ୟାଲେଣ୍ଡର କାର୍ଯ୍ୟ) ⏲ ୫ ମିନିଟ୍

ଲକ୍ଷ୍ୟ :-

ଦିନ,ମାସ ଓ ଋତୁର ନାମ ଜାଣିବା ।

ପ୍ରସ୍ତୁତି ଓ ସାମଗ୍ରୀ :-

ନିମ୍ନରେ ପ୍ରଦତ୍ତ ଚିତ୍ର ଭଳି ଗୋଟିଏ ଦୈନିକ କ୍ୟାଲେଣ୍ଡର ପ୍ରସ୍ତୁତ କରନ୍ତୁ ଓ ଶ୍ରେଣୀ ପ୍ରକୋଷ୍ଠରେ ଟାଙ୍ଗନ୍ତୁ । ବାରର ନାମ,ମାସର ନାମ ,ରଙ୍ଗର ନାମ ଓ କାର୍ଡ ପ୍ରସ୍ତୁତ କରନ୍ତୁ ।

ପ୍ରକ୍ରିୟା :-

୧) ଚାର୍ଟରେ ଆଜିର ଦିନ ଆଡ଼କୁ ନିର୍ଦ୍ଦେଶ କରିବେ ଓ ପିଲାଙ୍କୁ ସପ୍ତାହରେ ଥିବା ବାରମାନଙ୍କର ନାମ କହିବେ ।

୨) ପିଲାଙ୍କୁ ଝରକା / କବାଟ ବାହାରକୁ ଦେଖିବାକୁ କହି, ସେମାନଙ୍କୁ ଆଜିର ପାଣିପାଗ ବିଷୟରେ ପଚାରିବେ। ତାପରେ ପିଲାଙ୍କୁ ଋତୁର କାର୍ଡ ଦେଖାଇବେ ଓ ଉପଯୁକ୍ତ କାର୍ଡକୁ ଚାର୍ଟରେ ଲଗାଇବାକୁ କହିବେ ।

୩) ଏହିପରି ପିଲାମାନଙ୍କୁ ଆକାଶର ରଙ୍ଗ ଚିହ୍ନିବାକୁ ବିଭିନ୍ନ ରଙ୍ଗର କାର୍ଡ ଦେବେ ।

ଗୁରୁତ୍ୱପୂର୍ଣ୍ଣ ସୂଚନା :-

- କିଛି ସପ୍ତାହ ପରେ , ଆପଣ ପିଲାଙ୍କୁ ଋତୁ ସମ୍ବନ୍ଧିତ ନୂଆ ଶବ୍ଦଗୁଡିକର ପରିଚୟ କରିପାରିବେ , ଯେପରି -କୁହୁଡି, ପ୍ରବଳ ଗରମ ଓ ପ୍ରଚଣ୍ଡ ଥଣ୍ଡା, ଜୋର ପବନ ।
- ବାରର ନାମ ସହିତ,ତାରିଖ ଓ ମାସର କାର୍ଡ଼ ପ୍ରସ୍ତୁତ କରି ପିଲାମାନଙ୍କ ସହିତ ବ୍ୟବହାର କରିବେ ।

ସୋମବାର	
ଆଜିର ପାଣିପାଗ	ଆକାଶର ରଙ୍ଗ
ଅବଶିଷ୍ଟ ବାର ଓ ଋତୁର କାର୍ଡ ଗୋଟିଏ ମୁଣିରେ ରଖନ୍ତୁ	

ଶିକ୍ଷଣ କାର୍ଯ୍ୟ ୪-(ଆସ କଥା ହେବା) ୫ ମିନିଟ୍

ଲକ୍ଷ୍ୟ -

ନିଜ ସାଙ୍ଗସାଥୀ ଓ ଶିକ୍ଷକଙ୍କ ସହ ଆଲୋଚନା କରିବା ଓ ନିଜ ପସନ୍ଦ / ଅପସନ୍ଦ ବିଷୟରେ କହିବା ।

ପ୍ରସ୍ତୁତି ଓ ଶିକ୍ଷଣ ସାମଗ୍ରୀ –

ପିଲାଙ୍କ ସହ ଆଲୋଚନା ପାଇଁ କିଛି ପ୍ରସଙ୍ଗଗୁଡିକର ଚୟନ କରିବେ ।

ଶିକ୍ଷଣ ପ୍ରକ୍ରିୟା :

- ପିଲାମାନଙ୍କୁ ଗୋଲାକାରରେ ବସାଇବେ । ଆଲୋଚନା ଆରମ୍ଭ କରିବା ପାଇଁ ଗୋଟିଏ ସରଳ ପ୍ରଶ୍ନ ପଚାରିବେ । ଯେପରି- କାଲିର ପାଗ କିପରି ଥିଲା ? ସକାଳେ କ'ଣ ଖାଇଥିଲ ? ଇତ୍ୟାଦି । ଶିକ୍ଷକ ପ୍ରଥମେ ନିଜର ଅନୁଭୂତି ପିଲାମାନଙ୍କୁ କହିବେ ।
- ପିଲାମାନଙ୍କର ପ୍ରତିକ୍ରିୟାକୁ ଆଧାର କରି ଆଲୋଚନା ପାଇଁ କୌଣସି ଗୋଟିଏ ପ୍ରସଙ୍ଗର ଚୟନ କରିବେ ।
- ଯେ କୌଣସି ପ୍ରସଙ୍ଗକୁ ନେଇ ପିଲାମାନଙ୍କ ସହିତ ଆଲୋଚନା କରନ୍ତୁ । ଉଦାହରଣ ସରୂପ - ବର୍ଷା ଋତୁ ବିଷୟରେ ଆଲୋଚନା କରୁଥିବା ସମୟରେ ପିଲାଙ୍କୁ ପଚରାଯାଇପାରେ ଯେ ବର୍ଷାଦିନରେ ସେମାନେ କ'ଣ ଖାଆନ୍ତି ? ବର୍ଷାରେ ଭିଜିବାକୁ ଭଲ ଲାଗେ କି ? ବର୍ଷା ରେ ଭିଜିବାକୁ ମା ମନା କରନ୍ତି କି ? ବର୍ଷା ପାଣିରେ କାଗଜ ଡଙ୍ଗା ଭସାନ୍ତି କି ? ବର୍ଷା ଦିନେ ଆଉ କଣ ସବୁ କରନ୍ତି ? ପିଲାମାନଙ୍କର ପୂର୍ବ ଜ୍ଞାନ ଓ ଅନୁଭୂତିକୁ ଆଧାର କରି ପ୍ରଶ୍ନ ପଚାରିବେ ।

ଗୁରୁତ୍ୱପୂର୍ଣ୍ଣ ସୂଚନା :-

୧) ମୁକ୍ତ ବାର୍ତ୍ତାଳାପ ପାଇଁ ପ୍ରସଙ୍ଗର ଚୟନ ପିଲା ଓ ଶିକ୍ଷକ ମିଶି କରିବେ । ପିଲାଙ୍କର ଦୈନିକ ଅନୁଭୂତି ଆଧାରରେ ମଧ୍ୟ ଆଲୋଚନା କରାଯାଇପାରେ ।

୨) ଆଲୋଚନାର ବିଷୟ ପିଲାମାନଙ୍କର ଅନୁଭୂତି ଓ ଆଖପାଖ ପରିବେଶ ସହିତ ସମ୍ପର୍କିତ ହେବ ଦରକାର । ଯେପରି ମେଳା, ବିବାହଘର , ଯାନିଯାତ୍ରା , ଗୃହପାଳିତ ପଶୁ , ପ୍ରିୟ ଖାଦ୍ୟ ଇତ୍ୟାଦି ।

ମୁକ୍ତ ଖେଳ

ଦୈନିକ ସମୟ ସାରଣୀ ୩୦ ମିନିଟ୍

ମୁକ୍ତ ଖେଳ ସମୟରେ ପିଲାମାନେ ନିଜ ରୁଚି ଓ ଆଗ୍ରହ ଅନୁସାରେ ଖେଳର ଚୟନ କରନ୍ତି । ମୁକ୍ତ ଖେଳ ପାଇଁ ଶ୍ରେଣୀରେ ୫ ଟି କୋଣ ସୃଷ୍ଟି କରାଯିବ, ଯେଉଁଠି ମୁକ୍ତ ଖେଳ ପାଇଁ ଅନେକ ଶିକ୍ଷଣ ସାମଗ୍ରୀ ରହିବ ।

ଅନ୍ୟ ସାମଗ୍ରୀ ଯେଉଁଥିରୁ ପିଲାମାନେ କିଛି ଗଢ଼ିପାରିବେ ।

କୋଣ	ଶିକ୍ଷଣ ସାମଗ୍ରୀ
୧) କଳା କୋଣ	କ୍ଲେ, କ୍ରେଅନ , ରଙ୍ଗୀନ କାଗଜ, କଳା ସାମଗ୍ରୀ , କଇଁଚି, ପେନସିଲ, ସ୍କେଚ୍ ପେନ୍ ଇତ୍ୟାଦି
୨) ଅଭିନୟ କୋଣ	ରୋଷେଇ ଘର, ଡାକ୍ତର ସେଟ, କଣ୍ଟେଇ, ପପେଟ ଇତ୍ୟାଦି ସାମଗ୍ରୀ ଯେଉଁଗୁଡିକୁ ନେଇ ପିଲାମାନେ ଅଭିନୟ କରିପାରିବେ
୩) ଗଢ଼ିବା ତୋଳିବା କୋଣ	ବିଭିନ୍ନ ଆକୃତି, ବ୍ଲକସ , ଜିଗସ ପଜଲ, କ୍ରମ କାର୍ଡ଼
୪) ପୁସ୍ତକ କୋଣ	ବଡବହି, ଚିତ୍ର ପୁସ୍ତକ, ଚିତ୍ର ଚାର୍ଟ, କବିତା ପୋଷ୍ଟର ଇତ୍ୟାଦି ଶିକ୍ଷଣ ସାମଗ୍ରୀ
୫) ଅନ୍ୱେଷଣ କୋଣ	ନିକିତି, ଚୁମ୍ବକ, ମଞ୍ଜି, ଗଛ ,ମାପିବା ଟେପ୍ ଓ ଅନ୍ୟସବୁ ଶିକ୍ଷଣ ସାମଗ୍ରୀ ଯାହାଦ୍ୱାରା ପିଲାମାନେ ନିଜ ଆଖପାଖର ପରିବେଶ ବିଷୟରେ ଅନ୍ୱେଷଣ କରିପାରିବେ

ମୁକ୍ତଖେଳ ଦ୍ୱାରା ପିଲାମାନଙ୍କୁ ନିଜ ରୁଚିକୁ ବୁଝିବା ଓ ନିଜ ପସନ୍ଦର କାର୍ଯ୍ୟକୁ ନିଜେ ସ୍ୱାଧୀନଭାବେ କରିବାର ସୁଯୋଗ ମିଳେ । ଏହା ଅନ୍ୟମାନଙ୍କର ଦୃଷ୍ଟିକୋଣ ଓ ଅଧିକାରକୁ ବୁଝିବାକୁ ସାହାଯ୍ୟ କରେ । ପିଲାମାନେ ନିଜେ କରିଥିବା ଶିକ୍ଷଣ କାର୍ଯ୍ୟରେ ଅଧିକ ସମୟ ପାଇଁ ନିୟୋଜିତ ରହନ୍ତି ଓ ନିଜେ ଶିଖିବା (ସ୍ୱ-ଶିକ୍ଷଣ) ପାଇଁ ଚେଷ୍ଟା କରନ୍ତି । ପିଲାମାନଙ୍କ ମଧ୍ୟରେ ଶିଖିବା ଦ୍ୱାରା ସମସ୍ତ କୌଶଳ ବିକାଶ ହୁଏ । ଉଦାହରଣ ସ୍ୱରୂପ - ପିଲାମାନେ ଯେତେବେଳେ ନିଜ ପସନ୍ଦର ଖେଳ ଚୟନ କରନ୍ତି, ସେମାନେ ଖେଳଣା ବା ଶିକ୍ଷଣ ସାମଗ୍ରୀକୁ ଅନ୍ୟ ସହିତ ବାଣ୍ଟିବା ଶିଖନ୍ତି ଓ ମନଖୋଲି କଥୋପକଥନ କରିପାରନ୍ତି ।

ସଂଖ୍ୟା ଓ ପରିବେଶ ଜ୍ଞାନ:

ପିଲାମାନଙ୍କର ବୌଦ୍ଧିକ ବିକାଶ ପାଇଁ ସଂଖ୍ୟା ଓ ପରିବେଶ ସମ୍ପର୍କିତ ଧାରଣାର ଜ୍ଞାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବୌଦ୍ଧିକ ବିକାଶର ଅର୍ଥ ହେଉଛି ପିଲାମାନଙ୍କ ମଧ୍ୟରେ ତର୍କ, ଚିନ୍ତନ ଓ ବୋଧ ଶକ୍ତିର ବିକାଶ କରିବା ।

ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ପାଖ-ଦୂର, ଉପର –ତଳ, ବଡ – ଛୋଟ, ବିଭିନ୍ନ ମାପର ବସ୍ତୁକୁ ଗଣିବା, ଓଜନିଆ -ହାଲୁକା, ବସ୍ତୁ-ବସ୍ତୁ ମଧ୍ୟରେ ସାମଞ୍ଜସ୍ୟ ଓ ଅସାମଞ୍ଜସ୍ୟ ଜାଣିବା, ସରଳ ସମସ୍ୟାର ସମାଧାନ କରିବା, ଧନ୍ଦା, ବର୍ଗୀକରଣ, ଶ୍ରେଣୀବିଭାଗ, କ୍ରମରେ ସଜାଇବା, କାରଣ ଓ ପ୍ରଭାବ ଚିହ୍ନିବା, ଅନ୍ୱେଷଣ କରିବା ଓ ସଂଖ୍ୟା ସମ୍ବନ୍ଧୀୟ କାର୍ଯ୍ୟ କରାଯିବା ଆବଶ୍ୟକ ।

ଏଠାରେ ସଂଖ୍ୟାଜ୍ଞାନ ସମ୍ପର୍କିତ ଦୁଇଟି ଶିକ୍ଷଣ କାର୍ଯ୍ୟର ନମୁନା ଦିଆଯାଇଛି ।

୧. ଶିକ୍ଷଣ କାର୍ଯ୍ୟ – (ଓଜନିଆ-ହାଲୁକା)

ଲକ୍ଷ୍ୟ : ପର୍ଯ୍ୟବେକ୍ଷଣ କରି ହାଲୁକା ଓ ଓଜନିଆର ଧାରଣା ବୁଝିବା ।

ପ୍ରସ୍ତୁତି ଓ ଶିକ୍ଷଣ ସାମଗ୍ରୀ : ଗୋଟିଏ ନିକିତି, ଶ୍ରେଣୀ ପ୍ରକୋଷ୍ଠରେ ଉପଲବ୍ଧ ଶିକ୍ଷଣସାମଗ୍ରୀ, ଯେପରି - ବ୍ଲକ୍ସ, ପେନସିଲ, ବୋତାମ ଆଦି ସାମଗ୍ରୀ । ତଳେ ପ୍ରଦତ୍ତ ଚିତ୍ରଭଳି ନିକିତି ପ୍ରସ୍ତୁତ କରାଯାଇପାରେ ।

ପ୍ରକ୍ରିୟା :

୧) ପିଲାମାନଙ୍କ ସହିତ ନିକିତି ବିଷୟରେ ଆଲୋଚନା କରିବେ । ପିଲାଙ୍କୁ ପଚାରିବେ , ତୁମେମାନେ କ'ଣ କେବେ ନିକିତି ଦେଖିଛ ? କେଉଁଠି ଦେଖିଛ ? ପିଲାମାନେ ନିଜ ଅନୁଭୂତି କହିବେ ।

୨) ତାପରେ ପିଲାଙ୍କୁ ଆପଣ ତିଆରି କରିଥିବା ନିକିତିକୁ ଦେଖାଇବେ ।

୩) ନିକିତିର ଗୋଟିଏ ପଟେ ୫ଟି ଗୋଡି ରଖିବେ ଓ ପିଲାଙ୍କୁ ପଚାରିବେ ମୁଁ ନିକିତିରେ କ'ଣ ରଖିଲି ? ଯେତେବେଳେ ମୁଁ ନିକିତିରେ ଗୋଡି ରଖିଲି , କଣ ହେଲା ? ଯଦି ନିକିତିର ଆରପଟେ ୫ ଟି ଗୋଡି ରଖିବା, ତେବେ କଣ ହେବ ?

୪) ତାପରେ ଆରପଟେ ୫ ଟି ଗୋଡି ପକେଇ ପିଲାଙ୍କୁ ଦେଖାଇବେ

୫) ଏହିପରି ଉପାୟରେ ବିଭିନ୍ନ ପ୍ରକାର ଜିନିଷଗୁଡିକୁ ନିକିତିରେ ରଖି ପିଲାଙ୍କୁ ପର୍ଯ୍ୟବେକ୍ଷଣ କରିବାକୁ କହିବେ (ନିକିତି କେଉଁ ଆଡକୁ ନଉଁଥିଲା ?)

୬) ପିଲାଙ୍କ ସହିତ ଆଲୋଚନା କରିବେ ଯେ , ଯେଉଁ ପଟେ ଓଜନିଆ ଜିନିଷ ରହିବ, ନିକିତିର ସେ ପଟ ତଳେ ରହିବ ଓ ହାଲୁକା ଜିନିଷ ଯେଉଁପଟେ ରହିବ, ସେ ଜିନିଷ ଉପରେ ରହିବ ।

ଗୁରୁତ୍ୱପୂର୍ଣ୍ଣ ସୂଚନା :

- ପିଲାଙ୍କୁ ଶ୍ରେଣୀରେ ଥିବା ବିଭିନ୍ନ ଜିନିଷଗୁଡିକ ଉଠାଇ ସେଗୁଡିକର ଓଜନ ଅନୁଭବ କରିବାକୁ କହିବେ , ପିଲାମାନଙ୍କୁ ଯେକୌଣସି ୨ ଟି ଜିନିଷ (ଯେପରି - ଫୁଲ , ଚକ) ଦେଖାଇବେ ଓ ପଚାରିବେ ଯେ , ଏହି ଦୁଇଟି ସାମଗ୍ରୀକୁ ଯଦି ନିକିଟତିର ଦୁଇପଟେ ରଖାଯାଏ , କେଉଁ ପଟଟି ଉପରେ ରହିବ ଓ କେଉଁ ପଟଟି ତଳେ ରହିବ ।
- ଏହି ଶିକ୍ଷଣକାର୍ଯ୍ୟକୁ କରିବା ପାଇଁ ଆଞ୍ଚଳିକ ସ୍ତରରେ ଉପଲବ୍ଧ କୌଣସି ଶିକ୍ଷଣସାମଗ୍ରୀ ନିଆଯାଇପାରେ ।

ଶିକ୍ଷଣ କାର୍ଯ୍ୟ ୨-(ଆସ ବଲ୍ ପକାଇବା) ୩୦ ମିନିଟ୍

ଲକ୍ଷ୍ୟ: ସରଳ ସମସ୍ୟାର ସମାଧାନ କରିବା ପାଇଁ ସଂଖ୍ୟାଜ୍ଞାନର ଧାରଣାକୁ ପ୍ରୟୋଗ କରିବା ।

ପ୍ରସ୍ତୁତି ଓ ସାମଗ୍ରୀ : ୧) ୧୦ ଟି ବଲ (ପ୍ଲାଷ୍ଟିକ / ପୁରୁଣା ଖବର କାଗଜରୁ ପ୍ରସ୍ତୁତ ବଲ / ବୋତଲର ଠିପି ମଧ୍ୟ ନିଆଯାଇପାରେ)

୨) ଖାଲି ପେଟି

ପ୍ରକ୍ରିୟା :-

ଚକଖଡ଼ିରେ ଗୋଟିଏ ରେଖା (straight line) ଶ୍ରେଣୀପ୍ରକୋଷ୍ଠରେ ଟାଣିବେ । ଏହି ରେଖାର ୧ ମିଟର ଦୂରରେ ଗୋଟିଏ ଖାଲି ପେଟି / ଡବା ରଖିବେ ।

- ସବୁ ପିଲାଙ୍କୁ ରେଖା ପଛରେ ସମାନ ସଂଖ୍ୟାରେ ଦୁଇ ଦଳରେ ଧାଡ଼ିକରି ଛିଡ଼ାହେବା ପାଇଁ କହିବେ ।
- ଦୁଇ ଧାଡ଼ିରେ ସବୁଠାରୁ ଆଗରେ ଛିଡାହୋଇଥିବା ପିଲାମାନଙ୍କୁ ୫ -୫ ଟି ବଲ ଦେବେ ।
- ବର୍ତ୍ତମାନ ଦୁଇଟି ପିଲା ଗୋଟିଏ ପରେ ଗୋଟିଏ ପାଞ୍ଚଟି ବଲକୁ ଶିଶୁ ଟି/ ପେଟି / ଡବାରେ ପକାଇବାକୁ ଚେଷ୍ଟା କରିବେ ।
- ସେମାନେ ସବୁ ବଲ୍ ଗୁଡିକୁ ଶିଶୁ ଟି/ପେଟି /ଡବାରେ ଫିଙ୍ଗିସାରିବା ପରେ ସେମାନେ କେତୋଟି ପେଟି / ବଲ ଡବାରେ ପକାଇଛନ୍ତି ଗଣିବାକୁ କହିବେ । ଯେଉଁ ପିଲାଟି ସବୁଠାରୁ ଅଧିକ ବଲ୍ ପେଟି / ଡବାରେ ପକାଇବ, ସେ ଖେଳରେ ଜିତିବ ।
- ଶିକ୍ଷକ ପିଲାମାନେ ଖେଳୁଥିବା ସମୟରେ ସେମାନଙ୍କୁ ସଂଖ୍ୟା ବିଷୟରେ ଭାବିବା ପାଇଁ ନିମ୍ନ ପ୍ରଶ୍ନ ଗୁଡିକ ପଚାରିବେ - କିଏ ପେଟି / ଡବାରେ ଅଧିକ ବଲ୍ ପକାଇଲା ? କେତୋଟି ବଲ୍ ପକାଇଲା ?

ଗୁରୁତ୍ୱପୂର୍ଣ୍ଣ ସୂଚନା :-

ଆରମ୍ଭ ରେଖା (STARTING POINT) ରୁ ଡବା / ପେଟୀରେ ଦୂରତାକୁ ବଢାଇବା ବା କମ କରାଯାଇପାରିବ

କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ

କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ କାର୍ଯ୍ୟ, ଯେପରି - ନାଟକ , ଗୀତ , ନୃତ୍ୟ , କଳା ଓ ହସ୍ତକାର୍ଯ୍ୟ ଛୋଟ ପିଲାମାନଙ୍କ ମଧ୍ୟରେ ଅନେକ ପ୍ରକାରର କୌଶଳ ଓ ଅଭ୍ୟାସ ବିକାଶ କରିବାରେ ସହାୟକ ହୁଏ । ଏଥିରୁ ପିଲାମାନଙ୍କୁ ନିଜ ଆଖପାଖର ସାମାଜିକ ପରିବେଶକୁ ବୁଝିବାର ସୁଯୋଗ ମିଳେ । ଏହା ଦ୍ୱାରା ପିଲାମାନଙ୍କ ମଧ୍ୟରେ କଳ୍ପନାଶକ୍ତି। ସୌନ୍ଦର୍ଯ୍ୟବୋଧ ଓ ସୃଜନଶୀଳତାର ବିକାଶ ହୁଏ । ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସର ସଂଚାର ହୁଏ ଓ ସେମାନେ ନିଜ ଭାବନାକୁ ଭଲ ଭାବେ ବୁଝି ଅଭିବ୍ୟକ୍ତ କରିପାରନ୍ତି । କଳା ସମ୍ପର୍କିତ ଶିକ୍ଷଣ କାର୍ଯ୍ୟ ଦ୍ୱାରା ପିଲାମାନଙ୍କର ସୂକ୍ଷ୍ମ ମାଂସପେଶୀର ବିକାଶ ହୁଏ । ଛୋଟ ପିଲାମାନଙ୍କ ମଧ୍ୟରେ ସୁକ୍ଷ୍ମ ମାଂସପେଶୀର ବିକାଶ କରିବା ଅତ୍ୟନ୍ତ ଜରୁରୀ । ରଙ୍ଗଦେବା, ଲେଖିବା , ଚିତ୍ରାଙ୍କନ କରିବା କଲମ ଧରିବା, ବୋତାମ ଲଗାଇବା, ଛୋଟା ଲେସ ବାନ୍ଧିବା ଇତ୍ୟାଦି କାର୍ଯ୍ୟ ସୂକ୍ଷ୍ମ ମାଂସପେଶୀ ଦ୍ୱାରା ସମ୍ଭବ ହୁଏ । ନିମ୍ନରେ କଳା ସମ୍ବନ୍ଧୀୟ କାର୍ଯ୍ୟର କିଛି ସୂଚୀ ପ୍ରଦାନ କରାଯାଇଛି.

୧) ଶିକ୍ଷଣ କାର୍ଯ୍ୟ – (କୋଲାଜ ପ୍ରସ୍ତୁତ କରିବା)

ଲକ୍ଷ୍ୟ – ଭିନ୍ନଭିନ୍ନ ରଙ୍ଗ ଓ ଆକୃତିର ସାମଗ୍ରୀଗୁଡ଼ିକୁ ମିଶାଇ କୋଲାଜ/ ଆଙ୍ଗୁଳି ଛାପ/ ଚିତ୍ର / ମୂର୍ତ୍ତି ପ୍ରସ୍ତୁତ କରିବା ।

ପ୍ରସ୍ତୁତି ଓ ଶିକ୍ଷଣ ସାମଗ୍ରୀ – ପଶୁପକ୍ଷୀମାନଙ୍କର ରଖାଙ୍କିତ ଚିତ୍ର , ପୁରୁଣା ଖବର କାଗଜ , ବଲ ଇତ୍ୟାଦି ।

ପ୍ରକ୍ରିୟା

- ପିଲାମାନଙ୍କୁ ପଶୁ-ପକ୍ଷୀମାନଙ୍କର ରେଖାଙ୍କିତ ଚିତ୍ର ଦେଖାଇ ସେମାନଙ୍କର ନାମ ପଚାରିବେ।
- ପିଲାମାନଙ୍କୁ ଚାରି-ଚାରି ଜଣଙ୍କୁ ନେଇ ଦଳରେ ବସାଇବେ । ପ୍ରତ୍ୟେକ ଦଳକୁ କିଛି ଖବର କାଗଜ ଓ ଅଠା ଦେବେ।
- ପ୍ରତ୍ୟେକ ପିଲାକୁ ରେଖାଙ୍କିତ ଚିତ୍ର ଦେବେ।
- ବର୍ତ୍ତମାନ ପିଲାଙ୍କୁ ଖବର କାଗଜ ଚିରି ରେଖାଙ୍କିତ ଚିତ୍ରରେ ଲଗାଇବାକୁ କହିବେ।
- ଏହି କାର୍ଯ୍ୟରେ ପିଲାମାନେ ନିଜ ହିସାବରେ ଖବର କାଗଜ ଚିରିପାରନ୍ତି।
- ଶିକ୍ଷକ ପିଲାମାନଙ୍କର ମାର୍ଗଦର୍ଶନ କରିବେ ।

ଗୁରୁତ୍ୱପୂର୍ଣ୍ଣ ସୂଚନା :-

- ଭିନ୍ନଭିନ୍ନ ଆକୃତି ପ୍ରସ୍ତୁତ କରି , ଏହି କାର୍ଯ୍ୟ କରାଯାଇପାରେ।

  ଆରମ୍ଭ ଦିନ ଗୁଡିକରେ ଶିକ୍ଷକ କିଛି ସରଳ ଚିତ୍ର ନେଇ ପାରନ୍ତି, ଯେପରି ବୃତ୍ତ , ବର୍ଗ , ତ୍ରିଭୁଜ ଇତ୍ୟାଦି।
- ପିଲାମାନେ ପ୍ରସ୍ତୁତ କରିଥିବା କୋଲାଜରେ ସେମାନଙ୍କ ନାମ ଲେଖି ଶ୍ରେଣୀ ଗୃହରେ ପ୍ରଦର୍ଶନ କରିବେ।

ଶିକ୍ଷଣ କାର୍ଯ୍ୟ ୨-(ଆସ ଅଭିନୟ କରିବା) ୩୦ ମିନିଟ୍

ଲକ୍ଷ୍ୟ:- ରୋଲ୍ ପ୍ଲେ, ନୃତ୍ୟକଳା ଓ ଅଙ୍ଗଭଙ୍ଗୀ (ଜ୍ଞକ୍ଷଙ୍ଗରଞ୍ଜରଭଞ୍ଜ) ଦ୍ୱାରା ଅଭିନୟ ମାଧ୍ୟମରେ ନିଜକୁ ଅଭିବ୍ୟକ୍ତ କରିବା।

ପ୍ରସ୍ତୁତି ଓ ଶିକ୍ଷଣ ସାମଗ୍ରୀ:- ମୋବାଇଲ/ ସ୍ମାର୍ଟ ବୋର୍ଡ

ପ୍ରକ୍ରିୟା:-

୧- ଶିକ୍ଷକ ପ୍ରଥମେ ଅଭିନୟ କରି ଦେଖାଇବେ ଓ ପିଲାଙ୍କୁ ଅଭିନୟ ଟି କ'ଣ ଅନୁମାନ କରିବାକୁ କହିବେ। ଯେପରି ଶିକ୍ଷକ ଖାଇବାର ଅଭିନୟ କରିବେ ।

୨- ଶିକ୍ଷକ ପିଲାଙ୍କୁ କିଛି କାର୍ଯ୍ୟ କହିବେ ଓ ପିଲାମାନେ ସେ କାର୍ଯ୍ୟ ଅନୁଯାୟୀ ଅଭିନୟ କରିବେ। ଯେପରି - ଗୁଡ଼ି ଉଡ଼ାଇବା, ଗୁଲି ଖେଳିବା, ହାତ ଧୋଇବା, ଗାଧେଇବା, କଦଳୀ ଖାଇବା ଇତ୍ୟାଦି।

୩- ଶିକ୍ଷକ ଶ୍ରେଣୀ ପ୍ରକୋଷ୍ଠରେ ଉପଲବ୍ଧ ସାମଗ୍ରୀ ଆଧାରରେ ମଧ୍ୟ ଏହି କାର୍ଯ୍ୟକୁ କରିପାରନ୍ତି, ଯେପରି - ପେନସିଲ୍ ବାକ୍ସକୁ ସାବୁନ ଭାବି ଗାଧୋଇବାର ଅଭିନୟ କରିବା।

ଭାଷା ଓ ସାକ୍ଷରତା

ପିଲାମାନଙ୍କ ମଧ୍ୟରେ ବୌଦ୍ଧିକ ବିକାଶ, ସାମାଜିକ - ଆବେଗିକ ବିକାଶ, ସୃଜନଶୀଳତା ଓ ଭାବ ବିନିମୟ (communication) ପାଇଁ ଭାଷା ଓ ସାକ୍ଷରତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ପିଲାମାନଙ୍କ ଭାଷାଗତ ବିକାଶ ପାଇଁ ନିମ୍ନଲିଖିତ ଶିକ୍ଷଣ କାର୍ଯ୍ୟଗୁଡ଼ିକ ଶିଶୁବାଟିକା ଶ୍ରେଣୀରେ କରାଯିବ।

- ଗଳ୍ପକଥନ
- ପାରସ୍ପରିକ ଉଚ୍ଚ ପଠନ
- କବିତା ଆବୃତ୍ତି
- ମୁକ୍ତ ଓ ପ୍ରସଙ୍ଗ ଆଧାରିତ ଆଲୋଚନା
- ମୌଖିକ ଖେଳ
- ଚିତ୍ର ଆଧାରିତ ଆଲୋଚନା
- ବଡ଼ବହି ବ୍ୟବହାର କରି ସହଭାଗୀ ପଠନ ଓ ଆଲୋଚନା
- ସାଙ୍କେତିକ ପଠନ
- ଛପାଲେଖା ସାମଗ୍ରୀର ଧାରଣା
- ପ୍ରାକ ଲିଖନ (ଷ୍ଟ୍ରୋକ ଲିଖନ, ଅଭିବ୍ୟକ୍ତ ପାଇଁ ଲିଖନ, ଅନୁମାନ କରି ଲେଖିବା ଇତ୍ୟାଦି)

ଶିଶୁବାଟିକା ଶ୍ରେଣୀରେ ମୌଖିକ ଭାଷା ବିକାଶ, ପ୍ରାକ୍ ପଠନ ଓ ପ୍ରାକ୍ ଲିଖନ କାର୍ଯ୍ୟ ପ୍ରତି ବିଶେଷ ଧ୍ୟାନ ଦିଆଯିବ।

ଶିକ୍ଷଣ କାର୍ଯ୍ୟ ୧-(ସମତାନଧ୍ୱନି) ୨୫-୩୦ ମିନିଟ୍

ଲକ୍ଷ୍ୟ – ସମତାନ ଧ୍ୱନିବିଶିଷ୍ଟ ଶବ୍ଦକୁ ଚିହ୍ନିବା ଓ ଗଢ଼ିବା ।

ପ୍ରସ୍ତୁତି ଓ ଶିକ୍ଷଣ ସାମଗ୍ରୀ – ସମତାନ ଧ୍ୱନି ବିଶିଷ୍ଟ ଶବ୍ଦର ସୂଚୀ ପ୍ରସ୍ତୁତ କର । ଯେପରି – ରାଗ – ମାଗ – ପାଗ – ବାଗ – ସାଙ୍ଗ – ଭାଗ .....

ପ୍ରକ୍ରିୟା –

- ଏହି ଶିକ୍ଷଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଶିକ୍ଷକ ସମତାନ ଧ୍ୱନିବିଶିଷ୍ଟ ଶବ୍ଦଗୁଡ଼ିକର ସୂଚୀ ପ୍ରସ୍ତୁତ କରିବେ ।
- ଶିକ୍ଷକ ପ୍ରଥମେ କିଛି ସମତାନ ଧ୍ୱନି ବିଶିଷ୍ଟ ଶବ୍ଦ କହିବେ – ଯେପରି, ରାଗ – ମାଗ – ପାଗ .....
- ପିଲାଙ୍କୁ ପଚାରିବେ ଯେ ଏହି ଶବ୍ଦଗୁଡ଼ିକ ରେ କେଉଁ ଧ୍ୱନିଗୁଡ଼ିକ ଏକ ସଦୃଶ୍ୟ । ଶିକ୍ଷକ ପିଲାମାନଙ୍କୁ ବୁଝାଇବେ ଯେ ଏହି ଶବ୍ଦ ଗୁଡ଼ିକର ଶେଷ ଧ୍ୱନିଗୁଡ଼ିକ ସମାନ ।
- ଶିକ୍ଷକ ପିଲାଙ୍କୁ ରାଗ – ମାଗ – ପାଗ ଶବ୍ଦ ସହିତ ମିଶୁଥିବା ଅନ୍ୟ ସମତାନ ଧ୍ୱନିବିଶିଷ୍ଟ ଶବ୍ଦ କହିବାକୁ କହିବେ । (ଶବ୍ଦଗୁଡ଼ିକ ଉଭୟ ଅର୍ଥପୂର୍ଣ୍ଣ ବା ନିରର୍ଥକ ହୋଇପାରେ)
- ଉପରୋକ୍ତ ପ୍ରକ୍ରିୟା ଅବଲମ୍ବନ କରି ଅନ୍ୟ ସମତାନ ଧ୍ୱନି ବିଶିଷ୍ଟ ଶବ୍ଦ ଦ୍ୱାରା ଖେଳକୁ ଆଗକୁ ବଢ଼ାଇବେ ।

ଶିକ୍ଷଣ କାର୍ଯ୍ୟ ୧-(ଅକ୍ଷର ଚିହ୍ନଟ କାର୍ଯ୍ୟ) ୨୫-୩୦ ମିନିଟ୍

ଲକ୍ଷ୍ୟ :- ପରିଚିତ ଶବ୍ଦରେ ଅକ୍ଷର ଚିହ୍ନିବା (ଚ)

ପ୍ରସ୍ତୁତି ଓ ଶିକ୍ଷଣ ସାମଗ୍ରୀ :- ଅକ୍ଷର କାର୍ଡ଼, ଚିତ୍ର କାର୍ଡ଼

ପ୍ରକ୍ରିୟା -

- ଶିକ୍ଷକ ସବୁ ପିଲାଙ୍କ ସହିତ ଗୋଲ ଆକାରରେ ବସିବେ । ଯେଉଁ ଅକ୍ଷର ଉପରେ କାର୍ଯ୍ୟ କରାଯିବ, ସେଥିରୁ ଆରମ୍ଭ ହେଉଥିବା କୌଣସି ଗୋଟିଏ ଶବ୍ଦ କହିବେ । ପିଲାଙ୍କୁ ସେହି ଶବ୍ଦ ପ୍ରଥମ ଧ୍ୱନିକୁ ଚିହ୍ନଟ କରିବାକୁ କହିବେ । ଯେପରି ଶିକ୍ଷକଙ୍କୁ ଯଦି 'ଚ' ଅକ୍ଷର ଶିଖାଇବାର ଅଛି ସେ ' ଚ ' ରୁ ଗଠିତ ଗୋଟିଏ ଶବ୍ଦ କହିବେ (ଚଷମା) ଚିତ୍ର ଦେଖାଇ ପଚାରିବେ । ଏହିପରି ଭାବେ 'ଚ ' ରୁ ଆରମ୍ଭ ହେଉଥିବା ଅନ୍ୟ ଶବ୍ଦଗୁଡିକୁ କହିବେ , ଯେପରି – ଚପଲ , ଚଣା , ଚକା ଇତ୍ୟାଦି ।
- ଶିକ୍ଷକ 'ଚଷମା ' ଶବ୍ଦଟିକୁ କଳାପଟା ରେ ଲେଖିବେ । 'ଚ' ରେ ଗୋଲ ବୁଲାଇବେ ଓ ବଡ଼ପାଟିରେ ସ୍ପଷ୍ଟ ଭାବେ ଉଚ୍ଚାରଣ କରି ପଢ଼ିବେ । ତାପରେ ପିଲାଙ୍କୁ 'ଚ ' ଅକ୍ଷର କାର୍ଡ ଦେଖାଇବେ ଓ ପିଲାଙ୍କୁ 'ଚ' ରୁ ଆରମ୍ଭ ଅନ୍ୟ ଶବ୍ଦଗୁଡିକୁ କହିବାକୁ କହିବେ ।
- ପିଲାଙ୍କୁ ଶ୍ରେଣୀ ପ୍ରକୋଷ୍ଠର ପ୍ରଦର୍ଶନ କରାଯାଇଥିବା ଶିକ୍ଷଣ ସାମଗ୍ରୀରୁ 'ଚ' ଅକ୍ଷରକୁ ଖୋଜିବାକୁ କହିବେ ।

ଗୁରୁତ୍ୱପୂର୍ଣ୍ଣ ସୂଚନା :-

- ଏହି ଶିକ୍ଷଣକାର୍ଯ୍ୟକୁ ସମସ୍ତ ଅକ୍ଷର ସହ କରାଯାଇପାରେ ,
- ଖେଳର ଆରମ୍ଭରେ ଏପରି ଶବ୍ଦର ଚୟନ କରିବେ,ଯାହାର ପ୍ରଥମ ଅକ୍ଷରରେ ମାତ୍ରା ନଥିବ । ଯେପରି –(ଚକ୍, ଚଉକି..) ।

ବାହାର ଖେଳ (Outdoor Games)

ଚାଲିବା, ଦୌଡିବା, ଡେଇଁବା, ବଲ୍ ଫିଙ୍ଗିବା, ହାତ ଓ ଗୋଡ ହଲେଇବା, ପାଣି ବାଲି – କାଦୁଅରେ ଖେଳିବା, ଭାଙ୍ଗି ଯାଇଥିବା ଗଛ ଉପରେ ଚଢିବା, ଗୁରୁଣ୍ଡିବା ଇତ୍ୟାଦି କାର୍ଯ୍ୟ ପିଲାମାନଙ୍କର ସ୍ଥୂଳ ମାଂସପେଶୀ ବିକାଶରେ ସହାୟକ ହୁଏ । ଛୋଟ ପିଲାମାନଙ୍କ ସହ ନିୟମ ବା ବିନା ନିୟମ ଥିବା ଖେଳ ଖେଳାଯାଇପାରେ (ଉଦାହରଣ ସ୍ୱରୂପ – ବଲ୍ କୁ ଫିଙ୍ଗିବା ଓ ଧରିବା, ଗାତରେ ବଲ୍ ଫିଙ୍ଗିବା, ଦୌଡିକି ଧରିବା) । ପିଲାମାନେ ବଡ ହେବାକୁ ଆରମ୍ଭ କଲେ, ସେମାନେ ନିୟମ ବିଶିଷ୍ଟ ଖେଳ ଖେଳିବାକୁ ପସନ୍ଦ କରନ୍ତି (ଯେପରି – ଲୁଚକାଳି, ବିଷ-ଅମୃତ, ଅନ୍ଧ ପୁଟୁଳି ଇତ୍ୟାଦି ଖେଳ) । ବାହାର ଖେଳ ଦ୍ୱାରା ଶାରୀରିକ ଓ ମାଂସପେଶୀ କୌଶଳରେ ବିକାଶ ହୁଏ । ଏହାଦ୍ୱାରା ପିଲାମାନଙ୍କର ଅନ୍ନମୟ ଓ ପ୍ରାଣମୟ କୋଷର ବିକାଶ ହୁଏ । ବାହାର ଖେଳ ପିଲାମାନଙ୍କୁ ଦଳରେ ଖେଳିବା, ଅନ୍ୟ ସହ ଆଲୋଚନା କରିବା, ପରସ୍ପରକୁ ସାହାଯ୍ୟ କରିବା ଓ ପରିବେଶ ସହ ସମ୍ପୃକ୍ତ ହେବା ପାଇଁ ସୁଯୋଗ ସୃଷ୍ଟି କରେ। ବାହାର ଖେଳ ପାଇଁ ପ୍ରତ୍ୟେକ ୩୦ ମିନଟ୍ ସମୟ ଦିଆଯିବ। ବାହାର ଖେଳ ସମୟରେ ନିମ୍ନଲିଖିତ ଦିଗ ପ୍ରତି ଦୃଷ୍ଟି ଦେବେ ।

- ପିଲାମାନଙ୍କର ଖେଳିବା ସ୍ଥାନ ପରିଷ୍କାର ଓ ସୁରକ୍ଷିତ ହେବା ଦରକର ।
- ବିଦ୍ୟାଳୟରେ ପିଲାଙ୍କ ବାହାରେ ଖେଳିବା ପାଇଁ ଯଦି ପର୍ଯ୍ୟାପ୍ତ ସ୍ଥାନ ନାହିଁ , ତେବେ ଖେଳ କାର୍ଯ୍ୟ ଶ୍ରେଣୀ ପ୍ରକୋଷ୍ଠରେ କରାଯାଇପାରେ ।

ଶିକ୍ଷଣ କାର୍ଯ୍ୟ ୧-(ସନ୍ତୁଳନ ରଖି ଚାଲିବା) ୧୫ ମିନିଟ୍

ଲକ୍ଷ୍ୟ:- ଭିନ୍ନଭିନ୍ନ ବସ୍ତୁ ଉପରେ ସନ୍ତୁଳନ ରଖି ଚାଲିବା ।

ପ୍ରସ୍ତୁତି ଓ ସମାଗ୍ରୀ :- ଇଟା / ଟାୟାର

ପ୍ରକ୍ରିୟା :-

- ବିଭିନ୍ନ ବସ୍ତୁ ଉପରେ ଚାଲିବା ସମୟରେ କେଉଁ ସବୁ ସତର୍କତା ଅବଲମ୍ବନ କରିବା ଉଚିତ, ଶିକ୍ଷକ ପିଲାଙ୍କୁ କହିବେ ।
- ଗୋଟିଏ ଖୋଲା ସ୍ଥାନରେ ଇଟାଗୁଡିକ ପରସ୍ପର ଠାରୁ କିଛି ବ୍ୟବଧାନରେ ଗୋଟିଏ ଧାଡିରେ ରଖିବେ, ଯଦି ଟାୟାର ଉପଲବ୍ଧ ଅଛି, ତେବେ ଟାୟାର ମଧ୍ୟ ବ୍ୟବହାର କରାଯାଇପାରେ ।
- ଶିକ୍ଷକ ନିଜେ ଇଟାଗୁଡିକରେ ଚାଲିକି ପିଲାଙ୍କୁ ଦେଖାଇବେ, ଶିକ୍ଷକ ଇଟାରେ ଚାଲୁଥିବା ସମୟରେ ପିଲାଙ୍କୁ କହିବେ ଯେ ଚାଲିଲା ବେଳେ ଇଟା ତଳେ ଗୋଡ ଲାଗିବ ନାହିଁ ।
- ସମସ୍ତ ପିଲାମାନଙ୍କୁ ଜଣକ ପରେ ଜଣେ ଇଟାରେ ଚାଲିବାକୁ ଦେବେ ।

ଶିକ୍ଷଣ କାର୍ଯ୍ୟ ୧-(ପଶୁ ନା ପକ୍ଷୀ ?) ⏲ **୧୫ ମିନିଟ୍**

ଲକ୍ଷ୍ୟ:- ସାହାଯ୍ୟ ନେଇ ଗୋଟେ ଗୋଡ଼ରେ ଛିଡା ହେବା ।

ପ୍ରସ୍ତୁତି ଓ ସମାଗ୍ରୀ :- (କୌଣସି ସାମଗ୍ରୀର ଆବଶ୍ୟକତା ନାହିଁ)

ପ୍ରକ୍ରିୟା :-

- ସବୁ ପିଲାମାନେ ପରସ୍ପରର ହାତ ଧରି ଗୋଟିଏ ଗୋଲାକାରରେ ଛିଡା ହେବେ ।
- ଶିକ୍ଷକ ଯେତେବେଳେ କୌଣସି ପକ୍ଷୀର ନାମ କହିବେ , ସେତେବେଳେ ସବୁ ପିଲା ପରସ୍ପରର ହାତ ଧରି ଗୋଟିଏ ଗୋଡରେ ଛିଡାହେବେ, ଶିକ୍ଷକ ଯେତେବେଳେ କୌଣସି ପଶୁର ନାମ କହିବେ, ପିଲାମାନେ ପରସ୍ପରର ହାତ ଧରି ଦୁଇଟି ଗୋଡରେ ଛିଡା ହେବେ ।
- ଶିକ୍ଷକ ବିଭିନ୍ନ ପଶୁ ଓ ପକ୍ଷୀର ନାମ କହିବେ, ପିଲାମାନେ ସେହି ଅନୁଯାୟୀ ପରସ୍ପରର ହାତ ଧରି ଗୋଟିଏ ବା ଦୁଇଟି ଗୋଡ଼ରେ ଛିଡାହେବେ ।

ବିଦାୟ

ଯେପରି ଦିନର ଆରମ୍ଭରେ ପିଲାମାନେ ଓ ଶିକ୍ଷକ ଗୋଟିଏ ଗୋଲ ଘେରାରେ ବସି ଆଲୋଚନା କରନ୍ତି, ସେହିପରି ଶ୍ରେଣୀ ସମୟରେ ମଧ୍ୟ ଶିକ୍ଷକ ପିଲାମାନଙ୍କୁ ଗୋଲାକାର ରେ ବସାଇ ଆଲୋଚନା କରିବେ :-

- **ପୁରାଦିନ କରାଯାଇଥିବା କାର୍ଯ୍ୟ ଉପରେ ଆଲୋଚନା କରିବେ**

  ଶିକ୍ଷକ ପିଲାମାନଙ୍କୁ ପଚାରିପାରିବେ ଯେ, ଆଜି ଆମେ କେଉଁ ସବୁ କାମ କଲେ ସେମାନଙ୍କୁ କେଉଁ ଶିକ୍ଷଣ କାର୍ଯ୍ୟରେ ସବୁଠୁ ମଜା ଆସିଲା ? ଆଜି କ'ଣ ନୂଆ ଶିଖିଲେ ? ଘରକୁ ଯାଇ ଆଜି ବିଦ୍ୟାଳୟରେ କ'ଣ କ'ଣ ହେଲା ଅଭିଭାବକଙ୍କୁ ଜଣାଇବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହିତ କରିବେ ।

- **ଆସନ୍ତା ଦିନ ଶିକ୍ଷଣ କାର୍ଯ୍ୟ ବିଷୟରେ ପିଲାମାନଙ୍କୁ କହିବେ**

  ଆସନ୍ତା ଦିନ ପାଇଁ ପିଲାଙ୍କୁ କିଛି ଶିକ୍ଷଣ କାର୍ଯ୍ୟ ଘରେ କରିବାର ଅଛି କିମ୍ବା କିଛି ସାମଗ୍ରୀ ଘରୁ ଆଣିବାର ଅଛି, ସେ ବିଷୟରେ ପିଲାଙ୍କୁ ସୂଚନା ଦେବେ ।

- **ଶିକ୍ଷଣ ସାମଗ୍ରୀକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା**

  ଶେଷରେ ଶିକ୍ଷକ ସମସ୍ତ ପିଲାଙ୍କୁ ଶ୍ରେଣୀ କାର୍ଯ୍ୟରେ ବ୍ୟବହୃତ ହୋଇଥିବା ସାମଗ୍ରୀଗୁଡ଼ିକୁ ସେମାନଙ୍କର ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବାକୁ କହିବେ । ଏହାଦ୍ୱାରା ପିଲାଙ୍କ ମଧ୍ୟରେ ଦାୟିତ୍ୱବୋଧ ଓ ସାମଗ୍ରୀର ଯତ୍ନ ନେବା ଦକ୍ଷତାର ବିକାଶ ହେବ ।

- **କୃତଜ୍ଞତା ନିବେଦନ**

  ସର୍ବଶେଷରେ ଦିନରେ ଘଟିଯାଇଥିବା ସମସ୍ତ କିଛି କାର୍ଯ୍ୟପାଇଁ ଭାଗବନଙ୍କ ଠାରେ କୃତଜ୍ଞତା ଜ୍ଞାପନ କରିବେ ।

ମାସ ଭିତ୍ତିକ ଶିକ୍ଷଣ କାର୍ଯ୍ୟ

ମାସ ଭିତ୍ତିକ ଶିକ୍ଷଣ କାର୍ଯ୍ୟ, ଦୈନିକ ଶିକ୍ଷଣ କାର୍ଯ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ସାମଗ୍ରୀ ଭାବେ କାର୍ଯ୍ୟ କରିଥାଏ । ଏହା ଦୈନିକ ଶିକ୍ଷଣ କାର୍ଯ୍ୟର ଅଗ୍ରଗତିକୁ ସୂଚିତ କରିବା ସହିତ ପରବର୍ତ୍ତୀ ମାସର କାର୍ଯ୍ୟ ପ୍ରଣାଳୀକୁ ସୁନିଶ୍ଚିତ କରିବା ପାଇଁ ଦିଗ୍ ଦର୍ଶନ ଦେଇଥାଏ । ଏଠାରେ ମାସ ଭିତ୍ତିକ ଶିକ୍ଷଣ କାର୍ଯ୍ୟ ପରିଚାଳନା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ କେତେକ ଜରୁରୀ ଆବଶ୍ୟକତାକୁ ଉଲ୍ଲେଖ କରାଯାଇଛି ।

ଶିକ୍ଷା-ବର୍ଷ ଆରମ୍ଭରେ ଶିକ୍ଷକ ନବାଗତ ପିଲାମାନଙ୍କୁ ସ୍ୱାଗତ ଜଣାଇବେ । ସମସ୍ତ ପିଲାଙ୍କ ନାମ ଜାଣିବା ପାଇଁ ପିଲାଙ୍କ ସହ ମିଶି ଯେ କୌଣସି ଗୋଟିଏ ଖେଳ ଖେଳିବେ । ଉଦାହରଣ ସ୍ୱରୂପ :- ଦୁଇ ଦୁଇ ଜଣ ପିଲାଙ୍କୁ ଏକାଠି ବସାଇବେ ଓ ସେମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେବାକୁ ସୁଯୋଗ ଦେବେ । ନିଜେ ମଧ୍ୟ ଯେ କୌଣସି ଗୋଟିଏ ପିଲା ସହ ବସି କଥାବାର୍ତ୍ତା କରିବେ । ଏହାପରେ ପ୍ରତ୍ୟେକ ଯୋଡ଼ି ଠିଆ ହୋଇ ଜଣେ ଅନ୍ୟଜଣଙ୍କର ନାମ କହିବେ ।ଶିକ୍ଷକ ସବୁ ପିଲାଙ୍କ ନାମ ଧରି ଡାକିବେ । ପିଲାମାନଙ୍କୁ ଏକାଠି ନେଇ ବିଦ୍ୟାଳୟ ପରିସରରେ ଥିବା ସ୍ଥାନଗୁଡ଼ିକୁ (ଶୌଚଳୟ, ଅଫିସ କୋଠରି, ଖେଳ ପଡିଆ ଇତ୍ୟାଦି) ବୁଲାଇ ଦେଖାଇବେ ଓ ସେଗୁଡିକ ସହ ପରିଚିତ କରାଇବେ ।

ପ୍ରତ୍ୟେକ ଦିନ ପିଲାଙ୍କୁ ନେଇ ବିଭିନ୍ନ କାର୍ଯ୍ୟ ଯଥା – ଗପ, ଅଭିନୟ ସହ କବିତା ଆବୃତ୍ତି, ଖେଳ, ଚିତ୍ରାଙ୍କନ, ବାଲିଖେଳ, କାଗଜ କାମ, ମୁକ୍ତ ବାର୍ତ୍ତାଳାପ ଇତ୍ୟାଦି କାର୍ଯ୍ୟ କରାଇବେ । ପିଲାଙ୍କୁ ନିଜ ଅନୁଭୂତି କହିବାକୁ, ନିଜ ବିଷୟରେ ତଥା ନିଜ ପରିବାର ବିଷୟରେ କହିବାକୁ ସୁଯୋଗ ଦେବେ । ଶ୍ରେଣୀ କାର୍ଯ୍ୟ କରିବା ସମୟରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଗୁରୁତ୍ୱ ଦେବେ, ସମସ୍ତ ଶିକ୍ଷାର୍ଥୀଙ୍କ ଆବଶ୍ୟକତା, ସାମର୍ଥ୍ୟ, ଆଗ୍ରହ ଇତ୍ୟାଦିକୁ ଆଧାରକରି ଶ୍ରେଣୀ ପରିଚାଳନା କରିବେ । ଶ୍ରେଣୀ କାର୍ଯ୍ୟ କରିବା ପୂର୍ବରୁ କାର୍ଯ୍ୟପୁସ୍ତିକାର କାର୍ଯ୍ୟ ଦେଖି ଦିଆଯାଇଥିବା ଦକ୍ଷତାକୁ ଆଧାରକରି ଶ୍ରେଣୀରେ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ଯଥା – ଗପ/ଗୀତ /ଖେଳ/ମୁକ୍ତ ବାର୍ତ୍ତାଳାପ/ଚିତ୍ର ଆଧାରିତ ଆଲୋଚନା କରିବେ । ଉଦାହରଣ ସ୍ୱରୂପ – କାର୍ଯ୍ୟପୁସ୍ତିକାର କାର୍ଯ୍ୟ-୧ ରେ "ପାଖ-ଦୂର" ଦକ୍ଷତାର ବିକାଶ ପାଇଁ କାର୍ଯ୍ୟ ଦିଆଯାଇଛି । ଏହି ଦକ୍ଷତା ହାସଲ ପାଇଁ ଶ୍ରେଣୀରେ ଖେଳ, ମୁକ୍ତ ବାର୍ତ୍ତାଳାପ ଇତ୍ୟାଦି କରାଯାଇପାରିବ ଓ ତାପରେ ଅଭ୍ୟାସ ପୁସ୍ତିକାର କାର୍ଯ୍ୟ-୧ କରିବାକୁ ଦିଆଯିବ ।

ଗ୍ରୀଷ୍ମଛୁଟି ପୂର୍ବରୁ ଏପ୍ରିଲ ମାସର କିଛିଦିନ ଓ ଛୁଟି ଖୋଲିବା ପରେ ଜୁନ ମାସର କିଛିଦିନ ପାଇଁ କାର୍ଯ୍ୟ ପୁସ୍ତିକାରେ ସମୁଦାୟ ୧୦ଟି କାର୍ଯ୍ୟ ଦିଆଯାଇଛି । ଆପଣମାନେ ଅଧିକ କାର୍ଯ୍ୟଫର୍ଦ୍ଦ ପ୍ରସ୍ତୁତ କରି ଦଳରେ ବ୍ୟବହାର କରିବା ପାଇଁ ଦେଇପାରିବେ । ଶ୍ରେଣୀରେ ପ୍ରଥମେ ସାମୁହିକ କାର୍ଯ୍ୟ (Whole Class Activity), ଦଳଗତ କାର୍ଯ୍ୟ, ଯୋଡି କାର୍ଯ୍ୟ (Pair work) ଓ ଶେଷରେ ବ୍ୟକ୍ତିଗତ କାର୍ଯ୍ୟ କରାଇବେ । ପ୍ରତ୍ୟେକ ପିଲାଙ୍କର ଏହି ଦକ୍ଷତା ହାସଲ ହେବା ଉପରେ ଗୁରୁତ୍ୱ ଦେବେ । ପିଲାମାନେ କାର୍ଯ୍ୟପୁସ୍ତିକାର କାର୍ଯ୍ୟ କରିସାରିବା ପରେ ସେମାନଙ୍କ କାର୍ଯ୍ୟ ତଦାରଖ କରି ବ୍ୟକ୍ତିଗତ ଭାବରେ ପ୍ରତିପୁଷ୍ଟି (Feedback) ଦେବେ । ଶ୍ରେଣୀରେ ପ୍ରତ୍ୟେକ ଦିନ କରାଯାଇଥିବା କାର୍ଯ୍ୟକୁ ଘରେ ପିତା /ମାତା / ଅଭିଭାବକ /ଭାଇ /ଭଉଣୀଙ୍କ ସହିତ ଆଲୋଚନା କରିବାକୁ କହିବେ ।

ପ୍ରତ୍ୟେକ ଦିନ ବିକାଶର ପ୍ରତ୍ୟେକ ଦିଗ ସମ୍ବନ୍ଧରେ ଶିକ୍ଷଣ କାର୍ଯ୍ୟ କରାଯିବ । ଏପ୍ରିଲ ଠାରୁ ଜୁନ ମାସ ମଧ୍ୟରେ ପୁନରାବୃତ୍ତି

ପାଇଁ ଯଥେଷ୍ଟ ସୁଯୋଗ ଦିଆଯାଇଥିବାବେଳେ ଜୁଲାଇରୁ ମାର୍ଚ୍ଚ ମାସ ମଧ୍ୟରେ ଶିଶୁବାଟିକାର ପ୍ରତ୍ୟେକ ଶିକ୍ଷଣ ଫଳାଫଳ ହାସଲ କରିବାକୁ ସୁଯୋଗ ସୃଷ୍ଟି କରାଯିବ । ଉଦାହରଣ ଭାବେ ବହୁଶ୍ରେଣୀ ପରିସ୍ଥିତିରେ କେତେଗୁଡ଼ିଏ ନମୁନା ଶିକ୍ଷଣ କାର୍ଯ୍ୟର ବର୍ଣ୍ଣନା କରାଯାଇଅଛି । ଶିକ୍ଷକ ଶ୍ରେଣୀ ପରିସ୍ଥିତିକୁ ଆଧାର କରି, ଶିକ୍ଷଣ ସାମଗ୍ରୀର ଉପଲବ୍ଧତାକୁ ପାଥେୟ କରି ସମୟ ଅନୁସାରେ ଅନେକଗୁଡ଼ିଏ ଯୋଜନା କରିପାରିବେ । ମନେ ରଖିବାକୁ ହେବ ଯେ, ଶିକ୍ଷା ବର୍ଷର ଶେଷକୁ ସମସ୍ତ ଶିକ୍ଷଣ ଫଳାଫଳ ହାସଲ କରିବା ପାଇଁ ବିଦ୍ୟାଳୟ ସ୍ତରରେ ଯଥେଷ୍ଟ ପ୍ରୟାସ କରାଯାଇଛି ଓ ସମସ୍ତ ଶିକ୍ଷାର୍ଥୀ ଶ୍ରେଣୀଭିତ୍ତିକ ଶିକ୍ଷଣ ଫଳାଫଳକୁ ହାସଲ କରିପାରିଛନ୍ତି ।

ମାସ - ଏପ୍ରିଲ ଓ ଜୁନ

ଶିକ୍ଷଣ ଦିଗ	କାର୍ଯ୍ୟ ସଂଖ୍ୟା
ବୌଦ୍ଧିକ ବିକାଶ	୧
ବୌଦ୍ଧିକ ବିକାଶ	୨
ଭାଷାଗତ ବିକାଶ	୩
ବୌଦ୍ଧିକ ବିକାଶ	୪
ବୌଦ୍ଧିକ ବିକାଶ	୫
କଳା , ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	୬
ଶାରୀରିକ ବିକାଶ	୭
ଶାରୀରିକ ବିକାଶ	୮
ବୌଦ୍ଧିକ ବିକାଶ	୯
କଳା , ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	୧୦

ପ୍ରତ୍ୟେକ ମାସର ବିକାଶର ଦିଗ, ଶିକ୍ଷଣ ଫଳାଫଳ ଓ କାର୍ଯ୍ୟପୁସ୍ତିକାର କାର୍ଯ୍ୟ ସଂଖ୍ୟାର ତାଲିକା ଦିଆଯାଇଛି । ଏହି ତାଲିକା ଅନୁଯାୟୀ ୫ଟି ବିକାଶର ଦିଗ ଅନ୍ତର୍ଭୁକ୍ତ କେତେକ ଶିକ୍ଷଣ ଫଳାଫଳ ଆଧାରିତ କିଛି ନମୁନା ଶିକ୍ଷଣ କାର୍ଯ୍ୟ ଦିଆଯାଇଛି । ଶିକ୍ଷକ ଶ୍ରେଣୀ ପରିଚାଳନା ସମୟରେ ଏହି ଶିକ୍ଷଣ କାର୍ଯ୍ୟ କରାଇବା ସହ ନିଜ ପରିସ୍ଥିତି ଅନୁଯାୟୀ ଅନ୍ୟ ଶିକ୍ଷଣ କାର୍ଯ୍ୟ ମଧ୍ୟ କରାଇପାରିବେ । ସେହିପରି ଅନ୍ୟ ଶିକ୍ଷଣ ଫଳାଫଳ ପାଇଁ ନିଜ ପରିସ୍ଥିତି ଅନୁଯାୟୀ ଶିକ୍ଷଣ କାର୍ଯ୍ୟ କରି ଶ୍ରେଣୀ ପରିଚାଳନା କରିବେ । କେତେକ ଶିକ୍ଷଣ ଫଳାଫଳ ଆଧାରିତ କାର୍ଯ୍ୟ ଫର୍ଦ୍ଦର ସୂଚନା ଦେଖି କାର୍ଯ୍ୟ ପୁସ୍ତିକାର କାର୍ଯ୍ୟଫର୍ଦ୍ଦ ଗୁଡିକୁ ଶ୍ରେଣୀରେ କରାଇବେ ।

ମାସ - ଜୁଲାଇ

ଶିକ୍ଷଣ ଦିଗ	ଶିକ୍ଷଣ ଫଳାଫଳ	କାର୍ଯ୍ୟ ସଂଖ୍ୟା
ଶାରୀରିକ ବିକାଶ	● ସ୍ୱାଧୀନ ଭାବରେ ବିଭିନ୍ନ ପ୍ରକାର ଖାଦ୍ୟ ଖାଇବ । ● ବିଭିନ୍ନ ଖାଦ୍ୟ ଶ୍ରେଣୀରୁ ଖାଦ୍ୟ ଚିହ୍ନଟ କରେ ଏବଂ ବିଭିନ୍ନ ଖାଦ୍ୟର ଉପଯୋଗିତା/କୁପ୍ରଭାବ ବ୍ୟାଖ୍ୟା କରେ । ● କେତେକ ଉତ୍ତମ ପୁଷ୍ଟିକର ଖାଦ୍ୟର ଗୁଣାବଳୀ କହେ । ଯଥା-ଅଣ୍ଡା, ଡାଲି, କ୍ଷୀର, ଶାଗ । ● କେତେକ ପୁଷ୍ଟିକର ଜଳଖିଆ ପ୍ରସ୍ତୁତ କରିବାରେ ଅଂଶ ଗ୍ରହଣ କରେ (ଯଥା ସିଝା ଚଣା, ଅଙ୍କୁରିତ ସାଲାଡ୍, ଇତ୍ୟାଦି ।	11 12
ସାମାଜିକ-ଆବେଗିକ ଓ ନୈତିକ ବିକାଶ ।	● ପରିବାର, ପଡ଼ୋଶୀ, ବିଦ୍ୟାଳୟ, ସହର ଏବଂ ଯେଉଁଠାରେ ଭିନ୍ନ-ଭିନ୍ନ ଲୋକ ଭିନ୍ନ-ଭିନ୍ନ ଭୂମିକା ନିର୍ବାହ କରନ୍ତି, ସେହିଠାରେ ନିଜକୁ ଏକ ସଦସ୍ୟ ଭାବେ ନିଜର ପରିଚୟ ଦେବ । ● ବ୍ୟକ୍ତିଗତ ପରିଚୟ ସୂଚନା ଯେପରିକି ବାସସ୍ଥାନର ଠିକଣା, ପରିବାର ସଦସ୍ୟମାନଙ୍କର ବିବରଣୀ ଓ ବିଦ୍ୟାଳୟ ଇତ୍ୟାଦି ବିଷୟରେ ତଥ୍ୟ ପ୍ରଦାନ କରିଥାଏ ।	13
ବୌଦ୍ଧିକ ବିକାଶ	● ନିଜ ନିକଟ ପରିବେଶରେ ଉପଲବ୍ଧ ଥିବା ସାଧାରଣ ବସ୍ତୁ, ଧ୍ୱନି, ମଣିଷ, ଚିତ୍ର, ମଡେଲ ପଶୁପକ୍ଷୀଙ୍କର ସୂକ୍ଷ୍ମ ବିବରଣୀ ବର୍ଣ୍ଣନା କରିବ ।(ଘରର ବଡ କବାଟ) ● ସମାନ ପରିଚିତ ବସ୍ତୁ ମଧ୍ୟରେ ଥିବା ଚିତ୍ରର ୪-୬ ଟି ନିଖୋଜ ଅଂଶକୁ ଚିହ୍ନଟ କରିବ । ● ଏକ ପ୍ରକାର ଓ ଅନ୍ୟ ପ୍ରକାରର ପଶୁପକ୍ଷୀମାନଙ୍କ ମଧ୍ୟରେ ବଡରୁ ସାନ (ପଶୁପକ୍ଷୀ ଏବଂ ସେମାନଙ୍କର ଶାବକ)ଚିହ୍ନଟ କରିବ । ● ବସ୍ତୁ ମଧ୍ୟରେ (ସମାନ ବସ୍ତୁ ,ଅଲଗା ଅଲଗା ବସ୍ତୁ) ତୁଳନା କରିବ ।	14 15 16
ଶାରୀରିକ ବିକାଶ	● ବିଭିନ୍ନ କାର୍ଯ୍ୟ କରିବା ପାଇଁ, ସୂକ୍ଷ୍ମ ମାଂସପେଶୀର ସମନ୍ୱିତ ଚଳନକୁ ବ୍ୟବହାର କରେ, ଯାହାକି କିଛି ସହାୟତା ସହିତ ଅଧିକ ସଠିକତା ଆବଶ୍ୟକ କରେ । (ଯଥା ପେନସିଲ ସାହାଯ୍ୟରେ ଚିତ୍ରାଙ୍କନ, ସିଧା କିମ୍ବା ବକ୍ର ରେଖା ଉପରେ କାଟିବା, ଛୋଟ ମାଳି ଗୁନ୍ଥିବା ସ୍ପଷ୍ଟ ଅକ୍ଷରର ଲିଖନ, ସୂତା ଦ୍ୱାରା ଫୁଲ ଗୁନ୍ଥିବା, ଆବଦ୍ଧ କ୍ଷେତ୍ର ମଧ୍ୟରେ ରଙ୍ଗ ଦେବା ।	17
ବୌଦ୍ଧିକ ବିକାଶ	● ବସ୍ତୁ ମଧ୍ୟରେ (ସମାନ ବସ୍ତୁ ,ଅଲଗା ଅଲଗା ବସ୍ତୁ) ତୁଳନା କରିବ ।	18 19
ଶାରୀରିକ ବିକାଶ	● ବିଭିନ୍ନ କାର୍ଯ୍ୟ କରିବା ପାଇଁ, ସୂକ୍ଷ୍ମ ମାଂସପେଶୀର ସମନ୍ୱିତ ଚଳନକୁ ବ୍ୟବହାର କରେ, ଯାହାକି କିଛି ସହାୟତା ସହିତ ଅଧିକ ସଠିକତା ଆବଶ୍ୟକ କରେ । (ଯଥା ପେନସିଲ ସାହାଯ୍ୟରେ ଚିତ୍ରାଙ୍କନ, ସିଧା କିମ୍ବା ବକ୍ର ରେଖା ଉପରେ କାଟିବା, ଛୋଟ ମାଳି ଗୁନ୍ଥିବା ସ୍ପଷ୍ଟ ଅକ୍ଷରର ଲିଖନ, ସୂତା ଦ୍ୱାରା ଫୁଲ ଗୁନ୍ଥିବା, ଆବଦ୍ଧ କ୍ଷେତ୍ର ମଧ୍ୟରେ ରଙ୍ଗ ଦେବା)	20
ଭାଷାଗତ ବିକାଶ	● ପରିଚିତ ଗୀତ/ କବିତା (୪- ୮ ବାକ୍ୟ ବିଶିଷ୍ଟ) ଧ୍ୟାନର ସହ ଶୁଣିବେ ଓ ତାହା ଉପରେ ବାର୍ତ୍ତାଳାପ କରିବ ● କବିତା / ଗୀତ (୪- ୫ ବାକ୍ୟ ବିଶିଷ୍ଟ) ଗାଇବେ / ଆବୃତ୍ତି କରିବ ।	
କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	● ବିଭିନ୍ନ ପ୍ରକାର କଳା ସାମଗ୍ରୀ, ଉପକରଣ ବ୍ୟବହାର ସମୟରେ ଭିନ୍ନଭିନ୍ନ କଳାକୌଶଳର ଅନ୍ୱେଷଣ କରିବ (ଯେପରି – ବାଡି, ମଞ୍ଜି, ଗୋଡି, ପଥର, ସୂତା, ପେନ୍ସିଲ, ବ୍ରଶ, କ୍ରେୟନ, ପାଉଡ଼ର, ମାଟି, ଓ କଇଁଚି ଇତ୍ୟାଦି)	21 22

ଶାରୀରିକ ବିକାଶ

Competency-1.1.ପୌଷ୍ଟିକ ଖାଦ୍ୟ ଓ ଖାଦ୍ୟ ନଷ୍ଟ ନ କରିବା ସମ୍ବନ୍ଧୀୟ ବୁଝାମଣା ଓ ପସନ୍ଦ ପ୍ରଦର୍ଶନ କରିବ ।

ଶିକ୍ଷଣ ଫଳାଫଳ:

ଶିଶୁବାଟିକା- କେତେକ ପୁଷ୍ଟିକର ଜଳଖିଆ ପ୍ରସ୍ତୁତ କରିବାରେ ଅଂଶଗ୍ରହଣ କରିବ । (ଯେପରି ସିଝାଚଣା, ଅଙ୍କୁରିତ ସାଲଡ ଇତ୍ୟାଦି ।)

ପ୍ରଥମ ଶ୍ରେଣୀ- କେତେକ ପୁଷ୍ଟିକର ଜଳଖିଆ ପ୍ରସ୍ତୁତ କରିବାରେ ଅଂଶଗ୍ରହଣ କରିବ । (ଯେପରି ସିଝାବୁଟ, ସାଲଡ, ମୁଢି ପାଗ ଇତ୍ୟାଦି ।)

ଦ୍ୱିତୀୟ ଶ୍ରେଣୀ - ସ୍ୱାଧୀନ ଭାବରେ ପୁଷ୍ଟିକର ଜଳଖିଆ ପ୍ରସ୍ତୁତ କରିବ ।

କାର୍ଯ୍ୟ- "ଆସ ଖାଦ୍ୟ ତାଲିକା ତିଆରି କରିବା"

ସାମଗ୍ରୀ- ଖାଦ୍ୟ ଦ୍ରବ୍ୟ

ଶିକ୍ଷଣ ପ୍ରଣାଳୀ-

ଶିକ୍ଷକ ବିଦ୍ୟାଳୟରେ ଏକ ଖାଦ୍ୟ ମେଳାର ଆୟୋଜନ କରିବେ । ସେଥିରେ ଶିଶୁ ବାଟିକା , ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଶିକ୍ଷାର୍ଥୀମାନେ ଓ ସେମାନଙ୍କର ପିତାମାତା ଏବଂ ଗୋଷ୍ଠୀ ସଦସ୍ୟଙ୍କୁ ସାମିଲ କରିବେ । ପିଲାମାନଙ୍କୁ ସ୍ୱାସ୍ଥ୍ୟକର ଖାଦ୍ୟ ସାମଗ୍ରୀ ବିଷୟରେ ସଚେତନ କରିବେ । ଚିନାବାଦାମ, ଗୁଡ଼, ଗଜା ମୁଗ , ଗଜା ବୁଟ ଭଳି ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥର ବ୍ୟବସ୍ଥା କରିବେ । ଚଣା, ଫଳ, ଲେମ୍ବୁ, ପନିପରିବା, ଗୁଡ଼ ମିଶ୍ରିତ ଚିନାବାଦାମ, ଖାଇବାର ମଜାନେବାକୁ ଦେବେ । ପିତାମାତାଙ୍କୁ କହିବେ ସାସ୍ଥ୍ୟକର ଜଳଖିଆ, ଫଳ, ଲେମ୍ବୁପାଣି ଇତ୍ୟାଦି ପ୍ରସ୍ତୁତ କରି ପିଲାମାନଙ୍କୁ ଖାଇବାକୁ/ପିଇବାକୁ ଦେବେ । ପିତାମାତାଙ୍କୁ ସହଜରେ ଉପଲବ୍ଧ ଫଳ ଏବଂ ପନିପରିବା କାଟିବାକୁ କହିବେ । ଗୁଡ଼-ଭିଜା ଚଣା ଓ ଚିନାବାଦାମକୁ ମିଶାଇବେ । ଏହି ଖାଦ୍ୟ ପଦାର୍ଥକୁ ପିଲାମାନଙ୍କୁ ପରଖିବେ ଓ ତା'ର ମଜା ନେବାକୁ ଦେବେ ।

ଖାଦ୍ୟ ମେଳାରେ କେଉଁସବୁ ଖାଦ୍ୟ ଖାଇଲ ସେଥିରେ କେଉଁସବୁ ଜିନିଷ ମିଶିଥିଲା ଓ କେଉଁ ଖାଦ୍ୟ ଖାଇବାକୁ ଭଲ ଲାଗିଲା ପଚାରିବେ।

ଖାଦ୍ୟମେଳା ସରିବା ପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଏକାଠି ବସାଇବେ ଓ ନିଜେ ବସିବେ ଓ ଖେଳ ଖେଳାଇବେ ।

ସୂଚନା :-

- ଶିକ୍ଷକ ଗୋଟିଏ ପରେ ଗୋଟିଏ ଖାଦ୍ୟ ପଦାର୍ଥର ନାମ କହିବେ ।
- ଶିକ୍ଷକ କହିଥିବା ଖାଦ୍ୟଟି ଯଦି ଶରୀର ପାଇଁ ଉପଯୋଗୀ ତେବେ ପିଲାମାନେ ଦୁଇଥର ତାଳି ମାରିବେ , ଯଦି ଶରୀର ପାଇଁ ଉପଯୋଗୀ ନୁହେଁ ବା ଖରାପ ତେବେ ନା ନା କହି ମୁଣ୍ଡ ହଲାଇବେ ।
- ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ଭାଗିଦାରୀତାକୁ ନିଶ୍ଚିତ କରିବେ ।
- ଆବଶ୍ୟକସ୍ଥଳେ ସଂଶୋଧନ କରିବେ ।
- ଶରୀର ପାଇଁ ଭଲ ଓ ଖରାପ ଖାଦ୍ୟ ଆଧାରରେ ଆଲୋଚନା କରି ସଂକ୍ଷେପଣ କରିବେ ।

ଏହି ଶିକ୍ଷଣ ଫଳାଫଳ ହାସଲ କରିବାପାଇଁ ଭିନ୍ନ ଭିନ୍ନ ଦିନରେ ବିଭିନ୍ନ ପ୍ରକାରର ଶିକ୍ଷଣକାର୍ଯ୍ୟ କରାଇବେ ।

ଶିକ୍ଷକ ଶିଶୁବାଟିକାର ପିଲାମାନଙ୍କୁ କାର୍ଯ୍ୟପୁସ୍ତିକାରେ ଥିବା କାର୍ଯ୍ୟ –୧୧ ଓ ୧୨ ରେ ଦିଆଯାଇଥିବା କାର୍ଯ୍ୟକୁ ପିଲାମାନଙ୍କ ସହ ଆଲୋଚନା କରିବେ ଓ ବ୍ୟକ୍ତିଗତ ଭାବରେ ପିଲାମାନଙ୍କୁ ନିଜ କାର୍ଯ୍ୟପୁସ୍ତିକାରେ କାର୍ଯ୍ୟ କରିବାପାଇଁ ସୂଚନା ଦେବେ । ଏହାପରେ ବ୍ୟକ୍ତିଗତ ପ୍ରତିପୃଷ୍ଠି ଦେଇ ସ୍ୱାକ୍ଷର କରିବେ ।

ସେହି ସମୟରେ

- ଶିକ୍ଷକ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ଏକାଠି କରି ଛୋଟ ଛୋଟ ଦଳରେ ବସାଇବେ ।
- ପିଲାମାନେ ଦଳରେ ଆଲୋଚନା କରି ଭଲ ଖାଦ୍ୟ ଓ ଖରାପ ଖାଦ୍ୟର ତାଲିକା ପ୍ରସ୍ତୁତ କରିବେ ।

- ଦଳଗତ ଉପସ୍ଥାପନା କରିବେ ।
- ଆବଶ୍ୟକସ୍ଥଳେ ସଂଶୋଧନ କରିବେ।

ସଂକ୍ଷେପଣ :- କାର୍ଯ୍ୟପୁସ୍ତିକାର କାର୍ଯ୍ୟ-୧ ୧ କରିସାରିବା ପରେ ଶିକ୍ଷକ ସୁସ୍ଥ ଖାଦ୍ୟ ପଦାର୍ଥର ଗୁରୁତ୍ୱକୁ ବୁଝାଇବେ ଓ ଶାରୀରିକ ଅଭିବୃଦ୍ଧି ଓ ସୁସ୍ଥ ଶରୀର ପାଇଁ ପୌଷ୍ଟିକ ଖାଦ୍ୟର ଗୁରୁତ୍ୱ ବିଷୟରେ କହିବେ।

ଅନ୍ୟ ଦକ୍ଷତାର ବିକାଶ - ବର୍ଗୀକରଣ, ଯୁକ୍ତି ସଙ୍ଗତ ଚିନ୍ତନ, ସ୍ୱାଭାବିକ କଥାବାର୍ତ୍ତା, ଶବ୍ଦ ଭଣ୍ଡାରର ବୃଦ୍ଧି, କଳାକୃତି ସୃଷ୍ଟିକରିବା, ସୁସ୍ଥ ଓ ସୁରକ୍ଷିତ ଅଭ୍ୟାସ, ଆକୃତି, ସାମଗ୍ରିକ ସଚେତନତା ମଧ୍ୟରେ ପାର୍ଥକ୍ୟ, ଇନ୍ଦ୍ରିୟାନୁଭୂତିରେ ତୀକ୍ଷ୍ଣତା ଇତ୍ୟାଦି ।

LO-

ନିଜର ଯତ୍ନ ଓ ସ୍ୱଚ୍ଛତା ପାଇଁ ଅତ୍ୟାବଶ୍ୟକ ଅଭ୍ୟାସକରିବ।

ଗୀତ ଗାଇବା

କାର୍ଯ୍ୟଟିକୁ ସମ୍ପାଦନ କରିବାର ପ୍ରଣାଳୀ :

- ❖ ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ U- ଆକାରରେ ଠିଆକରାଇ ଗୀତଟିକୁ ଅଭିନୟ ସହ ଆବୃତ୍ତି କରିବେ।
- ❖ ପିଲାମାନେ ଅନୁକରଣ କରିବେ।
- ❖ **ଅଭିନୟ ସଙ୍ଗୀତ– "ସକାଳୁ ଉଠି ମୁଁ ଘଷିବି ଦାନ୍ତ "**

ସକାଳୁ ଉଠି ମୁଁ ଘଷିବି ଦାନ୍ତ — ଖାଇବା ଆଗରୁ ଧୋଇବି ହାତ ।
ଆସନ ଉପରେ ଖୁସିରେ ବସି — ଯାହା ଦେବେ ମା' ଖାଇବି ହସି ।
ଖାଇବା ଦରବ ଫିଙ୍ଗିବି ନାହିଁ — ବେଶୀ ଥିବ ଯାହା ଦେବି ଫେରାଇ ।
ଖାଦ୍ୟରେ ବସାଇ ନ ଦେବି ମାଛି — ଲୁଗା ସଫା ମୁହିଁ କରିବି କାଚି ।
ବଢ଼ାଇବି ନାହିଁ ନଖ ମୋହର — ନଖର ମଇଳା ରୋଗର ଘର ।
ମୁହଁରେ ନ ଦେବି ଅସନା ପାଣି — ପାଣିକୁ ସିଝାଇ ପିଇବି ଛାଣି ।
ବ୍ୟାୟମ କରିବି ସଞ୍ଜ ସକାଳେ — ଖେଳିବି ବୁଲିବି ସାଥୀଙ୍କ ମେଳେ ।
ଯେତେବେଳେ ଯେଉଁ କାମ ମୋହରି — ସାରିବି ନିତି ମୁଁ ହେଳା ନକରି ।

ଉପରୋକ୍ତ ଗୀତଟି ପିଲାମାନଙ୍କ ସହ ଆବୃତ୍ତି ପରେ ଶିକ୍ଷକ ପିଲାମାନଙ୍କୁ ପ୍ରଶ୍ନ ପଚାରି ଆଲୋଚନା କରିବେ ।
ଆବଶ୍ୟକସ୍ଥଳେ ସହାୟତା ପ୍ରଦାନ କରିବେ । କାର୍ଯ୍ୟଶେଷରେ ପ୍ରତିପୁଷ୍ଟି ଦେବେ ।

ପ୍ରଶ୍ନ – ୧ . ଗୀତଟି ତୁମକୁ କିପରି ଲାଗିଲା ?
ପ୍ରଶ୍ନ - ୨ . ତୁମେ କେତେବେଳେ ହାତ ଧୋଇଥାଅ ?
ପ୍ରଶ୍ନ -୩ . ତୁମ ଥାଳିରେ ଅଧିକ ଖାଦ୍ୟ ବଢ଼ାହୋଇଥିଲେ ତୁମେ କ'ଣ କରିବ ?
ପ୍ରଶ୍ନ -୪ . ତୁମେ ନଖ ବଢ଼ାଇଲେ କ' ଣ ଅସୁବିଧା ହେବ ?

ସଂକ୍ଷେପଣ– ପିଲାମାନେ କିପରି ନିଜର ଯତ୍ନ ନେବେ ଓ ସ୍ୱଚ୍ଛତା ବଜାୟ ରଖିବେ ସେ ବିଷୟରେ କହିବେ। ନିଜର ଦୈନନ୍ଦିନ କାମ କିପରି ଠିକ ଭାବରେ କରିବେ ଓ ଖାଇବା ପୂର୍ବରୁ ଓ ଖାଇବାପରେ ଏବଂ ଶୌଚାଳୟ ବ୍ୟବହାର କରିବା ପରେ ହାତ ଧୋଇବେ ।

ଅନ୍ୟ ଦକ୍ଷତାର ବିକାଶ - ନିଜର ଯତ୍ନ ନେବା ଓ ସ୍ୱଚ୍ଛତା ଅଭ୍ୟାସ, ସୁସ୍ଥ ଅଭ୍ୟାସର ବିକାଶ କରିବା, ନିଜକୁ ଚିହ୍ନିବା, କଥାବାର୍ତ୍ତା କରିବା, ସାମାଜିକ ନିୟମ ପ୍ରତି ସାକାରାତ୍ମକ ପ୍ରତିକ୍ରିୟା ଦେବା, ଉପଯୁକ୍ତ ସାଧନୀର ବ୍ୟବହାର କରିବା, ଗୀତ ଶୁଣିବା ଓ ପ୍ରଶଂସା କରିବା ଇତ୍ୟାଦି ।

ସାମାଜିକ, ଆବେଗିକ ଓ ନୈତିକ ବିକାଶ

C-4.1. ନିଜକୁ ପରିବାର ଓ ଗୋଷ୍ଠୀର ଜଣେ ସଦସ୍ୟ ଭାବେ ଚିହ୍ନିବାକୁ ଆରମ୍ଭ କରିବ

କାର୍ଯ୍ୟ - ଅନୁକରଣ କରିବା

ସାମଗ୍ରୀ- ପୋଷାକ ଓ ଅନ୍ୟ ସାମଗ୍ରୀ,

ବିଭିନ୍ନ ଚରିତ୍ର ପାଇଁ ଆବଶ୍ୟକ ସାମଗ୍ରୀ, ଯେପରି -ଚଷମା, ଖବରକାଗଜ, ରୋଷେଇ ସେଟଇତ୍ୟାଦି ।

ଶିକ୍ଷଣ ପ୍ରଣାଳୀ –(ଦଳଗତ କାର୍ଯ୍ୟ – ରୋଲ ପ୍ଲେ)

ଶିକ୍ଷକ କଣ୍ଢେଇ ଖେଳ ମାଧ୍ୟମରେ ମୁକ୍ତ ଖେଳ ସମୟରେ ପିଲାମାନଙ୍କୁ ସେମାନଙ୍କ ପରିବାରସଦସ୍ୟଙ୍କ ଭୂମିକା ନିର୍ବାହ କରିବାକୁ କହିବେ ଏବଂ ପରିବାରର ଜଣେ ନିର୍ଦ୍ଦିଷ୍ଟ ସଦସ୍ୟ ଘରେ କଥାବାର୍ତ୍ତା କରୁଥିବା ସ୍ୱର, ତାଳ ଏବଂ ଭାଷା ଅନୁକରଣ କରିବାକୁ କହିବେ।

ପ୍ରତ୍ୟେକ ଦଳ ଅଭିନୟ କରିବାପରେ ଶିକ୍ଷକ ସମସ୍ତ ଦଳକୁ ତାଳିମାରି ଉତ୍ସାହିତ କରିବେ। ନିଜ ଦଳରେ ନିମ୍ନ ପ୍ରଶ୍ନ ଉପରେ ଆଲୋଚନା କରିବା ପାଇଁ କହିବେ ।

ପ୍ରତି ଦଳରେ ପିଲାମାନେ ନିଜ ନିଜ ପରିବାର ବିଷୟରେ କହିବେ ,ଯେପରି

ଘରେ କିଏ କିଏ ଅଛନ୍ତି ?

ଘରେ କିଏ କେଉଁ କାମ କରନ୍ତି ?

- ମାମୁଁ ଘରର ସଦସ୍ୟମାନଙ୍କର ଭୂମିକା ନିର୍ବାହ କରିବାକୁ ମଧ୍ୟ କହିବେ।

ଶିକ୍ଷକ ପ୍ରତ୍ୟେକ ପିଲାର ଅଂଶଗ୍ରହଣକୁ ସୁନିଶ୍ଚିତ କରିବେ ଓ ଆବଶ୍ୟକ ପ୍ରତିପୁଷ୍ଟି ଦେବେ ।

ଅନ୍ୟ ଦକ୍ଷତାର ବିକାଶ - ଇନ୍ଦ୍ରିୟାନୁଭୂତି ଅଭିଜ୍ଞତା ଆହରଣ ଏବଂ ଶରୀରର ଗତିବିଧି ମଧ୍ୟରେ ସମନ୍ୱୟ ଦେଖାଇବା, ପରିବାରରେ ନିଜକୁ ଚିହ୍ନିବାକୁ ଆରମ୍ଭ କରିବା, ସ୍ୱାଭାବିକ ଭାବେ କଥାବାର୍ତ୍ତା କରିବା ଓ ସକାରାତ୍ମକ ପ୍ରତିକ୍ରିୟା ଦେଖାଇବା ।

ଉପରୋକ୍ତ ଶ୍ରେଣୀ କାର୍ଯ୍ୟ କରିସାରିବା ପରେ ଶିକ୍ଷକ ପିଲାମାନଙ୍କୁ କାର୍ଯ୍ୟ – ୧୩ କରିବାକୁ ଦେବେ ଓ ଆବଶ୍ୟକସ୍ଥଳେ ସହାୟତା ଯୋଗାଇଦେବେ ଓ ନିଜର ସ୍ୱାକ୍ଷର କରି ବ୍ୟକ୍ତିଗତ ପ୍ରତିପୁଷ୍ଟି ଦେବେ ।

ବୌଦ୍ଧିକ ବିକାଶ

C-7.1: ବିଭିନ୍ନ ପ୍ରକାର ବସ୍ତୁ ଏବଂ ସେମାନଙ୍କ ମଧ୍ୟରେ ସମ୍ପର୍କକୁ ପର୍ଯ୍ୟବେକ୍ଷଣ କରିବେ ଓ ବୁଝିବେ।

ମୋ ଚାରିପାଖେ ଥିବା ପଶୁ ଓ ପକ୍ଷୀ

ସାମଗ୍ରୀ - ପଶୁ, ପକ୍ଷୀଙ୍କର ଚିତ୍ର କାର୍ଡ଼

ଶିକ୍ଷଣ ପ୍ରଣାଳୀ - ୧ (ଖୋଲା ଆଲୋଚନା)

- ଶିକ୍ଷକ ପିଲାମାନଙ୍କୁ ଗୋଲାକାରରେ ବସାଇବେ ।
- ସବୁ ପିଲାଙ୍କୁ ଗୋଟିଏ ଲେଖାଏଁ ପଶୁ/ପକ୍ଷୀର ନାମ କହିବାକୁ ସୂଚନା ଦେବେ।
- ଯିଏ ଯେଉଁ ପଶୁ/ପକ୍ଷୀର ନାମ କହିବ ସେ ତା'ର ଗୋଟିଏ ବୈଶିଷ୍ଟ୍ୟ କହିବାକୁ ସୂଚାନା ଦେବେ।

ପ୍ରଶ୍ନ ୧ - ଆମ ଆଖପାଖରେ ଥିବା ପଶୁ ପକ୍ଷୀ, ଆମ ଦୈନନ୍ଦିନ ଜୀବନରେ କିପରି ସହାୟକ ହୁଅନ୍ତି ?

ଉପରୋକ୍ତ ଶ୍ରେଣୀ କାର୍ଯ୍ୟ କରିସାରିବା ପରେ ଶିକ୍ଷକ ପିଲାମାନଙ୍କୁ କାର୍ଯ୍ୟ – ୧୪ ଦେବେ ଓ ଆବଶ୍ୟକସ୍ଥଳେ ସହାୟତା ଯୋଗାଇଦେବେ ଓ ନିଜର ସ୍ୱାକ୍ଷର କରି ବ୍ୟକ୍ତିଗତ ପ୍ରତିପୁଷ୍ଟି ଦେବେ ।

ଅନ୍ୟ ଦକ୍ଷତାର ବିକାଶ - ଭାଷାର କୌଶଳ, ଭାବନାତ୍ମକ ଦକ୍ଷତା, ପଶୁପକ୍ଷୀଙ୍କ ପ୍ରତି ସହାନୁଭୁତି, ସାମାଜିକ ସଂପର୍କକୁ ବୁଝିବା, ପରିବେଶ ସଚେତନତା, ସୁସ୍ଥ ଅଭ୍ୟାସର ବିକାଶ କରାଇବା ।

L.O - ବସ୍ତୁ ମଧ୍ୟରେ (ସମାନ ବସ୍ତୁ ,ଅଲଗା ଅଲଗା ବସ୍ତୁ) ତୁଳନା କରିବ ।

କାର୍ଯ୍ୟ - "ଆସ କରି ଦେଖିବା"

ସାମଗ୍ରୀ –ବିଭିନ୍ନ ପ୍ରକାର ଫୁଲ, ପତ୍ର , ଗୋଡି, ମଞ୍ଜି, କାଚ ଗୋଲି ଇତ୍ୟାଦି ।

ଶିକ୍ଷଣ କାର୍ଯ୍ୟ – ଶିକ୍ଷକ ପିଲାମାନଙ୍କୁ ଦଳରେ ଶ୍ରେଣୀର ବାହାରକୁ ଯାଇ ବିଭିନ୍ନ ପ୍ରକାର ଫୁଲ, ପତ୍ର , ଗୋଡି, ମଞ୍ଜି ଓ କାଚ ଗୋଲି ଆଣିବା ପାଇଁ କହିବେ ।

- ସେଗୁଡ଼ିକ ଦଳରେ ବସି ସଂଗ୍ରହ କରିଥିବା ବସ୍ତୁ ଗୁଡିକୁ ସମାନ ସମାନ ବସ୍ତୁ ଭାଗରେ ଅଲଗା କରି ରଖିବା ପାଇଁ କହିବେ । ପ୍ରତ୍ୟେକ ଦଳ ନିଜର ସଂଗ୍ରହ କରିଥିବା ବସ୍ତୁ ଗୁଡିକର ଶ୍ରେଣୀ ବିଭାଗ କରି, କେଉଁ କେଉଁ ଆଧାରରେ କାମଟିକୁ କଲେ କହିବେ।
- ସମସ୍ତ ଦଳର ଉପସ୍ଥାପନା ପରେ ଶିକ୍ଷକ ଆବଶ୍ୟକସ୍ଥଳେ ସହାୟତା କରିବେ ଓ ସଂକ୍ଷେପଣ କରିବେ ।

- ଉପରୋକ୍ତ ଶ୍ରେଣୀ କାର୍ଯ୍ୟ କରିସାରିବା ପରେ ଶିକ୍ଷକ ପିଲାମାନଙ୍କୁ କାର୍ଯ୍ୟପୁସ୍ତିକାର କାର୍ଯ୍ୟ– ୧ ୯ ଦେବେ ଓ ଆବଶ୍ୟକସ୍ଥଳେ ସହାୟତା ଯୋଗାଇଦେବେ ଓ ନିଜର ସ୍ୱାକ୍ଷର କରି ବ୍ୟକ୍ତିଗତ ପ୍ରତିପୁଷ୍ଟି ଦେବେ ।

ଶାରୀରିକ ବିକାଶ

C-3.3 ନିଜର ହାତ ଏବଂ ଆଙ୍ଗୁଠି ସହିତ କାର୍ଯ୍ୟ କରିବାରେ ସଠିକତା ଏବଂନିୟନ୍ତ୍ରଣ ପ୍ରଦର୍ଶନ କରିବ

ବିଭିନ୍ନ କାର୍ଯ୍ୟ କରିବା ପାଇଁ, ସୂକ୍ଷ୍ମ ମାଂସପେଶୀର ସମନ୍ୱିତ ଚଳନକୁ ବ୍ୟବହାର କରିବ, ଯାହାକି କିଛି ସହାୟତା ସହିତ ଅଧିକ ସଠିକତା ଆବଶ୍ୟକ କରେ । (ଯଥା –ପେନସିଲ ସାହାଯ୍ୟରେ ଚିତ୍ରାଙ୍କନ, ସିଧା କିମ୍ବା ବକ୍ର ରେଖା ଉପରେ କାଟିବା, ଛୋଟ ମାଳି ଗୁନ୍ଥିବା, ଆବଦ୍ଧ କ୍ଷେତ୍ର ମଧ୍ୟରେ ରଙ୍ଗ ଦେବ)

ସାମଗ୍ରୀ- ସୂତା, ମାଳି, ପାତ୍ର, ପେନସିଲ, ରଙ୍ଗ

ଶିକ୍ଷଣ ପ୍ରଣାଳୀ– " ଆସ ହାର କରିବା " (ଦଳଗତ କାର୍ଯ୍ୟ)

- ଶିକ୍ଷକ ପିଲାମାନଙ୍କୁ ଦଳରେ ବସିବାକୁ କହିବେ । ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ପାତ୍ର ଓ କିଛି ଅଲଗା ଅଲଗା ରଙ୍ଗର ମାଳି, ତାର ବା ସୂତା ଦେବେ ।
- ଆବଶ୍ୟକସ୍ଥଳେ ଫୁଲପତ୍ର ବ୍ୟବହାର କରିପାରିବେ ।
- ପ୍ରତ୍ୟେକ ଦଳକୁ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବା ପାଇଁ କହିବେ ।

ନିର୍ଦ୍ଦିଷ୍ଟ ରଙ୍ଗ କ୍ରମରେ ସଜାଇବାକୁ କହିବେ / ସମାନ କ୍ରମରେପୁନରାବୃତ୍ତି ମାଳାଟିକୁ ତିଆରି କରିବେ (ଲାଲ, ନୀଳ, ସବୁଜ, ହଳଦିଆ)ମାଳା ତିଆରି କରିବା ପାଇଁ କହିବେ ।

ସଂକ୍ଷେପଣ –ଶିକ୍ଷକ ପିଲାମାନଙ୍କୁ ଶିକ୍ଷଣ କାର୍ଯ୍ୟଟି କିପରି ଲାଗିଲା ପଚାରିବେ । ଏପରି କାର୍ଯ୍ୟ ଘରେ କରନ୍ତି କି ?

ଅନ୍ୟ ଦକ୍ଷତାର ବିକାଶ – ଆଖି-ହାତର ସମନ୍ୱୟ, ଏକାଗ୍ରତା, ମାଂସପେଶୀୟ ଦକ୍ଷତା, ସକାରାତ୍ମକ ଶିକ୍ଷଣ ଅଭ୍ୟାସ, ସହଯୋଗୀ ଭାବରେ କାର୍ଯ୍ୟ କରିବା, ଅଭିନବ କାର୍ଯ୍ୟ କରିବା, ସମସ୍ୟା ସମାଧାନ କରିବା, ଇନ୍ଦ୍ରିୟାନୁଭୂତିରେ ତୀକ୍ଷ୍ଣତା ଇତ୍ୟାଦିର ବିକାଶ ।

ଉପରୋକ୍ତ ଶ୍ରେଣୀ କାର୍ଯ୍ୟ କରିସାରିବା ପରେ ଶିକ୍ଷକ ପିଲାମାନଙ୍କୁ କାର୍ଯ୍ୟ – ୧୭ ଦେବେ ଓ ଆବଶ୍ୟକସ୍ଥଳେ ସହାୟତା ଯୋଗାଇଦେବେ ଓ ନିଜର ସ୍ୱାକ୍ଷର କରି ବ୍ୟକ୍ତିଗତ ପ୍ରତିପୁଷ୍ଟି ଦେବେ ।

ଭାଷାଗତ ବିକାଶ

୯.୧- ସରଳ ଗୀତ, ସମତାନ ଗୀତ ଓ କବିତା ଶୁଣିବ ଓ ପ୍ରଶଂସା କରିବ ।

ପରିଚିତ ଗୀତ /କବିତା (୪-୮ ପଦ ବିଶିଷ୍ଟ) ଧ୍ୟାନର ସହ ଶୁଣିବ ଓ ତାହା ଉପରେ ବାର୍ତ୍ତାଳାପ କରିବ ।

କାର୍ଯ୍ୟ – "ଚାଲ ଗୀତ ଗାଇବା"

ଶିକ୍ଷଣ ସାମଗ୍ରୀ – " କବିତା ପୋଷ୍ଟର"

" ମୂଷା "

" ଅମାର ଭିତରେ ପଶିଲା ମୂଷା
ଧାନ ଖାଇଦେଲା ଭୁସୁ ଭୁସା
ନାଚିଲା ମଜାରେ ତା'ଧିନ ତା'ଧିନ
ତାକୁ ଦେଖିଦେଲା ବିଲେଇନାନୀ
ତରବର ହୋଇ ଲୁଚିଲା ମୂଷା
ବିଲେଇ ନାନୀର ରହିଲା ଆଶା"

ଶିକ୍ଷଣ କାର୍ଯ୍ୟ –

- ଶିକ୍ଷକ ସମସ୍ତ ପିଲାଙ୍କୁ ଗୋଲାକାରରେ ଠିଆ କରାଇବେ ।
- ଶିକ୍ଷକ ମୂଷା କବିତାଟିକୁ ଅଭିନୟ କରି ସ୍ୱରର ଉତ୍ଥାନ ପତନ କରି ଗାଇବେ ଓ ପିଲାମାନଙ୍କୁ ଗାଇବାପାଇଁ କହିବେ । ବାରମ୍ବାର ଗୀତଟିକୁ ଗାଇବା ପାଇଁ କହିବେ ।
- ଗୀତଟିକୁ ଡ୍ରଇଂ ସିଟରେ ଲେଖି ପିଲମାନଙ୍କୁ ଦେଖାଯିବା ଭଳି ସ୍ଥାନରେ ଲଗାଇବେ ।
- ଗୀତଟିକୁ ସୂଚକ ଦଣ୍ଡ (Pointer) ଦ୍ୱାରା ବାରମ୍ବାର ଦର୍ଶାଇବେ ।
- ଶିକ୍ଷକ ଗୋଟିଏ ଧାଡ଼ି ଗାଇବେ ଓ ପିଲାମାନେ ଦ୍ୱିତୀୟ ଧାଡ଼ି ଗାଇବେ ।
- ଶେଷରେ ଶିକ୍ଷକ ପିଲାମାନଙ୍କୁ କବିତା ସମ୍ପର୍କିତ କିଛି ପ୍ରଶ୍ନ ପଚାରିବେ ଓ ସଂକ୍ଷେପଣ କରିବେ ।

କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ

L.O ବିଭିନ୍ନ ପ୍ରକାର କଳା ସାମଗ୍ରୀ , ଉପକରଣ ବ୍ୟବହାର ସମୟରେ ଭିନ୍ନ ଭିନ୍ନ କଳାକୌଶଳର ଅନ୍ୱେଷଣ କରିବ । (ଯେପରି – ବାଡି, ମଞ୍ଜି, ଗୋଡି, ପଥର, ସୂତା, ପେନ୍ସିଲ, ବ୍ରଶ, କ୍ରେୟନ, ପାଉଡର , ମାଟି ଓ କଇଁଚି ଇତ୍ୟାଦି ।

ସାମଗ୍ରୀ –ଖବର କାଗଜ, ଓରିଗାମୀ କାଗଜ, ବିଜ୍ଞାପନ, ଅଠା, ପୁରୁଣା ପତ୍ରିକା, ମଞ୍ଜି, ସୂତା , କ୍ରେୟନ, କଇଁଚି

ଶିକ୍ଷଣ କାର୍ଯ୍ୟ –

- ଶିକ୍ଷକ ପିଲାମାନଙ୍କର ଦଳ ଗଠନ କରିବେ । ପ୍ରତ୍ୟେକ ଦଳକୁ ଉପରୋକ୍ତ ଶିକ୍ଷଣ ସାମଗ୍ରୀ ଦେବେ ।
- ପ୍ରତ୍ୟେକ ଦଳ ସାମଗ୍ରୀକୁ ଦେଖି ଦଳରେ ନିଜ ମନ ପସନ୍ଦର ଯେକୌଣସି ଆକୃତିରେ କାଗଜ ଖଣ୍ଡଗୁଡ଼ିକ ଲଗାଇ କୋଲାଜ ପ୍ରସ୍ତୁତ କରିବେ ।
- ଦିଆଯାଇଥିବା ସାମଗ୍ରୀକୁ କୋଲାଜ ପ୍ରସ୍ତୁତ କରିବା ସମୟରେ ବ୍ୟବହାର କରିବେ ।
- କାଗଜକୁ ଛୋଟ ଛୋଟ ଖଣ୍ଡ କରି ଚିରିବା ପାଇଁ କହିବେ ଓ ନିର୍ଦ୍ଦିଷ୍ଟ ରୂପରେଖରେ ଲଗାଇବା ପାଇଁ କହିବେ । ଉଦାହରଣ – ଗଛ, ଘର, ପଶୁ , ପକ୍ଷୀ ଇତ୍ୟାଦି
- ଦଳଗତ କାର୍ଯ୍ୟ ପରେ ସମସ୍ତ ଦଳ ନିଜ ଦଳର ଉପସ୍ଥାପନା କରିବେ ।

ଶିକ୍ଷକ ସଂକ୍ଷେପଣ କରିବେ ଓ ପିଲାମାନଙ୍କୁ ପରିବେଶ ସମ୍ବନ୍ଧୀୟ କିଛି ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବେ ।

ଅନ୍ୟ ବିକାଶର ଦକ୍ଷତା - ସାମାଜିକ ଆବେଗିକ ବିକାଶ, ଆଖି,-ହାତ ସମନ୍ୱୟ, ଧ୍ୟାନ ଦେବା ଅବଧି ବୃଦ୍ଧି କାର୍ଯ୍ୟରେ ଧୈର୍ଯ୍ୟ ରଖିବା ଇତ୍ୟାଦି ।

ମାସ - ଅଗଷ୍ଟ

ଶିକ୍ଷଣ ଦିଗ	ଶିକ୍ଷଣ ଫଳାଫଳ	କାର୍ଯ୍ୟ ସଂଖ୍ୟା
ଶାରୀରିକ ବିକାଶ	● ଉପଯୁକ୍ତ ଭାବରେ ପରିବେଷଣ କରାଯାଇ ଥିବା ଖାଦ୍ୟ ନଷ୍ଟ ନକରି ଖାଏ । ● ଖାଇବା କିମ୍ବା ଶୌଚାଳୟ ବ୍ୟବହାର ପୂର୍ବରୁ ଏବଂ ପରେ ସର୍ବଦା ହାତ ଧୁଏ ଏବଂ ପୋଛେ । ● ବୟସ୍କଙ୍କ ତତ୍ତ୍ୱାବଧାନରେ ମରାମତି କରିବାକୁ ଛୁଞ୍ଚି ଏବଂ ସୂତା ବ୍ୟବହାର ଆରମ୍ଭ କରେ । ● ନିଜ ଆବେଗଗୁଡିକୁ ଏବଂ ସେଗୁଡ଼ିକର କାରଣକୁ ବର୍ଣ୍ଣନା କରବ (ଯେପରିକି, "ସେ ରାଗୀ ହୋଇଯାଇଛି କାରଣ ତାର ମୋର ବ୍ଲକ ଟାଓର ଭାଙ୍ଗିଦେଇଛି) ।	
ସାମାଜିକ-ଆବେଗିକ ଓ ନୈତିକ ବିକାଶ ।	● ନିଜ ଆବେଗ / ଅନୁଭୂତିକୁ ସାଙ୍ଗସାଥି ଓ ପରିଚିତ ବୟସ୍କଙ୍କ ସହିତ ଆଦାନ ପ୍ରଦାନ କରିଥାଏ । ● ଯେତେବେଳେ ସେ ବିରକ୍ତ/ରାଗୀ ଯାଇଥାଏ, ସେମାନେ ଶାନ୍ତ ହେବାକୁ ନିଜକୁ ସହାୟତା କରିବା ପାଇଁ କାର୍ଯ୍ୟ ପରିବର୍ତ୍ତନ ନିମନ୍ତେ ରାଜିହୋଇଥାଏ ।	23 24
ବୌଦ୍ଧିକ ବିକାଶ	● ପ୍ରକୃତ ବସ୍ତୁ ବଦଳରେ ଅନ୍ୟ ବସ୍ତୁ ବ୍ୟବହାର କରି ଖେଳିବ (ଉଦାହରଣ : -ଟେଲିଫୋନ ବଦଳରେ ଡଷ୍ଟରର ବ୍ୟବହାର) । ● ବସ୍ତୁ ଓ ତା'ର ବ୍ୟବହାର କହିବ । (ଖାଇବା ପାଇଁ ଚାମଚ, ଗାଧୋଇବା ପାଇଁ ବାଲଟି ଇତ୍ୟାଦି) । ● ପରିବେଶକୁ ପର୍ଯ୍ୟବେକ୍ଷଣ କରିବା ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟର ଉପଯୋଗ କରିବେ । ● ଗ୍ରୀଷ୍ମଋତୁ ଓ ଶୀତଋତୁ ର ଖାଦ୍ୟ ଓ ବସ୍ତ୍ର	25 26 27 28 29
ଶାରୀରିକ ବିକାଶ	● ବିଭିନ୍ନ କାର୍ଯ୍ୟ କରିବା ପାଇଁ, ସୂକ୍ଷ୍ମ ମାଂସପେଶୀର ସମନ୍ୱିତ ଚଳନକୁ ବ୍ୟବହାର କରେ, ଯାହାକି କିଛି ସହାୟତା ସହିତ ଅଧିକ ସଠିକତା ଆବଶ୍ୟକ କରେ । (ଯଥା ପେନସିଲ ସାହାଯ୍ୟରେ ଚିତ୍ରାଙ୍କନ, ସିଧା କିମ୍ବା ବକ୍ର ରେଖା ଉପରେ କାଟିବା, ଛୋଟ ମାଳି ଗୁନ୍ଥିବା ସ୍ପଷ୍ଟ ଅକ୍ଷରର ଲିଖନ, ସୂତା ଦ୍ୱାରା ଫୁଲ ଗୁନ୍ଥିବା, ଆବଦ୍ଧ କ୍ଷେତ୍ର ମଧ୍ୟରେ ରଙ୍ଗ ଦେବା) ।	30 31 32 33 34 35 36
ଭାଷାଗତ ବିକାଶ	● ପରିଚିତ କବିତାରୁ ସମତାନ ଶବ୍ଦ ଚିହ୍ନଟ କରିବେ ଓ ନୂଆ ସମତାନ ଶବ୍ଦ ସୃଷ୍ଟି କରିବ । ● ଘଟଣାବଳୀ, ଗଳ୍ପ, ଆଲୋଚନା, ବା ନିଜର ଆବଶ୍ୟକତା ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବ ଓ ପ୍ରଶ୍ନ ପଚାରିବ । ● ଦୈନନ୍ଦିନ ଅନୁଭୂତିକୁ ବିସ୍ତୃତ ଭାବେ ବର୍ଣ୍ଣନା କରିବ ଓ କାହିଁକି ଭଳି ପ୍ରଶ୍ନ ପଚାରିବ ।	37
କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	● ନିଜ ସାଥି , ଶିକ୍ଷକ ଓ ଗୋଷ୍ଠୀରେ ସହଯୋଗରେ ବଡ କାର୍ଯ୍ୟଗୁଡିକ (ଯେପରି – ରଙ୍ଗୋଲୀ, କାନ୍ଥ ଚିତ୍ର ଓ ମୂର୍ତ୍ତି କାମ) କରିବ ।	

ସାମାଜିକ – ଆବେଗିକ – ନୈତିକ ବିକାଶ

ଶିକ୍ଷଣ ଫଳାଫଳ :

ଶିକ୍ଷଣ ସାମଗ୍ରୀ : ବିଭିନ୍ନ ଆବେଗକୁ ପରିପ୍ରକାଶ କରୁଥିବା ଛୋଟ ଛୋଟ ମୁହଁର ଚିତ୍ର, କାଗଜବାକ୍ସ, ମ୍ୟୁଜିକ ।

ଶିକ୍ଷଣ ପ୍ରଣାଳୀ – ପିଲାମାନେ ଗୋଲାକୃତିରେ ଛିଡା ହୋଇ ନିମ୍ନ ଖେଳଟିକୁ ଖେଳିବେ ।

- ଗୋଟିଏ କାଗଜ ବାକ୍ସ ରେ ବିଭିନ୍ନ ଆବେଗକୁ ପରିପ୍ରକାଶ କରୁଥିବା ମୁହଁ ମାନଙ୍କର ଚିତ୍ର ଥିବ । (ଖୁସି, ଦୁଃଖ, ରାଗ, ଆଶ୍ଚର୍ଯ୍ୟ ଭଳି) । ବାକ୍ସଟିକୁ ପିଲାମାନେ ଜଣଙ୍କ ଠାରୁ ଆଉ ଜଣଙ୍କୁ ଦେଇ ଚାଲିଥିବେ । ବାଜୁଥିବା ଗୀତଟି ଯେତେବେଳେ ବନ୍ଦ ହେବ । ବାକ୍ସଟି ଯେଉଁ ପିଲା ପାଖରେ ଥିବ, ସେ ଗୋଟିଏ କାଗଜ ଖଣ୍ଡ ବାହାର କରିବ ଏବଂ ଚିତ୍ରକୁ ଦେଖି ତାହା କେଉଁ ଆବେଗ କହିବ ଏବଂ ତା'କୁ ଅଭିନୟ କରିବ ଏବଂ ଏହା ସହ ଭଲ ଆବେଗ କି ଖରାପ ଆବେଗ ତାହା ଆଲୋଚନା କରିବେ । ମନ୍ଦ ଆବେଗ ଗୁଡିକୁ ବାକ୍ସରୁ ଅଲଗା କରି ଦିଆଯିବ । ଶେଷରେ ବାକ୍ସରେ କେବଳ ଭଲ ଆବେଗଗୁଡିକ ରହିବ ।
- ଶିକ୍ଷଣ କାର୍ଯ୍ୟ କରି ସାରିବା ପରେ କାର୍ଯ୍ୟ ପୁସ୍ତିକାର କାର୍ଯ୍ୟ ୨୩ ଏବଂ ୨୪ କୁ କରାଇବେ ।

ଅନ୍ୟ କେଉଁ ଦକ୍ଷତା ବିକାଶ କରାଯାଇପାରିବ –

ଏକ ନିର୍ଦ୍ଦିଷ୍ଟ ଆବେଗକୁ ବୁଝିବା, ଏକ ନିର୍ଦ୍ଦିଷ୍ଟ ଅନୁଭବକୁ ନାମିତ କରିବାରେ ସକ୍ଷମ ହେବା, ଅନ୍ୟମାନେ କଣ ଅନୁଭବ କରୁଛନ୍ତି ତାହା ଅନୁଭବ କରିବା, ବାର୍ତ୍ତାଳାପ ଏବଂ ପ୍ରତିକ୍ରିୟା ଦେବା ଅନ୍ୟମାନଙ୍କ ପ୍ରତି ଯତ୍ନଶୀଳ ହେବା । ବହୁଶ୍ରେଣୀ ପରିସ୍ଥିତିରେ ଶିକ୍ଷକ ଉପରୋକ୍ତ ଶିକ୍ଷଣ କାର୍ଯ୍ୟଟିକୁ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ମଧ୍ୟ କରାଇବେ ଓ ତୁମ ସାଙ୍ଗ କାନ୍ଦୁଥିଲେ ତୁମେ କ'ଣ କରିବ ପଚାରିବେ ।

ଶାରୀରିକ ବିକାଶ

ଶିକ୍ଷଣ ଫଳାଫଳ – ଖାଇବା କିମ୍ବା ଶୌଚାଳୟ ବ୍ୟବହାର ପୂର୍ବରୁ ଏବଂ ପରେ ସର୍ବଦା ହାତ ଧୋଇବ ଓ ପୋଛିବ ।

କାର୍ଯ୍ୟ :- " କାହା ପରେ କିଏ "

ଶିକ୍ଷଣ ସାମଗ୍ରୀ : ଚିତ୍ରକାର୍ଯ୍ୟ

ଶିକ୍ଷଣ ପ୍ରଣାଳୀ : ପିଲାମାନଙ୍କୁ ଗୋଲାକୃତିରେ ବସାଇ ପରିସ୍ଥିତିଟିକୁ କହିବେ ।

ଦିନେ ରୀନା ତା ମାମୁଁଘରକୁ ଆସିଥାଏ । ତା'ର ମାମୁଁପୁଅ ଭାଇ ସିପୁ , ହଟାତ୍ ବାହାରୁ ବୁଲିଆସି ଖାଇବାକୁ ବସିପଡ଼ିଲା । ସାଙ୍ଗେ ସାଙ୍ଗେ ରୀନା ଯାଇ ତା'ର ମାଆଙ୍କୁ କହିଲା , "ମାଆ, ଭାଇ ହାତ ନ ଧୋଇ ଖାଇବାକୁ ବସିଲାଣି" । ତା 'ପରେ ସିପୁକୁ, ରୀନାର ମାଆ, ଯେ କି ତା'ର ପିଉସୀ ଡାକିଲେ ଏବଂ ତାକୁ ହାତ ଧୋଇ ଖାଇବାକୁ କହିଲେ ।

- ସେ କେମିତି ହାତ ଧୋଇଥିବ ?
- ହାତ ଧୋଇବାର କାର୍ଯ୍ୟ ପ୍ରଣାଳୀକୁ ଚିତ୍ର ମଧ୍ୟରେ ଦେବେ ।
- ଚିତ୍ରକୁ କ୍ରମାନ୍ୱୟରେ ରଖିବାପାଇଁ କହିବେ ।

ଶାରୀରିକ ବିକାଶ

ଶିକ୍ଷଣ ଫଳାଫଳ :

ବିଭିନ୍ନ କାର୍ଯ୍ୟ କରିବା ପାଇଁ ସୁକ୍ଷ୍ମ ମାଂସ ପେଶୀୟ ସମ୍ବନ୍ଧିତ ଚଳନକୁ ବ୍ୟବହାର କରିବ , ଯାହାକି କିଛି ସହାୟତା ସହିତ ସଠିକତା ଆବଶ୍ୟକ କରେ ।

ଶିକ୍ଷଣ ସାମଗ୍ରୀ :-ବୋତାମ, ସାର୍ଟ, ଗୋଟିଏ ଯୋଡ଼ା ଜୋତା (ଫିତା ସହିତ)

ଶିକ୍ଷଣ ପ୍ରଣାଳୀ :-

- ବିଦ୍ୟାଳୟରେ କିଛି ବୋତାମ ଥିବା ପୁରୁଣା ସାର୍ଟକୁ ରଖିବେ, ଏବଂ ପିଲାମାନଙ୍କୁ ସାର୍ଟରେ ବୋତାମ ଲଗାଇବା ପାଇଁ କହିବେ ।
- ପିଲାମାନଙ୍କୁ କଣ୍ଢେଇର ପୋଷାକରେ ବୋତାମ ଲଗାଇବା ପାଇଁ କହିବେ ।
- ଗୋଟିଏ ଯୋଡ଼ା ଜୋତା ନେଇ କିପରି ଫିତା ବନ୍ଧାଯିବ ଶିକ୍ଷକ ପିଲାମାନଙ୍କୁ ଶିଖାଇବେ ଏବଂ ସେମାନେ ନିଜ ନିଜ ଜୋତାର ଫିତାକୁ ଲଗେଇବା ପାଇଁ ସୂଚନା ଦେବେ ।
- ପ୍ରତ୍ୟେକ ୪-୫ ଜଣ ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ ଗଠନ କରିବେ ଏବଂ ପ୍ରତ୍ୟେକ ଦଳରୁ ପ୍ରତ୍ୟେକ ପିଲାଙ୍କୁ ବୋତାମ ଲଗାଇବା ଏବଂ ଜୋତାରେ ଫିତା ବାନ୍ଧିବା ପାଇଁ ସୂଚନା ଦେବେ ।

ଯେଉଁ ଦଳ ପ୍ରଥମେ କରିବ ସେହି ଦଳ ବିଜୟୀ ହେବ । କାର୍ଯ୍ୟଟିକୁ କରିସାରିଲା ପରେ କାର୍ଯ୍ୟ ପୁସ୍ତିକାର କାର୍ଯ୍ୟ ୩୫ କୁ କରିବା ପାଇଁ ସୂଚନା ଦେବେ।

ଆଉ କେଉଁ ଦକ୍ଷତା ବିକାଶ କରାଯାଇ ପାରିବ -

ହାତ- ଆଖି ସମନ୍ୱୟ, ସଠିକତା ଏବଂ ଏକାଗ୍ରତା, ସମନ୍ୱୟ, ମନେରଖିବା, ଲକ୍ଷ୍ୟଶୀଳ ହେବା, ପର୍ଯ୍ୟବେକ୍ଷଣ, ଇତ୍ୟାଦି।

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଶିକ୍ଷାର୍ଥୀମାନଙ୍କୁ ଯଥାକ୍ରମେ : ବିଭିନ୍ନ ଜ୍ୟାମିତିକ ଆକୃତିରେ ରଙ୍ଗ ଭରିବା ଓ ମାଳି ଗୁନ୍ଥିବା କାମ ଦିଆଯାଇପାରିବ ।

ବୌଦ୍ଧିକ ବିକାଶ

C - 7.2- ପରିବେଶକୁ ପର୍ଯ୍ୟବେକ୍ଷଣ କରିବା ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟର ଉପଯୋଗ କରିବେ । (ଯେପରି – ଲୁଣକୁ ପାଣିରେ ମିଶାଇଲେ ତାହା ମିଳେଇ ଯିବ । ବରଫକୁ ଖରାରେ ରଖିଲେ ତାହା ତରଳି ଯିବ)

ଶିକ୍ଷଣ ଫଳାଫଳ – ଗୋଟିଏ ବସ୍ତୁର ଅନ୍ୟ ଗୋଟିଏ ଜିନିଷ ଉପରେ ପ୍ରଭାବକୁ ଚିହ୍ନଟ କରିବା ।

ଶିକ୍ଷଣ ସାମଗ୍ରୀ:- ବରଫ, ଷ୍ଟିଲ୍ ଥାଳି, ଗ୍ଲାସ, ଲୁଣ, ପାଣି

ଶିକ୍ଷଣ ପ୍ରଣାଳୀ :-

ପିଲାମାନେ ୨ ଟି ଦଳରେ ବସିବେ । ପ୍ରତ୍ୟେକ ଦଳ ରେ ଗ୍ଲାସ , ଚାମଚ କିଛି ଲୁଣ ଦେବେ । ପିଲାମାନେ ଗ୍ଲାସରେ ,ଲୁଣ ପକାଇ ଚାମଚ ରେ ଗୋଲାଇବେ । ଲୁଣ କୁଆଡେ ଗଲା ବୋଲି ପିଲାମାନଙ୍କୁ ପଚାରିବେ । କାର୍ଯ୍ୟ ଟି କରିସାରିବା ପରେ କାର୍ଯ୍ୟ ପୁସ୍ତିକାରେ ଥିବା କାର୍ଯ୍ୟ ୨୭ କୁ ପିଲାମାନେ କରିବେ । ଆବଶ୍ୟକସ୍ଥଳେ ସହାୟତା କରିବେ ।

ଅନ୍ୟ କେଉଁ ଦକ୍ଷତା ବିକାଶ କରାଯାଇପାରିବ -

ଭାଷା କୌଶଳ, ଭାବନାତ୍ମକ ଦକ୍ଷତା, ପରିବେଶ ସଚେତନତା, ଇତ୍ୟାଦି । ବହୁଶ୍ରେଣୀ ପରିସ୍ଥିତି ରେ ଶିକ୍ଷକ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ନିମ୍ନ ରେ ଦିଆଯାଇଥିବା କାର୍ଯ୍ୟ ଗୁଡିକୁ କରିବେ ।

ଶ୍ରେଣ ୧ ମ ପିଲାଙ୍କୁ – ଶିକ୍ଷକ ଲୁଣ ବ୍ୟତୀତ ଆଉ କ'ଣ କ'ଣ ପାଣିରେ ମିଳାଇଯାଏ । ପଚାରିବେ ଓ ସଂକ୍ଷେପଣ କରିବେ ।

ଦ୍ୱିତୀୟ ଶ୍ରେଣୀ ପିଲାମାନେ – ହୋଲିରେ ସେମାନେ କିପରି ରଂଗ ପାଣି ପ୍ରସ୍ତୁତ କରନ୍ତି, କହିବେ । ଏବଂ ଗଛମୂଳରେ ପାଣି ନଦେଲେ – କ'ଣ ହୁଏ , କହିବେ ।

ଭାଷାଗତ ବିକାଶ

ଶିକ୍ଷଣ ଫଳାଫଳ:-

ପରିଚିତ କବିତାରୁ ସମତାନ ଶବ୍ଦ ଚିହ୍ନଟ କରିବ ଓ ନୂଆ ସମତାନ ଶବ୍ଦ ସୃଷ୍ଟି କରିବ ।

ଶିକ୍ଷଣ ସାମଗ୍ରୀ:- ଗୀତ ଲେଖାଥିବା ଡ୍ରଇଁ ସିଟ୍ ।

ଶିକ୍ଷଣ ପ୍ରଣାଳୀ - ପିଲାମାନେ ଗୋଲାକାରରେ ଠିଆହେବେ ଏବଂ ଶିକ୍ଷକ ନିମ୍ନ ଗୀତଟିକୁ ଅଭିନୟ ସହ ଆବୃତ୍ତି କରିବେ । ପିଲାମାନେ ଅନୁକରଣ କରିବେ ।

ବିଲେଇ ନାନୀ ଓ କୁମ୍ଭୀର

ମନ ଖୁସିରେ ବିଲେଇ ନାନୀ
ବାଲଟି ଧରି ହାତେ,
ଗାଧୋଇ ଗଲା ସାବୁନ ଆଉ
ଗାମୁଛା ନେଇ ସାଥେ ।
ପାଣିରେ ଦେଖି କୁମ୍ଭୀର ଟିଏ
ମାଡିଲା ତାକୁ ଡର,
ପଡିଲା ଖସି ହାତରୁ ସବୁ
ଧାଇଁଲା ନାନୀ ଘର ।

ପ୍ରଥମ ଶ୍ରେଣୀର ପିଲାଙ୍କୁ କବିତାର ଅସଂପୂର୍ଣ୍ଣ ପଦ ଦେବେ । ସାଥୀ ପିଲାଙ୍କ ସହାୟତାରେ ଅସଂପୂର୍ଣ୍ଣ ଅଂଶକୁ ସଂପୂର୍ଣ୍ଣ କରିବା ପାଇଁ ଶିକ୍ଷକ ସୂଚନା ଦେବେ ।

ମନ ଖୁସିରେ .....
ଗାଧୋଇ ଗଲା .....

ପାଣିରେ ଦେଖି .....

ପଡ଼ିଲା ଖସି .....

ଯଦି ଶିକ୍ଷାର୍ଥୀମାନେ କରି ପାରିବେ ନାହିଁ , ଶିକ୍ଷକ ସହାୟତା ଯୋଗାଇ କମଟିକୁ ସଂପୂର୍ଣ୍ଣ କରିବେ ।

ସେହିଭଳି ୨ୟ ଶ୍ରେଣୀ ପିଲାମାନଙ୍କୁ ମନରୁ ପଦଟିଏ ଗୀତ ଲେଖିବା ପାଇଁ ସୂଚନା ଦେବେ ।

(ସେହି ଗପ ପାଇଁ ଶବ୍ଦ କିମ୍ବା ଚିତ୍ରଭିତ୍ତିକ କାମ ଦେଇ କାର୍ଯ୍ୟକରାଇ ପାରିବେ)

- ଶିକ୍ଷକଙ୍କ ଆବୃତ୍ତି ପରେ ପିଲାମାନେ ଆବୃତ୍ତି କରିବେ ।
- ଶିକ୍ଷକ ଗୀତ ଲେଖାଥିବା ଚାର୍ଟ ଟିକୁ ଝୁଲେଇବେ ଏବଂ ତାକୁ ସୂଚିତ କରି ଆବୃତ୍ତି କରିବେ ଏବଂ ପିଲା ଅଭିନୟ ସହ ଆବୃତ୍ତି କରିବେ ।
- ଶିକ୍ଷକ ଗୀତର ସମତାନ ଶବ୍ଦ ଗୁଡିକ ଉପରେ ଗୁରୁତ୍ୱ ଦେଇ ପଢିବେ । ଏବଂ ପିଲାମାନଙ୍କୁ କରିବା ପାଇଁ ସୂଚନା ଦେବେ । ଯେପରି....ହାତେ.....ସାଥେ.....ଡର...ଘର ଇତ୍ୟାଦି ।
- ସେହି ସମତାନ ଶବ୍ଦ ଗୁଡିକୁ ଆଧାର କରି ଆଉ ଅଧିକ ସମତାନ ଶବ୍ଦ କହିବା ପାଇଁ ସୁଯୋଗ ଦେବେ ।

ଅନ୍ୟ କେଉଁ ଦକ୍ଷତା ବିକାଶ କରାଯାଇ ପାରିବ–

ଅନ୍ୟ କେଉଁ ଦକ୍ଷତା ବିକାଶ କରାଯାଇ ପାରିବ–

ଧ୍ୱନି ଓ ଧ୍ୱନିର ସଂରଚନାକୁ ପୃଥକ କରିଥାଏ; ବିଭିନ୍ନ ଆବେଗକୁ ଚିହ୍ନିଥାଏ, ସହଜରେ ବାର୍ତ୍ତାଳାପ କରେ, ସରଳ ଗୀତ ତିଆରି କରେ, ଶବ୍ଦକୁ ଉପଯୁକ୍ତ ଭାବେ ବ୍ୟବହାର କରେ, ଧ୍ୱନି ସଚେତନତା ବିକାଶ କରେ ।

କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ

ଶିକ୍ଷଣ ଫଳାଫଳ –

ନିଜ ସାଥି, ଶିକ୍ଷକ ଓ ଗୋଷ୍ଠୀର ସହଯୋଗରେ କାର୍ଯ୍ୟଗୁଡିକୁ (ଯେପରି ରଙ୍ଗୋଲୀ, କାନ୍ଥ ଚିତ୍ର ଓ ମୂର୍ତ୍ତି କାମ) କରିବ ।

ଶିକ୍ଷଣ ସାମଗ୍ରୀ:- ଚକଟା ମାଟି, ବାଡ଼ି, କାଠି

ଶିକ୍ଷଣ ପ୍ରଣାଳୀ :- ପିଲା ମାନଙ୍କୁ ଚକଟା ମାଟି ଦେଇ ସେଥିରେ ନିଜ ପସନ୍ଦର ଜିନିଷ ତିଆରି କରିବାକୁ କହିବେ ।

- ପିଲାମାନଙ୍କୁ ଚକ ତିଆରି କରିବା ପାଇଁ ସୂଚନା ଦେବେ ଏବଂ ଆବଶ୍ୟକ ସ୍ଥଳେ ଶିକ୍ଷକ ସହାୟତା ପ୍ରଦାନ କରିବେ ।
- ପିଲାମାନେ ବାଡ଼ି, ଚକ ବ୍ୟବହାର କରି ଗାଡି ତିଆରି କରିବେ ।
- ଗାଡ଼ି କିପରି ତିଆରି କଲେ କହିବେ ।

ଅନ୍ୟ କେଉଁ ଦକ୍ଷତା ବିକାଶ କରାଯାଇ ପାରିବ:-

ସ୍ଥୂଳ ମାଂସପେଶୀର ବିକାଶ, ଆଖି ହାତ ସମନ୍ୱୟ, ଭାଷା ଦକ୍ଷତା, ସାମାଜିକ ବିକାଶ ଇତ୍ୟାଦି ।

ପ୍ରଥମ ଶ୍ରେଣୀକୁ ଓ ଦ୍ୱିତୀୟ ଶ୍ରେଣୀ ଅଧିକ ସଂଖ୍ୟକ ସାମଗ୍ରୀ ତିଆରି କରିବା, ରଙ୍ଗ ଦେବା ଇତ୍ୟାଦି କାମ କରିବା ପାଇଁ ସୂଚନା ଦେବେ । କରିଥିବା କାମକୁ ନେଇ ଆଲୋଚନା କରିବେ ।

ମାସ - ସେପ୍ଟେମ୍ବର

ଶିକ୍ଷଣ ଦିଗ	ଶିକ୍ଷଣ ଫଳାଫଳ	କାର୍ଯ୍ୟ ସଂଖ୍ୟା
ଶାରୀରିକ ବିକାଶ	● ନିଜର ଜିନିଷପତ୍ର (ପାନିଆ,ବ୍ରସ) ଯତ୍ନରେ ରଖେ । ● ନିଜର ଜିନିଷପତ୍ର ଯତ୍ନରେ ରଖେ । ● ନିଜର ପ୍ଲେଟ ଏବଂ ବାସନ କୁସନ ଧୁଏ ।	
ସାମାଜିକ-ଆବେଗିକ ଓ ନୈତିକ ବିକାଶ ।	● ଅଳ୍ପପରିଚିତ ବୟସ୍କମାନଙ୍କ ସହିତ ସହଜ ଭାବରେ କଥାବର୍ତ୍ତା କରିବା ଆରମ୍ଭ କରିବ । ● ଅନ୍ୟ ଶିଶୁମାନଙ୍କ ସହିତ ଖେଳିବା ଓ କାମ କରିବା ପାଇଁ ବିଭିନ୍ନ ଯୋଜନା କରିବ (ଯେପରିକି, ସେମାନଙ୍କୁ ଖେଳରେ ଯୋଗ ଦେବାକୁ ଆମନ୍ତ୍ରଣ କରିବା, ପାରସ୍ପରିକ ନିୟମଗୁଡ଼ିକୁ ଗ୍ରହଣ କରିବା, ଚର୍ଚ୍ଚା ମାଧ୍ୟମରେ ସମସ୍ୟାର ସମାଧାନ କରିବା) ।	
ବୌଦ୍ଧିକ ବିକାଶ	● ପରିବେଶକୁ ପର୍ଯ୍ୟବେକ୍ଷଣ କରିବା ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟର ଉପଯୋଗ କରିବ । ● ସୂର୍ଯ୍ୟ ଉଦୟ , ସୂର୍ଯ୍ୟ ଅସ୍ତ ଓ ରାତି ମଧ୍ୟରେ ସମ୍ବନ୍ଧ କହିବ । ● ନିଜସ୍ୱ ବିଚାର, ଆଗ୍ରହ ଅନୁସାରେ ନିଜର ଦାୟିତ୍ୱ ଓ ପସନ୍ଦ କରିବା । ● ସହପାଠୀ ମାନଙ୍କ ସହିତ ମିଶି ପ୍ରାକୃତିକ ଘଟଣାବଳୀର ପ୍ରଶ୍ନର ଉତ୍ତର ଖୋଜିବ । (କେଉଁ ଜିନିଷ ଭାସେ /ବୁଡ଼ିଯାଏ ।ଓ କେଉଁ ଜିନିଷକୁ ଚୁମ୍ବକ ଟାଣେ ।) ● ପ୍ରାକୃତିକ ସମ୍ପଦର ବ୍ୟବହାର ବୁଝାଇପାରିବ (ଉଦାହରଣ – ପାଣି-ମନୁଷ୍ୟ, ପଶୁପକ୍ଷୀ, ଗଛଲତା ର ବ୍ୟବହାରରେ ଆସେ)	38 39 40
ଭାଷାଗତ ବିକାଶ	● ଏକା ସମୟରେ ଦିଆଯାଉଥିବା ନିର୍ଦ୍ଦେଶଗୁଡ଼ିକ ମଧ୍ୟରୁ ୪ ରୁ ୫ ଟି ନିର୍ଦ୍ଦେଶକୁ ଅନୁସରଣ କରିବ । ● ଛୋଟ କାର୍ଯ୍ୟଟିକୁ କରିବା ପାଇଁ ପିଲା ବା ବୟସ୍କକୁ ସରଳ ନିର୍ଦ୍ଦେଶ ଦେଇପାରିବ । ● କାହାଣୀର ପ୍ଲଟ ଓ ଚରିତ୍ରକୁ ଚିହ୍ନଟ କରିବ ଓ କାହାଣୀର ଶବ୍ଦକୁ ନେଇ ସଠିକ କ୍ରମରେ ଗଳ୍ପଟିକୁ ପୁନର୍ବାର କହିବ ।	41 42 43
ଶାରୀରିକ ବିକାଶ	● ବିଭିନ୍ନ କାର୍ଯ୍ୟ କରିବା ପାଇଁ, ସୂକ୍ଷ୍ମ ମାଂସପେଶୀର ସମନ୍ୱିତ ଚଳନକୁ ବ୍ୟବହାର କରେ, ଯାହାକି କିଛି ସହାୟତା ସହିତ ଅଧିକ ସଠିକତା ଆବଶ୍ୟକ କରେ । (ଯଥା ପେନସିଲ ସାହାଯ୍ୟରେ ଚିତ୍ରାଙ୍କନ, ସିଧା କିମ୍ବା ବକ୍ର ରେଖା ଉପରେ କାଟିବା, ଛୋଟ ମାଳି ଗୁନ୍ଥିବା ସ୍ପଷ୍ଟ ଅକ୍ଷରର ଲିଖନ, ସୂତା ଦ୍ୱାରା ଫୁଲ ଗୁନ୍ଥିବା, ଆବଦ୍ଧ କ୍ଷେତ୍ର ମଧ୍ୟରେ ରଙ୍ଗ ଦେବା)	
କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	● ନିଜେ ଭିନ୍ନଭିନ୍ନ ରଙ୍ଗର ପଦାର୍ଥ, ରଙ୍ଗ ଓ ଆକାରକୁ ମିଶାଇ କୋଲାଜ୍ ତିଆରି କରିବ । ● ବିଭିନ୍ନ ପ୍ରକାର ସାମଗ୍ରୀ ଓ ବସ୍ତୁକୁ ଯୋଡି ତ୍ରିମାତ୍ରିକ ସାମଗ୍ରୀ /ଆକାର ପ୍ରସ୍ତୁତ କରିବ ।	44
ଶାରୀରିକ ବିକାଶ	● ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ସର୍ବଦା ଡଷ୍ଟବିନ ବ୍ୟବହାର କରେ ।	45

ବିକାଶର ଦିଗ –ଶାରୀରିକ ବିକାଶ:

ଶିକ୍ଷଣ ଫଳାଫଳ:- ନିଜର ଜିନିଷପତ୍ର (ପାନିଆ, ବ୍ରସ ଇତ୍ୟାଦି) ଯତ୍ନରେ ରଖେ ।

ନିଜର ପ୍ଲେଟ ଏବଂ ବାସନ କୁସନ ଧୁଏ ।

ଶିକ୍ଷଣ ପ୍ରକ୍ରିୟା-

- ଶିକ୍ଷକ ସବୁ ପିଲାଙ୍କୁ ଗୋଲାକାରରେ ବସାଇବେ ।
- ପ୍ରତ୍ୟେକ ପିଲାଙ୍କୁ ନିଜ ନିଜ ଜିନିଷ କେଉଁଠି ଓ କିପରି ରଖନ୍ତି ପଚାରିବେ । ଯଥା- ନିଜ ପୋଷାକ, ବ୍ରସ, ଜୋତା, ପାନିଆ, ଇତ୍ୟାଦି ।
- ପ୍ରତ୍ୟେକ ପିଲା ବ୍ୟକ୍ତିଗତ ଭାବରେ ଉତ୍ତର ଦେବେ ।
- ଆମେ ନିଜ ଜିନିଷ ପତ୍ରକୁ କିପରି ସଜାଇ ରଖିବା ଆଲୋଚନା କରିବେ ।
- ଶ୍ରେଣୀର ବିଭିନ୍ନ ଜିନିଷ ଯଥା ଚୌକି, ଟେବୁଲ, ଶିକ୍ଷଣ ସାମଗ୍ରୀ, ଚକ୍, ଡଷ୍ଟର, ଡଷ୍ଟବିନ, ଖାଇବା ବାସନ, ଜୋତା ଇତ୍ୟାଦିକୁ କିପରି ସଜାଡ଼ି ରଖାଯାଇ ପାରିବ ତାହାକୁ କରି ଦେଖାଇବେ ଓ ପିଲାମାନଙ୍କୁ ଅସଜଡ଼ା ଜିନିଷକୁ ସଜାଡ଼ି ରଖିବା ପାଇଁ କହିବେ ।
- ଶ୍ରେଣୀଗୃହରେ ଅଳିଆ ପଡ଼ିଥିଲେ ସେମାନେ କେଉଁଠାରେ ପକାଉଛନ୍ତି ତାହା ଦେଖିବେ ଓ ଆବଶ୍ୟକ ସ୍ଥଳେ ନିଜେ କରି ଦେଖାଇବେ ।
- ପିଲାମାନଙ୍କୁ ଜୋତା ଶ୍ରେଣୀଗୃହ ବାହାରେ ସଜାଡ଼ି ରଖିବାକୁ କହିବେ ।
- ପ୍ରତ୍ୟେକ ପିଲାଙ୍କ କାର୍ଯ୍ୟକୁ ଶିକ୍ଷକ ପର୍ଯ୍ୟବେକ୍ଷଣ କରି ଆବଶ୍ୟକ ସ୍ଥଳେ ସହାୟତା ଯୋଗାଇବେ ।
- ପିଲାମାନେ ମଧ୍ୟାହ୍ନ ଭୋଜନର ବାସନ ଗୁଡିକୁ କିପରି ରଖୁଛନ୍ତି, ଧୋଉଛନ୍ତି ଦେଖିବେ ଓ ଆବଶ୍ୟକ ସ୍ଥଳେ ସଜାଡ଼ି ରଖିବା ପାଇଁ ଓ ଠିକ୍ ଭାବରେ ଧୋଇବା ପାଇଁ କହିବେ ।
- ଜିନିଷ ପତ୍ର ସଜାଡ଼ି ରଖିଲେ କ'ଣ ସୁବିଧା ହେବ ଓ ଜିନିଷ ପତ୍ର ଅସଜଡ଼ା ହୋଇ ରହିଲେ କ'ଣ ଅସୁବିଧା ହେବ, ବାସନ ଠିକ୍ ରେ ନ ଧୋଇଲେ କି ଅସୁବିଧା ହେବ ଇତ୍ୟାଦି ପ୍ରଶ୍ନ ପଚାରିବେ ଓ ଆଲୋଚନା କରି ସଂକ୍ଷେପଣ କରିବେ ।

ଅନ୍ୟ ଦକ୍ଷତାର ବିକାଶ -: ସୃଜନଶୀଳତା, କଳ୍ପନା, ସୌନ୍ଦର୍ଯ୍ୟବୋଧ, ବସ୍ତୁ ଏବଂ ସରଳ ସାଧନୀର ସୁରକ୍ଷିତ ବ୍ୟବହାର ଅଭ୍ୟାସ, ସମନ୍ୱୟ ଓ ନମନୀୟତା, ସହଯୋଗୀ ଆଚରଣ, ଅନ୍ୟକୁ ସାହାଯ୍ୟ କରିବା ।

ବିକାଶର ଦିଗ - ସାମାଜିକ-ଆବେଗିକ ଓ ନୈତିକ ବିକାଶ:-

ଶିକ୍ଷଣ ଫଳାଫଳ:- ଅନ୍ୟ ଶିଶୁମାନଙ୍କ ସହିତ ଖେଳିବା ଓ କାମ କରିବା ପାଇଁ ବିଭିନ୍ନ ଯୋଜନା କରିବ ।

ଶିକ୍ଷଣ ସାମଗ୍ରୀ- ପିଲାମାନେ ଖେଳୁଥିବା ବିଭିନ୍ନ ଖେଳ ସମ୍ବନ୍ଧୀୟ ଚିତ୍ର ।

ଶିକ୍ଷଣ ପ୍ରକ୍ରିୟା-

- ପିଲାମାନଙ୍କୁ ଗୋଲାକାରରେ ବସାଇବେ । ସେମାନେ ଖେଳୁଥିବା ଖେଳର ନାମ କହିବେ (ଜଣେ ଗୋଟିଏ ଖେଳର ନାମ କହିବେ) ।

- ଯେ କୌଣସି ଖେଳର ନିୟମ ପଚାରିବେ ।
- ପିଲାମାନେ ନିୟମ କହିସାରିବା ପରେ ସେହି ଖେଳ ଖେଳିବାକୁ ସୂଚନା ଦେବେ ।
- ପିଲାମାନେ ଖେଳିବା ସମୟରେ ସେମାନେ ନିୟମମାନି ଖେଳୁଛନ୍ତି କି ନାହିଁ ଦେଖିବେ ।
- ନିୟମ ନ ମାନିଲେ ଅନ୍ୟ ପିଲାମାନେ କିପରି ପ୍ରତିକ୍ରିୟା ରଖୁଛନ୍ତି ଓ କିପରି ସମସ୍ୟାର ସମାଧାନ କରୁଛନ୍ତି ଦେଖିବେ ।
- ଆବଶ୍ୟକ ସ୍ଥଳେ ସହାୟତା ଦେବେ ।
- ଶ୍ରେଣୀରେ ଏହିଭଳି ବିଭିନ୍ନ ଦିବସରେ ଅନ୍ୟ ଖେଳ/ଅନ୍ୟ ଦଳଗତ କାର୍ଯ୍ୟ ଯଥା ସାମଗ୍ରୀ ବ୍ୟବହାର କରି ଖେଳ, ମାଟି/କାଗଜ ଇତ୍ୟାଦିରେ ବିଭିନ୍ନ ଜିନିଷ ତିଆରି ଇତ୍ୟାଦିରେ ପିଲାମାନଙ୍କର ଯୋଜନା ଓ କାର୍ଯ୍ୟ ପ୍ରଣାଳୀକୁ ଦେଖିବେ ଓ ଆବଶ୍ୟକ ସ୍ଥଳେ ସହାୟତା ଦେବେ ।

ଅନ୍ୟ ଦକ୍ଷତାର ବିକାଶ -: ଖେଳର ନିୟମ, ସହଯୋଗୀ ମନୋଭାବ, ପାରସ୍ପରିକ ବାର୍ତ୍ତାଳାପ, ଚର୍ଚ୍ଚା, ଶୃଙ୍ଖଳାର ବିକାଶ ।

ବିକାଶର ଦିଗ - ବୌଦ୍ଧିକ ବିକାଶ

ଶିକ୍ଷଣ ଫଳାଫଳ:- ପରିବେଶକୁ ପର୍ଯ୍ୟବେକ୍ଷଣ କରିବ ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟର ଉପଯୋଗ କରିବ ।

ଶିକ୍ଷଣ ପ୍ରକ୍ରିୟା-

- ଶିକ୍ଷକ ସମସ୍ତ ପିଲାମାନଙ୍କୁ ଗୋଲାକାରରେ ବସାଇବେ ।
- ସମସ୍ତ ପିଲାଙ୍କୁ ନେଇ ବିଦ୍ୟାଳୟ ନିକଟ ପରିବେଶକୁ ବୁଲାଇବାକୁ ନେବେ ।
- ପିଲାମାନେ ନିଜେ ଦେଖିଥିବା ପଶୁ/ପକ୍ଷୀ ନାମ କହିବେ ।
- ପ୍ରତ୍ୟେକ ପିଲା ଗୋଟିଏ ପଶୁ/ପକ୍ଷୀର ରଙ୍ଗ ଏବଂ ରାବକୁ ଅଭିନୟ କରି ଦେଖାଇବେ ।
- ଅନ୍ୟ ପିଲାମାନେ ସେହି ପଶୁ/ପକ୍ଷୀକୁ ଚିହ୍ନଟ କରିବେ । ଆବଶ୍ୟକ ସ୍ଥଳେ ଶିକ୍ଷକ ସେହି ପଶୁ ପକ୍ଷୀର ଚିତ୍ର ଦେଖାଇବେ କିମ୍ବା କଳାପଟାରେ ଚିତ୍ର ଆଙ୍କିବେ ।
- ଏହିପରି ସମସ୍ତ ପିଲା କହିସାରିବା ପରେ ଶିକ୍ଷକ ପଶୁ, ପକ୍ଷୀଙ୍କ ନାମକୁ ପୁନର୍ବାର ଆଲୋଚନା କରିବେ ।
- ପିଲାମାନଙ୍କୁ ଦିଆଯାଇଥିବା ବିଭିନ୍ନ ପଶୁପକ୍ଷୀ ର ଚିତ୍ରରେ ରଙ୍ଗ ଭରିବେ ।

ଅନ୍ୟ ଦକ୍ଷତାର ବିକାଶ -: ପଶୁ ପକ୍ଷୀଙ୍କୁ ଭଲପାଇବା, ସମ୍ବେଦନଶୀଳତା, ଅନ୍ୟକୁ ଅନୁକରଣ, ବିଭିନ୍ନ ପଶୁ ପକ୍ଷୀଙ୍କ ସ୍ୱର ଓ ଧ୍ୱନି ଚିହ୍ନିବା, ସୌନ୍ଦର୍ଯ୍ୟବୋଧର ବିକାଶ ।

ଶିକ୍ଷଣ ଫଳାଫଳ:- ସୂର୍ଯ୍ୟ ଉଦୟ, ସୂର୍ଯ୍ୟାସ୍ତ ଓ ରାତି ମଧ୍ୟରେ ସମ୍ବନ୍ଧ ବିଷୟରେ କହିବ ।

ଶିକ୍ଷଣ ସାମଗ୍ରୀ- ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ଓ ରାତ୍ରିର ଚିତ୍ର ।

ଶିକ୍ଷଣ ପ୍ରକ୍ରିୟା-

- ଶିକ୍ଷକ ସମସ୍ତ ଶ୍ରେଣୀର ପିଲାମାନଙ୍କୁ ଗୋଲାକାରରେ ଆକାରରେ ବସାଇବେ ।

- ସୂର୍ଯ୍ୟ ଉଦୟ, ସୂର୍ଯ୍ୟାସ୍ତ, ଓ ରାତି ର ଚିତ୍ର ସମସ୍ତଙ୍କୁ ଦେଖାଇବେ ଓ ଏହା କେଉଁ ସମୟର ଚିତ୍ର ବୋଲି ପଚାରିବେ ।
- ଏହାପରେ ସମସ୍ତଙ୍କୁ ଗୋଲାକାରରେ ଆକାରରେ ଠିଆ ହେବା ପାଇଁ ସୂଚନା ଦେବେ ।
- ଶିକ୍ଷକ ଯେଉଁ ଚିତ୍ର ଦେଖାଇବେ ସେହି ସମୟରେ କରୁଥିବା କାମକୁ ପିଲାମାନେ ଅଭିନୟ କରି ଦେଖାଇବେ । ଉଦାହରଣ ସ୍ୱରୂପ-ସୂର୍ଯ୍ୟୋଦୟ ସମୟର ଚିତ୍ର ଦେଖାଇଲେ ପିଲାମାନେ ନିଦରୁ ଉଠିବା / ଦାନ୍ତ ଘଷିବା / ବ୍ୟାୟାମ କରିବା ଇତ୍ୟାଦିର ଅଭିନୟ କରିବେ ।
- ଏହିପରି ସବୁ ପିଲା ଅଭିନୟ କରିସାରିବା ପର୍ଯ୍ୟନ୍ତ କାମଟି କରାଇବେ ।
- ଏହାପରେ ଶିକ୍ଷକ କାର୍ଯ୍ୟପୁସ୍ତିକାର କାର୍ଯ୍ୟ- ୩୯ କରିବା ପାଇଁ ସୂଚନା ଦେବେ ଓ ସମସ୍ତଙ୍କର କାର୍ଯ୍ୟ ପୁସ୍ତିକା ଦେଖି ପ୍ରତିପୃଷ୍ଠି ଦେଇ ସ୍ୱାକ୍ଷର କରିବେ ।
- ଅନ୍ୟ ଦିବସରେ ପିଲାମାନେ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କରୁଥିବା ବିଭିନ୍ନ କାର୍ଯ୍ୟ ଗୁଡିକୁ ଯଥା- ଶଯ୍ୟା ତ୍ୟାଗ କରିବା, ଦାନ୍ତ ଘଷିବା ଇତ୍ୟାଦି କ୍ରମ ଅନୁସାରେ ଅଭିନୟ କରିବେ/କହିବେ ।

ଅନ୍ୟ ଦକ୍ଷତାର ବିକାଶ : ପ୍ରାକୃତିକ ଘଟଣା, ସୂର୍ଯ୍ୟ ଓ ଚନ୍ଦ୍ରଙ୍କ କାର୍ଯ୍ୟ ପର୍ଯ୍ୟବେକ୍ଷଣ ମନୋଭାବ, ସୌନ୍ଦର୍ଯ୍ୟ ଓ ସୃଜନଶୀଳତା, ପର୍ଯ୍ୟବେକ୍ଷଣ ଶୈଳୀର ବିକାଶ ।

ବିକାଶର ଦିଗ - ଭାଷାଗତ ବିକାଶ:-

ଶିକ୍ଷଣ ଫଳାଫଳ:- : ଏକା ସମୟରେ ଦିଆଯାଉଥିବା ନିର୍ଦ୍ଦେଶଗୁଡ଼ିକ ମଧ୍ୟରୁ ୪ ରୁ ୫ଟି ନିର୍ଦ୍ଦେଶକୁ ଅନୁସରଣ କରିବ ।

ଶିକ୍ଷଣ ସାମଗ୍ରୀ- ପିଲାଙ୍କ ଦ୍ୱାରା ଅଭିନୟ ।

ଶିକ୍ଷଣ ପ୍ରକ୍ରିୟା-

- ସବୁ ପିଲାଙ୍କୁ ଗୋଲାକାରରେ ଠିଆ କରାଇବେ ଓ ଖେଳଟିଏ ଖେଳିବା ପାଇଁ ସୂଚନା ଦେବେ ।
- କହିବେ ମୁଁ ଯାହା କହିବି ସେହି ଅନୁସାରେ ତୁମେମାନେ କାମ କରିବ ।
- ଯିଏ ଭୁଲ କରିବ ସେ ମଝିକୁ ଆସିବ ।

ଖେଳ-୧ ସୂଚନା-

- ଆଖିବନ୍ଦ କରି, ଗୋଟିଏ ହାତ ମୁଣ୍ଡରେ ରଖି ୨ ପାଦ ଆଗକୁ ଚାଲ ଓ ୨ ପାଦ ପଛକୁ ଚାଲ ତାପରେ ମୁଣ୍ଡରୁ ହାତ ବାହାର କର ଓ ଆଖି ଖୋଲ ।
- ଯେଉଁ ପିଲାମାନେ ୪ରୁ ୫ଟି ନିର୍ଦ୍ଦେଶ ଠିକ୍ ରେ ଅନୁସରଣ କରିଥିବେ, ତାଙ୍କୁ ତାଳି ମାରି ଉତ୍ସାହିତ କରିବେ । ଯେଉଁମାନେ ଠିକ୍ ଭାବରେ ଅନୁସରଣ କରି ନଥିବେ ସେମାନେ ମଝିକୁ ଆସିବେ । ସେମାନଙ୍କୁ ପୁନର୍ବାର ଖେଳିବାପାଇଁ ସୁଯୋଗ ଦେଇ ଉତ୍ସାହିତ କରିବେ ।

ଖେଳ-୨ ସୂଚନା-

- ଶିକ୍ଷକ ସୂଚନା ଗୁଡ଼ିକୁ ଯଥା- ଗୋଟିଏ ହାତରେ ନାକ ଧର, ଟିକିଏ ନାଚି ଦିଅ ଦୁଇ ହାତ ଉପରକୁ ଟେକି, ଘିରି ଘିରି ବୁଲିଯାଅ କ୍ରମାନୁସାରେ ସମ୍ପାଦନ କରିବା ପାଇଁ କହିବେ ।
- ଏହିଭଳି ୪/୫ ପ୍ରକାରର ଖେଳ ଖେଳାଇବେ ଓ ପ୍ରତି ପିଲାଙ୍କର ଗତିବିଧି ଦେଖିବେ । ଯେଉଁ ପିଲାମାନେ ଠିକ୍ ରେ କରିପାରୁ ନଥିବେ ସେମାନଙ୍କୁ ଧିରେ ଧିରେ ଓ ବାରମ୍ବାର ସୂଚନା ଦେଇ କାର୍ଯ୍ୟ କରିବାକୁ କହିବେ ।
- ଏହିପରି ଶିକ୍ଷକ ବିଭିନ୍ନ ଦିବସରେ ଭିନ୍ନ ଭିନ୍ନ କୌତୁହଳପ୍ରଦ କାର୍ଯ୍ୟ/ଖେଳ କରାଇବେ ।

ଅନ୍ୟ ଦକ୍ଷତାର ବିକାଶ -: ସୋପାନଗୁଡ଼ିକ ବୁଝି କାର୍ଯ୍ୟ କରିବା, ଧ୍ୱନି ଧ୍ୱନି ମଧ୍ୟରେ ପାର୍ଥକ୍ୟ ବୁଝିବା, କଥୋପକଥନ, ବିଭିନ୍ନ ଶବ୍ଦ ବୁଝି ବ୍ୟବହାର କରିବା, ଶାରୀରିକ ମାଂସପେଶୀୟ ବିକାଶ ।

ବିକାଶର ଦିଗ -ଶାରୀରିକ ବିକାଶ

ଶିକ୍ଷଣ ଫଳାଫଳ:- ବିଭିନ୍ନ କାର୍ଯ୍ୟ କରିବା ପାଇଁ ସୂକ୍ଷ୍ମ ମାଂସପେଶୀର ସମନ୍ୱିତ ଚଳନକୁ ବ୍ୟବହାର କରେ ।

ଶିକ୍ଷଣ ସାମଗ୍ରୀ- ଡ୍ରଇଂ ସିଟ୍ ଓ ରଙ୍ଗ ପେନସିଲ୍, କାଗଜ, ଛୁଞ୍ଚି, ସୂତା, ମାଳି ଇତ୍ୟାଦି

ଶିକ୍ଷଣ ପ୍ରକ୍ରିୟା-

- ଶିକ୍ଷକ ୩/୪ ଜଣ ପିଲାଙ୍କୁ ନେଇ ଗୋଟିଏ ଗୋଟିଏ ଦଳ କରିବେ ।
- ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ଡ୍ରଇଁ ସିଟ୍, ପେନସିଲ୍ ଓ ରଙ୍ଗ ପେନସିଲ୍ ଦେବେ ।
- ପ୍ରତି ଦଳର ପିଲାମାନେ ମିଶି ଡ୍ରଇଁ ସିଟ୍ ରେ ଗୋଟେ ଗୋଟେ ଚିତ୍ର ଆଙ୍କି ରଙ୍ଗ ଦେବେ ।
- ସମସ୍ତଙ୍କୁ ଚିତ୍ରକୁ ଶ୍ରେଣୀରେ ପ୍ରଦର୍ଶନ କରିବେ ଓ ପ୍ରତି ଚିତ୍ର ଆଧାରରେ ଆଲୋଚନା କରିବେ ।
- ଏହିପରି ଅନ୍ୟ କାର୍ଯ୍ୟ ଯଥା - ବାଲିରେ ବିଭିନ୍ନ ଚିତ୍ର ଆଙ୍କିବା, ଆଙ୍ଗୁଳିକୁ ରଙ୍ଗରେ ବୁଡାଇ ବିଭିନ୍ନ ଚିତ୍ର ଆଙ୍କିବା, କାଗଜକୁ ସିଧା ଓ ସମାନ କରି ଚିରିବା, ସୂତାରେ ମାଳି ଗୁନ୍ଥିବା ଇତ୍ୟାଦି କାର୍ଯ୍ୟ କରାଇବେ । ଏହାଦ୍ୱାରା ପିଲାମାନଙ୍କର ସୂକ୍ଷ୍ମ ମାଂସପେଶୀର ବିକାଶ ହୋଇଥାଏ ।
- ଏହି କାର୍ଯ୍ୟ କରାଇସାରିବା ପରେ କାର୍ଯ୍ୟପୁସ୍ତିକାର କାର୍ଯ୍ୟ- ୪୪ କରିବା ପାଇଁ ସୂଚନା ଦେବେ । ପ୍ରତି ପିଲାଙ୍କ ଅଭ୍ୟାସ କାର୍ଯ୍ୟ ଦେଖି ପ୍ରତିପୃଷ୍ଠି ଦେବେ ଓ ସ୍ୱାକ୍ଷର କରିବେ ।
- ବିଭିନ୍ନ ଦିବସରେ ଛାତ୍ରଛାତ୍ରୀମାନେ ମାଟିରେ ତିଆରି ବିଭିନ୍ନ ଜିନିଷ ପ୍ରସ୍ତୁତ କରିବେ, ଚିତ୍ର ଆଙ୍କିବେ, ଚିତ୍ରରେ ରଙ୍ଗ ଦେବେ ।

ଅନ୍ୟ ଦକ୍ଷତାର ବିକାଶ -: ଉତ୍ତମ ମାଂସପେଶୀୟ ବିକାଶ, ଆଖି-ହାତ ସମନ୍ୱୟ, ସୃଜନଶୀଳ ଓ ସୌନ୍ଦର୍ଯ୍ୟ ବୋଧ, ଧ୍ୟାନ ଦେବା ଅବଧି ବୃଦ୍ଧି, କାର୍ଯ୍ୟରେ ଧୈର୍ଯ୍ୟ ରଖିବା ଇତ୍ୟାଦି ।

ବିକାଶର ଦିଗ - କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ

ଶିକ୍ଷଣ ଫଳାଫଳ:- ନିଜେ ଭିନ୍ନ ଭିନ୍ନ ରଙ୍ଗର ପଦାର୍ଥ, ରଙ୍ଗ ଓ ଆକାରକୁ ମିଶାଇ କୋଲାଜ ତିଆରି କରିବେ ।

ଶିକ୍ଷଣ ସାମଗ୍ରୀ- ବିଭିନ୍ନ ରଙ୍ଗର କାଗଜ, ଡ୍ରଇଂ ସିଟ୍, ଅଠା ଇତ୍ୟାଦି ।

ଶିକ୍ଷଣ ପ୍ରକ୍ରିୟା-

- ଶିକ୍ଷକ ୩/୪ ଜଣ ପିଲାଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ କରି ଗୋଲାକାରରେ ବସାଇବେ ।
- ପ୍ରତିଦଳକୁ ଗୋଟିଏ ଲେଖାଏଁ ଡ୍ରଇଁ ସିଟ୍, ବିଭିନ୍ନ ରଙ୍ଗର କାଗଜ ଯଥା- ନାଲି, ସବୁଜ, ହଳଦିଆ, ଅଠା ଇତ୍ୟାଦି ଦେବେ ।
- ରଙ୍ଗୀନ କାଗଜକୁ ବିଭିନ୍ନ ଆକୃତିରେ କାଟି ଅଠା ଲଗାଇ ଡ୍ରଇଁ ସିଟ୍ ରେ ବିଭିନ୍ନ ଆକୃତି (ଘର, ରଥ, ଗଛ ଇତ୍ୟାଦି) ତିଆରି କରିବେ ।
- ସମସ୍ତଙ୍କ କାର୍ଯ୍ୟକୁ ଶ୍ରେଣୀରେ ପ୍ରଦର୍ଶନ କରି ପ୍ରତ୍ୟେକ ଦଳର କାର୍ଯ୍ୟକୁ ଆଲୋଚନା କରିବେ । ସମସ୍ତଙ୍କୁ ତାଳି ମାରି ଉତ୍ସାହିତ କରିବେ ।

ଏହିଭଳି ବିଭିନ୍ନ ପ୍ରକାର ସାମଗ୍ରୀ ଓ ବସ୍ତୁକୁ ଯୋଡି ତ୍ରୈମାତ୍ରିକ ସାମଗ୍ରୀ / ଆକାର ପ୍ରସ୍ତୁତ କରିବା ପାଇଁ ମଧ୍ୟ ସୂଚନା ଦେଇପାରିବେ ।

ଅନ୍ୟ ଦକ୍ଷତାର ବିକାଶ- ଉତ୍ତମ ମାଂସପେଶୀୟ ବିକାଶ, ଆଖି-ହାତ ସମନ୍ୱୟ, ସୃଜନଶୀଳ ଓ ସୌନ୍ଦର୍ଯ୍ୟ ବୋଧ, ଧ୍ୟାନ ଦେବା ଅବଧି ବୃଦ୍ଧି, କାର୍ଯ୍ୟରେ ଧୈର୍ଯ୍ୟ ରଖିବା ଇତ୍ୟାଦି ।

ବିକାଶର ଦିଗ - ଶାରୀରିକ ବିକାଶ

ଶିକ୍ଷଣ ଫଳାଫଳ:- ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ସର୍ବଦା ଡଷ୍ଟବିନ ବ୍ୟବହାର କରିବେ।

ଶିକ୍ଷଣ ସାମଗ୍ରୀ- ଶ୍ରେଣୀଗୃହର ଅଳିଆଦାନି (dustbin)

ଶିକ୍ଷଣ ପ୍ରକ୍ରିୟା-

- ସବୁ ପିଲାଙ୍କୁ ଗୋଲାକାରରେ ବସାଇବେ ।
- ଗୋଟିଏ ଡଷ୍ଟବିନ କୁ ଦେଖାଇ ଏଥିରେ ତୁମେ କେଉଁ କେଉଁ ଜିନିଷ ପକାଅ ପ୍ରଶ୍ନ ପଚାରିବେ ।
- ପ୍ରତ୍ୟେକ ପିଲା ଗୋଟିଏ ଗୋଟିଏ ଜିନିଷର ନାମ କହିବେ ।
- ଘରେ ବା ଶ୍ରେଣୀରେ ଡଷ୍ଟବିନ କାହିଁକି ରଖିବା ପ୍ରଶ୍ନ ପଚାରିବେ ଓ ଆଲୋଚନା କରିବେ ।
- ଡଷ୍ଟବିନ ନ ରଖିଲେ କ'ଣ ଅସୁବିଧା ହେବ ଆଲୋଚନା କରିବେ ।
- ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଦିନ ଡଷ୍ଟବିନ ବ୍ୟବହାର କରୁଛନ୍ତି କି ନାହିଁ ନିରୀକ୍ଷଣ କରିବେ ।

ଏହିସବୁ ଆଲୋଚନା କରିବା ପରେ କାର୍ଯ୍ୟପୁସ୍ତିକାର କାର୍ଯ୍ୟ- ୪୫ କରିବା ପାଇଁ ସୂଚନା ଦେବେ । ପ୍ରତି ପିଲାଙ୍କର କାର୍ଯ୍ୟ ଦେଖି ପ୍ରତିପୁଷ୍ଟି ଦେବେ ଓ ସ୍ୱାକ୍ଷର କରିବେ ।

ଅନ୍ୟ ଦକ୍ଷତାର ବିକାଶ -: ସୁସ୍ଥ ଅଭ୍ୟାସର ବିକାଶ, ସକାରାତ୍ମକ ଶିକ୍ଷଣ ବିକାଶ, ସୃଜନଶୀଳତା, ବିଭିନ୍ନ ଚିନ୍ତାଧାରା ଏବଂ ପସନ୍ଦ ପ୍ରତି ସକାରାତ୍ମକ ପ୍ରତିକ୍ରିୟା ଦେବା, କାରଣ ଓ ଫଳାଫଳ ମଧ୍ୟରେ ସମ୍ପର୍କ ବୁଝିବା ।

ମାସ - ଅକ୍ଟୋବର

ଶିକ୍ଷଣ ଦିଗ	ଶିକ୍ଷଣ ଫଳାଫଳ	କାର୍ଯ୍ୟ ସଂଖ୍ୟା
ଶାରୀରିକ ବିକାଶ	● ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ସର୍ବଦା ଡଷ୍ଟବିନ ବ୍ୟବହାର କରେ । ● ବୟସ୍କଙ୍କ ତଦାରଖରେ ସତର୍କତା ସହିତ କଟୁରୀ, ଛୁରୀ ବ୍ୟବହାର କରେ । ● ସଡ଼କ ସୁରକ୍ଷା ନିୟମ (ବାମ ପାର୍ଶ୍ୱରେ ଚାଲିବା, ରାସ୍ତା ଅତିକ୍ରମ କରିବା ଇତ୍ୟାଦି) ସ୍ୱାଧୀନ ଭାବରେ ଅନୁସରଣ କରେ । ● ଟ୍ରାଫିକ ପ୍ରତୀକ (ସିଗନାଲ ଲାଇଟ, ପ୍ରତୀକ ଜେବ୍ରାକ୍ରସିଂ, ଅଣ୍ଡରପାସ ବ୍ରିଜ /ରେଳ ବ୍ରିଜ ଇତ୍ୟାଦି) ଚିହ୍ନଟ କରେ ।	46
ସାମାଜିକ-ଆବେଗିକ ଓ ନୈତିକ ବିକାଶ ।	● ଅଧିକାଂଶ ସମୟରେ ସାଙ୍ଗମାନଙ୍କ ସହିତ ଖେଳିବା ପାଇଁ ବୟସ୍କମାନଙ୍କ ଠାରୁ ଜାଣିଶୁଣି ଅଲଗା ହୋଇଯାଏ ।	
ବୌଦ୍ଧିକ ବିକାଶ	● ଶିକ୍ଷକଙ୍କ ସହାୟତାରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ନିଜ ଚାରିପାଖରେ ଉପଲବ୍ଧ ଥିବା ବୈଷୟିକ ଉପକରଣ ଗୁଡିକର ନାମ କହିବ ଓ ଉପକରଣ ଗୁଡିକର ବ୍ୟବହାର ବର୍ଣ୍ଣନା କରିବ । ● ଏକାଧିକ ଗୁଣାବଳୀକୁ ଆଧାର କରି ବସ୍ତୁ ଗୁଡିକୁ ଭାଗ ଭାଗ କରିବ ଓ ଚିହ୍ନିବ । ● ବସ୍ତୁ ଗୁଡିକୁ ତିନୋଟି ଲକ୍ଷଣ (ଯେପରି- ଆକୃତି, ରଙ୍ଗ ଏବଂ ଆକାର ଇତ୍ୟାଦି) ଆଧାରରେ ତୁଳନା ଓ ବର୍ଗୀକରଣ କରିବ । ● ସଂରଚନାର ନିୟମ ଓ କ୍ରମକୁ ବର୍ଣ୍ଣନା କରିବ ଓ ବିଭିନ୍ନ ବସ୍ତୁକୁ ନେଇ ନୂତନ ସଂରଚନା ସୃଷ୍ଟି କରିପାରିବ । ● ସଂଖ୍ୟା ସୂଚକକୁ କ୍ରମରେ କହିବ ,ଗୀତ ମାଧ୍ୟମରେ ୨୦ ପର୍ଯ୍ୟନ୍ତ ଗାଇବ, ୧୦ ପର୍ଯ୍ୟନ୍ତ ବସ୍ତୁ ସଂଖ୍ୟା ଏକ ଏକ ମେଳକ କରିବ । ● ଭାରତୀୟ ସଂଖ୍ୟା ପଦ୍ଧତି ରେ ୯ ପର୍ଯ୍ୟନ୍ତ ସଂଖ୍ୟା ଚିହ୍ନିବ ।	47 48 49 50 51 52 53
ଭାଷାଗତ ବିକାଶ	● କାହାଣୀର ଶେଷକୁ ନେଇ କଳ୍ପନା କରିବ ଓ ତାହାକୁ ନିଜେ ବର୍ଣ୍ଣନା କରିବ । ● ପରିସ୍ଥିତି ଓ ଆବଶ୍ୟକତା ଅନୁସାରେ କ୍ରିୟାବାଚକ (action word) ଓ ଗୁଣବାଚକ (descriptive word) ଶବ୍ଦ ସହିତ କାଳର ବ୍ୟବହାର କରିବ । ● ସମତାନ ଧ୍ୱନି ଓ ଅନୁପ୍ରାସ ଅଳଙ୍କାରବିଶିଷ୍ଟ (alliteration) ଧ୍ୱନି କହିବ ।	54
କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	● ବ୍ଲକ୍, ଷ୍ଟେନସିଲ୍, ମିଳିଥିବା ବସ୍ତୁ ଏବଂ ପ୍ରାକୃତିକ ପଦାର୍ଥ ବ୍ୟବହାର କରି ସରଳ ଢାଞ୍ଚା ତିଆରି କରିବ । ● ବିଭିନ୍ନ ସ୍ୱର, ନିଜ ଅଙ୍ଗପ୍ରତ୍ୟଙ୍ଗ ଓ ବାଦ୍ୟଯନ୍ତ୍ର ସହ ଖେଳିଲା ବେଳେ ଦ୍ରୁତ, ମଧ୍ୟମ ଓ ଧ୍ୱନିର ଗତିକୁ ଚାଣି ପାର୍ଥକ୍ୟ କରିବ ।	55

ବିକାଶର ଦିଗ- ଶାରୀରିକ ବିକାଶ

C-1.5

ଶିକ୍ଷଣ ଫଳାଫଳ- ଟ୍ରାଫିକ ସଙ୍କେତ (ସିଗନାଲ ଲାଇଟ, ପ୍ରତୀକ, ଜେବ୍ରାକ୍ରସିଂ, ଅଣ୍ଡରପାସ ବ୍ରିଜ/ରେଳ ବ୍ରିଜ ଇତ୍ୟାଦି) ଚିହ୍ନଟ କରିବ ।

ଶିକ୍ଷକ ପିଲାମାନଙ୍କୁ ଗୋଲାକାରରେ ବସାଇ ଗୋଟିଏ ଗପ କହିବେ ।

ପରିସ୍ଥିତି

କୌତୁକିଆ ଗପ

ଥରେ ତିନିଜଣ ସାଙ୍ଗ ଲିନା, ଦୀପା, କୁନା ଏକାଠି ବସି ଗପ କରୁଥିଲେ ।ପ୍ରଥମ ସାଙ୍ଗ କୁନା କହିଲା 'ଜାଣିଛ, ମୋ ବାପା ଭାରୀ ଶକ୍ତିଶାଳୀ, ସବୁଦିନେ ବସ୍ ରେ ଯାଆନ୍ତି ।ତାଙ୍କ ପାଖରେ ବହୁତ ପଇସା ଥାଏ ।ତାଙ୍କୁ ପଇସା ଦେଇ ଟିକଟ ନ ନେଲେ କେହି ବସ୍ ରେ ଯାଇପାରିବେନି। ତା'ପରେ ଦ୍ୱିତୀୟ ସାଙ୍ଗ ଦୀପା କହିଲା, ଆରେ ଜାଣିଛି ଜାଣିଛି । ତୋ ବାପା ଜଣେ ବସ୍ କଣ୍ଡକ୍ଟର ପରା !'ସେଇଠୁ ତୃତୀୟ ସାଙ୍ଗ ଲିନା କହିଲା 'ତୁମ ସମସ୍ତଙ୍କ ବାପାଙ୍କ ଠାରୁ ମୋ ବାପା ବେଶୀ ଶକ୍ତିଶାଳୀ । ମୋ ବାପା ଗୋଟିଏ ଇସାରା ଦେଲେ, ଶହ ଶହ ଗାଡି ଛିଡା ହେଇଯା'ନ୍ତି ଏବଂ ତାଙ୍କ ଇସାରାରେ ଶହ ଶହ ଗାଡି ଯାତାୟାତ କରନ୍ତି ।' ଆଚ୍ଛା ପିଲାଏ ! କହିପାରିବ, ଲିନା ର ବାପା କ'ଣ କରନ୍ତି ? ଉତ୍ତର ହେଲା : ଲିନା ର ବାପା ଜଣେ ଟ୍ରାଫିକ ପୋଲିସ ।

ଶିକ୍ଷକ ପରିସ୍ଥିତିକୁ ଆଲୋଚନା କରିବା ପରେ ପିଲାମାନଙ୍କୁ କେତେକ ପ୍ରଶ୍ନ ପଚାରିବେ ।

ପ୍ରଶ୍ନ-

- ନାଲି, ସବୁଜ ଓ ହଳଦିଆ ରଙ୍ଗର ଲାଇଟ୍ ତୁମେ କେଉଁଠାରେ ଦେଖିବାକୁ ପାଅ ?
- ଟ୍ରାଫିକ ଛକରେ କେଉଁ ରଙ୍ଗର ସଙ୍କେତ ଦେଖିଲେ ଗାଡିଗୁଡ଼ିକ ଅଟକି ଥାଏ ?
- କେଉଁ ରଙ୍ଗର ସଙ୍କେତ ଦେଖିଲେ ଗାଡି ଚାଲିବା ଆରମ୍ଭ କରେ ?
- କେଉଁ ରଙ୍ଗର ସଙ୍କେତ ଦେଖିଲେ ଗାଡିଗୁଡିକ ଚାଲିବା ପାଇଁ ପ୍ରସ୍ତୁତ ହୁଏ ?
- ତୁମେ ରାସ୍ତାରେ ଯାଉଥିବା ସମୟରେ ନାଲି ରଙ୍ଗର ସଙ୍କେତ ଦେଖିଲେ କ'ଣ କରିବ ?
- ସେହିପରି ଶିକ୍ଷକ ଅନ୍ୟ ଦୁଇଟି ରଙ୍ଗର ସଙ୍କେତ ଦେଖିଲେ କ'ଣ କରିବେ ବୋଲି ପଚାରିବେ ଓ ପିଲାମାନଙ୍କ ଦ୍ୱାରା ସଂକ୍ଷେପଣ କରାଇବେ ।

ଶିକ୍ଷଣ ସାମଗ୍ରୀ – ଲାଲ, ହଳଦିଆ ଓ ସବୁଜ ରଙ୍ଗର କାର୍ଡ (ବଡ ଆକାରର)

ଶିକ୍ଷଣ କାର୍ଯ୍ୟ –

- ଶିକ୍ଷକ ଭୂମିରେ ଏକ ବଡ ଗୋଲ/ଟ୍ରାଫିକ (ଛକ) ଆଙ୍କିବେ ।
- ଗୋଟିଏ ପିଲାକୁ ଗୋଲ ଭିତରେ (ଛକରେ) ତିନୋଟି ରଙ୍ଗର କାର୍ଡ ଧରି ଠିଆ କରାଇବେ ।
- ଅନ୍ୟ ପିଲାମାନେ ରାସ୍ତାରେ ଗାଡି ଚଳାଇବେ (ଅଭିନୟ ମାଧ୍ୟମରେ) ।

- ଗୋଲ ମଝିରେ ଥିବା ପିଲାଟି ବିଭିନ୍ନ ରଙ୍ଗର କାର୍ଡ ଦେଖାଇବ ।
- ଅନ୍ୟ ପିଲାମାନେ କାର୍ଡର ରଙ୍ଗକୁ ଦେଖି ଆଗକୁ ଯିବା/ଯିବା ପାଇଁ ପ୍ରସ୍ତୁତ ହେବା ଭଳି କାର୍ଯ୍ୟଗୁଡିକୁ ଅଭିନୟ ମାଧ୍ୟମରେ ଦେଖାଇବେ । ଆବଶ୍ୟକ ସ୍ଥଳେ ଶିକ୍ଷକ ସହାୟତା ପ୍ରଦାନ କରିବେ ।

ଏହିପରି ସଡ଼କ ସୁରକ୍ଷା ନିୟମ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ଶିକ୍ଷଣ କାର୍ଯ୍ୟ କରାଇବେ । ଶିକ୍ଷଣ କାର୍ଯ୍ୟ କଲାପରେ କାର୍ଯ୍ୟପୁସ୍ତିକାରେ ଥିବା କାର୍ଯ୍ୟ-୪୬ କୁ ଶିକ୍ଷାର୍ଥୀମାନଙ୍କୁ କରିବାକୁ ସୂଚନା ଦେବେ ।

ଅନ୍ୟ ଦକ୍ଷତାର ବିକାଶ- ଏହି ଶିକ୍ଷଣ କାର୍ଯ୍ୟ କରିବାଦ୍ୱାରା ଆତ୍ମସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା, ଆକୃତି, ରଙ୍ଗର ଧାରଣା, ନିଜର ହାତ ଓ ଆଙ୍ଗୁଳି ବ୍ୟବହାର କରି କାର୍ଯ୍ୟ କରିବାରେ ନିୟନ୍ତ୍ରଣ ଓ ସଠିକତା ଇତ୍ୟାଦି ଦକ୍ଷତା ଗୁଡିକର ବିକାଶ ହୋଇପାରିବ ।

ବହୁ ଶ୍ରେଣୀ ପରିସ୍ଥିତିରେ ଶିକ୍ଷକ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ନିମନ୍ତେ ନିମ୍ନଲିଖିତ ଶିକ୍ଷଣ କାର୍ଯ୍ୟଗୁଡିକ କରାଇବେ ।

ପ୍ରଥମ ଶ୍ରେଣୀ

ରାସ୍ତାରେ ସାଇକେଲ ଚଳାଇବା ପାଇଁ ଆବଶ୍ୟକ ଟ୍ରାଫିକ ନିୟମଗୁଡିକୁ ଶିକ୍ଷକ ଶିକ୍ଷାର୍ଥୀଙ୍କ ସହିତ ଆଲୋଚନା କରିବେ ।

ଦ୍ୱିତୀୟ ଶ୍ରେଣୀ

ଶିକ୍ଷକ ଶିକ୍ଷାର୍ଥୀ ମାନଙ୍କୁ ବିଭିନ୍ନ ପ୍ରକାରର ସୁରକ୍ଷା ସଙ୍କେତର କାର୍ଡ ଦେଇ ସେଗୁଡିକୁ ଚିହ୍ନଟ କରିବାପାଇଁ ସୂଚନା ଦେବେ । ରାସ୍ତାରେ ଏହି ସଙ୍କେତ ଗୁଡିକର ବ୍ୟବହାର ସମ୍ପର୍କରେ ଆଲୋଚନା କରିବେ ।

ବିକାଶର ଦିଗ- ସାମାଜିକ ଆବେଗିକ ଓ ନୈତିକ ବିକାଶ

C-4.3- ଅନ୍ୟ ପିଲା ଓ ବୟସ୍କ ମାନଙ୍କ ସହିତ ସ୍ୱାଭାବିକ ଭାବେ କଥାବାର୍ତ୍ତା କରିବା

ଶିକ୍ଷଣ ଫଳାଫଳ- ଅଧିକାଂଶ ସମୟରେ ସାଙ୍ଗମାନଙ୍କ ସହିତ ଖେଳିବା ପାଇଁ ବୟସ୍କମାନଙ୍କ ଠାରୁ ଜାଣିଶୁଣି ଅଲଗା ହୋଇଯାଏ ।

ପରିସ୍ଥିତି

- ପିଲାମାନଙ୍କୁ ଗୋଲାକାରରେ ବସାଇ ନିମ୍ନୋକ୍ତ ପରିସ୍ଥିତିକୁ ବର୍ଣ୍ଣନା କରିବେ ।

ଆଜି ସାରାର ମନ ଭାରି ଖୁସି । ଦଶହରା ଛୁଟିରେ ସେ ବାପା-ବୋଉଙ୍କ ସାଥିରେ ଗାଁକୁ ଯିବ । ଜେଜେ ବାପା ଓ ଜେଜେ ମାଙ୍କ ସହିତ ସାରାର ବୋଉ ଫୋନ ମାଧ୍ୟମରେ କଥା ହେଉଥିବାର ସେ ଶୁଣିଛି । ଗାଁରେ ଥିବା ସୁନିତା, ସାରାର ଭଲ ସାଙ୍ଗ । ତା' ସାଙ୍ଗରେ ସାରା ଦଶହରା ମେଢ଼ ଦେଖିବାକୁ ଯିବ । କିନ୍ତୁ ଜେଜେ ମା ରାଜି ହେଲେ ସିନା ! ସେ ପରା ପାଦେ ପାଦେ ଜଗିଥିବ । ସନ୍ଧ୍ୟା ହେଲେ ବସାଇ ଗୀତ ବୋଲିବାକୁ କହିବ ! ଜେଜେ ମା'ଙ୍କ କବଳରୁ ମୁକୁଳିଲେ ଜେଜେ ବାପା ଟାଣି ବସାଇବେ, କେତେ କଥା ପଚାରିବେ, ତାଙ୍କ ପାଖରୁ ମୁକୁଳିବା ପାଇଁ କିଛି ତ କରିବାକୁ ପଡ଼ିବ । ଜେଜେବାପା ଓ ଜେଜେମା ଡାକିବା ପୂର୍ବରୁ ସେ ସାଙ୍ଗମାନଙ୍କ ସହ ପଡ଼ିଆରେ ଖେଳିବାକୁ ପଳାଇବ ବୋଲି ଚିନ୍ତା କଲା ଓ ଗାଁକୁ ଯିବାକୁ ପ୍ରସ୍ତୁତ ହେଲା ।

ଗପଟିକୁ କହିସାରିବା ପରେ ଶିକ୍ଷକ/ଶିକ୍ଷୟିତ୍ରୀ ନିମ୍ନୋକ୍ତ ପ୍ରଶ୍ନ ପଚାରି ଆଲୋଚନା କରିବେ ।

- ସାରା ଗାଁକୁ ଯିବା କଥା ଶୁଣି କାହିଁକି ଖୁସି ହେଲା ?
- ସାରାକୁ କିଏ ଗୀତ ବୋଲିବାକୁ କୁହନ୍ତି ?
- ସାରାକୁ କିଏ କେତେ କଥା ପଚାରନ୍ତି ?
- ତୁମକୁ କେଉଁ କାମ କରିବାକୁ ସବୁଠାରୁ ଭଲ ଲାଗେ ? (ବଡ ମାନଙ୍କ ସହ କଥାବାର୍ତ୍ତା ହେବା ପାଇଁ/ଗୀତ ବୋଲିବା ପାଇଁ/ସାଙ୍ଗମାନଙ୍କ ସହ ଖେଳିବା ପାଇଁ) ।

ଏହି ଶିକ୍ଷଣ ଫଳାଫଳ ହାସଲ କରିବାପାଇଁ ଶିକ୍ଷକ/ଶିକ୍ଷୟିତ୍ରୀ ଏହିଭଳି ଅନ୍ୟ ପରିସ୍ଥିତି ଆଧାରିତ ଆଲୋଚନା କରିବେ ଏବଂ ତୁମକୁ ସାଙ୍ଗମାନଙ୍କ ସହ ଖେଳିବାକୁ କାହିଁକି ଭଲଲାଗେ ବୋଲି ଶିକ୍ଷାର୍ଥୀଙ୍କୁ ପଚାରିବେ ।

(**ବି.ଦ୍ର:** ବହୁଶ୍ରେଣୀ ପରିସ୍ଥିତିରେ ଶିକ୍ଷକ ଉପରୋକ୍ତ ଶିକ୍ଷଣ କାର୍ଯ୍ୟ କଲାବେଳେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ଅନ୍ତର୍ଭୁକ୍ତ କରାଇବେ) ।

ଅନ୍ୟ ଦକ୍ଷତାର ବିକାଶ- ଏହି କାର୍ଯ୍ୟ କଲାପରେ ପିଲାମାନଙ୍କର ସହଯୋଗୀ ମନୋଭାବ, ବାର୍ତ୍ତାଳାପ କରିବା, ପ୍ରତିକ୍ରିୟା କରିବା ଇତ୍ୟାଦି ଦକ୍ଷତାଗୁଡ଼ିକର ବିକାଶ ହେବ ।

ବିକାଶର ଦିଗ- ବୌଦ୍ଧିକ ବିକାଶ

C-8.2

ଶିକ୍ଷଣ ଫଳାଫଳ- ସଂରଚନାର ନିୟମ ଓ କ୍ରମକୁ ବର୍ଣ୍ଣନା କରିବ ଓ ବିଭିନ୍ନ ବସ୍ତୁକୁ ନେଇ ନୂତନ ସଂରଚନା ସୃଷ୍ଟି କରିବ ।

ଶିକ୍ଷଣ ସାମଗ୍ରୀ - ବିଭିନ୍ନ ପ୍ରକାରର ରଙ୍ଗୀନ ଖେଳଣା/ମାଳି/ସୂତା/ବ୍ଲକ/ପତ୍ର

- **ଶିକ୍ଷଣ କାର୍ଯ୍ୟ-**
- ଶିକ୍ଷକ ପିଲାମାନଙ୍କୁ ନେଇ ଛୋଟ ଛୋଟ ଦଳ ଗଠନ କରିବେ ।
- ଶିକ୍ଷକ ପିଲାମାନଙ୍କୁ ଏକ ସୂତାରେ ୫ଟି ସବୁଜ, ୫ଟି ଲାଲ, ୫ଟି ନୀଳ, ୫ଟି ହଳଦିଆ ମାଳିକୁ ଏକ ନିର୍ଦ୍ଦିଷ୍ଟ ସଂରଚନାରେ ରଖି ପିଲାମାନଙ୍କୁ ଦେଖାଇବେ । (ଯେପରି ସବୁଜ ,ଲାଲ, ନୀଳ, ହଳଦିଆ.. ଏହି କ୍ରମରେ ପୁନରାବୃତ୍ତି ହେବ) ।
- ସଂରଚନା ଦେଖାଇବା ପରେ ସଂରଚନାର ନିୟମ ଓ କ୍ରମକୁ ବର୍ଣ୍ଣନା କରିବ ।
- ଏହି ରଙ୍ଗୀନ ମାଳିକୁ ବ୍ୟବହାର କରି ଅନ୍ୟ ସଂରଚନା ପ୍ରସ୍ତୁତ କରିବା ପାଇଁ ପିଲାମାନଙ୍କୁ ସୂଚନା ଦେବେ ।
- ଶିକ୍ଷକ ବିଭିନ୍ନ ରଙ୍ଗର ଖେଳନା/ବ୍ଲକ/ପତ୍ରକୁ ବ୍ୟବହାର କରି ସଂରଚନା ପ୍ରସ୍ତୁତ କରିବାପାଇଁ ଉତ୍ସାହିତ କରିବେ ।
- ଏହି କାର୍ଯ୍ୟକୁ ଶିକ୍ଷକ ଦଳଗତ/ଯୋଡ଼ିରେ କରାଇବେ ।

ଅନ୍ୟ ଦକ୍ଷତାର ବିକାଶ- ଏହି କାର୍ଯ୍ୟ କରିବା ଦ୍ୱାରା ପିଲାମାନଙ୍କର ସୂକ୍ଷ୍ମ ମାଂସପେଶୀୟ ବିକାଶ, ବୋଧଗମ୍ୟତା, ପର୍ଯ୍ୟବେକ୍ଷଣ, ସୌନ୍ଦର୍ଯ୍ୟବୋଧ, ସୃଜନଶୀଳତା ଇତ୍ୟାଦି ଦକ୍ଷତାଗୁଡ଼ିକର ବିକାଶ ହୋଇପାରିବ ।

ଶିକ୍ଷକ ଶ୍ରେଣୀ ଗୃହରେ ଏହା ବ୍ୟତୀତ ବିଭିନ୍ନ ପ୍ରକାର ସଂରଚନାର ନମୁନା କାର୍ଯ୍ୟ କରାଇବେ । ଏହିଭଳି ଶିକ୍ଷଣ କାର୍ଯ୍ୟ କଲାପରେ କାର୍ଯ୍ୟପୁସ୍ତିକାରେ ଥିବା କାର୍ଯ୍ୟ -୪୮,୪୯ କରାଇବେ ।

ବହୁଶ୍ରେଣୀ ପରିସ୍ଥିତିରେ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କୁ ନିମ୍ନୋକ୍ତ ଶିକ୍ଷଣ କାର୍ଯ୍ୟ ଗୁଡିକ କରାଇବେ ।

(ପ୍ରଥମ ଶ୍ରେଣୀ)

ଶିକ୍ଷଣ ଫଳାଫଳ– ସଂରଚନାର କ୍ରମ ଅନୁଯାୟୀ ନୂତନ ସଂରଚନା ସୃଷ୍ଟି କରିବ।

ଶିକ୍ଷଣ କାର୍ଯ୍ୟ :

ଶିକ୍ଷକ ଶିକ୍ଷାର୍ଥୀ ମାନଙ୍କୁ ବିଭିନ୍ନ ପ୍ରକାରର ସଂରଚନାକୁ ବଢ଼ାଇବା ପାଇଁ/ତିଆରି କରିବାପାଇଁ ସୂଚନା ଦେବେ ।

ଉଦାହରଣ ସ୍ୱରୂପ:– ଶୂନ୍ୟସ୍ଥାନ ପୂରଣ କର ।

୧) 1,3,5,7,____,____, ?

୨) ____,____ ?

ଶିକ୍ଷକ ଏହିପରି ବିଭିନ୍ନ ଶିକ୍ଷଣକାର୍ଯ୍ୟ ଶ୍ରେଣୀ ଗୃହରେ କରାଇବେ ।

(ଦ୍ୱିତୀୟ ଶ୍ରେଣୀ)

ଶିକ୍ଷଣ ଫଳାଫଳ– ସଂରଚନାର କ୍ରମ ଅନୁଯାୟୀ ନୂତନ ସଂରଚନା ସୃଷ୍ଟି କରିବ।

ଶିକ୍ଷଣ କାର୍ଯ୍ୟ :

ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପ୍ରକାରର ସଂରଚନାକୁ ଆଗକୁ ବଢାଇବା ପାଇଁ ସୂଚନା ଦେବେ ।

ଉଦାହରଣ ସ୍ୱରୂପ:- ଶୂନ୍ୟସ୍ଥାନରେ ବନ୍ଧନୀ ମଧ୍ୟରୁ ଠିକ୍ ଚିତ୍ରକୁ ସ୍ଥାନିତ କର ।

୧) _____ ?

( )

୨) _____ ?

( )

ବିକାଶର ଦିଗ- ଭାଷାଗତ ବିକାଶ

C -9.6

ଶିକ୍ଷଣ ଫଳାଫଳ : କାହାଣୀର ଶେଷକୁ ନେଇ କଳ୍ପନା କରିବ ଓ ତାହାକୁ ନିଜେ ବର୍ଣ୍ଣନା କରିବ ।

ଶିକ୍ଷଣ କାର୍ଯ୍ୟ :-

- ଶିକ୍ଷକ ପିଲାମାନଙ୍କୁ ଗୋଲାକାରରେ ବସାଇବେ ।
- ଶିକ୍ଷକ ପିଲାଙ୍କୁ ପରିଚିତ / ଅପରିଚିତ କାହାଣୀ ଗୋଟିଏ କହିବେ ।
- ଶିକ୍ଷକ କାହାଣୀଟିକୁ ଅଧା କହିବେ ଓ କାହାଣୀଟିର ପରବର୍ତ୍ତୀ ଅଂଶ ଅନୁମାନ କରି କହିବାକୁ ପିଲାମାନଙ୍କୁ କହିବେ ।
- ସମସ୍ତ ପିଲା କହିସାରିଲା ପରେ ଶିକ୍ଷକ ସେମାନଙ୍କ ମତ ଆଧାରରେ କାହାଣୀଟିକୁ ସଂପୂର୍ଣ୍ଣ ଭାବେ ବର୍ଣ୍ଣନା କରିବା ପାଇଁ ଶିକ୍ଷାର୍ଥୀଙ୍କୁ ସୂଚନା ଦେବେ ।
- ଶିକ୍ଷକ ଏହିପରି ଦୁଇ-ତିନୋଟି କାହାଣୀ କୁ ନେଇ କଳ୍ପନା କରିବା ଏବଂ ପରେ ବର୍ଣ୍ଣନା କରିବା କାର୍ଯ୍ୟ କରାଇବେ ।

ଅନ୍ୟ ଦକ୍ଷତାର ବିକାଶ- ଏହି କାର୍ଯ୍ୟ କଲାପରେ ଶିକ୍ଷାର୍ଥୀମାନଙ୍କର ଶବ୍ଦ ଭଣ୍ଡାର ବୃଦ୍ଧି, କ୍ରମାନୁକ୍ରମିକ ଚିନ୍ତାଧାରା, ବିଭିନ୍ନ ଭାବନାର ବିକାଶର ଦକ୍ଷତାଗୁଡ଼ିକର ବିକାଶ ହେବ ।

ବହୁଶ୍ରେଣୀ ପରିସ୍ଥିତିରେ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କୁ ନିମ୍ନୋକ୍ତ ଶିକ୍ଷଣ କାର୍ଯ୍ୟଗୁଡ଼ିକ କରାଇବେ ।

ପ୍ରଥମ ଶ୍ରେଣୀ

ଶିକ୍ଷଣ ଫଳାଫଳ : ଛୋଟ ଛୋଟ କାହାଣୀ ନିଜ ଭାଷାରେ କହିବ ।

ଶିକ୍ଷକ ପିଲାମାନଙ୍କୁ ସରଳ ବିଷୟବସ୍ତୁ ଓ ଚରିତ୍ରକୁ ଆଧାରକରି ସୃଷ୍ଟି ହୋଇଥିବା ଛୋଟ ଛୋଟ କାହାଣୀଗୁଡ଼ିକୁ ନିଜ ଭାଷାରେ ବର୍ଣ୍ଣନା କରିବା ପାଇଁ ଉତ୍ସାହିତ କରିବେ ।

ଦ୍ୱିତୀୟ ଶ୍ରେଣୀ

ଶିକ୍ଷଣ ଫଳାଫଳ : ୩-୪ଟି ଚରିତ୍ରକୁ ଆଧାରକରି ଛୋଟ ଛୋଟ କାହାଣୀ ସୃଷ୍ଟି କରିବ ।

ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ଚରିତ୍ର(୩-୪ଟି) କୁ ଆଧାର କରି ଛୋଟ ଛୋଟ କାହାଣୀ ସୃଷ୍ଟି କରିବାକୁ ଉତ୍ସାହିତ କରିବେ ।

ବିକାଶର ଦିଗ- କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ

C.12.1-

ଶିକ୍ଷଣ ଫଳାଫଳ- ବ୍ଲକ୍ , ପେନସିଲ , ମିଳିଥିବା ବସ୍ତୁ ଏବଂ ପ୍ରାକୃତିକ ପଦାର୍ଥ ବ୍ୟବହାର କରି ସରଳ ଢାଞ୍ଚା ତିଆରି କରିବ ।

ଶିକ୍ଷଣ ସାମଗ୍ରୀ : ମାଟି , ବାଲି , କାଗଜ , ରଙ୍ଗ , କାଠି , ଫୁଲ

ଶିକ୍ଷଣ କାର୍ଯ୍ୟ :

- ଶିକ୍ଷକ ଛୋଟ ଛୋଟ ଦଳ ଗଠନ କରିବେ ।
- ଶିକ୍ଷକ ଦଳରେ ପିଲାମାନଙ୍କୁ ଚକଟାମାଟି ଓ କିଛି ବାଲି ଦେବେ ।
- ମାଟି ଓ ବାଲିକୁ ବ୍ୟବହାର କରି ପିଲାମାନଙ୍କୁ ନିଜ ପସନ୍ଦର ଜିନିଷ ତିଆରି କରିବାକୁ ସୂଚନା ଦେବେ ।
- ପିଲାମାନେ ନିଜ ସୃଷ୍ଟି କୁ ସଜାଇବା ପାଇଁ କାଠି, ଫୁଲ ଓ ରଙ୍ଗର ବ୍ୟବହାର କରିବାକୁ ସୂଚନା ଦେବେ ।
- ଶିକ୍ଷକ ଏହିଭଳି ବିଭିନ୍ନ ସାମଗ୍ରୀ ନେଇ ବିଭିନ୍ନ ପ୍ରକାର ଜିନିଷ ପ୍ରସ୍ତୁତ କରାଇବେ ।
- ପିଲାମାନେ ବିଭିନ୍ନ ପ୍ରକାରର ଜିନିଷ ତିଆରି କରି ଦଳରେ ପ୍ରଦର୍ଶନ କରିବେ ।

ଅନ୍ୟ ଦକ୍ଷତାର ବିକାଶ- ଏହି କାର୍ଯ୍ୟ କରିବାଦ୍ୱାରା ପିଲାମାନଙ୍କର ସୂକ୍ଷ୍ମ ମାଂସପେଶୀର ବିକାଶ , ଆଖି –ହାତ ସମନ୍ୱୟ, ସାମାଜିକ ବିକାଶ ଇତ୍ୟାଦି ଦକ୍ଷତାଗୁଡ଼ିକର ବିକାଶ ହୋଇପାରିବ ।

ଏହି ଶିକ୍ଷଣ କାର୍ଯ୍ୟ ଗୁଡିକ କଲାପରେ ଶିକ୍ଷକ କାର୍ଯ୍ୟପୁସ୍ତିକାର କାର୍ଯ୍ୟପତ୍ର- ୫୫ କୁ ପିଲାମାନଙ୍କୁ କରାଇବେ ।

ପ୍ରଥମ ଶ୍ରେଣୀ-

ଶିକ୍ଷଣ ଫଳାଫଳ- ହାତର ଚାପ ଅନୁସାରେ ସ୍କେଚ୍, ପେନ୍‌ସିଲ ବ୍ୟବହାର କରି ଗାଢ଼ ଓ ହାଲୁକା ରଙ୍ଗର ଛାପ/ଚିହ୍ନ/ରେଖା ତିଆରି କରିବ।

ଦ୍ୱିତୀୟ ଶ୍ରେଣୀ – ହାତର ଚାପ ଅନୁସାରେ ସ୍କେଚ୍, ପେନ୍‌ସିଲ ବ୍ୟବହାର କରି ଗାଢ଼ ଓ ହାଲୁକା ରଙ୍ଗର ଛାପ/ଚିହ୍ନ/ରେଖା ତିଆରି କରିବ।

ଶିକ୍ଷଣ ଫଳାଫଳ-

ବହୁଶ୍ରେଣୀ ପରିସ୍ଥିତିରେ ଶିକ୍ଷକ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କୁ ବିଭିନ୍ନ ଆକୃତି, ରଙ୍ଗକୁ ନେଇ ବିଭିନ୍ନ ପ୍ରକାରର ସଂରଚନାକୁ ପ୍ରସ୍ତୁତ କରିବାକୁ ସୂଚନା ଦେବେ ।

ବିକାଶର ଦିଗ- ଶାରୀରିକ ବିକାଶ

C.G -1.3

ଶିକ୍ଷଣ ଫଳାଫଳ - ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ସର୍ବଦା ଡଷ୍ଟବିନ୍ ବ୍ୟବହାର କରିବ ।

ଶିକ୍ଷଣ କାର୍ଯ୍ୟ –

- ଶିକ୍ଷକ ପିଲାମାନଙ୍କୁ ଶ୍ରେଣୀରେ ଖେଳିବାକୁ ଦେବେ ଖେଳ ସମୟ ସାରିବା ପରେ ଖେଳଣା / ସାମଗ୍ରୀଗୁଡିକୁ ଠିକ୍ ସ୍ଥାନରେ ରଖିବାକୁ ଉତ୍ସାହିତ କରିବେ ।
- ପରିବେଶରୁ ପତ୍ର/ଗୋଡ଼ି/ଫୁଲ ସଂଗ୍ରହ କରି ବିଭିନ୍ନ ଆକୃତି ତିଆରି କରିବାକୁ ସୂଚନା ଦେବେ।
- କାମ କରିସାରିବା ପରେ ବ୍ୟବହୃତ ଜିନିଷକୁ ଡଷ୍ଟବିନ୍‌ରେ ପକାଇବା ପାଇଁ ସୂଚନା ଦେବେ।
- ପରିଷ୍କାର ପରିଚ୍ଛନ୍ନତାରେ ଡଷ୍ଟବିନ୍ ର ବ୍ୟବହାର ସମ୍ବନ୍ଧୀୟ କୌଣସି video ଦେଖାଇବେ video ଦେଖାଇଲା ପରେ ଡଷ୍ଟବିନ୍‌ର ବ୍ୟବହାର ସମ୍ବନ୍ଧରେ ଆଲୋଚନା କରିବେ ।
- ପ୍ରତିଦିନ ଶ୍ରେଣୀଗୃହ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ପିଲାମାନଙ୍କୁ ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ଉତ୍ସାହିତ କରିବେ ।

ଅନ୍ୟ ଦକ୍ଷତାର ବିକାଶ- ଏହା କରିବା ଦ୍ୱାରା ପିଲାମାନଙ୍କର ସହଯୋଗୀ ଆଚରଣ ଓ ଅନ୍ୟକୁ ସାହାଯ୍ୟ କରିବା ଦକ୍ଷତା ମଧ୍ୟ ବିକାଶ ହୋଇପାରିବ ।

ପ୍ରଥମ ଶ୍ରେଣୀ-

ଶିକ୍ଷଣ ଫଳାଫଳ- ଆବର୍ଜନାର ବିଭାଗୀକରଣ କରିବା ଆରମ୍ଭ କରିବ। (ଓଦା ଓ ଶୁଖିଲା ଆବର୍ଜନା)

ଦ୍ୱିତୀୟ ଶ୍ରେଣୀ –

ଶିକ୍ଷଣ ଫଳାଫଳ- ଉପଯୁକ୍ତ ଭାବରେ ଆବର୍ଜନାର ବିଭାଗୀକରଣ କରିବ।

ବି . ଦ୍ର :- ବହୁଶ୍ରେଣୀ ପରିସ୍ଥିତିରେ ଶିକ୍ଷକ ପ୍ରଥମ ଶ୍ରେଣୀର ଓ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ଶୁଖିଲା ବର୍ଜ୍ୟବସ୍ତୁ ଓ ଓଦା ବର୍ଜ୍ୟବସ୍ତୁ ପାଇଁ ଅଲଗା ଅଲଗା ଡଷ୍ଟବିନ୍‌ର ବ୍ୟବହାର ସମ୍ବନ୍ଧୀୟ ଶିକ୍ଷଣକାର୍ଯ୍ୟ କରାଇବେ ।

ମାସ - ନଭେମ୍ବର

ଶିକ୍ଷଣ ଦିଗ	ଶିକ୍ଷଣ ଫଳାଫଳ	କାର୍ଯ୍ୟ ସଂଖ୍ୟା
ଶାରୀରିକ ବିକାଶ	● ସୁରକ୍ଷିତ ଏବଂ ଅସୁରକ୍ଷିତ ସ୍ପର୍ଶ ମଧ୍ୟରେ ପାର୍ଥକ୍ୟ ବୁଝିଥାଏ । ● ଅପରିଚିତ ବ୍ୟକ୍ତିଙ୍କ ଠାରୁ ଦୂରତା ବଜାୟ ରଖେ । ● ବିଶ୍ୱସ୍ତ ବୟସ୍କମାନଙ୍କୁ ସହ ଅସୁରକ୍ଷିତ ପରିସ୍ଥିତି ବିଷୟରେ ଜଣାଏ । ● କୌଣସି ଆଘାତ ହୋଇଥିଲେ (ଆଣ୍ଠୁ ଛିଣ୍ଡିଯାଇଥିଲେ, ପୋଡାଜଳା ବା ବୈଦ୍ୟୁତିକ ଆଘାତ ପାଇଲେ) ବୟସ୍କ ମାନଙ୍କଠାରୁ ସାହାଯ୍ୟ ଲୋଡିଥାଏ ।	56
ସାମାଜିକ-ଆବେଗିକ ଓ ନୈତିକ ବିକାଶ ।	● ଅତିକମରେ ଗୋଟିଏ ଶିଶୁ ସହିତ ଘନିଷ୍ଠ ମିତ୍ରତା ସୃଷ୍ଟି କରନ୍ତି ଏବଂ ତାହାକୁ ବଜାୟ ରଖିବ । ● ପରିଚିତ ବୟସ୍କମାନଙ୍କ ଠାରୁ ସାହାଯ୍ୟ ପାଇଁ ଅନୁରୋଧ କରେ । ● ଅନ୍ୟ ଶିଶୁମାନଙ୍କ ସହିତ ଖେଳ ଆରମ୍ଭ କରନ୍ତି ଏବଂ ଯୋଜନା କରେ (ଯେପରିକି, କେଉଁ ଖେଳ ଖେଳିବେ, କିପରି ଖେଳିବେ ଓ କେବେ ଖେଳିବ) ।	57
ବୌଦ୍ଧିକ ବିକାଶ	● ବସ୍ତୁ ଗୁଡିକ ଯେକୌଣସି କ୍ରମରେ ଗଣିଲେ ସମାନ ପରିମାଣର ବସ୍ତୁ ରହିବ । ● ଶୂନର ଧାରଣାକୁ ବୁଝିବେ ସଂଖ୍ୟାକୁ କମ କରି କରି (୩ର ପଛକୁ ପଛ ଗଣନ, ୧ ପରେ କ'ଣ ଆସିବ । ● ସାଂଖ୍ୟକ ମାନର ଧାରଣା, ସଂଖ୍ୟାର ସ୍ଥିତି (ମଧ୍ୟବର୍ତ୍ତୀ, ପୂର୍ବବର୍ତ୍ତୀ, ପରବର୍ତ୍ତୀ) ● ବସ୍ତୁ ଗୁଡିକ ଠିକ ଭାବରେ ଯେକୌଣସି କ୍ରମରେ ଗଣିବ, (ବାମରୁ ଡାହାଣ ବା ଡାହାଣରୁ ବାମ) । ● ୬ଟିବସ୍ତୁର ସମୂହକୁ ସଙ୍ଗେ ସଙ୍ଗେ ଚିହ୍ନଟ କରିବା, (ବିସ୍କୁଟ, ଚକୋଲେଟ, ବ୍ଲକ, ନଗଣିକି) । ● ୫ଟି ବସ୍ତୁକୁ ନେଇ ଆକାର, ଲମ୍ବ ଓ ଓଜନ ଅନୁସାରେ ଛୋଟରୁ ବଡ ଓ ବଡରୁ ଛୋଟରେ ସଜାଇବ ।	58 59 60 61 62 63 64
ଭାଷାଗତ ବିକାଶ	● ଶବ୍ଦରେ ଥିବା ଧ୍ୱନିକୁ ଚିହ୍ନଟ କରିବ । ● ଧ୍ୱନିକୁ ଯୋଡି ପରିଚିତ ଶବ୍ଦ କହିବ । ● ଛପାଲେଖା ସାମଗ୍ରୀରେ (printed materials) ପ୍ରଦାନ କରାଯାଇଥିବା ସୂଚନାକୁ ବର୍ଣ୍ଣନା କରିବ (ବହି, ସମ୍ବାଦପତ୍ର ଓ ସୂଚନାଫର୍ଦ୍ଦ)	65 66
କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	● ନିଜେ ଗୀତ ଗାଉଥିବା ସ୍ୱର ଓ କଥା କହୁଥିବା ସ୍ୱର ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣି ପାରିବ ଓ ଉଭୟ ସ୍ୱରକୁ ନେଇ ଖେଳିବ । ● ବାଦ୍ୟ ଓ ସଙ୍ଗୀତରେ ସ୍ୱର ମଧ୍ୟରେ ଥିବା ଭିନ୍ନତାକୁ ଜାଣି ପାରିବ ।	

ଶାରୀରିକ ବିକାଶ:-

C- 1.6. ସୁରକ୍ଷିତ ଏବଂ ଅସୁରକ୍ଷିତ ସ୍ପର୍ଶ ମଧ୍ୟରେ ଥିବା ପାର୍ଥକ୍ୟକୁ କହିବ ।

ଶିକ୍ଷଣ ପ୍ରଣାଳୀ - ଖୋଲା ଆଲୋଚନା

- ଶିକ୍ଷକ ପିଲାମାନଙ୍କୁ ଗୋଲାକାରରେ ଠିଆ କରାଇବେ ଓ ନିଜେ ମଝିରେ ଠିଆ ହେବେ ।
- You tube link(https://youtube.com/shorts/jzUzuyaRev8?si=-UmTq9CNj-ajd-Fp) ରେ ଥିବା activity ଅନୁଯାୟୀ ଶିକ୍ଷଣ କାର୍ଯ୍ୟ କରାଇବେ ।
- ପିଲା ମାନଙ୍କୁ କିଛି ପ୍ରଶ୍ନ ପଚାରି ଆଲୋଚନା କରିବେ ।

- କାର୍ଯ୍ୟପତ୍ର ୫.୬ରେ ଥିବା ଚିତ୍ର ଦେଖାଇ ପ୍ରତ୍ୟେକ ଚିତ୍ର ରେ କ'ଣ ହେଉଥିବାର ଦେଖୁଛ ପ୍ରଶ୍ନ ପଚାରିବେ ।
- ଏହାପରେ କାର୍ଯ୍ୟ ୫.୬ ସବୁ ପିଲାଙ୍କୁ କରିବାକୁ ଦେବେ ।

ଶିକ୍ଷକ/ ଶିକ୍ଷୟିତ୍ରୀ ଆବଶ୍ୟକ ସ୍ଥଳେ ଶିକ୍ଷାର୍ଥୀ ମାନଙ୍କୁ ସହାୟତା କରିବେ ଓ କାର୍ଯ୍ୟପତ୍ର ପୂରଣ କରିବେ ପରେ ବ୍ୟକ୍ତିଗତ ପ୍ରତିପୃଷ୍ଟି ଦେବେ ଓ ସ୍ୱାକ୍ଷର କରିବେ ।

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାଙ୍କ ସହିତ ନିମ୍ନ ପ୍ରଶ୍ନଗୁଡ଼ିକର ଆଲୋଚନା କରିବେ ।

ପ୍ରଶ୍ନ-୧ - ଏହି ଚିତ୍ର ଗୁଡିକ ମଧ୍ୟରୁ କେଉଁ ଗୁଡିକ ଭଲ ସ୍ପର୍ଶ ଓ କେଉଁ ଗୁଡିକ ଖରାପ ସ୍ପର୍ଶ ?

ପ୍ରଶ୍ନ-୨ - ମନ୍ଦସ୍ପର୍ଶଠାରୁ ତୁମେ କିପରି ଦୂରେଇ ରହିବ ?

ପ୍ରଶ୍ନ-୩ - ମନ୍ଦସ୍ପର୍ଶ ବିଷୟରେ ତୁମେ କାହାକୁ ଜଣାଇବ ?

ଅନ୍ୟ ଦକ୍ଷତାର ବିକାଶ -ଏହି ଶିକ୍ଷଣ କାର୍ଯ୍ୟ କରିବା ଦ୍ୱାରା ପିଲାମାନଙ୍କର ଆତ୍ମ ସଚେତନ, ଭାବ ବିନିମୟ, ଆବଶ୍ୟକ ସ୍ଥଳେ ସାହାଯ୍ୟ ମାଗିବା ସହିତ ସାହାଯ୍ୟ ପ୍ରଦାନ କରିବା ଭଳି ଦକ୍ଷତାର ବିକାଶ ହେବ ।

ସାମାଜିକ, ଆବେଗିକ ଓ ନୈତିକ ବିକାଶ

C - 4.4 – ଅନ୍ୟ ଶିଶୁମାନଙ୍କ ସହିତ ଖେଳିବାକୁ ଆରମ୍ଭ କରିବ ଓ ଯୋଜନା କରିବ ।

(କେଉଁ ଖେଳ ଖେଳିବେ, କିପରି ଖେଳିବେ, ଓ କେବେ ଖେଳିବେ)

ଶିକ୍ଷଣ ପ୍ରଣାଳୀ- ଦଳଗତ କାର୍ଯ୍ୟ

- ଶିକ୍ଷକ ଶିକ୍ଷାର୍ଥୀ ମାନଙ୍କୁ ନେଇ ଦଳ ଗଠନ କରିବେ (ପ୍ରତି ଦଳରେ ୪ ଜଣ ପିଲା ରହିବେ)
- ଯେଉଁ ପିଲାମାନେ ରହିଯିବେ ସେମାନଙ୍କୁ ପ୍ରତି ଦଳର କାମକୁ ଦେଖିବା ପାଇଁ କହିବେ (ଗୋଟିଏ ପିଲା ଗୋଟିଏ ଦଳ)
- ଶିକ୍ଷକ ରାଜା, ରାଣୀ, ଚୋର, ପୋଲିସ ଖେଳ ଖେଳିବାର ନିୟମ କହିବେ ।
- ଖେଳର ନିୟମ ଅନୁଯାୟୀ ପିଲାମାନେ ଖେଳ ଆରମ୍ଭ କରିବେ (ରାଜା ପାଇଁ ୪ଟି, ରାଣୀ ପାଇଁ ୩ ଟି,ପୋଲିସ ପାଇଁ ୨ ଟି ଓ ଚୋର ପାଇଁ ଶୂନ୍ୟ(୦) ତାରା/star ଦିଆଯିବ । କିନ୍ତୁ ପୋଲିସ ଯଦି ଚୋରକୁ ଧରି ପାରିବ ନାହିଁ ଶୂନ୍ୟ (୦) ଓ ଚୋର ୨ ପାଇବ ।
- ଏହିପରି ଖେଳ ୪-୫ ଥର ପାଇଁ ଚାଲୁ ରହିବ ।
- ଶେଷରେ ଅଧିକ ପଏଣ୍ଟ ପାଇଥିବା ପିଲାକୁ ସେହି ଦଳର ବିଜେତା ବୋଲି ଘୋଷଣା କରାଯିବ ।
- ଖେଳିବା ସମୟରେ ଶିକ୍ଷକ / ଶିକ୍ଷୟିତ୍ରୀ ଉପସ୍ଥିତ ରହି ତଦାରଖ କରିବେ ।

ଖେଳ ସରିବା ପରେ ଶିକ୍ଷକ/ଶିକ୍ଷୟିତ୍ରୀ ପିଲାମାନଙ୍କୁ ନିମ୍ନ ପ୍ରଶ୍ନ ପଚାରିବେ । ସମସ୍ତ ଶିକ୍ଷାର୍ଥୀ ଯେପରି ଅଂଶ ଗ୍ରହଣ କରିବେ ସେଥିପ୍ରତି ଧ୍ୟାନ ଦିଆଯିବ ।

ପ୍ରଶ୍ନ-୧ ଖେଳର ନିୟମ କ'ଣ ଥିଲା ?

ପ୍ରଶ୍ନ-୨ ତୁମ ସାଙ୍ଗ ଯଦି ତୁମ ସହିତ ଖେଳିବାପାଇଁ ଚାହିଁବ ତୁମେ କ'ଣ କରିବ ?

ପ୍ରଶ୍ନ-୩ କେତେଗୁଡ଼ିଏ ଖେଳର ଉଦାହରଣ ଦିଅ ଯେଉଁଗୁଡ଼ିକ ଦଳରେ ଖେଳା ଯାଇଥାଏ ।

ଏହି କାର୍ଯ୍ୟ ପରେ କାର୍ଯ୍ୟ-୫୭ରେ ଥିବା କାର୍ଯ୍ୟକୁ ପିଲାମାନେ କରିବେ ଓ ଶିକ୍ଷକ/ଶିକ୍ଷୟିତ୍ରୀ ସଂଶୋଧନ କରି ଆବଶ୍ୟକ ପ୍ରତିପୁଷ୍ଟି ପ୍ରଦାନ କରିବେ ।

ଶିଶୁବାଟିକାର ଶିକ୍ଷାର୍ଥୀମାନେ ଖେଳୁଥିବା ସମୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ତଦାରଖ କରିବା, ନେତୃତ୍ୱ ନେବା, ତାଙ୍କ ସହ ଖେଳିବା, ନିୟମରେ ପରିବର୍ତ୍ତନ କରିବା, ପଏଣ୍ଟକୁ ହିସାବ କରିବା ଇତ୍ୟାଦି କାର୍ଯ୍ୟ କରିବାପାଇଁ ସୂଚନା ଦିଆଯିବ ।

ଅନ୍ୟ ଦକ୍ଷତାର ବିକାଶ- ଶିକ୍ଷାର୍ଥୀ ମାନଙ୍କର ଖେଳର ନେତୃତ୍ୱ ନେବା, ନିୟମ ମାନିବା, ଆବଶ୍ୟକ ସ୍ଥଳେ ନିୟମକୁ ପରିବର୍ତ୍ତନ କରିବା, ସାହାଯ୍ୟ ଓ ସମାନୁଭୂତି ଯୋଗାଇବା, ସମସ୍ୟା କୁ ସମାଧାନ କରିବା, ଗଣିବା ଓ ହିସାବ କରିବା ଆଦି ଦକ୍ଷତାର ବିକାଶ ହେବ ।

ବୌଦ୍ଧିକ ବିକାଶ

C-8.3.2

ଶିକ୍ଷଣ ପ୍ରଣାଳୀ :-ବସ୍ତୁଗୁଡ଼ିକ ଯେଉଁ କ୍ରମରୁ ଗଣିବେ ସମାନ ପରିମାଣର ବସ୍ତୁ ରହିବ ।

ଶିକ୍ଷଣ ସାମଗ୍ରୀ:-

(i) ମାଳି, ମଞ୍ଜି, ଗୋଲି,

(ii) ଚକ୍, କାଗଜ ପଟା



(ଆବଶ୍ୟକ ସ୍ଥଳେ ଶିକ୍ଷକ/ଶିକ୍ଷୟିତ୍ରୀ ନିଜ ଚିନ୍ତାଧାରାରେ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରି ଖେଳକୁ ଆକର୍ଷଣୀୟ କରିପାରିବେ)

ଶିକ୍ଷଣ ପ୍ରଣାଳୀ-

ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷାର୍ଥୀମାନଙ୍କୁ ନିମ୍ନ ସୂଚନା ପ୍ରଦାନ କରି ଶିକ୍ଷଣ କାର୍ଯ୍ୟ ପରିଚାଳନା କରିବେ ।

- ଶିକ୍ଷକ କିଛି ମଞ୍ଜି/ମାଳି ନେଇ ବିଭିନ୍ନ ପ୍ରକାରରେ ରଖିବେ ।
- ପ୍ରତି ଥର ଶିକ୍ଷାର୍ଥୀମାନଙ୍କୁ ମଞ୍ଜି/ମାଳି ସଂଖ୍ୟା ଗଣିବାକୁ କହିବେ ।
- କେତେକ ମଞ୍ଜି ନେଇ ଏଭଳି ସଜାଅ, ଯେପରି ଯେଉଁ ଦିଗରୁ ଗଣିଲେ ସମାନ ପରିମାଣ ହେଉଥିବ ।
- କିଛି ମାଳି ନେଇ ଚାର୍ଟ ତିଆରି କର, ଯେପରି ଯେଉଁ ଦିଗରୁ ଗଣିଲେ ସମାନ ପରିମାଣ ହେଉଥିବ ।
- ଏହିଭଳି ତୁମେ ଏକ ଚାର୍ଟ ତିଆରି କର, ପ୍ରତ୍ୟେକ ଘରେ ୬ଟି ଲେଖାଏଁ ଗୋଲି ରହୁଥିବ ।(ଅଭ୍ୟାସ କାର୍ଯ୍ୟ)

ପ୍ରଥମ ଶ୍ରେଣୀ- କେତୋଟି ଗୋଲି ନେଲେ, ୨ ଟି ଘରେ ୨ ଟି ଲେଖାଏଁ ସମାନ ପରିମାଣର ବସ୍ତୁ ରହିବ ।

ଦ୍ୱିତୀୟ ଶ୍ରେଣୀ- କେତୋଟି ଗୋଲି ନେଲେ, ୩/୪/୫ ଟି ଘରେ ୩/୪/୫ ଟି ଲେଖାଏଁ ସମାନ ପରିମାଣର ବସ୍ତୁ ରହିବ ।

ଅନ୍ୟ ଦକ୍ଷତାର ବିକାଶ- ଏହି ଭଳି ଶିକ୍ଷଣ କାର୍ଯ୍ୟ ଶିକ୍ଷାର୍ଥୀ ମାନଙ୍କର ଗଣନ, ବିୟୋଗ, ଭାଗ କରି ବାଣ୍ଟିବା, ଚିତ୍ର ଅଙ୍କନ କରିବା ଆଦି ଦକ୍ଷତାର ବିକାଶ କରିବ ।

C- 8.3- ଶୂନର ଧାରଣାକୁ ବୁଝିବେ । (ସଂଖ୍ୟାକୁ କମ୍ କରି କରି ପଛକୁ ପଛ ଗଣନ, ୧ ଗଲେ କେତେ ରହିବ)

ଶିକ୍ଷଣ ସାମଗ୍ରୀ:- ମାଳି, ମଞ୍ଜି, ଗୋଲି ।

ଶିକ୍ଷଣ ପ୍ରଣାଳୀ :-

- ମାଳି / ମଞ୍ଜି / ଗୋଲି ତିନୋଟି ଲେଖାଏ ପ୍ରତି ଦଳକୁ ଦେବେ ।
- ଗୋଟିଏ ଗୋଟିଏ କାଢ଼ିବାକୁ କହିବେ ।
- ଶେଷରେ କେତେ ରହିଲା ପଚାରିବେ ।
- ଯଦି କିଛି ନାହିଁ, ତାକୁ କଣ କହିବା ?
- ଏହିଭଳି ଶ୍ରେଣୀ ଗୃହରେ ବିଭିନ୍ନ ଖେଳ ମଧ୍ୟ କରିପାରିବେ ।

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଏହିପରି କାମ ଯଥାକ୍ରମେ ଏକ ଅଙ୍କ ଓ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ନେଇ କରାଯିବ ।

C- 8.3 ବସ୍ତୁଗୁଡ଼ିକ ଠିକ୍ ଭାବରେ ଯେକୌଣସି କ୍ରମରେ ଗଣିବେ । (ବାମରୁ ଡାହାଣ ବା ଡାହାଣରୁ ବାମ)

ଶିକ୍ଷଣ ସାମଗ୍ରୀ:- ରଙ୍ଗୀନ ଛବି, ମାଟି, କାଗଜର ଫଳ, ଫୁଲ, ସଂଖ୍ୟା ଚାର୍ଟ

ଶିକ୍ଷଣ ପ୍ରଣାଳୀ :-

(i) ଧାଡିରେ ବସିଥିବା ପିଲାମାନଙ୍କ ଗଣନ କରି କହିବେ ।

(ii) ଛାତ୍ରଛାତ୍ରୀମାନେ କ୍ରମାନ୍ୱୟରେ ରଙ୍ଗୀନ ଛବିକୁ ସଜାଇବେ ଓ ଗଣନ କରିବେ ।

(iii) ନିଜ ରୋଲ ନଂ ମନେ ରଖି କହିବେ ।

(iv) ୧ ଠାରୁ ୧୦ ମଧ୍ୟରେ ଗଣନ ଗୀତ ଗାଇବେ ଓ ଅଭିନୟ ମାଧ୍ୟମରେ ଦର୍ଶାଇବେ ।

ଏକ ନଈ, ଦୁଇ ଗାଈ, ତିନି ଦେଉଳ, ଚାରି ବଉଳ
ପାଞ୍ଚ ଆଙ୍ଗୁଳି, ଛଅଟି ମାଳି, ସାତ ଚକୁଳି, ଆଠଟି ଦୋଳି
ନଅ ସଙ୍ଗୀତ, ଦଶ ଗୁରୁଜନଙ୍କୁ ଦଣ୍ଡବତ

(ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବାରମ୍ବାର ଆବୃତ୍ତି ଓ ଅଭିନୟ ମାଧ୍ୟମରେ କରାଯିବ)

ଶିକ୍ଷକ କେତେ ଗୁଡିଏ ପ୍ରଶ୍ନ ପଚାରିବେ ।

ପିଲାମାନେ, ତୁମମାନଙ୍କୁ ଗୀତ ବୋଲିବାକୁ କେମିତି ଲାଗିଲା ?

ଗୀତରେ କେତୋଟି ନଈ ଥିଲା ? ଆଙ୍ଗୁଳି ଦେଖାଇ ପ୍ରକାଶ କରିବ ।

ଗୀତରେ କେତୋଟି ମାଳି ଥିଲା ? ଆଙ୍ଗୁଳି ଦେଖାଇ ପ୍ରକାଶ କରିବ ।

ଶିକ୍ଷକ ଦୁଇଟି ଦଳ କରି ଗୀତଗାଇ ଛାତ୍ରଛାତ୍ରୀ ମାନଙ୍କ ମନରେ ଧାରଣାକୁ ବଦ୍ଧମୂଳ କରିପାରିବେ ।

ଯେପରି;

୧ମ ଦଳ ଏକ କହିଲେ ୨ୟ ଦଳ ଏକ ନଈ

ଦୁଇ ଗାଈ (ଏହିଭଳି କହିବେ)

ମାସ - ଡିସେମ୍ବର

ଶିକ୍ଷଣ ଦିଗ	ଶିକ୍ଷଣ ଫଳାଫଳ	କାର୍ଯ୍ୟ ସଂଖ୍ୟା
ଶାରୀରିକ ବିକାଶ	● ଜରୁରୀକାଳୀନ ପରିସ୍ଥିତିରେ ଗୋଷ୍ଠୀରୁ ସାହାଯ୍ୟ କରୁଥିବା ଲୋକଙ୍କୁ ଚିହ୍ନଟ କରେ (ଡାକ୍ତର, ଅଗ୍ନିଶମ କର୍ମଚାରୀ ଇତ୍ୟାଦି ।) ● ଦୁଇଟି ରଙ୍ଗ ମିଶ୍ରଣର ଫଳାଫଳର ପୂର୍ବାନୁମାନ କରିବାକୁ ଚେଷ୍ଟା କରେ (ଯଥା ନୀଳ ଏବଂ ହଳଦିଆ ମିଶିଲେ ସବୁଜ କିମ୍ବା ନାଲି ଓ ଧଳା ମିଶିଲେ ଗୋଲାପି ରଙ୍ଗ ହୋଇଯାଏ । ● ରଙ୍ଗ ଏବଂ ଆକୃତିର ଦୃଶ୍ୟମାନ ବୈଶିଷ୍ଟ୍ୟର ଆଧାର କରି ବସ୍ତୁ ସମୂହକୁ ଦଳଭୁକ୍ତ କରେ (ଯଥା - ସମସ୍ତ ଲାଲ ତ୍ରିଭୁଜ, ସମସ୍ତ ବଡ଼ ସବୁଜ ପତ୍ର) । ● ସ୍ମୃତିରୁ ଦୃଶ୍ୟମାନ ସଂକେତଗୁଡିକୁ ମନେ ପକାଏ ଏବଂ ମେଳ କରେ (ଯଥା କାର୍ଡ଼ ବ୍ୟବହାର କରି ମେମୋରୀ ଖେଳ ।	67 68 69
ସାମାଜିକ-ଆବେଗିକ ଓ ନୈତିକ ବିକାଶ ।	● ଦୈନିକ କାର୍ଯ୍ୟରେ ସ୍ୱାଧୀନତା ଦେଖାଏ । ● ନିଜ କାମ ସମ୍ପୂର୍ଣ୍ଣ କରିବାର ଦାୟିତ୍ୱ ନେଇଥାଏ । ● ଅସୁବିଧା ଅନୁଭବ କରିବା ସମୟରେ ସେମାନେ ପ୍ରକାଶ କରନ୍ତି ଏବଂ ସାହାଯ୍ୟ ଚାହିଁଥାଏ । ● ବୟସ୍କମାନଙ୍କ ନମନେପକାଇଲେ ମଧ୍ୟ ବିଦ୍ୟାଳୟରେ ସରଳ ନିୟମଗୁଡ଼ିକୁ ଅନୁସରଣ କରେ ।	
ବୌଦ୍ଧିକ ବିକାଶ	● ଭାରତୀୟ ସଂଖ୍ୟା ପଦ୍ଧତି ରେ ୯ ପର୍ଯ୍ୟନ୍ତ ସଂଖ୍ୟା ଚିହ୍ନିବ । ● ସଂଖ୍ୟା ସହ ସଂଖ୍ୟା ସୂଚକ ଗୁଡିକୁ ଚିହ୍ନଟ କରିବ ଓ ୯ ପର୍ଯ୍ୟନ୍ତ ସଂଖ୍ୟା ସୂଚକକୁ କ୍ରମାଗତ ଲେଖିବ । ● ୯ ମଧ୍ୟରେ କୌଣସି ଦୁଇଟି ସଂଖ୍ୟାକୁ ତୁଳନା କରିବେ ଓ "ଏଥିରୁ ବେଶୀ ", "ଏଥିରୁ କମ" ଭଳି ଶବ୍ଦକୁ ବ୍ୟବହାର କରିବ ମଧ୍ୟରେ ସଂଖ୍ୟା ସାନ - ବଡ ତୁଳନା କରିବ । ● ଦୁଇଟି ସମୂହର ବସ୍ତୁକୁ ମିଶାଇବ (୯ ପର୍ଯ୍ୟନ୍ତ) ଓ ପୁନଃ ଗଣନ କରିବ । (ଉଦାହରଣ - ● ୯ ମଧ୍ୟରେ ବସ୍ତୁ ସମୂହରୁ କେତୋଟି ବସ୍ତୁ ବାହାର କରି ପୁନଃ ଗଣନ କରିବ ।	70 71 72 73 74 75 76 77 78 79 80
ଭାଷାଗତ ବିକାଶ	● ବହିର ମଲାଟକୁ ଦେଖି ତାହା ଉପରେ କହିପାରିବେ (ମଲାଟରେ ଥିବା ସୂଚନାକୁ ଦେଖି ଅନୁମାନ କରିବ) । ● ବାରମ୍ବାର ବ୍ୟବହୃତ ଅକ୍ଷର (ଯୁକ୍ତାକ୍ଷର) ଚିହ୍ନିବ ଓ ସେ ସମ୍ବନ୍ଧୀୟ ଧ୍ୱନିକୁ ଚିହ୍ନଟ କରିବ । ● ପରିଚିତ ତିନିରୁ ଚାରି ଅକ୍ଷର ବିଶିଷ୍ଟ ଶବ୍ଦକୁ ପଢ଼ିବ (ମାତ୍ରାଯୁକ୍ତ) ।	81 82
କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	● ସ୍ୱର ଓ ତାଳକୁ ବ୍ୟବହାର କରି ନିଜର ଭାବନା ଓ ବିଚାରକୁ ପରିପ୍ରକାଶ କରିବେ, ମ୍ୟୁଜିକ ତିଆରି କରିବେ, ଚରିତ୍ର ଓ ପରିସ୍ଥିତି ସୃଷ୍ଟି କରିବ । ● ସଙ୍ଗୀତ , ନାଟକ ଓ ବିଭିନ୍ନ ଗତିବିଧି ମାଧ୍ୟମରେ ସ୍ଥିର ଓ ଶାନ୍ତ ସମୟରେ ଖେଳିବ ।	

ବିକାଶର ଦିଗ- ଶାରୀରିକ ବିକାଶ

C-1.6

ଶିକ୍ଷଣ ଫଳାଫଳ: ଜରୁରୀକାଳୀନ ପରିସ୍ଥିତିରେ ଗୋଷ୍ଠୀରୁ ସାହାଯ୍ୟ କରୁଥିବା ଲୋକଙ୍କୁ ଚିହ୍ନଟ କରିବ । (ଡାକ୍ତର, ଅଗ୍ନିଶମ କର୍ମଚାରୀ ଇତ୍ୟାଦି ।)

ଶିକ୍ଷଣ ସାମଗ୍ରୀ:- Mobile / Tv, ଡାକ୍ତର, ଅଗ୍ନିଶମ କର୍ମଚାରୀ ଇତ୍ୟାଦିର ଚିତ୍ର କାର୍ଡ ।

ଶିକ୍ଷଣ ପ୍ରକ୍ରିୟା:-

- https://youtu.be/Xgc90CoJbDI?feature=shared
- Mobile/Tv ମାଧ୍ୟମରେ ପିଲାମାନଙ୍କୁ ଭିଡିଓ ଦେଖାଇବେ ।
- ଭିଡିଓ ଦେଖାଇବା ପରେ ଶିକ୍ଷକ ପିଲାମାନଙ୍କୁ ଭିଡିଓ ଆଧାରିତ ଛୋଟ ଛୋଟ ପ୍ରଶ୍ନ ପଚାରିବେ ଓ ପିଲାମାନଙ୍କର ଅନୁଭୂତିକୁ ଆଲୋଚନା କରିବେ ।
- ଶିକ୍ଷକ ଗୋଷ୍ଠୀରେ ସାହାଯ୍ୟ କରୁଥିବା ଲୋକ ଯଥା- ଡାକ୍ତର, ଅଗ୍ନିଶମ କର୍ମଚାରୀ ଇତ୍ୟାଦିର ଚିତ୍ର କାର୍ଡ ପିଲାମାନଙ୍କୁ ଦେଖାଇବେ ଏବଂ ସେମାନଙ୍କର କାର୍ଯ୍ୟଗୁଡ଼ିକୁ ଆଲୋଚନା କରିବେ ।
- ଉପରୋକ୍ତ କାର୍ଯ୍ୟ କରାଇବା ପରେ ପିଲାମାନଙ୍କୁ କାର୍ଯ୍ୟ ପୁସ୍ତିକାରେ ଥିବା କାର୍ଯ୍ୟ- ୬୭ ବିଷୟରେ ଆଲୋଚନା କରିବେ ଓ କାର୍ଯ୍ୟଟିକୁ କରିବାକୁ ଦେବେ ।

ଶିକ୍ଷକ ଏହିପରି ବିଭିନ୍ନ ପ୍ରକାର ଶିକ୍ଷଣ କାର୍ଯ୍ୟ ପିଲାମାନଙ୍କୁ କରାଇବେ । ଉଦାହରଣ ସ୍ୱରୂପ- ଗୋଷ୍ଠୀରେ କାର୍ଯ୍ୟ କରୁଥିବା ବିଭିନ୍ନ ସହାୟକ ବ୍ୟକ୍ତି ବିଶେଷଙ୍କୁ ବିଦ୍ୟାଳୟକୁ ଡାକି ପିଲାମାନଙ୍କ ସହିତ ପ୍ରତ୍ୟକ୍ଷ ଅଭିଜ୍ଞତାର ଭାବବିନିମୟ କରିବାର ସୁଯୋଗ ସୃଷ୍ଟି କରିବେ ।

ବିକାଶର ଦିଗ- ଶାରୀରିକ ବିକାଶ

C-2.1

ଶିକ୍ଷଣ ଫଳାଫଳ:- - ଦୁଇଟି ରଙ୍ଗ ମିଶ୍ରଣର ଫଳାଫଳର ପୂର୍ବାନୁମାନ କରିବାକୁ ଚେଷ୍ଟା କରିବ । (ଯଥା:- ନୀଳ ଏବଂ ହଳଦିଆ ମିଶିଲେ ସବୁଜ କିମ୍ବା ନାଲି ଓ ଧଳା ମିଶିଲେ ଗୋଲାପି ରଙ୍ଗ ହୋଇଯାଏ ।)

ଶିକ୍ଷଣ ସାମଗ୍ରୀ:- ଦୁଇଟି ପାତ୍ର, water colour, ବ୍ରଶ୍ / ନୀଳସ୍ୟାହି, ହଳଦିଗୁଣ୍ଡ

ଶିକ୍ଷଣ ପ୍ରକ୍ରିୟା:- (ଯୋଡ଼ି କାର୍ଯ୍ୟ)

- ଶିକ୍ଷକ ପିଲାମାନଙ୍କୁ ଯୋଡ଼ିରେ ବସାଇବେ ।
- ପ୍ରତ୍ୟେକ ଯୋଡିକୁ ସାମଗ୍ରୀ ଗୁଡିକ ପ୍ରଦାନ କରିବେ ।
- ଶିକ୍ଷକଙ୍କ ସୂଚନାନୁସାରେ ଦୁଇଟି ରଙ୍ଗ ମିଶାଇ କେଉଁ ରଙ୍ଗ ପାଇଲେ, ଯୋଡିରେ କହିବେ ।
- ସମସ୍ତଙ୍କର ଉତ୍ତର ପାଇ ସାରିବା ପରେ ଶିକ୍ଷକ ସଂକ୍ଷେପଣ କରିବେ ।
- ଏହିଭଳି ଅନ୍ୟ ରଙ୍ଗଗୁଡ଼ିକୁ ମିଶାଇ (ଯେକୌଣସି ୨ଟି) କେଉଁ ରଙ୍ଗ ପାଇଲେ, ଶିକ୍ଷକ ଅନ୍ୟାନ୍ୟ କାର୍ଯ୍ୟ କରିପାରିବେ
- ପିଲାମାନଙ୍କ ବ୍ୟକ୍ତିଗତ ଭାବେ ନୂଆ ରଙ୍ଗ ତିଆରି କରିବା ପାଇଁ ରଙ୍ଗ ମିଶ୍ରଣର ପରୀକ୍ଷା କରିବାକୁ ଶିକ୍ଷକ ପରିସ୍ଥିତି ସୃଷ୍ଟି କରିବେ ଓ ସଂକ୍ଷେପଣ କରିବେ ।

ବହୁଶ୍ରେଣୀ ପରିସ୍ଥିତିରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ମଧ୍ୟ ବିଭିନ୍ନ ରଙ୍ଗ ନେଇ ମିଶ୍ରଣ କରିବାକୁ ଦେବେ ଓ ବିଭିନ୍ନ ଚିତ୍ର ଆଙ୍କି ଦେବାକୁ କହିବେ ।

ଏହି କାର୍ଯ୍ୟ କରିବା ଦ୍ୱାରା ସୃଜନଶୀଳତା, ସମନ୍ୱୟ, ଗତିବିଧି ପ୍ରଦର୍ଶନ ଓ ପ୍ରକୃତି ନିରୀକ୍ଷଣ ଇତ୍ୟାଦି ଦକ୍ଷତା ଗୁଡିକର ବିକାଶ ହୋଇପାରିବ ।

ବିକାଶର ଦିଗ- ଶାରୀରିକ ବିକାଶ

C.2.2

ଶିକ୍ଷଣ ଫଳାଫଳ:- ସ୍ମୃତିରୁ ଦୃଶ୍ୟମାନ ସଂକେତଗୁଡ଼ିକୁ ମନେପକାଇବ ଏବଂ ମେଳ କରିବ (ଯଥା - କାର୍ଡ ବ୍ୟବହାର କରି ମେମୋରୀ ଖେଳ)

ଶିକ୍ଷଣ ସାମଗ୍ରୀ:- ଯାଦୁପେଡ଼ିରେ ଥିବା ମେମୋରି କାର୍ଡ / ଖଣ୍ଡଚିତ୍ର, ଖଣ୍ଡଚିତ୍ରର ସମ୍ପୂର୍ଣ୍ଣ ଚିତ୍ର

ଶିକ୍ଷଣ ପ୍ରକ୍ରିୟା:- (ବ୍ୟକ୍ତିଗତ କାର୍ଯ୍ୟ)

- ଶିକ୍ଷକ ପିଲାମାନଙ୍କୁ ଯୋଡ଼ିରେ ବସାଇବେ ।
- ପ୍ରତ୍ୟେକ ପିଲାମାନଙ୍କୁ ଖଣ୍ଡଚିତ୍ର ପ୍ରଦାନ କରିବେ ।
- ଶିକ୍ଷକ ଚିତ୍ରଖଣ୍ଡଗୁନିକୁ ଯୋଡିବାକୁ ସୂଚନା ଦେବେ ।
- ପିଲାମାନେ ପାଇଥିବା ଖଣ୍ଡ ଚିତ୍ର ଗୁଡିକୁ ଯୋଡ଼ି ସଂପୂର୍ଣ୍ଣ ଚିତ୍ରଟି କରି ଦେଖାଇବେ ।
- ଏହାପରେ ଜଣେ ଅନ୍ୟଜଣଙ୍କର ଚିତ୍ରଗୁଡିକ ଦେଖିବାର ସୁଯୋଗ ଶିକ୍ଷକ ସୃଷ୍ଟି କରିବେ ।
- ଏହାପରେ ଶିକ୍ଷକ କାର୍ଯ୍ୟଟିକୁ କିପରି କଲ ବୋଲି ପଚାରିବେ ।

ଏହି କାର୍ଯ୍ୟ କରିବା ଦ୍ୱାରା ସୃଜନଶୀଳତା, ସମନ୍ୱୟ, ଗତିବିଧି ପ୍ରଦର୍ଶନ ଓ ପ୍ରକୃତି ନିରୀକ୍ଷଣ ଇତ୍ୟାଦି ଦକ୍ଷତା ଗୁଡିକର ବିକାଶ ହୋଇପାରିବ ।

ବିକାଶର ଦିଗ- ସାମାଜିକ - ଆବେଗିକ ଓ ନୈତିକ ବିକାଶ

C-4.5

ଶିକ୍ଷଣ ଫଳାଫଳ:-

- ଦୈନିକ କାର୍ଯ୍ୟରେ ସ୍ୱାଧୀନତା ଦେଖାଇବ ।
- ନିଜ କାମ ସଂପୂର୍ଣ୍ଣ କରିବାର ଦାୟିତ୍ୱ ନେବ ।

ଶିକ୍ଷଣ ସାମଗ୍ରୀ:- ଦୈନନ୍ଦିନ କାର୍ଯ୍ୟାବଳୀର ଚିତ୍ର କାର୍ଡ (ଯଥା:- ମୁଣ୍ଡ କୁଣ୍ଡାଇବା, ଦାନ୍ତ ଘଷିବା, ଗାଧୋଇବା....ଇତ୍ୟାଦି), ଝୁଡି

ଶିକ୍ଷଣ ପ୍ରକ୍ରିୟା:- (ବ୍ୟକ୍ତିଗତ କାର୍ଯ୍ୟ)

- ଶିକ୍ଷକ ପିଲାମାନଙ୍କୁ ଗୋଲାକାରରେ ବସାଇବେ ।
- ସମ୍ମୁଖରେ ଏକ ଝୁଡ଼ି ରଖି, ତା'ମଧ୍ୟରେ ଦୈନନ୍ଦିନ ଜୀବନର କାର୍ଯ୍ୟାବଳୀର ଚିତ୍ର କାର୍ଡଗୁଡ଼ିକ ରଖିବେ ।
- ବ୍ୟକ୍ତିଗତ ଭାବେ ଜଣକ ପରେ ଜଣେ ଆସି କାର୍ଡ଼ ଉଠାଇବେ ଓ ତାହା କ'ଣ ସୂଚିତ କରୁଛି କହିବେ । ଏହି କାର୍ଡ଼ରେ ଥିବା ଚିତ୍ରକୁ ଦେଖି, ସେହି କାମଟି ଅଭିନୟ କରି ଦେଖାଇବାକୁ ଶିକ୍ଷକ ସୂଚନା ଦେବେ ।
- ଏହାପରେ ଶିକ୍ଷକ ପିଲାମାନଙ୍କୁ କେଉଁ ସବୁ କାମ ନିଜେ କରିବାକୁ ପସନ୍ଦ କରିଥାନ୍ତି, ବୋଲି ପଚାରିବେ ଓ ସଂକ୍ଷେପଣ କରିବେ ।

ଏହି କାର୍ଯ୍ୟ କରିବା ଦ୍ୱାରା ସକାରାତ୍ମକ ମନୋଭାବ, ବିଭିନ୍ନ ରୂପରେ ନିଜକୁ ପରିପ୍ରକାଶ କରିବା, ସୌନ୍ଦର୍ଯ୍ୟବୋଧ ଇତ୍ୟାଦି ଦକ୍ଷତା ଗୁଡିକର ବିକାଶ ହୋଇପାରିବ ।

ବିକାଶର ଦିଗ-ବୌଦ୍ଧିକ ବିକାଶ

C-୫.6

ଶିକ୍ଷଣ ଫଳାଫଳ:- ୫ ମଧ୍ୟରେ ବସ୍ତୁ ସମୂହରୁ କେତୋଟି ବସ୍ତୁ ବାହାର କରି ପୁନଃ ଗଣନ କରିବ ।

ଶିକ୍ଷଣ ସାମଗ୍ରୀ:- ଗୀତଚାର୍ଟ, ୧ ରୁ ୫ ସଂଖ୍ୟାସୂଚକ କାର୍ଡ, ମୂଷାର ଚିତ୍ର କାର୍ଡ/ ମୁଖା (୫ଟି)

ଶିକ୍ଷଣ ପ୍ରକ୍ରିୟା:- (ଦଳଗତ କାର୍ଯ୍ୟ) ଆସ ମିଶି ଖେଳିବା - ଗୀତ ଗାଇ ନାଚିବା

ଶିକ୍ଷକ ପିଲାମାନଙ୍କୁ ଗୋଲାକାରରେ ଠିଆକରାଇ ନିମ୍ନ ଗୀତଟି ଅଭିନୟ ସହ ଆବୃତ୍ତି କରିବେ ।

ଗୀତ

ପାଞ୍ଚଟି ଥିଲେ ମୂଷା ଛୁଆ ଖାଉଥିଲେ ବିରି
ବିରି ଖାଇ ଜଣେ ଗଲା, ଆଉ ରହିଲା ଚାରି ।
ଚାରୋଟି ଥିଲେ ମୂଷା ଛୁଆ ବଜାଉଥିଲେ ଗିନି
ଗିନି ବଜାଇ ଜଣେ ଗଲା ଆଉ ରହିଲେ ତିନି ।
ତିନୋଟି ଥିଲେ ମୂଷାଛୁଆ ଖାଉଥିଲେ ଦହି
ଦହି ଖାଇ ଜଣେ ଗଲା ଆଉ ରହିଲେ ଦୁଇ
ଦୁଇଟି ଥିଲେ ମୂଷାଛୁଆ ଖାଉଥିଲେ କେକ୍
କେକ୍ ଖାଇ ଜଣେଗଲା ଆଉ ରହିଲା ଏକ ।

- ପିଲାମାନେ ଶିକ୍ଷକଙ୍କ ସୂଚନା ଅନୁସାରେ କବିତାଟିକୁ ଆବୃତ୍ତି କରିବେ ଓ ଅଭିନୟ କରିବେ ।
- ପରେ ପରେ ୫ ଜଣ ପିଲାଙ୍କୁ ମଝିକୁ ଡାକି ମୂଷାର ଚିତ୍ର କାର୍ଡ ଧରାଇ ବା ମୁଖା ପିନ୍ଧାଇ ସମାନ ଢଙ୍ଗରେ ପୁନର୍ବାର କବିତାଟିକୁ ଅଭିନୟ ଦ୍ୱାରା ଆବୃତ୍ତି କରିବାକୁ ସୂଚନା ଦେବେ ।
- ଶିକ୍ଷକ ସଂଖ୍ୟା ସୂଚକ କାର୍ଡ ଦେଖାଇ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ସଂଖ୍ୟା ସୂଚକ କାର୍ଡ ବାହାର କରିବେ ।
- ଆଲୋଚନା ମାଧ୍ୟମରେ ସଂକ୍ଷେପଣ କରାଇ ବିୟୋଗ ପ୍ରକ୍ରିୟାର ଧାରଣା ଦୃଢ଼ୀକରଣ କରିବେ ।

ଏହି କାର୍ଯ୍ୟ କରିବା ଦ୍ୱାରା ଭାଷା ଦକ୍ଷତା, ସାମାଜିକିକରଣ, ଦଳଗତ ଭାବନା, ଶାରୀରିକ ସୁସ୍ଥତା, ଗାଣିତିକ ଶବ୍ଦ ଭଣ୍ଡାର, ଗାଣିତିକ ବୋଧଗମ୍ୟତା ଇତ୍ୟାଦି ଦକ୍ଷତାଗୁଡ଼ିକର ବିକାଶ ହୋଇପାରିବ ।

ପ୍ରଥମ ଶ୍ରେଣୀ-

ଶିକ୍ଷଣ ଫଳାଫଳ-

ପିଲାମାନେ ସ୍ଥୂଳ ବସ୍ତୁ ବ୍ୟବହାର କରି ୯ ପର୍ଯ୍ୟନ୍ତ ସଂଖ୍ୟାର ବିୟୋଗ କରିବେ । (CRA ପଦ୍ଧା ବ୍ୟବହାର କରି ଶିକ୍ଷଣକାର୍ଯ୍ୟ କରାଇବେ ।)

ଦ୍ୱିତୀୟ ଶ୍ରେଣୀ –

ଶିକ୍ଷଣ ଫଳାଫଳ-

ପିଲାମାନେ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ମାନଙ୍କର (୯୯ ପର୍ଯ୍ୟନ୍ତ) ବିୟୋଗଫଳ ନିର୍ଣ୍ଣୟ କରିବେ । (CRA ପଦ୍ଧା ବ୍ୟବହାର କରି ଶିକ୍ଷଣକାର୍ଯ୍ୟ କରାଇବେ ।)

ବିକାଶର ଦିଗ- ଭାଷାଗତ ବିକାଶ

C-10.2

ଶିକ୍ଷଣ ଫଳାଫଳ- ଛପାଲେଖା ସାମଗ୍ରୀରେ ଦିଆଯାଇଥିବା ସୂଚନାଗୁଡ଼ିକୁ ବର୍ଣ୍ଣନା କର ।

ଶିକ୍ଷଣ ସାମଗ୍ରୀ:- ଛବି ବହି । (Picture Poster)

ଶିକ୍ଷଣ ପ୍ରକ୍ରିୟା:-

- ଶିକ୍ଷକ ଛୋଟ ଛୋଟ ଦଳ ତିଆରି କରିବେ ।
- ପ୍ରତି ଦଳକୁ ଛବି ବହି / (Picture Poster) ଦେବେ ।
- ପିଲାମାନଙ୍କୁ ବହିରେ ଏକ ନିର୍ଦ୍ଦିଷ୍ଟ ପଶୁ/ପକ୍ଷୀଙ୍କ ଚିତ୍ର ଖୋଜି ଦେଖାଇ ତା'ର ନାମ କହିବା ପାଇଁ କହିବେ ଏବଂ ଅନ୍ୟ ସମସ୍ତ ପିଲା ତାଳି ମାରିବେ ।
- ସେହିଭଳି ଅନ୍ୟ ଚିତ୍ର ପାଇଁ ଏହି କାର୍ଯ୍ୟ ଜାରି ରଖିବେ ।

ଏହି କାର୍ଯ୍ୟ କରିବା ଦ୍ୱାରା ଅନୁମାନ କରିବାର ଦକ୍ଷତା ବୃଦ୍ଧି, ଚିତ୍ର ପଠନ ଦକ୍ଷତା ବୃଦ୍ଧି, ଶବ୍ଦ ଭଣ୍ଡାର ବୃଦ୍ଧି ଇତ୍ୟାଦି ଦକ୍ଷତାଗୁଡ଼ିକର ବିକାଶ ହୋଇପାରିବ ।

ବିକାଶର ଦିଗ- କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ

C- 12.2 ସଙ୍ଗୀତ, ନାଟକ ଅଭିନୟ, ନୃତ୍ୟ ଓ ଭଙ୍ଗୀକୁ କରିବା ପାଇଁ ନିଜ ସ୍ୱର,ଶରୀର,ସ୍ଥାନ ଏବଂ ବିଭିନ୍ନ ବସ୍ତୁକୁ ନେଇ ଖେଳିବା ଓ ଅନୁସନ୍ଧାନ କରିବେ ।

ଶିକ୍ଷଣ ଫଳାଫଳ- ବାଦ୍ୟ ଓ ସ୍ୱର ମଧ୍ୟରେ ଥିବା ପାର୍ଥକ୍ୟ କହିବ ।

ଶିକ୍ଷଣ ସାମଗ୍ରୀ:- ମ୍ୟୁଜିକ ସିଷ୍ଟମ / ମୋ ବାଇଲ, ପ୍ଲାଷ୍ଟିକ ଡବା, ଟିଣ ଡବା ଆଦି ।

ଶିକ୍ଷଣ ପ୍ରକ୍ରିୟା:- ପ୍ରଥମେ ଗୀତ ଲଗାଇ ଶୁଣିବେ ଓ ଶିକ୍ଷକଙ୍କ ସହ ପୁନରାବୃତ୍ତି କରିବେ । ଗୀତ ଗାଇବା ସହ ସଂଗୀତ ଅନୁଯାୟୀ ଅଙ୍ଗଭଙ୍ଗୀ କରି ନାଚିବେ । ଶିଶୁ ମାନଙ୍କୁ ଆକର୍ଷଣୀୟ ଅଙ୍ଗଭଙ୍ଗୀ ନିମନ୍ତେ ପ୍ରଶଂସା କରିବେ ।

ସଂଗୀତକୁ ଲକ୍ଷ୍ୟ କରି ପରବର୍ତ୍ତୀ ସୋପାନରେ ପ୍ଲାଷ୍ଟିକ ଡବା, ଟିଣ ଆଦି ବଜାଇ ନିଜେ ମ୍ୟୁଜିକ ତିଆରି କରିବେ । ଅନ୍ୟମାନେ ନାଚିବେ (ଅଙ୍ଗଭଙ୍ଗୀ ସହ) ।

ଏହି ଶିକ୍ଷଣ କାର୍ଯ୍ୟ କରିବା ଦ୍ୱାରା ସ୍ଥୂଳ ମାଂସପେଶୀୟ ଦକ୍ଷତା, ସହଯୋଗ, ସ୍ୱରର ଉତ୍ଥାନ-ପତନ, କଳ୍ପନା ଆଦି ଦକ୍ଷତାର ବିକାଶ ହୋଇପାରିବ ।

ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ଶିକ୍ଷକ ଉପରୋକ୍ତ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ କରାଇବେ ।

ମାସ - ଜାନୁୟାରୀ

ଶିକ୍ଷଣ ଦିଗ	ଶିକ୍ଷଣ ଫଳାଫଳ	କାର୍ଯ୍ୟ ସଂଖ୍ୟା
ଶାରୀରିକ ବିକାଶ	• ପିଚ (ମଧ୍ୟମ ସ୍ୱର) ସ୍ୱରରେ ମଧ୍ୟମ ପରିସରକୁ ଚିହ୍ନିବାରେ ସକ୍ଷମ ହୁଏ । • ଭଲ୍ୟୁମ୍ ଏବଂ ବେଗ ମାତ୍ରାରେ ମଧ୍ୟମ ସୀମାକୁ ଚିହ୍ନିଥାଏ । • ବିପଦକୁ ସୂଚିତ କରୁଥିବା ଗନ୍ଧକୁ ଚିହ୍ନଟ କରେ (ଧୁଆଁ, ପଚାଅଣ୍ଡା) । • ୩ ରୁ ୫ ଟି ବସ୍ତୁ କୁ ଆଧାର କରି କଠିନ ଓ ନରମ, ଗରମ ଓ ଥଣ୍ଡା, ଖଦଡ଼ା ଓ ଚିକଣ ସବୁଠାରୁ ଅଧିକ ଚିକଣ କଠିନ, କଠିନତର, କଠିନତମ ଭଳି ବସ୍ତୁକୁ ବର୍ଗୀକରଣ କରେ ।	83 84
ସାମାଜିକ-ଆବେଗିକ ଓ ନୈତିକ ବିକାଶ ।	• ସାମଗ୍ରୀଗୁଡ଼ିକୁ ସତର୍କତାର ସହିତ ବ୍ୟବହାର କରନ୍ତି ।	
ବୌଦ୍ଧିକ ବିକାଶ	• ବସ୍ତୁଗୁଡିକ (୨ ୦ ମଧ୍ୟରେ) ନେଇ ୪-୫ ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରିବ । • ବିଭିନ୍ନ ଆକାରର ଆକୃତିଗୁଡିକୁ ମେଳ କରିବ । • ବସ୍ତୁଗୁଡିକର ଆକାର, ଆକୃତି ଓ ରଙ୍ଗ ଆଧାରରେ ବର୍ଗୀକରଣ ଓ ତୁଳନା କରିବ । • ଦ୍ୱି-ମାତ୍ରିକ ଓ ତ୍ରି-ମାତ୍ରିକ ବସ୍ତୁର ବୈଶିଷ୍ଟ ନିଜ ଭାଷାରେ କହିବ ।	85 86 87 88
ଭାଷାଗତ ବିକାଶ	• ବାରମ୍ବାର ବ୍ୟବହୃତ ଅକ୍ଷର (ଯୁକ୍ତାକ୍ଷର) ଚିହ୍ନିବ ଓ ସେ ସମ୍ବନ୍ଧୀୟ ଧ୍ୱନିକୁ ଚିହ୍ନଟ କରିବ । • ପାଠରେ ଆସୁଥିବା ଦୃଶ୍ୟ ଶବ୍ଦକୁ (sight word), ସର୍ବନାମ, ଅବ୍ୟୟକୁ ଚିହ୍ନଟ କରିବ । • ଛୋଟଛୋଟ ପରିଚିତ ବାକ୍ୟ ଓ ଶବ୍ଦଗୁଡିକୁ ସ୍ପଷ୍ଟତା ସହିତ ପଢ଼ିବ । • ଶିକ୍ଷକଙ୍କ ସହ ମାର୍ଗଦର୍ଶୀ ପଠନରେ ଅଂଶଗ୍ରହଣ କରିବ ଓ ପାଠ ଉପରେ ଆଲୋଚନା କରିବ ।	89 90
କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	• ଭିନ୍ନଭିନ୍ନ ବିଚାର, ଭାବ ଓ ଆବେଗକୁ କଳା ମାଧ୍ୟମରେ ଜାଣିବ ଓ ନିଜର କଳାତ୍ମକ କାର୍ଯ୍ୟରେ ତାହାର ପ୍ରୟୋଗ କରିବ । • ସୃଜନାତ୍ମକ ଭାବେ ବିଭିନ୍ନ ଆକାର, ରଙ୍ଗ, ଚରିତ୍ର, ଶବ୍ଦ, ସ୍ଥାନ ଓ ପରିସ୍ଥିତିକୁ ଯୋଡି ନିଜର ଭାବନା ଓ ବିଚାରକୁ ବ୍ୟକ୍ତ କରିବ ।	

ବିକାଶର ଦିଗ – ଶାରୀରିକ ବିକାଶ

ଶିକ୍ଷଣ ଫଳାଫଳ– ସ୍ୱର (pitch) ରେ ମଧ୍ୟମ ସ୍ୱରକୁ ଚିହ୍ନିବାରେ ସକ୍ଷମ ହେବ ।

ଶିକ୍ଷଣ ସାମଗ୍ରୀ : ଘଣ୍ଟି, କିଛି ସରଳ ବାଦ୍ୟଯନ୍ତ୍ର, ମୋବାଇଲ୍ ଇତ୍ୟାଦି

ଶିକ୍ଷଣ ପ୍ରକ୍ରିୟା :

- ଶିକ୍ଷକ ପିଲାଙ୍କୁ ଗୋଲ ଭିତରେ ବସାଇ ଆଖି ବନ୍ଦ କରିବାକୁ କହିବେ ।
- ତାଳି, ଘଣ୍ଟି, ବାଦ୍ୟଯନ୍ତ୍ର ତଥା ମୋବାଇଲ୍ ସାହାଯ୍ୟରେ ପଶୁପକ୍ଷୀର ସ୍ୱର (ଉଚ୍ଚ, ମଧ୍ୟମ ଓ ଧୀର ସ୍ୱରରେ) ଶୁଣାଇ ଏହା କେଉଁ ଶବ୍ଦ ବୋଲି ଗୋଟି ଗୋଟି କରି ପଚାରିବେ ।
- ସ୍ୱର ବା ଶବ୍ଦ ମଧ୍ୟରୁ କେଉଁଟି ମଧ୍ୟମ ସ୍ୱର ପଚାରିବେ ।
- ପିଲାଙ୍କ ଉତ୍ତର ଶୁଣି ସାବାସି ପ୍ରଦାନ ସ୍ୱରୂପ ତାଳି ଦେବାକୁ କହିବେ ।

ଅନ୍ୟ ଦକ୍ଷତାର ବିକାଶ – ଶବ୍ଦ ମାନଙ୍କର ଧାରଣା, ମନେ ରଖିବା, ଉପଭୋଗ, ଶବ୍ଦ ଏବଂ ସଙ୍ଗୀତର ପ୍ରସଂଶା ।

ବିକାଶର ଦିଗ – ସାମାଜିକ –ଆବେଗିକ ଓ ନୈତିକ ବିକାଶ

ଶିକ୍ଷଣ ଫଳାଫଳ– ସାମଗ୍ରୀଗୁଡ଼ିକୁ ସତର୍କତାର ସହିତ ବ୍ୟବହାର କରିବା ଶିଖିବେ ।

ଶିକ୍ଷଣ ସାମଗ୍ରୀ : ପିଲାଙ୍କ ନିରାପତ୍ତା ଦୃଷ୍ଟିରୁ ନିଆଁ, ହାତୁଡି, ଛୁରୀ, ଛୁଞ୍ଚି ସୂତାର ଚିତ୍ର ନେବେ । ଯଦି ସମ୍ଭବ ପ୍ରଦର୍ଶିତ ଯୋଗ୍ୟ ବସ୍ତୁ ନେଇପାରିବେ ।

ଶିକ୍ଷଣ ପ୍ରକ୍ରିୟା :

- ଶିକ୍ଷକ ପିଲାଙ୍କୁ ଗୋଲାକାରରେ ବସାଇ ଚିତ୍ର ଦେଖାଇବେ ଓ ଏଗୁଡ଼ିକ କ'ଣ ବୋଲି ପଚାରିବେ ।
- ଏଗୁଡିକ ବ୍ୟବହାର ସମୟରେ କିପରି ବିପଦ ରହିଥାଏ ପଚାରିବେ ।
- ଏଗୁଡ଼ିକୁ କିପରି ବ୍ୟବହାର କରାଯିବା ଉଚିତ ତା'ର ଆଲୋଚନା କରିବେ ।

ଅନ୍ୟ ଦକ୍ଷତାର ବିକାଶ – ଜରୁରୀ କିନ୍ତୁ ବିପଦଯୁକ୍ତ ସାମଗ୍ରୀର ସଠିକ୍ ବ୍ୟବହାର, ବିପଦପୂର୍ଣ୍ଣ ପରିସ୍ଥିତିର ସାମନା କରିବା, ଜିନିଷର ଯତ୍ନ ନେବା ଓ ମୌଖିକ ନିର୍ଦ୍ଦେଶକୁ ବୁଝିବା ।

ବିକାଶର ଦିଗ -ବୌଦ୍ଧିକ ବିକାଶ

ଶିକ୍ଷଣ ଫଳାଫଳ– ଅତି ବେଶୀରେ ୨୦ଟି ବସ୍ତୁ ନେଇ ୪–୫ ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରିବ ।

ଶିକ୍ଷଣ ସାମଗ୍ରୀ : କାଚ ଗୋଲି, ମଞ୍ଜି କିମ୍ବା ସ୍ୱତନ୍ତ୍ର ଦିବସରେ ଚକୋଲେଟ ନିଆଯାଇପରେ ।

ଶିକ୍ଷଣ ପ୍ରକ୍ରିୟା :

- ଶିକ୍ଷକ ପ୍ରଥମେ ପିଲାଙ୍କ ମଧ୍ୟରୁ ୪–୫ ଜଣଙ୍କୁ ସାମ୍ନାରେ ବସାଇବେ ।
- ପିଲା ସଂଖ୍ୟାରେ ଭାଗ ହୋଇ ପାରୁଥିବା ସଂଖ୍ୟକ କାଚଗୋଲି / ମଞ୍ଜି ନେଇ ସମାନ ସମାନ ଭାବେ ବାଣ୍ଟିବାକୁ ସୂଚନା ଦେବେ ।

- ବାଣ୍ଟିବା ପୂର୍ବରୁ କେତେ ଥିଲା ଓ ବାଣ୍ଟିବା ପରେ କେତେ କେତେ ସଂଖ୍ୟକ ମଞ୍ଜି ପାଇଲେ ଗଣି କହିବେ ।
- ପରବର୍ତ୍ତୀ ସମୟରେ ସମାନ ଭାବରେ ଭାଗ ହୋଇପାରୁନଥିବା କିମ୍ବା ଭାଗ ବାଣ୍ଟିଲା ପରେ କିଛି ବଳି ପଡୁଥିବା ସଂଖ୍ୟକ ବସ୍ତୁ ମଧ୍ୟ ନେଇ ଏହି କାର୍ଯ୍ୟ କରାଯାଇପାରେ ।

ଅନ୍ୟ ଦକ୍ଷତାର ବିକାଶ - ସମାନଭାବେ ବଣ୍ଟନର କୌଶଳ ଜାଣିବେ, ହରଣ ପ୍ରକ୍ରିୟାର ମୂଳଦୁଆ ଜାଣିବେ, ବୋଧ ଗମ୍ୟତା, ସମାଜୀକିକରଣ ବୃଦ୍ଧି ହେବ ।

ବିକାଶର ଦିଗ -ଭାଷାଗତ ବିକାଶ

ଶିକ୍ଷଣ ଫଳାଫଳ- ଛୋଟ ଛୋଟ ପରିଚିତ ବାକ୍ୟ ଓ ଶବ୍ଦଗୁଡ଼ିକୁ ସ୍ପଷ୍ଟତା ସହିତ ପଢ଼ିବେ ।

ଶିକ୍ଷଣ ସାମଗ୍ରୀ : ବଡ ବହି (Big book), ଚିତ୍ର ସହ ଶବ୍ଦ କାର୍ଡ

ଶିକ୍ଷଣ ପ୍ରକ୍ରିୟା :

- ଶିକ୍ଷକ ଶିଶୁମାନଙ୍କୁ ଗୋଲାକାରରେ ବସାଇବେ ।
- ଚିତ୍ର ସହିତ ଶବ୍ଦ କାର୍ଡ କିମ୍ବା ବଡ ବହିର ସାହାଯ୍ୟ ନେଇ ଶିକ୍ଷକ ବଡ଼ ପାଟିରେ ପଢ଼ିବେ ।
- ପିଲାଙ୍କୁ ଦେଖିବା ଓ ଶୁଣିବାର ସୁଯୋଗ ଦିଆଯିବ ।
- ଶିକ୍ଷକ ପଢିବେ ପିଲାମାନେ ଅନୁସରଣ କରିବେ ।
- ପରବର୍ତ୍ତୀ ସୋପାନରେ କାର୍ଡ ଦେଖି ଶିଶୁ ଓ ଶିକ୍ଷକ ସାଥିରେ ପଢିବେ ।
- ଶେଷ ସୋପାନରେ ଦୁଇ ଧାଡିରେ ବସି ଗୋଟିଏ ଧାଡି ପିଲା ଶବ୍ଦ ଦେଖାଇଲେ ଅନ୍ୟ ଧାଡି ପିଲା ପଢିବେ ।
- କାମ ଅଦଳ ବଦଳ କରାଯିବ ।

ଅନ୍ୟ ଦକ୍ଷତାର ବିକାଶ – ଶୁଣିବାର ଦକ୍ଷତା, ଶବ୍ଦ ନିର୍ମାଣ, ଅନୁମାନ, ସୂଚନା, ଅନୁସରଣ, ସାମାଜିକ ବିକାଶ ।

ବିକାଶର ଦିଗ -କଳା ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ

ଶିକ୍ଷଣ ଫଳାଫଳ- ଭିନ୍ନ ଭିନ୍ନ ବିଚାର, ଭାବ, ଓ ଆବେଗକୁ କଳା ମାଧ୍ୟମରେ ଜାଣିବେ ତଥା ନିଜର କଳାତ୍ମକ କାର୍ଯ୍ୟରେ ତାହାର ପ୍ରୟୋଗ କରିବେ ।

ଶିକ୍ଷଣ ସାମଗ୍ରୀ : TV/MOBILEରେ ଅଭିନୟର ଦୃଶ୍ୟ (ଶିକ୍ଷକଙ୍କ ଅଭିନୟ ସର୍ବୋତ୍ତମ)

ଶିକ୍ଷଣ ପ୍ରକ୍ରିୟା :

- ଶିଶୁମାନଙ୍କୁ କିଛି ନାଟକର ଦୃଶ୍ୟ ବା ସିନେମା ଦୃଶ୍ୟ ପ୍ରଦର୍ଶନ କରାଯିବ । ଶିକ୍ଷକଙ୍କ ଦ୍ୱାରା ମଧ୍ୟ ଅଭିନୟ କରାଯାଇପାରେ ।
- ମଝିରେ ଭିଡ଼ିଓଟିକୁ କିଛି କ୍ଷଣ ସ୍ଥିର ରଖି ଅଭିନେତା/ଅଭିନେତ୍ରୀଙ୍କ ମୁହଁକୁ ଲକ୍ଷ୍ୟ କରି ସେପରି ନିଜେ କରିବାକୁ କୁହାଯିବ ।
- ଏହା କେଉଁ ଭାବକୁ ପ୍ରଦର୍ଶନ କରୁଛି ବୋଲି ପ୍ରଶ୍ନ କରାଯିବ ।
- ଉଦାହରଣ : ରାଗ, ଲାଜ, ଅଭିମାନ, ଖୁସି, ଦୁଃଖ ଆଦିର ମୁଖାଭିନୟ କରିବାକୁ ପିଲାଙ୍କୁ କୁହାଯିବ । ଠିକ୍ ଭଙ୍ଗୀ ପ୍ରଦର୍ଶନ କରୁଥିବା ଶିକ୍ଷାର୍ଥୀ ନିମନ୍ତେ ତାଳିମାରି ଉତ୍ସାହିତ କରାଯିବ ।

ଅନ୍ୟ ଦକ୍ଷତାର ବିକାଶ – କଳ୍ପନା, ଇନ୍ଦ୍ରିୟାନୁଭୂତି ଭାଷା, ଉଦ୍ଦୀପନା ବିକାଶ ।

ମାସ - ଫେବୃଆରୀ

ଶିକ୍ଷଣ ଦିଗ	ଶିକ୍ଷଣ ଫଳାଫଳ	କାର୍ଯ୍ୟ ସଂଖ୍ୟା
ଶାରୀରିକ ବିକାଶ	• ଉପଯୁକ୍ତ ବେଗରେ ନିଶ୍ୱାସ ଛାଡ଼େ ଓ ପ୍ରଶ୍ୱାସ ନିଏ । • ଅଳ୍ପସମୟ ପାଇଁ ସ୍ଥିର ହୋଇ ବସି ନିଜର ଶ୍ୱାସକ୍ରିୟାକୁ ଧ୍ୟାନ ଦେଇଥାଏ । • ବିଭିନ୍ନ ଆକାରର ବଲ ବ୍ୟବହାର କରି ଧରିବା, ଫିଙ୍ଗିବା ଏବଂ ଜିକ ମାରିବାରେ ଉନ୍ନତି କରେ । • ଦୁଇଗୋଡ଼ ଏକାଠି କରି ୧୦-୧୫ ପାଦ ଡିଏଁ (Hops)।	
ସାମାଜିକ-ଆବେଗିକ ଓ ନୈତିକ ବିକାଶ ।	• ଶିଶୁମାନଙ୍କ ମଧ୍ୟରେ ସାମ୍ୟ ଏବଂ ପାର୍ଥକ୍ୟ ଧିରେ ଧିରେ ଧ୍ୟାନ କରିବା ଆରମ୍ଭ କରନ୍ତି (ଯେପରିକି, ଉଚ୍ଚତା, ଲିଙ୍ଗ, ଚର୍ମର ରଙ୍ଗ, କଥାବର୍ତ୍ତା କରିବାର ଶୈଳୀ, ଖାଦ୍ୟ ପସନ୍ଦ)	
ବୌଦ୍ଧିକ ବିକାଶ	• ଗୋଟିଏ ସମତଳରେ ତ୍ରି-ମାତ୍ରିକ ବସ୍ତୁକୁ ଆଙ୍କି ସେଥିରେ ଥିବା ଦ୍ୱିମାତ୍ରିକ ଆକୃତି ଗୁଡିକ ଚିହ୍ନଟ କରିବ । • ସବୁଠାରୁ ଅଧିକ ଲମ୍ବା / ଛୋଟ, ସବୁଠାରୁ ଅଧିକ ଲମ୍ବା / ଛୋଟ ଭାବେ ସେମାନଙ୍କର ଲମ୍ବ ଅନୁଯାୟୀ ତିନୋଟି ବସ୍ତୁକୁ ତୁଳନା କରିବ । • ଦୁଇଟି ବସ୍ତୁର ଓଜନକୁ ତୁଳନା କରିବ ଓ ଅଧିକ ଓଜନିଆ ବା ହାଲୁକା ଭାବେ ପ୍ରକାଶ କରିବ । • ଦୁଇଟି ପାତ୍ରର ଧାରକତ୍ୱକୁ ତୁଳନା କରିବ (ଯେପରି ବୋତଲ, ଗ୍ଲାସ, ବାଲଟି ଇତ୍ୟାଦି) ।	91 92
ଭାଷାଗତ ବିକାଶ	• ବାରମ୍ବାର ବ୍ୟବହୃତ ଅକ୍ଷର (ଯୁକ୍ତାକ୍ଷର) ଚିହ୍ନିବ ଓ ସେ ସମ୍ବନ୍ଧୀୟ ଧ୍ୱନିକୁ ଚିହ୍ନଟ କରିବ । • ଛୋଟ ସରଳ ପାଠ ଥିବା ବହିକୁ ପଢିବେ, ଲେଖା ଓ ଚିତ୍ରକୁ ଦେଖି ଅନୁମାନ କରିବ ଏବଂ କାହାଣୀଟିକୁ ସଠିକ କ୍ରମରେ କହିବ ଏବଂ ବର୍ଣ୍ଣନା କରିବ । • ସରଳ ଲିଖିତ ନିର୍ଦ୍ଦେଶକୁ ବୁଝିବ ଓ ଅନୁସରଣ କରିବ । • ଅକ୍ଷରକୁ ସଠିକ ଭାବେ ଲେଖିବ ଓ ସରଳ ଓ ପରିଚିତ ଶବ୍ଦ ଗଢ଼ିବ ।	93 94 95
କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	• ଯୋଡି ବା ଦଳରେ ଖେଳିବା ବେଳେ ନିଜର କଥା, ଭାବଭଙ୍ଗୀ ଓ ଶବ୍ଦକୁ ଯୋଡିବାର ପ୍ରୟାସ କରିବ । • ୧୨.୪.୨ ବିଭିନ୍ନ ଆକୃତିକୁ ସଜେଇବା ବା କୌଣସି କଳାଣକ କାର୍ଯ୍ୟର ପ୍ରଦର୍ଶନ ସମୟରେ ନିଜ ସାଥି ଓ ସହାୟକକୁ ସହଯୋଗ କରିବ ।	96

ବିକାଶର ଦିଗ ଶାରୀରିକ ବିକାଶ

C–3.1

ଶିକ୍ଷଣ ଫଳାଫଳ – ବିଭିନ୍ନ ଆକାରର ବଲ ବ୍ୟବହାର କରି ଧରିବା, ଫିଙ୍ଗିବା ଏବଂ ଗୋଡରେ ବଲ ମାରିବାରେ ଉନ୍ନତି କରିବ ।

କାର୍ଯ୍ୟରନାମ : ବଲ ପାସ କରିବା

ଶିକ୍ଷଣ ପ୍ରଣାଳୀ :

୧. ପିଲାମାନଙ୍କୁ ଏକ ବଡ଼ ଗୋଲାକାରରେ ଠିଆ ହେବାକୁ କହିବେ ।

୨. ଶିକ୍ଷକ ଏକ ବଲ ଧରି କେନ୍ଦ୍ରରେ ଠିଆ ହେବେ ।

୩. ପିଲାଙ୍କ ନାମ ସ୍ପଷ୍ଟ ଭାବରେ ଶିକ୍ଷକ ଡାକିବେ ଓ ତା ପାଖକୁ ଧୀରେ ଧୀରେ ବଲ୍ ଫିଙ୍ଗିବେ ।

୪. ପିଲାଟି ବାଲ୍ କୁ ଧରି ଅନ୍ୟ ପିଲା ପାଖକୁ ଫିଙ୍ଗିବ ।

୫. ଯଦି କୌଣସି ପିଲା ଧରିବାରେ ବିଫଳ ହେବ, ତେବେ ସେ ମଝିକୁ ଆସି ଖେଳଟିକୁ ଖେଳାଇବ ।

୬. ସୁନିଶ୍ଚିତ କରନ୍ତୁ ଯେ ପ୍ରତ୍ୟେକ ପିଲା ଯେପରି ବଲ୍ ଧରିବାକୁ ସୁଯୋଗ ପାଇବେ ଏବଂ ହାଲୁକା କରି ବଲ୍ ଫିଙ୍ଗିବେ ।

ଖେଳକୁ ଆହୁରି ମଜାଦାର କରିବା ପାଇଁ, ବଲ ଧରିବା ପୂର୍ବରୁ ପିଲାମାନଙ୍କୁ ଏକ ଥର ତାଳି ମାରିବାକୁ କହନ୍ତୁ । ଆପଣ ଯାହା ଚାହୁଁଛନ୍ତି, ସରଳ ପ୍ରଶ୍ନ ପଚାରନ୍ତୁ । ଯେପରିକି:

- **"ତୁମ ପସନ୍ଦର ଫଳ କଣ ?"**
- **"ତୁମ ପୋଷାକର ରଙ୍ଗ କ'ଣ ?"**

ଯେ ବଲ ଧରିବ, ସେ ପ୍ରଶ୍ନର ଉତ୍ତର ଦେଇ ପରେ ଅନ୍ୟ ଜଣକୁ ବଲ ଫିଙ୍ଗିବ । ଏହିପରି ଖେଳ ଚାଲିବ ।

ବିକାଶର ଦିଗ ସାମାଜିକ ଆବେଗିକ ଓ ନୈତିକ ବିକାଶ

C-4.7 ଶିଶୁମାନଙ୍କ ମଧ୍ୟରେ ସାମଞ୍ଜସ୍ୟ ପାର୍ଥକ୍ୟ ଧୀରେ ଧୀରେ ଲକ୍ଷ୍ୟ କରିବା ଆରମ୍ଭ କରିବ । (ଯେପରିକି- ଉଚ୍ଚତା, ଲିଙ୍ଗ, ଚର୍ମର ରଙ୍ଗ, କଥାବାର୍ତ୍ତା କରିବାର ଶୈଳୀ, ଖାଦ୍ୟ ପସନ୍ଦ)

L.O- ବିଭିନ୍ନ ବସ୍ତୁ ଦେଖି ସମାନତା ଓ ଭିନ୍ନତା ଦର୍ଶାଇବ । (ଏହା ତାଙ୍କର ଜଟିଳ ଚିନ୍ତା ଓ ପର୍ବେକ୍ଷଣ କୌଶଳ ବଢ଼ାଇବ ।)

ଶିକ୍ଷଣ ସାମଗ୍ରୀ :-

- ଦୁଇଟି ଖଡ଼ି (ଏକ ଲମ୍ବା, ଏକ ଛୋଟ)
- ଦୁଇ ଜୋଡ଼ା ଜୋତା (ଏକ ବଡ଼, ଏକ ଛୋଟ)

ଶିକ୍ଷଣ ପ୍ରଣାଳୀ :-

୧ . ଏହି ବସ୍ତୁଗୁଡ଼ିକୁ ଛାତ୍ରମାନଙ୍କ ଆଗରେ ଶିକ୍ଷକ ରଖିବେ ଓ ସେମାନଙ୍କୁ ଲକ୍ଷ୍ୟ କରିବାକୁ କହିବେ ।
ଶିକ୍ଷକ ପଚାରିବେ :-
- "ଏହି ଦୁଇଟି ଜୋତା ସମାନ କି ଅଲଗା ?" କ'ଣ କ'ଣ ଅଲଗା ଥିବାର ଦେଖୁଛ ?
- "ଏହି ଖଡ଼ି ଦୁଇଟିରେ ଭିନ୍ନତା କ'ଣ ଅଛି ?

୨. ଶିକ୍ଷକ ଛାତ୍ରମାନଙ୍କୁ ବସ୍ତୁମାନଙ୍କ ଆକାର, ରଙ୍ଗ, ଆକୃତି ଓ ବ୍ୟବହାର ନେଇ ସମାନତା ଓ ଭିନ୍ନତା ବୁଝିବାରେ ଉତ୍ସାହିତ କରିବେ ।

୪. ଅନେକ ଉଦାହରଣ ଉପରେ ଚର୍ଚ୍ଚା କରିବା ପରେ, ଛାତ୍ରମାନଙ୍କୁ ଶ୍ରେଣୀକକ୍ଷରେ ଦୁଇଟି ବସ୍ତୁର ଜୋଡ଼ା ଖୋଜିବାକୁ ଓ ସେମାନଙ୍କ ସମାନତା ଓ ଭିନ୍ନତା ବର୍ଣ୍ଣନା କରିବାକୁ ପିଲାମାନଙ୍କୁ କହିବେ ।

ଶିକ୍ଷକ ଉପରୋକ୍ତ କାର୍ଯ୍ୟ ପାଇଁ ନିମ୍ନୋକ୍ତ ସାମଗ୍ରୀ ନେଇ ଅନ୍ୟ ଶିକ୍ଷଣ କାର୍ଯ୍ୟ କରିପାରିବେ ।

୧. ଛବି ମିଳନ (Picture Matching):

- ପଶୁ, ଫଳ ଇତ୍ୟାଦି ଦେଖାଇଥିବା କାର୍ଡ ବ୍ୟବହାର କରିବେ ।
- ଛାତ୍ରମାନେ ସମାନ ଛବିଗୁଡ଼ିକୁ ମିଳାଇବେ ଓ ଭିନ୍ନତା ବିଚାର କରିବେ ।

୨. ଯୋଡ଼ି କାର୍ଯ୍ୟକଳାପ (Partner Activity):

- ଛାତ୍ରମାନଙ୍କୁ ଯୋଡ଼ିରେ ବସାଇବେ ।
- ପ୍ରତ୍ୟେକ ଯୋଡ଼ାକୁ କିଛି ବସ୍ତୁ ଦିଅନ୍ତୁ । ଏକ ଛାତ୍ର ବସ୍ତୁ ବିବରଣୀ କରିବ, ଅନ୍ୟ ଜଣେ ଏହା ଅନୁମାନ କରି ଦେଖିବେ କ'ଣ ସମାନ ଓ କ'ଣ ଭିନ୍ନ ।

- କାର୍ଯ୍ୟକଳାପକୁ ସରଳ ଭାବେ ବୁଝାଇବା ପାଇଁ ସଂକ୍ଷିପ୍ତ ଓ ସରଳ ଭାଷା ବ୍ୟବହାର କରିବେ ।
- ଛାତ୍ରମାନଙ୍କୁ ପର୍ଯ୍ୟବେକ୍ଷଣ କରିବାକୁ ଓ ତଥ୍ୟଗୁଡ଼ିକ ଧ୍ୟାନ ଦେବାକୁ ଉତ୍ସାହିତ କରିବେ ।
- ସମସ୍ତ ପ୍ରତିକ୍ରିୟାକୁ ପ୍ରଶଂସା କରିବେ ।

ଏହି କାର୍ଯ୍ୟ କରିବା ଦ୍ୱାରା ବିକଶିତ ହୋଇଥିବ / ଅନ୍ୟ ଦକ୍ଷତା :-

ଏହି କାର୍ଯ୍ୟକଳାପ ଛାତ୍ରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଚିନ୍ତା ଓ ପର୍ଯ୍ୟବେକ୍ଷଣ କ୍ଷମତା ବୃଦ୍ଧି କରେ । ସେମାନେ ଜୀବନର ଛୋଟ ଛୋଟ ତଥ୍ୟକୁ ଲକ୍ଷ୍ୟ କରି ସମାନତା ଓ ଭିନ୍ନତା ବୁଝିବାରେ ସକ୍ଷମ ହେବେ । ଏହା ସେମାନଙ୍କର ସମସ୍ୟା ସମାଧାନ କ୍ଷମତା ବୃଦ୍ଧି କରିବାରେ ଓ ପରିବେଶ ସହିତ ସଂଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରେ ।

ବୌଦ୍ଧିକ ବିକାଶ :-

C-8.9 ଛାତ୍ରଛାତ୍ରୀମାନେ 'ହାଲୁକା' ଓ 'ଭାରୀ' ଜିନିଷର ଓଜନକୁ ତୁଳନା କରିବେ ।

ଶିକ୍ଷଣ ସାମଗ୍ରୀ :- ପେନ୍‌ସିଲ , ବହି ,ପାଣି ପୂର୍ଣ୍ଣ ବୋତଲ ,ଖାଲି ବାକ୍ସ ଇତ୍ୟାଦି ।

ଶିକ୍ଷଣ ପ୍ରଣାଳୀ :-

୧. ଶିକ୍ଷକ ଦୈନନ୍ଦିନ ଜୀବନରେବ୍ୟବହାର କରୁଥିବା କେତେକ ଜିନିଷ ଯେମିତି ଏକ ପେନସିଲ, ବହି, ଜଳ ପୂର୍ଣ୍ଣ ବୋତଲ, ଖାଲି ବୋତଲ ଇତ୍ୟାଦି ସଂଗ୍ରହ କରିବେ ।

୨. ଏହି ଜିନିଷଗୁଡିକ ଟେବୁଲ୍ ଉପରେ ରଖିବେ ଯେଉଁଠାରେ ସହଜରେ ପିଲାମାନେ ଦେଖିପାରିବେ ଓ ଧରିପାରିବେ ।

୩. ଛାତ୍ରଛାତ୍ରୀମାନଙ୍କୁ ଏକ-ଏକ କରି ଆଗକୁ ଆସିବାକୁ ଓ ଦୁଇଟି ଜିନିଷ ଧରିବାକୁ କହନ୍ତୁ ।

୪. ସେମାନଙ୍କୁ ଜିନିଷଗୁଡିକ ହାତରେ ଧରିବାକୁ ଦେଇ ଶିକ୍ଷକ ନିମ୍ନଲିଖିତ ପ୍ରଶ୍ନ ପଚାରିବେ ।

ଦୁଇଟି ଜିନିଷ ମଧ୍ୟରୁ କେଉଁଟି ଓଜନିଆ ଲାଗୁଛି ଓ କେଉଁଟି ହାଲୁକା ଲାଗୁଛି ?

୫. ଯେତେବେଳେ ସେମାନେ **'ଭାରୀ'** କିମ୍ବା **'ହାଲୁକା'** ଜିନିଷକୁ ଚିହ୍ନଟ କରିବେ, ସେ ଜିନିଷକୁ **'ହାଲୁକା'** କିମ୍ବା **'ଭାରୀ'** ଲେଖାଥିବା ସ୍ଥାନରେ ରଖନ୍ତୁ ।

ଶିକ୍ଷକ ଉପରୋକ୍ତ ଶିକ୍ଷଣ ଫଳାଫଳ ହାସଲ କରିବା ନିମନ୍ତେ ନିମ୍ନୋକ୍ତ କାର୍ଯ୍ୟଟି ଶ୍ରେଣୀରେ କରିପାରନ୍ତି । ଏକ ମଜାଦାର 'କେତେ ଓଜନ ଅନୁମାନ କରିବା ଖେଳ' କରନ୍ତୁ ।

- ଛାତ୍ରମାନେ ଜିନିଷ ଧରିବା ପୂର୍ବରୁ କେଉଁଟି ଓଜନିଆ ହେବ ଅନୁମାନ କରନ୍ତୁ ।
- ଧରିବା ପରେ ସେମାନେ ଜାଣି ପାରିବେ ସେମାନଙ୍କ ଅନୁମାନ ଠିକ୍ ହେଲା କି ନାହିଁ ।

୧. ଏକ ଓଜନ ମାପିବା ଯନ୍ତ୍ର ସାହାଯ୍ୟରେ ପିଲାମାନେ ଏହାକୁ ବ୍ୟବହାର କରି ତାଙ୍କର ଆନୁମାନିକ ଓଜନର ତୁଳନା ତଥ୍ୟ କୁ ପ୍ରମାଣିତ କରିପାରିବେ ।

ଏହି କାର୍ଯ୍ୟ କରିବା ଦ୍ୱାରା ବିକଶିତ ହୋଇଥିବା ଅନ୍ୟ ଦକ୍ଷତା :-

- ଛାତ୍ରଛାତ୍ରୀମାନଙ୍କୁ **'ହାଲୁକା,' 'ଭାରୀ,' 'ଅଧିକ ଭାରୀ,'** ଓ **'ଅଧିକ ହାଲୁକା'** ଭଳି ଶବ୍ଦ ବ୍ୟବହାର କରିବା ଶିଖିବେ ।

- ସକରାତ୍ମକ ଚିନ୍ତାଧାରା ଯୋଗୁଁ ପ୍ରତିକ୍ରିୟା ଦେଇ ସେମାନଙ୍କର ଆତ୍ମବିଶ୍ୱାସ ଦୃଢ ଦେବ ।

ବିକାଶର ଦିଗ ଭାଷା ଗତ ବିକାଶ

C-10.5 ସରଳ ଲେଖା ପଢ଼ିବା, ଏହା ସହିତ ଦିଆଯାଇଥିବା ଛବିଗୁଡ଼ିକୁ ଦେଖିବା, କାହାଣୀର ଆଗକୁ କ'ଣ ଘଟିବ ଅନୁମାନ କରିବା ଓ ଶୃଙ୍ଖଳାବଦ୍ଧ ଭାବେ କାହାଣୀକୁ ବର୍ଣ୍ଣନା କରିବାର ଅଭ୍ୟାସ କରାଇବା ।

ଶିକ୍ଷଣ ଫଳାଫଳ – ସରଳ ପାଠ ପଢ଼ିବ, ଲେଖା ଓ ଚିତ୍ରକୁ ଅନୁମାନ କରିବ, କାହାଣୀକୁ କ୍ରମରେ କହିବ ଓ ବର୍ଣ୍ଣନା କରିବ ।

ଶିକ୍ଷଣ ସାମଗ୍ରୀ – ଚିତ୍ରକାର୍ଡ (ଉଦାହରଣ: ଏକ ଝିଅ ଗଛ ଲଗାଉଛି, ବା ଏକ ବିଲେଇ ମୂଷା ଧରୁଛି)

(ଏକ ଛବି ବହି ବା କିଛି ସରଳ ଛବି କାର୍ଡ ବାଛନ୍ତୁ ଯେଉଁଥିରେ ଏକ ସରଳ କାହାଣୀ ଦେଖାଯାଇଥାଏ ।)

ଶିକ୍ଷଣ ପ୍ରଣାଳୀ :-

- ପ୍ରତ୍ୟେକ ଛବି ଶିକ୍ଷାର୍ଥୀମାନଙ୍କୁ ଦେଖାନ୍ତୁ ଓ ପଚାରନ୍ତୁ:
  - "ଏଠାରେ କ'ଣ ଦେଖୁଛ ?"
  - "ଏଠାରେ କ'ଣ ଘଟିଛି ?"
- ଯଥା ସମ୍ଭବ ଶିକ୍ଷକ ଚିତ୍ରରେ ସରଳ ବାକ୍ୟ ଲେଖନ୍ତୁ ଓ ପଢନ୍ତୁ ।
- ପ୍ରତ୍ୟେକ ଛବି ଓ ଲେଖା ଦେଖିବା ପରେ, ଛାତ୍ରଛାତ୍ରୀମାନଙ୍କୁ ପଚାରିବେ ଯେ -"ତୁମେ କ'ଣ ଭାବୁଛ, ଏବେ ଆଗକୁ କ'ଣ ହେବ ?"
- ଛାତ୍ରମାନଙ୍କୁ ଯଥା ସମ୍ଭବ ନିଜ ଭାଷାରେ ଉତ୍ତର ଦେବା ପାଇଁ ଉତ୍ସାହିତ କରିବେ ।
- ଯଦି ଜଣେ ଛାତ୍ର ବା ଛାତ୍ରୀ ଅଂଶଗ୍ରହଣ କରୁ ନଥାଏ ତେବେ ଶିକ୍ଷକ ଛାତ୍ର ବା ଛାତ୍ରୀ ପ୍ରତି ଅଧିକ ଗୁରୁତ୍ୱ ଦେଇ ନିମ୍ନ ପ୍ରଶ୍ନ ପଚାରିବେ ।
  - "ପ୍ରଥମେ କ'ଣ ଘଟିଲା ?"
  - "ତା'ପରେ କ'ଣ ଘଟିଲା ?"

ଅନ୍ୟ ଦକ୍ଷତା ର ବିକାଶ :-

ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନାଶୀଳତାର ଏବଂ ଚିନ୍ତା ଶକ୍ତି ର ବିକାଶ ହେବ । ସାଥୀମାନଙ୍କ ସହିତ ବାର୍ତ୍ତାଳାପ, ସାମାଜିକ ବିକାଶ, ଶବ୍ଦଭଣ୍ଡାର ବୃଦ୍ଧି, ଶବ୍ଦ ଏବଂ ଶବ୍ଦ ସଂରଚନାକୁ ପୃଥକ କରେ, ବିଭିନ୍ନ ଭାବନକୁ ଚିହ୍ନିଥାଏ, ଆରାମରେ ବାର୍ତ୍ତାଳାପ କରେ, ସରଳ ଗୀତ ତିଆରି କରେ, ଶବ୍ଦକୁ ଜାଣେ ଓ ଠିକ୍ ଭାବରେ ବ୍ୟବହାର କରେ, ଅନ୍ୟ ପିଲା ଏବଂ ବୟସ୍କଙ୍କ ସହିତ ଉପଯୁକ୍ତ ଢଙ୍ଗରେ ବାର୍ତ୍ତାଳାପ କରେ ।

ବହୁଶ୍ରେଣୀ ପରିସ୍ଥିତିରେ ପ୍ରଥମ ଶ୍ରେଣୀ ପାଇଁ ଶିକ୍ଷକ ପିଲାମାନଙ୍କ ଦ୍ୱାରା ଗଳ୍ପ ତିଆରି କାର୍ଯ୍ୟକ୍ରମ କରିବେ । ପ୍ରଥମେ ଜଣେ ଛାତ୍ର ବା ଛାତ୍ରୀ ଗୋଟିଏ ବାକ୍ୟ କହିବ ଉଦାହରଣ ସ୍ୱରୂପ :-(" ଜଣେ ରାଜା ଥିଲେ ") । ଦ୍ୱିତୀୟ ଛାତ୍ର ବା ଛାତ୍ରୀ ପ୍ରଥମ ବାକ୍ୟକୁ ସମ୍ପର୍କୀତ କରି ଦ୍ୱିତୀୟ ବାକ୍ୟ କହିବାକୁ ସୂଚନା ଦେବେ । ଏହିପରି ଗପ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ କାମ ଚାଲିବ ।

ବହୁଶ୍ରେଣୀ ପରିସ୍ଥିତିରେ ଶିକ୍ଷକ ପ୍ରଥମ ଶ୍ରେଣୀ ପାଇଁ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଉପରୋକ୍ତ କାର୍ଯ୍ୟ କୁ କରାଇବେ ।

ବିକାଶର ଦିଗ – ସୃଜନଶୀଳତାର ବିକାଶ

C.12.4 ମିଳିତ ଭାବେ କଳାତ୍ମକ କାର୍ଯ୍ୟ କରିବେ।

ଶିକ୍ଷଣ ଫଳାଫଳ :– ଦଳରେ ବା ଯୋଡ଼ିରେ ଖେଳିବା ସମୟରେ ନିଜର ଭାବନାକୁ ଅଭିବ୍ୟକ୍ତ କରିବ।

ଶିକ୍ଷଣ ପ୍ରଣାଳୀ :-

ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଏକ ଗୋଲାକାରରେ ବସାଇବେ । ଜଣେ ପିଲାକୁ ଗୋଟିଏ ସରଳ କାର୍ଯ୍ୟର ଅଭିନୟ କରିବାକୁ କହିବେ। (ଉଦାହରଣ: ଦାନ୍ତ ଘଷିବା, ପକ୍ଷୀ ଭଳି ଉଡ଼ିବା, ସେଓ ଖାଇବା)।

ଶିକ୍ଷାର୍ଥୀ ସେହି କାମଟିକୁ ଅଭିନୟ କରି ଅନ୍ୟମାନଙ୍କୁ ଦେଖାଇବେ । ଅନ୍ୟ ଶିକ୍ଷାର୍ଥୀମାନେ ସେହି କାର୍ଯ୍ୟ କ'ଣ ,ତାହା ଅନୁମାନ କରି କହିବେ ତାପରେ ଆଉ ଗୋଟେ ପିଲା ଆଉ ଗୋଟେ କାମର ଅଭିନୟ କରିବ ଓ ଅନ୍ୟମାନେ କାମଟି କ'ଣ , ଚିହ୍ନିଟ କରିବେ।ଏହିପରି କାର୍ଯ୍ୟ ଟି ଚାଲିବ । ଶିକ୍ଷକ ଏହିପରି କାର୍ଯ୍ୟ ଆଗକୁ ବଢିବାକୁ ଦେବେ ଏବଂ ପିଲାମାନଙ୍କୁ ଅଭିନୟ କରିବାକୁ ସୁଯୋଗ ସୃଷ୍ଟି କରିବେ ।

ଅନ୍ୟ କେଉଁ ଦକ୍ଷତା ବିକାଶ କରାଯାଇପାରିବ– କଳ୍ପନା, ସମସ୍ୟା ସମାଧାନ, ଶବ୍ଦଭଣ୍ଡାର ବିକାଶ ଇତ୍ୟାଦି । ସ୍ୱାଧୀନତା, ଆତ୍ମ ବିଶ୍ୱାସ, ସେମାନେ ଶାରୀରିକ ଭାଷା ବ୍ୟବହାର କରି ନିଜ ଭାବନା ଓ କାର୍ଯ୍ୟକୁ ବୁଝାଇବା ଶିଖିବେ ଓ ଅନ୍ୟମାନଙ୍କ ଭାବନା ବୁଝିବାରେ ସକ୍ଷମ ହେବେ। ଏହା ସେମାନଙ୍କର ସ୍ୱାଧୀନତା, ଆତ୍ମବିଶ୍ୱାସ ଓ ଜଟିଳ ଚିନ୍ତନକୁ ଉତ୍ସାହିତ କରେ।

ବହୁଶ୍ରେଣୀ ପରିସ୍ଥିତିରେ ଶିକ୍ଷକ ପ୍ରଥମ ଶ୍ରେଣୀ ପାଇଁ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ପିଲାମାନଙ୍କୁ ଗୋଲାକାରରେ ବସାଇବେ ଓ ମଝିରେ ଗୋଟେ ପେପର ତିଆରି ଡ଼ାଲାରେ ଅଭିନୟ କରିବାର ଚିଟ୍‌ଗୁଡିକୁ ରଖିବେ । ପିଲାମାନେ ଜଣକ ପରେ ଜଣେ ଆସି ଗୋଟିଏ ଲେଖାଏଁ ଚିଟ୍ ଉଠାଇବେ ଓ ଅଭିନୟ କରିବେ । ଅନ୍ୟ ପିଲାମାନେ ଅଭିନୟର କାର୍ଯ୍ୟ ଚିହ୍ନଟ କରିବେ । ସେହି ସମୟରେ ପିଲାମାନଙ୍କର ଅଭିନୟର ପର୍ଯ୍ୟବେକ୍ଷଣ କରି ସେମାନଙ୍କର କାର୍ଯ୍ୟର ବିବରଣୀକୁ ଲିପିବଦ୍ଧ କରିବେ ।

ମାସ - ମାର୍ଚ୍ଚ

ଶିକ୍ଷଣ ଦିଗ	ଶିକ୍ଷଣ ଫଳାଫଳ	କାର୍ଯ୍ୟ ସଂଖ୍ୟା
ଶାରୀରିକ ବିକାଶ	● ମୁଣ୍ଡ ଓ ହାତରେ ଛିନିଷ ରଖି ଭାରସାମ୍ୟ ରକ୍ଷା କରେ । (ମୁଣ୍ଡରେ ଏକ ବହି ଧରି ଚାଲିବା) । ● ଭଲ ଶାରୀରିକ ସନ୍ତୁଳନ ପ୍ରଦର୍ଶନ କରେ (ଯଥା ବିନା ସାହାଯ୍ୟରେ ସାଇକେଲ ଚଲାଇ ଥାଏ । ● ବିଭିନ୍ନ କାର୍ଯ୍ୟ କରିବା ପାଇଁ, ସୂକ୍ଷ୍ମ ମାଂସପେଶୀର ସମନ୍ୱିତ ଚଳନକୁ ବ୍ୟବହାର କରେ, ଯାହାକି କିଛି ସହାୟତା ସହିତ ଅଧିକ ସଠିକତା ଆବଶ୍ୟକ କରେ । (ଯଥା ପେନସିଲ ସାହାଯ୍ୟରେ ଚିତ୍ରାଙ୍କନ, ସିଧା କିମ୍ବା ବକ୍ର ରେଖା ଉପରେ କାଟିବା, ଛୋଟ ମାଳି ଗୁନ୍ଥିବା ସ୍ପଷ୍ଟ ଅକ୍ଷରର ଲିଖନ, ସୂତା ଦ୍ୱାରା ଫୁଲ ଗୁନ୍ଥିବା, ଆବଦ୍ଧ କ୍ଷେତ୍ର ମଧ୍ୟରେ ରଙ୍ଗ ଦେବା) ।	97
ସାମାଜିକ-ଆବେଗିକ ଓ ନୈତିକ ବିକାଶ ।	● ଖାଇବା ପରେ ନିଜ ପ୍ଲେଟ୍ କିମ୍ବା ଟିଫିନ ସଫା କରେ । ● ଘରେ ଏବଂ/କିମ୍ବା ବିଦ୍ୟାଳୟରେ ଉଚିତ କାର୍ଯ୍ୟ ସମ୍ପାଦନ କରନ୍ତି (ଯେପରିକି, ଖେଳନା ହଟାଇ ରଖିବା, ଗଛକୁ ପାଣି ଦେବା ।	
ବୌଦ୍ଧିକ ବିକାଶ	● ସପ୍ତାହର ଦିନ ଗୁଡିକର ନାମ ଲେଖିବ । ● ବର୍ଷର ମାସ ଗୁଡିକର ନାମ ଲେଖିବ । ● ସପ୍ତାହର ଦିନ ଓ ବର୍ଷର ମାସ ଗୁଡିକର ନାମ କୁ ଆବୃତ୍ତି କରିବ । ● ଭାରତୀୟ ମୁଦ୍ରା ଓ ନୋଟକୁ ଚିହ୍ନଟ କରିବ । ● ଗାଣିତିକ ପ୍ରକ୍ରିୟାକୁ ବ୍ୟବହାର କରି ମାପ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବ ।	98 99 100 101 102
ଭାଷାଗତ ବିକାଶ	● ଅକ୍ଷରକୁ ସଠିକ ଭାବେ ଲେଖିବେ ଓ ସରଳ ଓ ପରିଚିତ ଶବ୍ଦ ଗଢ଼ିବ । ● ଚିତ୍ର କରି ରଙ୍ଗ ଦେବେ ଓ ଚିତ୍ର ତଳେ ସରଳ ଶବ୍ଦ ବା ବାକ୍ୟ ଲେଖିବ । (invented spelling) ● ଛୋଟ ଛବିଳ ବହିକୁ ଆଗ୍ରହ ସହକାରେ ପଢ଼ିବ (pretend reading) ଓ ବହି ବିଷୟରେ ନିଜ ସାଙ୍ଗସାଥୀମାନଙ୍କ ସହିତ ଆଲୋଚନା କରିବ ।	103 104 105
କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	● ଭିନ୍ନଭିନ୍ନ ବିଚାର, ଭାବ ଓ ଆବେଗକୁ କଳା ମାଧ୍ୟମରେ ଜାଣିବ ଓ ନିଜର କଳାରକ କାର୍ଯ୍ୟରେ ତାହାର ପ୍ରୟୋଗ କରିବ । ● ବିଭିନ୍ନ ଚିତ୍ରକଳା / ସାଜସଜ୍ଜା / ସାଂସ୍କୃତିକ ଅଭିବ୍ୟକ୍ତିକୁ ତୁଳନା କରିବ ଓ ଭିନ୍ନଭିନ୍ନ ଭାବରେ ନିଜର ମତ ରଖିବ ।	106
ବୌଦ୍ଧିକ ବିକାଶ	● ଆସ ଖେଳିବା ।	107
ଭାଷାଗତ ବିକାଶ	● ଚିତ୍ର ଦେଖି କହିବ ।	108
କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ	● ଚିତ୍ର ଆଙ୍କି ରଙ୍ଗ ଦେବ ।	109

ବିକାଶର ଦିଗ - ଶାରୀରିକ ବିକାଶ (C – 3.2)

ଶିକ୍ଷଣ ଫଳାଫଳ - ମୁଣ୍ଡ ଓ ହାତରେ ଛିନିଷ ରଖି ଭାରସାମ୍ୟ ରକ୍ଷା କରିବ । (ମୁଣ୍ଡରେ ଏକ ବହି ଧରି ଚାଲିବା) ।

ଶିକ୍ଷଣ ସାମଗ୍ରୀ -

- ହାଲୁକା ବହି (ପ୍ରତି ପିଲାଙ୍କ ପାଇଁ ଗୋଟିଏ)
- ଚଟାଣରେ ଏକ ସ୍ୱଚ୍ଛ ପଥ କିମ୍ବା ଚିହ୍ନିତ ରେଖା ଅଙ୍କନ

ଶିକ୍ଷଣ ପ୍ରଣାଳୀ –

- ଶିକ୍ଷକ ପିଲାଙ୍କୁ ଧାଡିରେ ଠିଆ କରିବେ ।
- ପ୍ରତ୍ୟେକ ପିଲାଙ୍କୁ ସେମାନଙ୍କ ମୁଣ୍ଡରେ ସନ୍ତୁଳନ ରଖିବା ପାଇଁ ଏକ ହାଲୁକା ବହି ଦେବେ ।
- ବହିକୁ ଖସିବାକୁ ନ ଦେଇ ଧାଡିରେ ଧୀରେ ଧୀରେ ଚାଲିବାକୁ ପିଲାମାନଙ୍କୁ ସୂଚନା ଦେବେ ।
- ବହି ଖସିଯାଉଥିଲେ ମଧ୍ୟ ପିଲାମାନଙ୍କୁ ସେମାନଙ୍କର ଉଦ୍ୟମ ପାଇଁ ପ୍ରଶଂସା କରନ୍ତୁ । ପୁନର୍ବାର ଚେଷ୍ଟା କରିବାକୁ ଏବଂ ସେମାନଙ୍କର ସନ୍ତୁଳନକୁ ଉନ୍ନତ କରିବାକୁ ସେମାନଙ୍କୁ ଉତ୍ସାହିତ କରିବେ ।
- ସମସ୍ତ ପିଲା ଏହି କାର୍ଯ୍ୟଟି ସମ୍ପୂର୍ଣ୍ଣ କରିବା ପରେ, ପିଲାମାନଙ୍କୁ ଗୋଲାକାରରେ ବସାଇବେ ଓ କିଛି ପ୍ରଶ୍ନ ପଚାରି ଆଲୋଚନା କରି, ସଂକ୍ଷେପଣ କରିବେ ।

ପ୍ରଶ୍ନ ୧. ତୁମକୁ ଏହି କାମଟି କିପରି ଲାଗିଲା ?

ପ୍ରଶ୍ନ ୨. ତୁମେ ଏଭଳି ଆଉ କଣ ସବୁ କାର୍ଯ୍ୟ କରିଛ ?

ପ୍ରଶ୍ନ ୩. ସନ୍ତୁଳନ ବିଷୟରେ ଶିଖିବା ପାଇଁ, ତୁମେ ଆଉ କଣ ଖେଳ ଖେଳିବାକୁ ଚାହୁଁଚ ?

୧ ମ ଶ୍ରେଣୀ – ଶିକ୍ଷକ ଓଜନିଆ ବ୍ୟାଗ ଦେଇ ସନ୍ତୁଳନ ରକ୍ଷା କରି ଚାଲିବାକୁ କହିବେ ।

୨ ୟ ଶ୍ରେଣୀ – ଶିକ୍ଷକ ମଝିରେ ଥାଇ ପିଲାମାନେ ଗୋଲାକାରରେ ଛିଡା ହୋଇଥିବେ । ପିଲାମାନଙ୍କୁ ବଲ୍ ପକାଇବେ ଓ ପିଲାମାନେ ଧରିବେ ।

ବିକାଶର ଦିଗ - ସାମାଜିକ- ଆବେଗିକ ଓ ନୈତିକ ବିକାଶ

(C – 5. 1) –

ଶିକ୍ଷଣ ଫଳାଫଳ - ଖାଇବା ପରେ ନିଜ ପ୍ଲେଟ୍ କିମ୍ବା ଟିଫିନ ସଫା କରନ୍ତି। ଘରେ ଏବଂ/କିମ୍ବା ବିଦ୍ୟାଳୟରେ ଉଚିତ କାର୍ଯ୍ୟ ସମ୍ପାଦନ କରନ୍ତି। (ଯେପରିକି, ଖେଳନା ସଜାଇ ରଖିବା, ଗଛକୁ ପାଣି ଦେବା)

ଶିକ୍ଷଣ ସାମଗ୍ରୀ –

- ଛୋଟ ଟ୍ରେ କିମ୍ବା ଝୁଡ଼ି (ଖେଳନା ରଖିବା ପାଇଁ)
- ଛୋଟ କପଡା, ମଧ୍ୟାନ ଭୋଜନରେ ବ୍ୟବହାର ହୋଇଥିବା ଥାଳି

ଶିକ୍ଷଣ ପ୍ରଣାଳୀ –

- ଶିକ୍ଷକ ପିଲାଙ୍କୁ କହିବେ, 'ଆସ ଆଜି ଆମେ ଖାଇବା ପରେ କିପରି ଥାଳି ସଫା କରିବା ଏବଂ ଆମର ଶ୍ରେଣୀଗୃହର ଯତ୍ନ ନେବାର ଅଭ୍ୟାସ କରିବା' ।
- ପିଲାମାନଙ୍କୁ ନମୁନା ଦେଖାଇବେ ।
- ଏକ ଥାଳି ସଫା କରିବା ପାଇଁ ଏକ ଛୋଟ ସଫା କପଡ଼ାର ବ୍ୟବହାର କରିବେ ।
- ଖେଳ ସମୟ ପରେ ଖେଳନାକୁ ଝୁଡ଼ିରେ ରଖିବେ ।
- ମଧ୍ୟାହ୍ନ ଭୋଜନ ପରେ ଗୋଟେ ଛୋଟ ସଫା କପଡ଼ା ପ୍ରତ୍ୟେକ ପିଲାଙ୍କୁ ଦେବେ ଓ ତାହା ସହିତ ନିଜର ଥାଳି ସଫା କରିବାକୁ ଉତ୍ସାହିତ କରିବେ ଏବଂ ଥାଳିକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବାକୁ ସୂଚନା ଦେବେ ।

- ତା ପରେ ପିଲାଙ୍କୁ ତାଙ୍କ ଖେଳନା ପରିଷ୍କାର କରିବା ପାଇଁ ଛୋଟ ଛୋଟ ଦଳରେ ବସିବେ ଓ ଖେଳଣା ଯତ୍ନ ରେ ରଖିବାକୁ ସୂଚନା ଦେବେ ।
- ଶିକ୍ଷକ ପିଲାଙ୍କୁ କହିବେ, "ସମସ୍ତେ ପରସ୍ପର କୁ ସାହାଯ୍ୟକରିବା ଆବଶ୍ୟକ ! ଆସ ଆମ ଶ୍ରେଣୀଗୃହକୁ ପରିଷ୍କାର ଏବଂ ସୁନ୍ଦର ରଖିବା ପାଇଁ ମିଳିମିଶି କାର୍ଯ୍ୟ କରିବା ।

ସମସ୍ତ ପିଲା ଏହି କାର୍ଯ୍ୟଟି ସମ୍ପୂର୍ଣ କରିବା ପରେ, ପିଲାମାନଙ୍କୁ ଗୋଲାକାରରେ ବସାଇବେ ଓ କିଛି ପ୍ରଶ୍ନ ପଚାରି ଆଲୋଚନା କରି, ସଂକ୍ଷେପଣ କରିବେ ।

ପ୍ର୧.ତୁମର ଥାଳିକୁ ସଫା କରିବା ଓ ଖେଳନା ସଜାଇ ରଖିବା କାମଗୁଡିକ କଲାବେଳେ ତୁମେ କେମିତି ଅନୁଭବ କଲ ?

ପ୍ର୨.ଆମ ଶ୍ରେଣୀଗୃହକୁ ସଫା ରଖିବା କାହିଁକି ଆବଶ୍ୟକ ?

ପ୍ରୀ. ତୁମ ଘରର ଅନ୍ୟ ଜିନିଷ ସଜାଇ ରଖିବାକୁ ତୁମେ ଅନ୍ୟ ଏକ ଉପାୟ ବିଷୟରେ ଚିନ୍ତା କରି କୁହ ।

୧ ମ ଶ୍ରେଣୀ – L.O – ନିଜ ଅଞ୍ଚଳର ଛୋଟ ଚାରା ଗଛର ଯତ୍ନନେବ ।

ଶିକ୍ଷକ ପ୍ରଥମଶ୍ରେଣୀ ପିଲାଙ୍କୁ ସୋରିଷ ମଞ୍ଜି ନେବାକୁ କହିବେ । ଗୋଟେ ସଢ଼େଇରେ କିଛି ମାଟି ଭର୍ତ୍ତିକରି, ସେଥିରେ ସୋରିଷ ମଞ୍ଜି ବୁଣିବାକୁ କହିବେ ।

- ପ୍ରତ୍ୟେକ ଦିନ କିଛି ପାଣି ଦେବାକୁ କହିବେ ।
- କିଛିଦିନ ପରେ ସୋରିଷ ମଞ୍ଜିରୁ ସୋରିଷ ଗଛ ବାହାରିବ ।
- ତାପରେ ସେହି ସୋରିଷ ଗଛ ଛୋଟରୁ ବଡ ହେବା ପର୍ଯ୍ୟନ୍ତ ପିଲାମାନଙ୍କୁ ଯତ୍ନ ନେବାକୁ କହିବେ ।
- ପିଲାମାନେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ କରିଥିବା କାମ ସଂପର୍କରେ ବର୍ଣ୍ଣନା କରିବା ପାଇଁ କହିବେ ।

୨ ୟ ଶ୍ରେଣୀ – ଶିକ୍ଷକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ସମୟରେ ପିଲାମାନଙ୍କର ସାହାଯ୍ୟ ନେବେ । ସେଥିପାଇଁ ସେ କେଉଁ ପିଲାଙ୍କୁ କେଉଁ ଦାୟିତ୍ୱ ଦେବେ, ସେ ବିଷୟରେ ଯୋଜନାପ୍ରସ୍ତୁତ କରିବେ ।

- ଯୋଜନା ଅନୁସାରେ ପିଲାଙ୍କର ସାହାଯ୍ୟ ନେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବେ ।
- ଶିକ୍ଷକ ପିଲାମାନଙ୍କୁ ରୋଷେଇ ଘରେ ସାହାଯ୍ୟ କରିବାକୁ କହିବେ ।
- ପିଲାମାନଙ୍କୁ ରୋଷେଇ ଘରେ ପଢ଼ିଥିବା ପରିବା ପତ୍ରକୁ ସଫା କରିବାକୁ କହିବେ ।

ଶେଷରେ ପିଲାଙ୍କୁ ପଚାରିବେ ସେମାନେ ଘରେ ଉପରୋକ୍ତ କାମଗୁଡ଼ିକୁ କିପରି କରିଥାନ୍ତି ?

ବୌଦ୍ଧିକ ବିକାଶ

ଶିକ୍ଷଣ ଫଳାଫଳ– ସାତବାର ବିଷୟରେ କହିବ ।

ଏଥି ନିମନ୍ତେ ଶିକ୍ଷକ ନିମ୍ନ କାର୍ଯ୍ୟ କରିବେ ।

ଶିକ୍ଷଣ ସାମଗ୍ରୀ: ଗୀତ:

ରବି ପରେ ସୋମ, ତାପରେ ମଙ୍ଗଳ, ତା ପରେ ଯେ ବୁଧବାର,
ଗୁରୁ, ଶୁକ୍ର ଶନି, ଆସେ ତାହା ପରେ, ସାତ ବାର ଏ ପ୍ରକାର ।

ଶିକ୍ଷଣ ପ୍ରଣାଳୀ :

- ଶିକ୍ଷକ ଶିଶୁମାନଙ୍କୁ ବାର୍ତ୍ତାଳାପ ମାଧ୍ୟମରେ ସେ ଦିନର ମଧ୍ୟାହ୍ନ ଭୋଜନର ଖାଦ୍ୟ ତାଲିକା ପଚାରିବେ । କେମିତି ଜାଣିଲେ ପଚାରି ସେହି ଦିନର ବାରର ନାମ ଆଦାୟ କରିବେ ।
- କେଉଁ ଦିନ କଣ ମଧ୍ୟାହ୍ନ ଭୋଜନରେ ମିଳେ ଗୋଟି ଗୋଟି କରି ପଚାରିବେ । ଏହିପରି ଭାବେ ସାତ ବାର ର ସୁଚନା ଦେବେ ।
- ଉପର ଗୀତର ପଦ କୁ ବିଭିନ୍ନ ସ୍ତରରେ ଗାଇବେ, ପିଲା ବି ଅନୁକରଣ କରିବେ ।
- ଗୀତ କାର୍ଡରୁ ବାର ନାମ ସବୁ ବାଛି ଦେଇ ମନେରଖିବେ ।

(ସୋମରେ ଡାଲମା, ମଙ୍ଗଳରେ ସୋୟା, ବୁଧବାରେ ଅଣ୍ଡା ଝୋଳ,
ଗୁରୁ ଶୁକ୍ର ଶନି, ସେପରି ଚାଲିବ, ରବିବାରେ ଛୁଟି ଖେଳ) ।

ଅନ୍ୟ ଦକ୍ଷତାର ବିକାଶ: ପିଲା ସାତବାରର ନାମ କହିବେ, କଥନ ଦକ୍ଷତାର ବିକାଶ ହେବ ।

୧ ମ ଶ୍ରେଣୀ –ଶିକ୍ଷକ ପିଲାମାନଙ୍କୁ କହିବେ ଯେ – ସେମାନେ ଗୋଟେ ସପ୍ତାହରେ କେଉଁ ବାରରେ କେଉଁ ଖାଦ୍ୟ ଖାଇଥିଲେ ତାର ଏକ ତାଲିକା ପ୍ରସ୍ତୁତ କରିବେ ।

୨ ୟ ଶ୍ରେଣୀ – ପିଲାମାନେ ଗତ ସପ୍ତାହରେ ଖାଇଥିବା ଖାଦ୍ୟ ର ତାଲିକାରୁ କେଉଁ ଖାଦ୍ୟ ପ୍ରତ୍ୟେକ ଦିନ ଖାଉଛନ୍ତି ଓ କାହିଁକି ପଚାରିବେ । ସପ୍ତାହର ବାରଗୁଡ଼ିକର ନାମ କ୍ରମରେ ଲେଖିବାକୁ କହିବେ ।

ଭାଷାଗତ ବିକାଶ

ଶିକ୍ଷଣ ଫଳାଫଳ– ଅକ୍ଷର ଲେଖି ସରଳ ଶବ୍ଦ ଗଠନ କରିବ ।

ଶିକ୍ଷଣ ସାମଗ୍ରୀ: ଚିତ୍ର ସହ ଶବ୍ଦ କାର୍ଡ / Big book

ଶିକ୍ଷଣ ପ୍ରଣାଳୀ :

- ଶିକ୍ଷକ କାର୍ଡ ଦେଖାଇବେ ଓ ତାହା କେଉଁ ଚିତ୍ର ଚିହ୍ନିବାକୁ କରିବେ । ତାର ସଂପୃକ୍ତ ଶବ୍ଦ ଦେଖି ପ୍ରଥମ ଅକ୍ଷର କୁ କହିବ । ଶିକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ସେହି ଅକ୍ଷର ରୁ ଆରମ୍ଭ ବିଭିନ୍ନ ଶବ୍ଦ କହିବେ । ଶିକ୍ଷକ ସେଗୁଡିକୁ କଳାପଟାରେ ଲେଖୁଥିବେ ।
- ଶିକ୍ଷକ ଯେଉଁ ଜିନିଷକୁ ଛୁଇଁବେ ତାହା କଣ ପିଲା କହିବେ ଓ ପ୍ରଥମ ଧ୍ୱନିରୁ ଆରମ୍ଭ ଶବ୍ଦ ସବୁ କହିବେ ।
- ପରେ ସେହି ଅକ୍ଷର ଆଧାରିତ କାର୍ଯ୍ୟପତ୍ର କରାଇବେ ।
- କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ ।

ଅନ୍ୟ ଦକ୍ଷତା ର ବିକାଶ : ଧ୍ୱନି ଚିହ୍ନଟ, ଅକ୍ଷର (ପିଲାଙ୍କୁ ଶିଖାଯାଇ ଥିବା) ଲେଖିବେ । ଶବ୍ଦ ଭଣ୍ଡାର ବୃଦ୍ଧି ।

କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ

ଶିକ୍ଷଣ ଫଳାଫଳ– ବିଭିନ୍ନ ଚିତ୍ରକଳା/ସାଜସଜ୍ଜା/ ସାଂସ୍କୃତିକ ଅଭିବ୍ୟକ୍ତିକୁ ତୁଳନା କରିବ ।

ଶିକ୍ଷଣ ସାମଗ୍ରୀ: ନିଜ ଅଞ୍ଚଳର ଚିତ୍ରକଳା / ସାଂସ୍କୃତିକ ଅଭିବ୍ୟକ୍ତିର ଚିତ୍ର (ଭିନ୍ନ ଭିନ୍ନ ୨ଟି) ।

ଶିକ୍ଷଣ ପ୍ରଣାଳୀ :

ଶିକ୍ଷକ ଦୁଇଦଳରେ ପିଲାଙ୍କୁ ବସାଇ ଉଭୟ ଦଳକୁ ଗୋଟିଏ ଲେଖାଏଁ ଚିତ୍ର ଦେବେ ।

- ଚିତ୍ରରେ କ'ଣ ଦେଖୁଛ ?
- ଏଥିରେ କ'ଣ କ'ଣ ଉପାଦାନ ରହିଛି ?
- ତୁମେ ଏହି ଚିତ୍ର ବିଷୟ ରେ କ'ଣ ଜାଣିଛ ?
- ପ୍ରତ୍ୟେକ ଦଳକୁ ଚକ୍ ସାହାଯ୍ୟରେ ଚଟ୍‌ଟାଣରେ ସମାନ ଚିତ୍ର ଆଙ୍କିବାକୁ ସୂଚନା ଦେବେ । ଉଦାହରଣ– ଫୁଲର ଚିତ୍ର ।
- ଉଭୟ ଚିତ୍ରକୁ ତୁଳନା କରିବାକୁ ସୂଚନା ଦେବେ ।

୧ ମ ଓ ୨ ୟ ଶ୍ରେଣୀ – ଶିକ୍ଷକ ପିଲାଙ୍କୁ ନିଜ ଅଞ୍ଚଳର ଚିତ୍ରକଳା ବିଷୟରେ ଆଲୋଚନା କରିବାକୁ କହିବେ । (ତୁମ ଘରେ କେବେ ଝୋଟି କରାଯାଏ ଓ କିପରି କରାଯାଏ ଇତ୍ୟାଦି...)

ଅଭିଭାବକ ଓ ଗୋଷ୍ଠୀ/ ଗ୍ରାମବାସୀଙ୍କ ସମ୍ପୃକ୍ତି ଓ ସହଯୋଗ ପାଇଁ ଶିକ୍ଷକଙ୍କ ଭୂମିକା

ଶିଶୁର ଉପଯୁକ୍ତ ଯତ୍ନ, ସୁରକ୍ଷା ଓ ଶିକ୍ଷା କେବଳ ଶିଶୁବାଟିକାର ଶିକ୍ଷକଙ୍କ ଦାୟିତ୍ୱ ନୁହେଁ; ଏଥିରେ ପରିବାର ଓ ଗୋଷ୍ଠୀର ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଶୁଟି ଶିଶୁବାଟିକାରେ ଦିନକୁ ପ୍ରାୟ ୫–୬ ଘଣ୍ଟା ସମୟ କଟାଇଥାଏ ଓ ବାକି ସମୟ ପରିବାର ଓ ଗ୍ରାମରେ କାଟିଥାଏ । ପିତାମାତା ଓ ଗୋଷ୍ଠୀ ସଦସ୍ୟ ପିଲାର ଭାବନା ଓ ବିକାଶଧାରାକୁ ଯଥେଷ୍ଟ ପ୍ରଭାବିତ କରନ୍ତି । ତେଣୁ ଆଦ୍ୟ-ଶୈଶବ ଯତ୍ନ ଓ ଶିକ୍ଷା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିତ୍ୟାନ୍ତ ଆବଶ୍ୟକ । ପିଲାର ଚାରୋଟି ଅଧିକାର(୧.ବଞ୍ଚିବାର ଅଧିକାର, ୨. ବିକାଶର ଅଧିକାର, ୩. ସୁରକ୍ଷାର ଅଧିକାର, ଓ ୪. ଅଂଶଗ୍ରହଣର ଅଧିକାର) ବିଷୟରେ ଅଭିଭାବକ ଓ ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସେମାନଙ୍କୁ ଶିଶୁ ବାଟିକାର ଗୁରୁତ୍ୱ ବୁଝାଇବା ଶିକ୍ଷକମାନଙ୍କର ଦାୟିତ୍ୱ ।

ଶିକ୍ଷକ, ଅଭିଭାବକ ଓ ଗୋଷ୍ଠୀ ସଦସ୍ୟଙ୍କୁ କିପରି ସପୃକ୍ତ କରାଇବେ ?

- ଶିଶୁବାଟିକା ଶ୍ରେଣୀକୁ ପିଲାମାନଙ୍କୁ ନେବା ଆଣିବା ପାଇଁ ପିତାମାତା ଓ ଗୋଷ୍ଠୀ ସଦସ୍ୟଙ୍କର ସାହାଯ୍ୟ ନେବେ ।
- ନିୟମିତ ବ୍ୟବଧାନରେ ପିତାମାତା/ଗ୍ରାମବାସୀଙ୍କ ସହ ବୈଠକ କରିବେ ଓ ଶିଶୁ ବିକାଶ ସମ୍ବନ୍ଧରେ ଆଲୋଚନା କରିବେ ।
- ଶିଶୁବାଟିକାରେ ଯେପରି ପିତାମାତା ଓ ଗ୍ରାମବାସୀ ଉପସ୍ଥିତ ରହି ପିଲାଙ୍କ ନାଚ, ଗୀତ ଓ ଖେଳ ଦେଖିପାରିବେ ଓ ଶିଶୁଙ୍କୁ ଗପ ଓ ଗୀତ କହିପାରିବେ, ସେଥିପାଇଁ ସୁଯୋଗ ସୃଷ୍ଟି କରିବେ, ଯାହାଫଳରେ ପିଲାମାନେ ଉତ୍ସାହିତ ହେବେ ।

- ଗ୍ରାମରେ ଥିବା ବିଭିନ୍ନ ବୃତ୍ତିଧାରୀ ବ୍ୟକ୍ତିଙ୍କ ସାହାଯ୍ୟ ନେଇ ଶିକ୍ଷକ ଶିଶୁମାନଙ୍କ ପାଇଁ ଖେଳଣା, ଖେଳ ଉପକରଣ ଓ ଶିକ୍ଷଣ କାର୍ଯ୍ୟ ପାଇଁ ଉପକରଣ ତିଆରି କରିବେ ।
- ଶିଶୁଙ୍କ ଜନ୍ମଦିନ ପାଳନ, ଜାତୀୟ ଦିବସ ପାଳନ, ପର୍ବପର୍ବାଣି, ଶିଶୁ ମେଳା, ବାର୍ଷିକ ଉତ୍ସବ, ଆମୋଦଦାୟକ କାର୍ଯ୍ୟକ୍ରମ (ବଣଭୋଜି ଆଦି) ଆୟୋଜନ, ପିଲାଙ୍କ ଦ୍ୱାରା ପ୍ରସ୍ତୁତ ଖେଳଣା ଓ ଛବିଗୁଡିକର ପ୍ରଦର୍ଶନୀ ଇତ୍ୟାଦି ଅବସରରେ ପିତାମାତା ଓ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରିବେ ଓ ତାଙ୍କ ସହିତ ମିଶି କାର୍ଯ୍ୟକ୍ରମର ଆୟୋଜନ କରିବେ ।
- ପ୍ରତିବର୍ଷ ଅତିକମରେ ୨ ଥର ଶିଶୁବାଟିକାର କାର୍ଯ୍ୟକ୍ରମ ଗ୍ରାମ ସ୍ତରରେ ଆୟୋଜନ କରିବେ ଓ ଗ୍ରାମବାସୀଙ୍କ ମଧ୍ୟରେ ଶିଶୁବାଟିକାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବେ ।
- ନିୟମିତ ଗୃହ ପରିଦର୍ଶନ କରିବେ ଓ ମାଆ ବାପାଙ୍କୁ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ବିଷୟରେ ବୁଝାଇବେ ।
- ପିତାମାତା ଓ ଗ୍ରାମବାସୀଙ୍କ ପାଖରେ ଶିଶୁମାନଙ୍କ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଆଣିବେ ନାହିଁ । ଯେତେ ସମ୍ଭବ ଶିଶୁମାନଙ୍କ ବିଷୟରେ କେବଳ ପ୍ରଶଂସାମୂଳକ ମନ୍ତବ୍ୟ ଦେବେ ।
- ଶିଶୁବାଟିକାର ରକ୍ଷଣାବେକ୍ଷଣ ଓ ଏହାର ଚାରିପାଖର ପରିବେଶକୁ ଶିଶୁପ୍ରିୟ ଓ ସରସ ସୁନ୍ଦର ପାଇଁ ଗ୍ରାମବାସୀଙ୍କୁ ସମ୍ପୃକ୍ତ କରିବେ ।

ମାନ ନିର୍ଦ୍ଧାରଣ

ଶିଶୁବାଟିକା ସ୍ତରରେ ଶିଶୁମାନଙ୍କ ମାନ-ନିର୍ଦ୍ଧାରଣ ପ୍ରକ୍ରିୟା ସେମାନଙ୍କ ବୌଦ୍ଧିକ, ସାମାଜିକ-ଆବେଗିକ, ନୈତିକ ବିକାଶ, ଭାଷାଗତ ବିକାଶ, କଳା ସୃଜନାତ୍ମକ, ଶାରୀରିକ ବିକାଶ ଦିଗଗୁଡିକ ଆଧାରରେ କରାଯିବ । ଏହାର ଲକ୍ଷ୍ୟ ହେଉଛି ପର୍ଯ୍ୟବେକ୍ଷଣ, ଖେଳ-ଭିତ୍ତିକ କାର୍ଯ୍ୟ ପ୍ରଣାଳୀ ମାଧ୍ୟମରେ ଶିଶୁର ଶିକ୍ଷଣ ପ୍ରଗତିକୁ ବୁଝିବା । ଯେହେତୁ ଶିଶୁମାନେ ଛୋଟ ଅଛନ୍ତି, ସେଥିପାଇଁ ଶିକ୍ଷକ ମାନ-ନିର୍ଦ୍ଧାରଣ ସମୟରେ ସମ୍ବେଦନଶୀଳ ରହିବେ ଓ ଶିଶୁ ଉପରେ ଚାପ ନପଡ଼େ ସେଥିପ୍ରତି ଶିକ୍ଷକ ଧ୍ୟାନ ଦେବେ । ଶିକ୍ଷକ ମାନ-ନିର୍ଦ୍ଧାରଣ ସମ୍ବନ୍ଧୀୟ ଫଳାଫଳ ଶିଶୁଙ୍କ ସହିତ ଆଲୋଚନା କରିବେ ନାହିଁ । ପିଲାକୁ ସେମାନଙ୍କ ଆବଶ୍ୟକତା ମୁତାବକ ଶୈକ୍ଷିକ ସହାୟତା ଯୋଗାଇ ଦେବେ ଓ ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାକୁ ଆନନ୍ଦଦାୟୀ କରିବେ । ଶିଶୁବାଟିକା ଶ୍ରେଣୀରେ ଔପଚାରିକ ଭାବେ କୌଣସି ମାନ-ନିର୍ଦ୍ଧାରଣ କରାଯିବ ନାହିଁ । ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାକୁ ଆନନ୍ଦଦାୟୀ ଓ ଉତ୍ସାହପୂର୍ଣ୍ଣ କରିବାପାଇଁ ପିଲାଙ୍କୁ ଭଲଲାଗୁଥିବା କାର୍ଯ୍ୟ କରାଇବେ ।

- **ପର୍ଯ୍ୟବେକ୍ଷଣ (Observation):**

ଶିଶୁମାନଙ୍କ ଶୈକ୍ଷିକ ପ୍ରଗତି ଅନୁଧ୍ୟାନ କରି ସେମାନଙ୍କୁ ଆବଶ୍ୟକ ମୁତାବକ ସହାୟତା ଯୋଗାଇଦେବା ହେଉଛି ମାନ-ନିର୍ଦ୍ଧାରଣର ମୂଳ ଉଦ୍ଦେଶ୍ୟ । ଶିଶୁମାନଙ୍କର ଶୈକ୍ଷିକ ପ୍ରଗତିକୁ ବୁଝିବା ନିମନ୍ତେ ପର୍ଯ୍ୟବେକ୍ଷଣ ଏକ ଫଳପ୍ରଦ ସାଧନୀ । ଏହି ପର୍ଯ୍ୟବେକ୍ଷଣକୁ ତିନୋଟି ସୋପାନରେ ବିଭକ୍ତ କରାଯାଏ ।

କ) ଯୋଜନା ପ୍ରସ୍ତୁତି : ଏହି ସୋପାନରେ ଶିକ୍ଷକ ପ୍ରଥମେ କେଉଁ ଦକ୍ଷତାକୁ ଅନୁଧ୍ୟାନ କରାଯିବ, ତାହା ଚିହ୍ନଟ କରିବେ । ଏହି ଦକ୍ଷତା ସମ୍ପର୍କିତ ଶିକ୍ଷଣ ଫଳାଫଳ ଗୁଡିକର ଶିକ୍ଷଣ ପ୍ରକ୍ରିୟାକୁ ଅନୁଧ୍ୟାନ କରିବେ ।

ଖ) ପ୍ରମାଣ ସଂଗ୍ରହ: ଶିଶୁମାନଙ୍କ ଶିକ୍ଷଣ ସମ୍ବନ୍ଧିତ ଅନୁଭୁତିକୁ ନିଜ ଡାଇରୀରେ ଲେଖିବେ । ଶିକ୍ଷଣ କାର୍ଯ୍ୟରେ ପ୍ରତ୍ୟେକ ଶିଶୁମାନଙ୍କର ସଂପୃକ୍ତି ଲିପିବଦ୍ଧ କରି ଲେଖିବେ ।

ଗ) ସମୀକ୍ଷା ଓ ପ୍ରତିଫଳନ:- ଶିକ୍ଷକ ସଂଗୃହୀତ ପ୍ରମାଣ ଓ ନିଜର ଅନୁଭୂତି ଆଧାରରେ ଶିକ୍ଷଣ ପ୍ରକ୍ରିୟାର ସମୀକ୍ଷା କରିବେ ଓ ପ୍ରତ୍ୟକ ପିଲାଙ୍କ ଶିକ୍ଷଣପାଇଁ ଯୋଜନା ପ୍ରସ୍ତୁତ କରିବେ ।

ପର୍ଯ୍ୟବେକ୍ଷଣ ତଥ୍ୟର ଲିପିବଦ୍ଧ କରଣ:

- ଘଟଣା ବିବରଣୀ: ନିର୍ଦ୍ଦିଷ୍ଟ ଘଟଣା କିମ୍ବା କାର୍ଯ୍ୟକ୍ରମର ବିସ୍ତୃତ ବର୍ଣ୍ଣନା
- ଚେକଲିଷ୍ଟ: ଶିକ୍ଷଣ ଫଳାଫଳର ଉପଲବ୍ଧି ରେକର୍ଡ କରିବା ପାଇଁ ସଂରଚିତ ଉପକରଣ(ପ୍ରଗତି ପତ୍ର) । ବର୍ଷକୁ ଦୁଇଥର ପ୍ରଗତି ପତ୍ର ପୂରଣ ହେବ(ସେପ୍ଟେମ୍ବର ଓ ମାର୍ଚ୍ଚ ମାସ)।
- ଘଟଣା ନମୁନା: ନିର୍ଦ୍ଦିଷ୍ଟ ଆଚରଣ କିମ୍ବା କାର୍ଯ୍ୟକୁ ନିୟମିତ ବ୍ୟବଧାନରେ ଲିପିବଦ୍ଧ କରିବେ ।

କୃତି ବିଶ୍ଳେଷଣ:

- ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟା ସମୟରେ ଶିଶୁମାନଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟଗୁଡିକୁ ଯାଞ୍ଚ କରିବା । ଏହିଗୁଡ଼ିକ ହେଲା- କଳାକୃତି, ଚିତ୍ରାଙ୍କନ, ଏବଂ ଅନ୍ୟାନ୍ୟ ପ୍ରସ୍ତୁତ ସାମଗ୍ରୀ ।
- ସେହିଭଳି ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳକୁ ହାସଲ କରିବା ପାଇଁ କାର୍ଯ୍ୟ ଫର୍ଦ୍ଦ ତିଆରି କରି ପିଲାମାନଙ୍କ ପାଇଁ ବ୍ୟବହାର କରିବା । ଏଥିରେ ପିଲାମାନେ କରିଥିବା ଉତ୍ତରଗୁଡକର ବିଶ୍ଳେଷଣ କରି ତାଙ୍କର ପ୍ରଗତିକୁ ଜାଣିପାରିବା, ଯାହା ଶିକ୍ଷକଙ୍କୁ ପାଇଁ ନିଜର ଶିକ୍ଷାଦାନ ପ୍ରକ୍ରିୟା ଓ ନିଜର ପ୍ରସ୍ତୁତିରେ ନିରନ୍ତର ପରିବର୍ତ୍ତନ ଆଣି ଶିଶୁମାନଙ୍କ ଶିକ୍ଷଣକୁ ନିଶ୍ଚିତ କରିବା ପାଇଁ ସାହାଯ୍ୟ କରିବ।
- ଏହିସବୁ କୃତିଗୁଡ଼ିକ ଶିଶୁମାନଙ୍କ ପୋର୍ଟଫୋଲିଓ ତିଆରି କରି ସେଥିରେ ରଖାଯାଇପାରିବ ।

ଏତଦ ବ୍ୟତୀତ ନିମ୍ନଲିଖିତ କାର୍ଯ୍ୟରୁ ମଧ୍ୟ ମାନ ନିର୍ଦ୍ଧାରଣ କରାଯାଇପାରିବ ।

- କାହାଣୀ କହିବା: ସଂପୃକ୍ତି, ବୋଧଶକ୍ତି ଏବଂ ନିୟୋଜନର ମୂଲ୍ୟାୟନ
- ନିର୍ଦ୍ଦେଶିତ କଥୋପକଥନ: ଶୁଣିବା ଦକ୍ଷତା, ନିଜ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଏବଂ ଅଭିବ୍ୟକ୍ତିର ମୂଲ୍ୟାୟନ
- ଖେଳ (ମୁକ୍ତ ଓ ନିର୍ଦ୍ଦେଶିତ ଖେଳ): ସମସ୍ୟା ସମାଧାନ ଦକ୍ଷତା, ମାଂସପେଶୀୟ ବିକାଶ ଏବଂ ଆବେଗିକ ଓ ଭାବନାତ୍ମକ ଅଭିବ୍ୟକ୍ତିର ପର୍ଯ୍ୟବେକ୍ଷଣ ।

ଶିଶୁର ସାମଗ୍ରିକ ବିକାଶ ପାଇଁ ମାନ-ନିର୍ଦ୍ଧାରଣ ପ୍ରକ୍ରିୟା ନିରନ୍ତର ଏବଂ ବ୍ୟାପକ ହେବା ଉଚିତ । ଶିଶୁମାନଙ୍କର ପ୍ରଗତିକୁ ନିରନ୍ତର ଭାବରେ ଅଭିଭାବକ ଓ ଗୋଷ୍ଠୀ ସଦସ୍ୟଙ୍କ ସହ ଆଲୋଚନା କରିବେ ।

ସାମଗ୍ରିକ ପ୍ରଗତି ପତ୍ର

ଶ୍ରେଣୀ: ଶିଶୁବାଟିକା

ପିଲାର ବ୍ୟକ୍ତିଗତ ବିବରଣୀ

- ନାମ : .....
- ମାଆ ଙ୍କ ନାମ: .....
- ବାପାଙ୍କ ନାମ: .....
- ଠିକଣା: .....
- ଜନ୍ମ ତାରିଖ: .....

ଉଚ୍ଚତା ଓ ଓଜନ ମାପ

- ଉଚ୍ଚତା: ..... ଓଜନ: .....

ପିଲାର ବ୍ୟକ୍ତିଗତ ପରିଷ୍କାର ଓ ପରିଚ୍ଛନ୍ନତା (ଭଲ/ସାଧାରଣ/ଯତ୍ନର ଆବଶ୍ୟକ)

ପୋଷାକ: ..... କାନ: ..... ଆଖି: .....

ନଖ: ..... ନାକ: ..... ଦାନ୍ତ: .....

କେଶ/ଚୁଟି: .....

ନିୟମିତତା: ..... ସମୟାନୁବର୍ତ୍ତିତା: .....

କ୍ରମିକ ସଂଖ୍ୟା	ବିକଶିତ ଦକ୍ଷତା	ଦକ୍ଷତା ମାନ-ନିର୍ଦ୍ଧାରଣ-୧ ସେପ୍ଟେମ୍ବର				ଦକ୍ଷତା ମାନ-ନିର୍ଦ୍ଧାରଣ-୨ ମାର୍ଚ୍ଚ			
		ଆରମ୍ଭ (beginning)	ଅଗ୍ରଗତି ଜନିତ (average)	ଦକ୍ଷ/ ପ୍ରବୀଣ (Competent)	ପାରଙ୍ଗମ (excellent)	ଆରମ୍ଭ (beginning)	ଅଗ୍ରଗତି ଜନିତ (average)	ଦକ୍ଷ/ ପ୍ରବୀଣ (Competent)	ଉନ୍ନତ (excellent)
୧.	ବିଭିନ୍ନ ଖାଦ୍ୟଗୁଡିକ ମଧ୍ୟରୁ ଏକ ଖାଦ୍ୟକୁ ଚିହ୍ନେ ଏବଂ ବର୍ଣ୍ଣନା କରେ ।								
୨.	ଜଳଖିଆ ପ୍ରସ୍ତୁତିରେ ଅଂଶଗ୍ରହଣ କରେ ।								
୩.	ନଷ୍ଟ ନ କରି ବିଭିନ୍ନ ପ୍ରକାର ଖାଦ୍ୟ ଖାଏ ।								
୪.	ବ୍ୟକ୍ତିଗତ ଜିନିଷକୁ ଭଲ ଭାବରେ ରଖେ, ଅଳିଆଆବର୍ଜନା ବ୍ୟବହାର କରେ, ସଫା ପ୍ଲେଟ ବ୍ୟବହାର କରେ ।								
୫.	ସ୍ୱାଧୀନ ଭାବରେ ସଡ଼କ ସୁରକ୍ଷା ନିୟମ ପାଳନ କରେ ।								
୬.	ଟ୍ରାଫିକ ସଙ୍କେତ ଚିହ୍ନଟ କରେ								
୭.	ଆହତ ଓ ଅସୁରକ୍ଷିତ ପରିସ୍ଥିତିରେ ସାହାଯ୍ୟ ଖୋଜେ ।								
୮.	ଦୁଇଟି ରଙ୍ଗ ମିଶିଲେ ସୃଷ୍ଟି ହେଉଥିବା ନୂଆ ରଙ୍ଗର ପୂର୍ବାନୁମାନ କରିବାକୁ ଚେଷ୍ଟା କରେ ।								
୯.	ଗୁଣାବଳୀ ଅନୁସାରେ ବସ୍ତୁଗୁଡିକ ଅଲଗା/ଦଳରେ ରଖେ ।								
୧୦.	ଚିତ୍ର କାର୍ଡ ବ୍ୟବହାର କରି ଦୃଶ୍ୟ ପ୍ରତୀକଗୁଡିକୁ ମନେ ପକାଏ ଓ ମେଳ କରେ ।								
୧୧.	ବିପଦ ସୂଚାଉଥିବା ଗନ୍ଧକୁ ଚିହ୍ନିଥାଏ । ଉଦାହରଣ- ସ୍ୱରୂପ-ଧୂଆଁ ।								
୧୨.	ନରମଗୁ କଠିନ ବୈଶିଷ୍ଟ୍ୟ ଉପରେ ଆଧାରିତ ୩ ରୁ ୫ଟି ବସ୍ତୁକୁ କ୍ରମରେ ସଜାଡେ ।								
୧୩.	ବିଭିନ୍ନ ଆକାରର ବଲ୍‌କୁ ଧୀରେ ଗୋଇଠା ମାରେ ।								

୧୪.	୫-୧୦ ପାଦ ଡିଏଁ ।								
୧୫.	ଶରୀର ସନ୍ତୁଳନ ପ୍ରଦର୍ଶନ କରେ । ମୁଣ୍ଡ ଓ ହାତରେ ଜିନିଷକୁ ସନ୍ତୁଳନ କରେ, ସାଇକେଲକୁ ଭଲ ଭାବରେ ଚଲାଏ ।								
୧୬.	ସୂକ୍ଷ୍ମ ମାଂସପେଶୀୟ କାର୍ଯ୍ୟ, ଚିତ୍ରାଙ୍କନ, କାଟିବା, ସୂତାରେ ତିଆରି କରିବା, ପେଷ୍ଟିଂ କରିବା, ଇତ୍ୟାଦି ସମନ୍ୱିତ ଢଙ୍ଗରେ କରେ ।								
୧୭.	୩ ଫୁଟ୍ ଉଚ୍ଚାରୁ ଡିଆଁ ମାରେ ।								
୧୮.	ବ୍ୟକ୍ତିଗତ ପରିଚୟ, ସୂଚନା, ଘର ଠିକଣା, ପରିବାର ସଦସ୍ୟଙ୍କ ବିବରଣୀ ପ୍ରକାଶ କରେ ।								
୧୯.	ଅନୁଭୂତି ବର୍ଣ୍ଣନା କରେ ଓ ଅନ୍ୟମାନଙ୍କ ସହିତ ବାଣ୍ଟେ ।								
୨୦.	ଅପରିଚିତ ବୟସ୍କମାନଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରେ ।								
୨୧.	ବଡ଼ ମାନଙ୍କ ସହାୟତା ନନେଇ ସାଙ୍ଗସାଥିଙ୍କ ସହ ଖେଳେ ।								
୨୨.	ଗୋଟିଏ ପିଲା ସହିତ ବନ୍ଧୁତା ସ୍ଥାପନ କରେ ଓ ବଜାୟ ରଖେ ।								
୨୩.	ଅନ୍ୟ ପିଲାମାନଙ୍କ ସହିତ ଖେଳେ କାର୍ଯ୍ୟ ଆରମ୍ଭ ଏବଂ ଯୋଜନା କରେ ।								
୨୪.	କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ସ୍ୱାଧୀନତା ଓ ଦାୟିତ୍ୱ ପ୍ରଦର୍ଶନ କରେ ।								
୨୫.	ବିଦ୍ୟାଳୟର ସରଳ ନିୟମ ଅନୁସରଣ କରେ ।								
୨୬.	ଘରେ ଓ ବିଦ୍ୟାଳୟରେ ଉପଯୁକ୍ତ କାର୍ଯ୍ୟ ସମ୍ପାଦନ କରେ ।								
୨୭.	ଗୋଟିଏ ଚିତ୍ରରେ ୪-୬ଟି ଛାଡିହୋଇ ଯାଇଥିବା ଅଂଶ ଚିହ୍ନଟ କରେ ।								
୨୮.	ବିଭିନ୍ନ ପ୍ରକାର ବର୍ଗରେ ପ୍ରାଣୀ ଓ ତାଙ୍କର ଛୁଆକୁ ଚିହ୍ନଟ କରେ ।								
୨୯.	ବସ୍ତୁ ଏବଂ ସେମାନଙ୍କର ବ୍ୟବହାରକୁ ସମ୍ପର୍କିତ କରେ ।								

୩୦.	କାରଣ ଓ ପ୍ରଭାବ ସମ୍ପର୍କକୁ ଜାଣିପାରେ ।								
୩୧.	କଳାତ୍ମକ କାର୍ଯ୍ୟ ପାଇଁ ଉପଯୁକ୍ତ ଉପକରଣ ବ୍ୟବହାର କରେ ।								
୩୨.	ପ୍ରଯୁକ୍ତି ବିଦ୍ୟା ସହ ଜଡ଼ିତ ହୁଏ । ଯଥା: ମୋବାଇଲ ଏବଂ ଟ୍ୟାବଲେଟ୍ ପାଇଁ କୌତୁହଳ ଦେଖାଏ ।								
୩୩.	ସଂରଚନା ଓ ରଙ୍ଗ, ଆକୃତି, ଆକାର ଆଧାରରେ ବିଭିନ୍ନ ସଂରଚନାକୁ ଅଲଗା କରେ ଓ ତିଆରି କରେ ।								
୩୪.	ଠିକ ଭାବେ ୨୦ ପର୍ଯ୍ୟନ୍ତ ଗଣେ ।								
୩୫.	ଯେକୌଣସି କ୍ରମରେ ବସ୍ତୁଗୁଡ଼ିକୁ ଠିକ ଭାବରେ ଗଣନା କରେ ।								
୩୬.	ଶୁନ(୦)ର ଧାରଣାକୁ ଏକ ସଂଖ୍ୟା ଭାବରେ ବୁଝିଥାଏ ।								
୩୭.	ସଂଖ୍ୟାର ସାଙ୍କେତିକମାନ ଏବଂ ସ୍ଥାନୀୟମାନ ବୁଝେ ।								
୩୮.	ଆକାର, ଦୈର୍ଘ୍ୟ, ଓଜନ ଆଧାରରେ ୫ଟି ପର୍ଯ୍ୟନ୍ତ ବସ୍ତୁକୁ ସାନରୁ ବଡ଼ ବା ବଡ଼ରୁ ସାନ କ୍ରମରେ ସଜାଏ ।								
୩୯.	୯ ପର୍ଯ୍ୟନ୍ତ ଭାରତୀୟ ସଂଖ୍ୟାକୁ ଚିହ୍ନେ ।								
୪୦.	ଦୁଇଟି ସମୂହକୁ ଏକାଠି କରି ଓ ପୁନଃ ଗଣେ (୯ ମଧ୍ୟରେ)।								
୪୧.	୪-୫ ଜଣ ପିଲାଙ୍କ ମଧ୍ୟରେ ସମାନ ଭାବରେ ଜିନିଷ ବାଣ୍ଟେ ।								
୪୨.	ବସ୍ତୁଗୁଡ଼ିକୁ ମେଳନ ଓ ବର୍ଗୀକରଣ କରେ (୨ ରୁ ୩ ଟି ମାନଦଣ୍ଡକୁ ନେଇ)								
୪୩.	ସ୍ଥାନ ସମ୍ବନ୍ଧୀୟ ଶବ୍ଦ ବ୍ୟବହାର କରେ ଯଥା-ଭିତରେ, ବାହାରେ, ତଳେ, ଉପରେ ।								
୪୪.	ଠିକ୍ ରେ ଦ୍ୱି-ମାତ୍ରିକ ଚିତ୍ର ଆଙ୍କେ ।								
୪୫.	ବସ୍ତୁଗୁଡ଼ିକର ଲମ୍ବ, ଓଜନ ଏବଂ ବସ୍ତୁର ଆଧାରରେ ତୁଳନା କରେ ।								
୪୬.	ମାସ ଓ ଦିନର ନାମ କହେ ।								

୪୭.	ଭାରତୀୟ ନୋଟକୁ ଚିହ୍ନେ ।								
୪୮.	୪-୫ଟି ବାକ୍ୟ ଆଧାରିତ ସମତାନ ଗୀତ ଆବୃତ୍ତି କରେ ଓ ସମତାନ ଶବ୍ଦ ସୃଷ୍ଟି କରେ ।								
୪୯.	ସାଙ୍ଗ ସାଥୀ ଏବଂ ବୟସ୍କମାନଙ୍କୁ ଛୋଟ କାମ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଏ ।								
୫୦.	ଗଳ୍ପର ଘଟଣା ଓ ଚିତ୍ରଗୁଡିକୁ ଚିହ୍ନଟ କରି, ନିଜ ଶବ୍ଦରେ ଏହାକୁ କ୍ରମରେ ବର୍ଣ୍ଣନା କରେ ଏବଂ ଗପକୁ ସମାପ୍ତ କରେ ।								
୫୧.	ଶିକ୍ଷକଙ୍କ ସହ ନିର୍ଦ୍ଦେଶିତ ପଠନରେ ଅଂଶଗ୍ରହଣ କରେ ।								
୫୨.	ପୁସ୍ତକ ଓ କ୍ଷୁଦ୍ର କବିତା ଜଟ୍ଟ ସ୍ୱରରେ ପଢେ, ପୁସ୍ତକ ବିଷୟରେ ଅନ୍ୟମାନଙ୍କୁ କୁହେ ।								
୫୩.	ଅକ୍ଷର ସବୁ ଚିହ୍ନେ ଏବଂ ଲେଖେ ।								
୫୪.	ଶୁଣିକରି ଅକ୍ଷର ଲେଖେ ।								
୫୫.	ସାଙ୍ଗ ସାଥୀଙ୍କ ସହଯୋଗରେ ଅଧିକ କାର୍ଯ୍ୟ କରେ ।								
୫୬.	ସଙ୍ଗୀତରେ ବ୍ୟବହୃତ ସ୍ୱର, ତାଳ, ଲୟ, ବାଦ୍ୟ ଧ୍ୱନି ଓ କଣ୍ଠ ସ୍ୱରର ପ୍ରଭେଦୀକରଣ କରେ ।								
୫୭.	ଗୋଟେ କାର୍ଯ୍ୟର ଘଟଣା/ସୋପାନକୁ ମନେରଖେ ଓ ଅନ୍ୟ ପିଲାଙ୍କୁ ସାହାଯ୍ୟ କରେ ।								
୫୮.	ଆବେଗକୁ ନିୟନ୍ତ୍ରଣ କରେ ।								

- ଅଭିଭାବକଙ୍କ ପାଇଁ ସୂଚନା / ପ୍ରସ୍ତାବ/ ପରାମର୍ଶ (ଶିକ୍ଷକଙ୍କ ଦ୍ୱାରା)

କ୍ରମିକ ସଂଖ୍ୟା	ଧ୍ୟାନ ଆବଶ୍ୟକ କରୁଥିବା କ୍ଷେତ୍ରଗୁଡିକ	ଶିକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶ/ପ୍ରସ୍ତାବ

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର: ..... ତାରିଖ: .....

ଅଭିଭାବକଙ୍କ ସ୍ୱାକ୍ଷର: ..... ତାରିଖ: .....

ନିପୁଣ ଓଡ଼ିଶା ଥିମ ସଙ୍ଗୀତ

ନା ବାଧା ରହିବ, ନା ବନ୍ଧନ ଥିବ
ଆମ ପଢ଼ା ଲେଖାରେ ସରି କିଏ ସେ ହେବ
ଆଉ ନଥିବ ପ୍ରଶ୍ନ, ଆମ ଭାଷା ଉପରେ
ଜୀବନ ବାଟରେ ସ୍ୱପ୍ନ ଝରିବ
କ ଖ ଗ ହେଉ ଅବା ଏକ ଦୁଇ ତିନି
ଅ ଆ ଇ ହେଉ କିବା କ କା କି
ଶିଖିବା ପାଇଁ ମନେ ଭୟ ନଥିବ
ଏଇ ମୋ ଓଡ଼ିଶା ଭୂଇଁରେ
ଶିକ୍ଷାର ଦୀପ ନିତି ଜଳି ଉଠିବ
ଅପଢ଼ା ପିଲା କିଏ ଜଣେ ନଥିବ
ସବୁ ପିଲାଏ ପାଠ ପଢ଼ିବେ
ନିଜର ଭାଗ୍ୟ ନିଜେ ଗଢ଼ିବେ
ପଢ଼ା ଲେଖା ଓଡ଼ିଶା
ଆମ ପ୍ରିୟ ନିପୁଣ ଓଡ଼ିଶା
ପଢ଼ା ଲେଖା ଓଡ଼ିଶା
ନୂତନ ନିପୁଣ ଓଡ଼ିଶା
ଶିକ୍ଷା ପରିପୂର୍ଣ୍ଣ ଓଡ଼ିଶା
ନୂତନ ନିପୁଣ ଓଡ଼ିଶା
ଇତିହାସ ରଚିବ ଓଡ଼ିଶା
ଇତିହାସ ଲେଖିବ ଓଡ଼ିଶା
ନିପୁଣ ଓଡ଼ିଶାର ସ୍ୱପ୍ନ ଓ ଭାବନା
ସବୁପିଲା ଶିଖିବେ ଭାଷା ଓ ଗଣନା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର